


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-340 ♦BHUBANESWAR ♦SUNDAY ♦8 JUNE 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୨ ♦ସଂଖ୍ୟା-୩୪୦ ♦ଭୁବନେଶ୍ୱର ♦ରବିବାର ♦୮ ଜୁନ୍ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦ (ସିନ୍ଦୂରା ସହ)


## ଆହୁରି ୫ ଦିନ ଗୁଳୁଗୁଳି; ଅପରାହ୍ଣରେ ବର୍ଷା ସତର୍କତା

■ **ଭୁବନେଶ୍ୱର, ୭।୬ (ସମିସ):** ରାଜ୍ୟସାରା ଏବେ ଗରମ ଓ ଗୁଳୁଗୁଳି ଜାରି ରହିଛି। ଆଗାମୀ ୫ ଦିନ ଯାଏଁ ସ୍ଥିତି ଏଭଳି ରହିବ। ବିଶେଷକରି ପୁରୀ, ଖୋର୍ଦ୍ଧା, ନୟାଗଡ଼, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ଯାଜପୁର, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଆଗାମୀ ୫ ଦିନ ଯାଏଁ ଅସହ୍ୟ ଗରମ ସାଙ୍ଗକୁ ଗୁଳୁଗୁଳି ଅନୁଭୂତ ହେବ। ୧୧ଟି ଉପକୂଳ ଜିଲ୍ଲାକୁ ବାଦ୍ ଦେଲେ, ଅନ୍ୟ ଜିଲ୍ଲାଗୁଡ଼ିକରେ ସାମାନ୍ୟତମ ତ୍ରାହି ମିଳିବ। ଦିନରେ ଗୁଳୁଗୁଳି ଅନୁଭୂତ ହେବ ଓ ଅପରାହ୍ଣରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବ। ଆଗାମୀ ୭ ଦିନ ଯାଏଁ ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାରେ ବର୍ଷା ଲାଗି ରହିବ। ବର୍ଷା ସହ ବିଜୁଳି ଘଡ଼ଘଡ଼ି ଓ ଘଣ୍ଟା ପ୍ରତି ୩୦ରୁ ୪୦କିମି ଝଟ୍‌କା ପବନ ବହିବାର ସମ୍ଭାବନା ରହିଛି। ଆଗାମୀ ୨୪ଘଣ୍ଟା ପାଇଁ ମଧ ରାଜ୍ୟର କିଛି କିଛି ସ୍ଥାନରେ ହାଲୁକା ଓ ମଧ୍ୟମ ଧରଣର ବର୍ଷା ସହିତ ବିଜୁଳି ଘଡ଼ଘଡ଼ି ଓ ପବନ ହେବାର ସମ୍ଭାବନା ରହିଛି। ଏଥିପାଇଁ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ପାଣିପାଗ ବିଭାଗ ସୂଚନାନୁସାରେ, ଆସନ୍ତାକାଲି ରାଜ୍ୟର ସମସ୍ତ ଜିଲ୍ଲାରେ କାଳବୈଶାଖୀଜନିତ ବର୍ଷା ପବନ ଓ ବିଜୁଳି ଘଡ଼ଘଡ଼ି ହେବାର ସମ୍ଭାବନା ରହିଛି। ଦକ୍ଷିଣ ଓଡ଼ିଶାର ଗଞ୍ଜାମ, ଗଜପତି, କୋରାପୁଟ, ମାଲକାନଗିରି, ରାୟଗଡ଼ା ଜିଲ୍ଲାରେ ୯ ଓ ୧୦ ତାରିଖରେ ବର୍ଷା ଏବଂ ୧୧ ଓ ୧୨ ତାରିଖରେ ପଶ୍ଚିମ ଓଡ଼ିଶାରେ କାଳବୈଶାଖୀ ସମ୍ଭାବନା ରହିଛି। ତେବେ ଉପକୂଳ ଓଡ଼ିଶା ପାଇଁ ଆଗାମୀ ୫ ଦିନ କାଳବୈଶାଖୀ ସତର୍କତା ନ ଥିବାବେଳେ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ଥାନେ ସ୍ଥାନେ ଅଧିକ ବର୍ଷାର ସମ୍ଭାବନା ଥିବା ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

## ସୀମାନ୍ତରେ ୭ ମାଓବାଦୀଙ୍କ ମୃତଦେହ ଉଦ୍ଧାର

■ **ବିଜାପୁର, ୭।୬ (ସମିସ):** ଛତିଶଗଡ଼ର ବିଜାପୁର ଜିଲ୍ଲାରେ ଚାଲିଥିବା ନକ୍ସଲ ବିରୋଧୀ ଅଭିଯାନରେ ଆଜି ସୁରକ୍ଷା ବଳ ଓ ନକ୍ସଲ ମୁହାଁମୁହିଁ ହୋଇଛନ୍ତି। ଏଥିରେ ବିଜାପୁର ନ୍ୟାସନାଲ୍ ପାର୍କ ଅଞ୍ଚଳରୁ ୭ ମାଓବାଦୀଙ୍କ ମୃତଦେହ ଉଦ୍ଧାର ହୋଇଛି। ବିଗତ ୩ ଦିନ ହେଲା ସର୍ଚ୍ଚ ଅପରେସନ୍ ଚାଲିଥିଲା। ଆଜି ସୁରକ୍ଷା ବଳ ଓ ମାଓବାଦୀଙ୍କ ଭିତରେ ଗୁଳି ବିନିମୟ ହୋଇଥିଲା। ଏପର୍ଯ୍ୟନ୍ତ ୭ ମାଓବାଦୀଙ୍କ ମୃତଦେହ ଉଦ୍ଧାର ହୋଇଥିବା ବସ୍ତର ପୁଲିସ ଆଇଜି ପି. ସୁନ୍ଦରରାଜ ସୂଚନା ଦେଇଛନ୍ତି। ମୃତ ମାଓବାଦୀଙ୍କ ମଧ୍ୟରେ ୨ ଜଣ ମାଓବାଦୀ ନେତା ଓ ୨ ଜଣ ମହିଳା ମାଓବାଦୀ ରହିଥିବା ଜଣା ପଡ଼ିଛି। ଦୁଇ ମୃତ ମାଓବାଦୀ ନେତା ହେଲେ ନରସିହ୍ମା ଚାଲମ ଓରଫ ସୁଧାକର ଏବଂ ମଇଲାରପୁ ଆଦେଲୁ ଓରଫ ଭାସ୍କର। ଅନ୍ୟ ୫ ଜଣଙ୍କ ପରିଚୟ ମିଳି ନଥିବା ସୂଚନା ରହିଛି।



## ଟ୍ରମ୍ପଙ୍କୁ ଚ୍ୟାଲେଞ୍ଜ: ନୂଆ ଦଳ ଗଢ଼ିବେ ଏଲନ୍ ମସ୍କ

■ **ୱାଶିଂଟନ୍, ୭।୬(ଏଜେନ୍ସି):** ଟେସ୍‌ଲା ସିଇଓ ଏଲନ ମସ୍କ ଏବଂ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ବିବାଦ କ୍ରମଶଃ ବଢିବାରେ ଲାଗିଛି। ଉଭୟଙ୍କ ମଧ୍ୟରେ ଜାରି ରହିଛି ବାକ୍ ଯୁଦ୍ଧ। ଏହି ସମୟରେ ମସ୍କ ଆମେରିକାରେ ଏକ ନୂତନ ରାଜନୈତିକ ଦଳ 'ଦ ଆମେରିକା ପାର୍ଟି'

### 'ଦ ଆମେରିକା ପାର୍ଟି' ନାମରେ ଲଢ଼ିବେ ନିର୍ବାଚନ

### 'ଏକ୍ସ' ପୋଲ୍‌ରେ ୮୦% ଲୋକଙ୍କ ସମର୍ଥନ



ଗଠନ କରିବାକୁ ଯାଉଥିବା ନେଇ ସୂଚନା ଦେଇଛନ୍ତି। 'ଏକ୍ସ'ରେ ହୋଇଥିବା ଏକ ଜନମତ ସର୍ଭେରେ ୮୦%ରୁ ଅଧିକ ଲୋକ ମସ୍କଙ୍କୁ ସମର୍ଥନ କରିଛନ୍ତି। ଏହି ଲୋକମାନେ ବିଶ୍ୱାସ କରନ୍ତି ଯେ ଆମେରିକାରେ ଏବେ ଏକ ନୂତନ ରାଜନୈତିକ ଦଳ ଗଠନ ହେବା ଉଚିତ। ୨୪ ଘଣ୍ଟା ଧରି ଚାଲିଥିବା ସର୍ଭେର ଫଳାଫଳରେ ଉତ୍ସାହିତ ହୋଇ ମସ୍କ ରାଜନୈତିକ ଦଳର ନାମ 'ଦି ଆମେରିକା ପାର୍ଟି' ଲେଖି ଆଉ ଏକ 'ଏକ୍ସ' ପୋଷ୍ଟ ମଧ୍ୟ କରିଛନ୍ତି। 'ଏକ୍ସ'ରେ ମସ୍କ ପଚାରିଥିଲେ ଯେ ଆମେରିକାରେ ଏକ ନୂତନ ରାଜନୈତିକ ଦଳ ଗଠନ କରାଯିବା ଉଚିତ କି ନାହିଁ। ତେବେ ଏଥିରେ ୧୯.୬% ଲୋକ ମସ୍କଙ୍କ ପ୍ରଶ୍ନର ନକାରାତ୍ମକ ଉତ୍ତର ଦେଇଛନ୍ତି। ମସ୍କଙ୍କ ପ୍ରଶ୍ନ ସମ୍ବଳିତ ଏହି 'ଏକ୍ସ' ପୋଲ୍‌ରେ ୫୬.୩୦ ଲକ୍ଷରୁ ଅଧିକ ଲୋକ ଅଂଶଗ୍ରହଣ କରିଛନ୍ତି।

ସୂଚନାଯୋଗ୍ୟ ଯେ, ଆମେରିକାର ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରସ୍ତାବିତ ବଜେଟ୍ ବିଲ୍ ଉପରେ ଉଭୟଙ୍କ ମଧ୍ୟରେ ମତଭେଦ ଏବଂ ମସ୍କ -ଟ୍ରମ୍ପ ବାକ୍ ଯୁଦ୍ଧ ମଧ୍ୟରେ ଗୁରୁବାର ଟେସଲା ସେୟାର ୧୪%ରୁ ▶ପୃଷ୍ଠା-୭

### ବିଶ୍ୱବ୍ୟାଙ୍କ ରିପୋର୍ଟ ୨୦୨୨-୨୩ରେ ଓଡ଼ିଶାର ଗୋଲାପୀ ଚିତ୍ର

## ବଢ଼ିଛି ଗ୍ରାମାଞ୍ଚଳ ଲୋକଙ୍କ ଖର୍ଚ୍ଚ କ୍ଷମତା

### ୧୪ ପ୍ରତିଶତ ମୁଣ୍ଡ ପିଛା ଖର୍ଚ୍ଚ ବୃଦ୍ଧି ସହ ଓଡ଼ିଶା ସୂଚୀର ଶୀର୍ଷରେ

### ୧୧ ବର୍ଷରେ ମିଳିଲା ସଫଳତା, ଓଡ଼ିଶାର ଭୂମିକାକୁ ବିଶେଷଜ୍ଞଙ୍କ ପ୍ରଶଂସା

### ଗତ ସରକାରଙ୍କ ଜନମଙ୍ଗଳକାରୀ ଯୋଜନା ସାଜିଛି ବରଦାନ; ବଢ଼ିଛି ଲୋକଙ୍କ ସଞ୍ଚୟ ଓ କ୍ରୟଶକ୍ତି

■ **ଭୁବନେଶ୍ୱର, ୭।୬ (ସମିସ):** ଦୀର୍ଘ ଏକ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ମଧ୍ୟରେ ଭାରତବର୍ଷରେ ଦାରିଦ୍ର୍ୟ ହାର ଉଲ୍ଲେଖନୀୟ ଭାବେ ହ୍ରାସ ପାଇଛି। କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କର ଲୋକାଭିମୁଖୀ ଯୋଜନା ସାଧାରଣ ଜନତାଙ୍କର ସଞ୍ଚୟ ଓ କ୍ରୟ ଶକ୍ତି ବୃଦ୍ଧି କରିବାରେ ପ୍ରମୁଖ ଭାବେ ସହାୟକ ହୋଇଛି। ଓଡ଼ିଶା କ୍ଷେତ୍ରରେ ଏହାର ପ୍ରଭାବ ଜାତୀୟ ସ୍ତରରେ ସର୍ବାଧିକ ପରିଲକ୍ଷିତ ହୋଇଛି। ବିଶ୍ୱବ୍ୟାଙ୍କର ୨୦୨୨-୨୩ ରିପୋର୍ଟରେ ଓଡ଼ିଶାର ଅଭିବୃଦ୍ଧିକୁ ନେଇ ଏଭଳି ଗୋଲାପୀ ଚିତ୍ର ଅଙ୍କାଯାଇଛି।

ବିଶ୍ୱବ୍ୟାଙ୍କ ରିପୋର୍ଟ ଅନୁଯାୟୀ ୨୦୧୧-୧୨ରୁ ୨୦୨୨-୨୩ ମଧ୍ୟରେ ଭାରତରେ ୨୬୯ ନିୟୁତ ଅର୍ଥାତ୍ ପ୍ରାୟ ୨୭ କୋଟି ଲୋକ ଅତ୍ୟଧିକ ଦାରିଦ୍ର୍ୟତାରୁ ବାହାରକୁ ଆସିଛନ୍ତି। ୨୦୧୧-୧୨ରେ ଅତ୍ୟଧିକ ଗରିବୀ ହାର ୨୭.୧୨ ପ୍ରତିଶତ ଥିବା ବେଳେ ୨୦୨୨-୨୩ରେ ଏହା ୫.୨୫ ପ୍ରତିଶତକୁ ହ୍ରାସ ପାଇଛି। ଅତ୍ୟଧିକ ଗରିବୀ ହ୍ରାସ କ୍ଷେତ୍ରରେ ଓଡ଼ିଶାର ମଧ ପ୍ରଭୁତଃ ଅବଦାନ ଥିବା ନେଇ ବିଶେଷଜ୍ଞ ମହଲ ମତ ପ୍ରକାଶ କରିଛନ୍ତି।

ଗତ ୧୦ ଦଶନ୍ଧିର କାଳଖଣ୍ଡରେ ବିଜେଡି ସରକାରଙ୍କ ଏକାଧିକ ଜନମଙ୍ଗଳକାରୀ ଯୋଜନାର ସଫଳ ରୂପାୟଣ ରାଜ୍ୟରେ ଲୋକଙ୍କ ସଞ୍ଚୟ ଏବଂ କ୍ରୟ ଶକ୍ତି ବୃଦ୍ଧି ଘଟାଇବାରେ ସକ୍ଷମ ହୋଇଛି। ଏପରିକି ଜାତୀୟ ସ୍ତରରେ ଏହା ମଧ ଓଡ଼ିଶାକୁ ଶୀର୍ଷରେ ପହଞ୍ଚାଇଛି। ଶନିବାର ପିଆଇବି ପକ୍ଷରୁ ଜାରି ବ୍ୟବହାରିକ ଖର୍ଚ୍ଚ ସର୍ବେକ୍ଷଣ (ଏଚସିଇଏସ) ରିପୋର୍ଟ ୨୦୨୩-୨୪ ଅନୁଯାୟୀ, ଦେଶର ପ୍ରମୁଖ ୧୮ ରାଜ୍ୟ ମଧ୍ୟରେ ଗ୍ରାମାଞ୍ଚଳରେ ଓଡ଼ିଶାର ହାରାହାରି ମାସିକ ମୁଣ୍ଡପିଛା ଖର୍ଚ୍ଚ(ଏମପସିଇ) ଦେଶରେ ସର୍ବାଧିକ ଥିବା ଜଣାପଡ଼ିଛି। ୨୦୨୨-୨୩ରୁ ୨୦୨୩-୨୪ ମଧ୍ୟରେ ଓଡ଼ିଶାର ଗ୍ରାମାଞ୍ଚଳରେ ମାସିକ ମୁଣ୍ଡପିଛା ଖର୍ଚ୍ଚ ୨,୯୫୦ରୁ ୩,୩୫୭ ଟଙ୍କାରେ ପହଞ୍ଚିଛି। ବର୍ଷକ ମଧ୍ୟରେ ଓଡ଼ିଶାର ମୁଣ୍ଡ ପିଛା ଖର୍ଚ୍ଚ ୧୪ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ଏହା ଦେଶରେ ସର୍ବାଧିକ ବୋଲି ଜଣାପଡ଼ିଛି।

ସମାନ ଭାବେ ୨୦୧୧-୧୨ରୁ ୨୦୨୨-୨୩ ମଧ୍ୟରେ ଦେଶରେ ମାସିକ ମୁଣ୍ଡପିଛା ହାରାହାରି ଖର୍ଚ୍ଚରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଥିବା ବେଳେ ଓଡ଼ିଶା ମଧ ଏ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି କରିଛି। ବିଶେଷଜ୍ଞ ମହଲର ଯୁକ୍ତି ଅନୁଯାୟୀ ସାଧାରଣ ଲୋକଙ୍କ କ୍ରୟ ଏବଂ ଖର୍ଚ୍ଚ କରିବାର ଶକ୍ତି ବଢ଼ିଥିବା କାରଣରୁ ଭାରତ ନିଜର ଅତ୍ୟଧିକ ଦାରିଦ୍ର୍ୟତାକୁ ହ୍ରାସ କରିବାରେ ସଫଳ ହୋଇଛି। ଜାତୀୟ ସ୍ତରରେ ଉଜ୍ଜ୍ୱଳା ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଆୟୁଷ୍ମାନ ଭାରତ ଯୋଜନା କାରଣରୁ ଲୋକଙ୍କର ସଞ୍ଚୟ ଶକ୍ତି ବଢ଼ିଥିବା ବେଳେ ସାଧାରଣ ଲୋକେ ଅଧିକ ଖର୍ଚ୍ଚ କରିବାକୁ ସକ୍ଷମ ହୋଇଛନ୍ତି। ସମାନ ଭାବରେ ଗତ ▶ପୃଷ୍ଠା-୭

### ବିସ୍ଫୋରଣରେ ଥରିଲା ଇଚ୍ଛାପୁର

## ମହିଳା ମୃତ; ଦୁଇ ଆହତ

■ **ବୋଲଗଡ଼, ୭।୬ (ସମିସ):** ଶନିବାର ଅପରାହ୍ଣରେ ବୋଲଗଡ଼ ଥାନା ଇଚ୍ଛାପୁର ଗ୍ରାମରେ ଏକ ପରିତ୍ୟକ୍ତ ଘରେ ବିସ୍ଫୋରଣ ଘଟି ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ଦୁଇ ଜଣ ଆହତ ହୋଇଛନ୍ତି। ମୃତା ମହିଳାଙ୍କ ନା ମିଲି ବେଗମ୍ (୨୭) ଏବଂ ଆହତଦ୍ୱୟ ହେଲେ, ମୃତ ମହିଳାଙ୍କ ମାଉସୀ ଅମିନା ବିବି(୩୫) ଓ ଝିଅ ରୁକ୍‌ସାନା ବେଗମ (୧୦)। ଆହତଙ୍କୁ ଚିକିତ୍ସା ପାଇଁ ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

ଥାନା ନିରୀକ୍ଷିକା ସ୍ୱଗ୍ରାମୟୀ ବରାଳଙ୍କ ସୂଚନା ଅନୁଯାୟୀ, ଏହି ବିସ୍ଫୋରଣ ବାଣ ନା ବୋମା, ତାହା ସ୍ପଷ୍ଟ ହୋଇନାହିଁ। ଖୋର୍ଦ୍ଧାରୁ ଆସିଥିବା ବୋମା ନିଷ୍କ୍ରିୟକାରୀ ଦଳ ଘଟଣାର ଅନୁସନ୍ଧାନ କରି ଫେରିଥିବା ବେଳେ ରବିବାର ପୁଣି ବୋମା ନିଷ୍କ୍ରିୟକାରୀ ଦଳ ଆସି ତନଖି କରିବେ ବୋଲି ସୂଚନା ମିଳିଛି। ଏଥିସହ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରିବା ପରେ ଶବ ବ୍ୟବଚ୍ଛେଦ ପାଇଁ ପଠାଯିବ। ସେପଟେ ବିସ୍ଫୋରଣ ଘଟିଥିବା ସ୍ଥାନରେ ଆଉ କିଛି ବିସ୍ଫୋରକ ରହିଛି କି ନାହିଁ, ସ୍ପଷ୍ଟ ହୋଇପାରି ନ ଥିବା ବେଳେ ଘଟଣାସ୍ଥଳରେ ପୁଲିସ ମୁତୟନ ରହିଛି। ବିସ୍ଫୋରଣ ସ୍ଥାନକୁ କାହାକୁ ଛଡ଼ାଯାଉନାହିଁ। ସେପଟେ ମୃତକଙ୍କ ବାପା ସେଖ୍ ସୁକୁର ତାଙ୍କ ଘରେ କେହି ଅଜ୍ଞାତ ବିସ୍ଫୋରଣ ସାମଗ୍ରୀ ରଖି ଦେଇଥିବା ଥାନାରେ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ବୋଲଗଡ଼ ଥାନାରେ ମାମଲା ରୁଜୁ ହେବା ସହିତ ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

## ଘରୁ ଘୋଷାଡ଼ିନେଇ ଗଣଦୁଷ୍କର୍ମ

■ **ଆନନ୍ଦପୁର/ରାମଚନ୍ଦ୍ରପୁର, ୭।୬ (ସମିସ):** ନାରୀବିରୋଧୀ ଅତ୍ୟାଚାର ରାଜ୍ୟରେ ସୀମା ଟପିଲାଣି। ପ୍ରତିଦିନ କେଉଁଠୁ ନା କେଉଁଠୁ ଅପହରଣ, ଦୁଷ୍କର୍ମ, ଗଣଦୁଷ୍କର୍ମ, ହତ୍ୟା ଭଳି ଘଟଣା ପଦାକୁ ଆସୁଛି। ଗଞ୍ଜାମ ଜିଲ୍ଲା ଗୋଳନ୍ଥରା ଥାନା ଅଞ୍ଚଳରେ ଦୁଇଜଣ ନାବାଳିକାଙ୍କୁ ଅପହରଣ ଓ ଗଣଦୁଷ୍କର୍ମ ଘଟଣାକୁ ଦିନ ୨ଟା ନ ପୂରୁଣୁ କେନ୍ଦୁଝର ଜିଲ୍ଲାରୁ ପୁଣି ଏଭଳି ଏକ ସାଂଘାତିକ ଘଟଣା ପଦାକୁ ଆସିଛି। ପଡ଼ୋଶୀ ଘରର ଜଣେ ମହିଳାଙ୍କୁ ଘରୁ ଘୋଷାଡ଼ି ନେଇ ଦୁଇଜଣ ଯୁବକ ଏକ ପରିତ୍ୟକ୍ତ ଘରେ ଗଣଦୁଷ୍କର୍ମ କରିଛନ୍ତି। ଶନିବାର ଭୋର୍‌ରେ ଏହି ପାଶବିକ ଘଟଣା ଘଟିଛି। ଏନେଇ ଅଭିଯୋଗ ହେବା ପରେ ରାମଚନ୍ଦ୍ରପୁର ପୁଲିସ୍ ନମ୍ବର ୧୬୭/୨୫ରେ ଏକ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଥାନାଧିକାରୀ ମନୋଜ ସ୍ୱାଇଁ ସୂଚନା ଦେଇଛନ୍ତି। ସେମାନେ ହେଲେ, ବବୁଲ ମଲିକ ଏବଂ ଲିପୁନ ମଲ୍ଲିକ। ଏହାସହ ପୁଲିସ୍ ▶ପୃଷ୍ଠା-୭




### ଦୁଇ ନାବାଳିକାଙ୍କୁ ଗଣଦୁଷ୍କର୍ମ ଘଟଣା

## ଆନ୍ଧ୍ରରୁ ୪ ଅଭିଯୁକ୍ତ ଗିରଫ



■ **ବ୍ରହ୍ମପୁର, ୭।୬ (ସମିସ):** ଗାଁରୁ ଅପହରଣ କରି ଭିନ୍ନଭିନ୍ନ ଜାଗାରେ ଦୁଇ ନାବାଳିକାଙ୍କୁ ଗଣଦୁଷ୍କର୍ମ କରିବା ସହ ହାତ, ଗୋଡ଼ ବାନ୍ଧି ମାଡ଼ ମାରିବା ମାମଲାରେ ଆଜି ଗୋଳନ୍ଥରା ପୁଲିସ୍ ଆନ୍ଧ୍ରରୁ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ, ମାର୍କଣ୍ଡି ଗ୍ରାମର କେ. ଶିବା(୨୧), କେ. ସାଇ(୨୧), ଜି. ଗାରେୟା(୨୧) ଓ ଏନ. ଶ୍ରୀନୁ (୨୨)। ଅଭିଯୁକ୍ତମାନେ ବିଶାଖାପାଟନମ୍‌କୁ ଫେରାର୍ ହେବା ପାଇଁ ଚେଷ୍ଟା ▶ପୃଷ୍ଠା-୭

- ବ୍ରହ୍ମପୁରରେ ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍
- ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ପିଙ୍କୁ ଦାବି
- ପୀଡ଼ିତାଙ୍କ ନିକଟରେ ପହଞ୍ଚିଲେନି ଖଣି ମନ୍ତ୍ରୀ ବିଭୂତି ଜେନା

### ଆଇଏମ୍‌ଏରେ ବ୍ୟାପକ ଅନିୟମିତତା

## କୁଳସଚିବ ନେଇଛନ୍ତି ୩ ଗୁଣା ଦରମା

### ଅଡିଟ୍‌ରେ ଧରିଲେ ସିଏଜି

### ୨୦ଲକ୍ଷରୁ ଅଧିକ ଆଦାୟ କରିବାକୁ ସୁପାରିସ୍

■ **ଭୁବନେଶ୍ୱର, ୭।୬ (ସମିସ):** ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ (ଆଇଏମ୍‌ଏ)ରେ ହୋଇଛି ବ୍ୟାପକ ଅନିୟମିତତା। ଅଧିକାରୀଙ୍କ ନିଯୁକ୍ତି ଠାରୁ ଆରମ୍ଭ କରି ଦରମା ପର୍ଯ୍ୟନ୍ତ ସବୁଥିରେ କରାଯାଇଛି ତଞ୍ଚକତା। ଏପରିକି ଧାର୍ଯ୍ୟ ଦରମା ଠାରୁ ୩ଗୁଣା ଅଧିକ ଅର୍ଥ ଦରମା ଭାବେ ନେଇଛନ୍ତି। ସ୍ୱେଚ୍ଛାକୃତ ଅବସର ପରେ ମଧ୍ୟ ପ୍ରତିଷ୍ଠାନରେ ନିୟମିତ ଭଳି ଚାକିରି କରିଛନ୍ତି। ସବୁ ସରକାରୀ ସୁବିଧା ନେଇଛନ୍ତି। ପ୍ରତିଷ୍ଠାନର କୁଳସଚିବ ଡ. ଅଳକା ରାୟଙ୍କ ଏପରି କାରନାମାକୁ ପ୍ରଧାନ ମହାଲେଖାଗାର (ସିଏଜି) ଅଡିଟ୍ ସମୟରେ ଧରିବା ପରେ ହଟଚମଟ ସୃଷ୍ଟି ହୋଇଛି। ପ୍ରତିଷ୍ଠାନର କୁଳସଚିବ ପଦରେ ନୂତନ ନିଯୁକ୍ତି ପାଇଁ ୨୦୨୩ ଫେବୃଆରୀରେ ବିଜ୍ଞପ୍ତି ପ୍ରକାଶ ପାଇଲା। ୩ଜଣ ଆଶାୟୀ ଆବେଦନ କଲେ। ସେମାନଙ୍କ ମଧ୍ୟରୁ ଡ. ରାୟଙ୍କୁ ପ୍ରତିଷ୍ଠାନର କୁଳସଚିବ ଭାବେ ନିଯୁକ୍ତି ପାଇଁ ୨୦୨୩ ଜୁଲାଇରେ ବିଜ୍ଞାନ ଓ ବୈଷୟିକ ଶିକ୍ଷା ବିଭାଗ ଅନୁମୋଦନ ଦେଲା। ମାସିକ ୪୬ ହଜାର ଟଙ୍କା ଦରମା ଦିଆଯିବ ବୋଲି ମଧ ସ୍ପଷ୍ଟ କଲା। ହେଲେ କାର୍ଯ୍ୟରେ ଯୋଗଦେବା ପୂର୍ବରୁ ଡ. ରାୟ ତାଙ୍କ ଦରମାକୁ ପୁନଃବିଚାର କରିବାକୁ ଏକ ପ୍ରସ୍ତାବ ଦେଲେ। ପୂର୍ବରୁ ଦିଲ୍ଲୀର ଏକ ▶ପୃଷ୍ଠା-୭






## ସହରୀ ବିକାଶ ବାଟବଣା ! ମନ୍ତ୍ରୀ କହିଲେ ସବୁ ହବ; ଲୋକଙ୍କ ପ୍ରଶ୍ନ, କେବେ ?



- ବାହାରିପାରୁନି ପାର୍ଟ ପ୍ଲଟ୍ ନୋଟିଫିକେସନ୍
- ଟାଉନ୍ ପ୍ଲାନିଂକୁ ବିଭିନ୍ନ ସ୍ଥାନରେ ବିରୋଧ
- ଅଧାରେ ଅଟକିଛି ଆପାର୍ଟମେଣ୍ଟ ରେଜିଷ୍ଟ୍ରେସନ୍
- କେଳେଙ୍କାରୀ କରିଥିବା ବାବୁଙ୍କୁ କାର୍ଯ୍ୟାନୁଷ୍ଠାନ ନାମରେ କାରଣଦର୍ଶାଅ ନୋଟିସ୍

■ **ଭୁବନେଶ୍ୱର, ୭।୬ (ସମିସ):** ସହରୀ ବିକାଶ ପାଇଁ ପାର୍ଟ ପ୍ଲଟ୍ କିଣାବିକା ଆରମ୍ଭ ହେବ। ଆପାର୍ଟମେଣ୍ଟ ରେଜିଷ୍ଟ୍ରେସନ୍ ବି ହେବ। ଟାଉନ୍ ପ୍ଲାନିଂ ସ୍କିମ୍‌କୁ ଜୋରଦାର କରାଯିବ। ଏହାସହ ସରକାରୀ ନିୟମ ନମାନି କାମ କରିଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ମଧ ଗ୍ରହଣ କରାଯିବ। ରାଜ୍ୟ ସରକାରଙ୍କ ମନ୍ତ୍ରୀମାନେ ସହରବାସୀଙ୍କୁ ଏଭଳି ଗୋଟିଏ ପରେ ଗୋଟିଏ ସ୍ୱପ୍ନ ଦେଖାଇଲେ। କ୍ୟାମେରା ସାମ୍ନାରେ ଏଇଟା ହେବ, ସେଇଟା ହେବ କହିଲେ। ଏପରିକି, କେବେ ହେବ ତାରିଖ ବି ଘୋଷଣା କରିଦେଲେ। ହେଲେ, ମନ୍ତ୍ରୀମାନଙ୍କ କଥା ଆଉ କାମରେ ପରିଣତ ହେଲାନାହିଁ। ସେମାନଙ୍କ ଦ୍ୱାରା ଦିଆଯାଇଥିବା ଡେଡ୍‌ଲାଇନ୍ ବାରମ୍ବାର ଫେଲ୍ ମାରିଲା। ମନ୍ତ୍ରୀମାନଙ୍କ ପ୍ରତିଶ୍ରୁତି ଧୂଆଁବାଣରେ ପରିଣତ ହେବା ପରେ ଲୋକେ ଏବେ ପ୍ରଶ୍ନ କଲେଣି ଏସବୁ ହବ ତ, କେବେ ହେବ।

ରାଜ୍ୟରେ ପାର୍ଟ ପ୍ଲଟ୍ ରେଜିଷ୍ଟ୍ରେସନ ତୁରନ୍ତ ଆରମ୍ଭ ହେବ ବୋଲି ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ। ଏନେଇ ରାଜସ୍ୱ ବିଭାଗ ସହିତ ବୈଠକ ହେଲା। ବିଭାଗୀୟ ସଚିବ ଏକ ଡ୍ରାଫ୍ଟ ପ୍ରସ୍ତୁତ କଲେ। ଡ୍ରାଫ୍ଟ ମିଳିବା ମାତ୍ରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମାର୍ଚ୍ଚ ମାସରେ ନୋଟିଫିକେସନ୍ ପ୍ରକାଶ ପାଇବ ବୋଲି କହିଲେ। ଏହାପରେ ତୁରନ୍ତ ପାର୍ଟ ପ୍ଲଟ୍ କିଣାବିକା ଆରମ୍ଭ ହୋଇଯିବ ବୋଲି ଘୋଷଣା କଲେ। ହେଲେ ମାର୍ଚ୍ଚ ସୁଦ୍ଧା ସେମିତି କିଛି ହେଲା ନାହିଁ। ମନ୍ତ୍ରୀଙ୍କୁ ଯେତେବେଳେ ପାର୍ଟ ପ୍ଲଟ୍ ସମ୍ପର୍କିତ ଟୋଟିଫିକେସନ୍ ପଚରାଯାଉଛି, ସେ ପୁଣି ଏକ ମାସ ସମୟ ନେଇଯାଉଛନ୍ତି। ଗୋଟିଏ ପରେ ଗୋଟିଏ ମାସ ଗଡ଼ାଇ ଚାଲିଛନ୍ତି। ଜୁନ୍ ମାସ ସୁଦ୍ଧା ମଧ ଏହା ହୋଇପାରିଲା ନାହିଁ। ନୋଟିଫିକେସନ୍ ବାହାର କରିବାକୁ ବାରମ୍ବାର ସମୟ ଗଡ଼ାଇବା ଦୁଇ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

ଅନ୍ୟପକ୍ଷରେ ପାର୍ଟପ୍ଲଟ୍ ରେଜିଷ୍ଟ୍ରେସନ୍ ବନ୍ଦ ରହିଛି। ହେଲେ ଏହି ନିୟମକୁ ବେଖାତିର କରି ସରକାରୀ ଅଧିକାରୀ ମନଇଚ୍ଛା ପାର୍ଟ ପ୍ଲଟ୍ କିଣାବିକା କରି ଚାଲିଲେ। ▶ପୃଷ୍ଠା-୭

## ଚରିତ୍ର ସନ୍ଦେହରେ କାଟିଦେଲା ସ୍ତ୍ରୀର ମୁଣ୍ଡ



ବେଙ୍ଗାଲୁରୁ, ୭।୬(ଏଜେନ୍ସି): ବେଙ୍ଗାଲୁରୁ ଉପକଣ୍ଠରେ ସ୍ୱାମୀ-ସ୍ତ୍ରୀ ଝଗଡ଼ା ଭୟଙ୍କର ମୋଡ଼ ନେଇ ହତ୍ୟାକାଣ୍ଡ ଘଟିଛି। ଶୁକ୍ରବାର ୨୬ ବର୍ଷୀୟ ଯୁବକ ଶଙ୍କର ସ୍ତ୍ରୀର ଚରିତ୍ର ଉପରେ ସନ୍ଦେହ କରି ତାଙ୍କ ମୁଣ୍ଡ କାଟି ପୁଲିସ ନିକଟରେ ଆତ୍ମସମର୍ପଣ କରିଛି। ମୃତ ମହିଳା ମନସା(୨୫) ଓ ଶଙ୍କର ୫ବର୍ଷରୁ ଅଧିକ ସମୟ ଧରି ଦାମ୍ପତ୍ୟ ଜୀବନ ବିତାଉଥିଲେ। ସେମାନଙ୍କର ୪ ବର୍ଷ ବୟସର ଗୋଟିଏ ଝିଅ ଅଛି। ଉଭୟ ଘରୋଇ ସଂସ୍ଥାରେ ଚାକିରି କରୁଥିଲେ।

ପୁଲିସ ସୂଚନା ଅନୁଯାୟୀ, ମନସା ଅନ୍ୟ ଜଣେ ପୁରୁଷ ସହିତ ଅନୈତିକ ସମ୍ପର୍କ ରଖିଥିବା ଶଙ୍କର ସନ୍ଦେହ କରିଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ବାରମ୍ବାର ଝଗଡ଼ା ହେଉଥିଲା। ଏଥିରେ ଅତିଷ୍ଠ ହୋଇ ମନସା ନିଜ ମା'ଙ୍କ ଘରକୁ ଚାଲିଯାଇଥିଲେ। ଶୁକ୍ରବାର ବୁଝାସୁଝା ପରେ ସେ ଘରକୁ ଫେରିଥିଲେ। ମାତ୍ର ହଠାତ୍ ଉଭୟଙ୍କ ମଧ୍ୟରେ ପୁଣି ଯୁକ୍ତିତର୍କ ଉଗ୍ର ରୂପ ନେଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଶଙ୍କର ଏକ କଟୁରୀରେ ମନସାଙ୍କ ମୁଣ୍ଡ କାଟି ଦେଇଥିଲା। ଏପରି ବର୍ବର କାଣ୍ଡ ଭିଆଇ ସେ କଟାମୁଣ୍ଡକୁ ବାଇକରେ ନେଇ ପୁଲିସ ଷ୍ଟେସନ ପହଞ୍ଚିଥିଲା। ନିଜ ଅପରାଧ ସ୍ୱୀକାର କରିବାରୁ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଶଙ୍କରକୁ ହେପାଜତକୁ ନେଇଛି। ଶଙ୍କର ଆକ୍ରମଣ ପୂର୍ବରୁ ଏକ ନୂଆ କଟୁରୀ କିଣି ରଖିଥିଲା। ଏହି ଘଟଣାରେ ପୁଲିସ ଅଧିକ ତଦନ୍ତ ଚାଲୁ ରଖିଛି। ପ୍ରାଥମିକ ତଦନ୍ତରୁ ହତ୍ୟା ଯୋଜନାବଦ୍ଧ ଥିବା କଥା ପୁଲିସ ସନ୍ଦେହ କରିଛି।

## ଆଇସିୟୁରେ ମହିଳା ରୋଗୀଙ୍କୁ ନର୍ସିଂ କର୍ମଚାରୀଙ୍କ ଦୁଷ୍କର୍ମ

ଅଲଓ୍ୱର, ୭।୬(ଏଜେନ୍ସି): ରାଜସ୍ଥାନର ଅଲଓ୍ୱରରେ ଥିବା ଏକ ମେଡିକାଲ କଲେଜରେ ଘଟିଛି ଅଭାବନୀୟ ଘଟଣା। ଜଣେ ୩୨ ବର୍ଷ ବୟସ୍କା ମହିଳାଙ୍କୁ ଆଇସିୟୁ ଭିତରେ ଦୁଷ୍କର୍ମ କରିଛି ଜଣେ ନର୍ସିଂ କର୍ମଚାରୀ। ମହିଳାଙ୍କୁ ଦୁଷ୍କର୍ମ କରିବା ପୂର୍ବରୁ ସମ୍ପୃକ୍ତ ନର୍ସିଂ ଷ୍ଟାଫ ପ୍ରଥମେ ମହିଳା ରୋଗୀଙ୍କୁ ନିଶ୍ଚେତକ ଇଞ୍ଜେକ୍ସନ ଦେଇଥିଲେ। ମହିଳାଙ୍କୁ ନର୍ସିଂ ଷ୍ଟାଫ୍ ଦୁଷ୍କର୍ମ କରିବା ବେଳେ ମହିଳାଙ୍କ ସ୍ୱାମୀ ଓ ସମ୍ପର୍କୀୟମାନେ ହସ୍ପିଟାଲ ଓ୍ୱାର୍ଡ ବାହାରେ ଅପେକ୍ଷା କରିଥିଲେ। ମହିଳା ଜଣକ ଶୋଇଥିବା ଶଯ୍ୟା ଚାରିପାଖରେ ପରଦା ଟାଣିଦେଇ ନର୍ସିଂ ଷ୍ଟାଫ ପ୍ରଥମେ ମହିଳାଙ୍କୁ ନିଶ୍ଚେତକ ଇଞ୍ଜେକ୍ସନ ଦେଇଥିଲେ। ମହିଳା ସାମାନ୍ୟ ଘୁମେଇବା ଅବସ୍ଥାକୁ ଆସିବା ପରେ ସେ ତାଙ୍କୁ ଦୁଷ୍କର୍ମ କରିଥିଲେ। ନିସ୍ତେଜ ଅବସ୍ଥାରେ ଥାଇ ମଧ୍ୟ ମହିଳା ଏହାର ପ୍ରତିବାଦ କରିବା ସହ କାନ୍ଦି କାନ୍ଦି ନିଜ ସ୍ୱାମୀଙ୍କୁ ଡାକିବା ପାଇଁ ଚେଷ୍ଟା କରିଥିଲେ। କିନ୍ତୁ ନିଶା ପରିମାଣ ଶରୀରରେ ବଢୁଥିବା ଯୋଗୁଁ ସେ ଉଚ୍ଚ ସ୍ୱରରେ ଚିତ୍କାର କରିପାରି ନଥିଲେ। ପରେ ପରେ ମହିଳା ଜଣଙ୍କ ଗଭୀର ନିଦ୍ରାରେ ଶୋଇଯାଇଥିଲେ। ସକାଳୁ ନିଦ ଭାଙ୍ଗିବା ପରେ ସେ ସମସ୍ତ ଘଟଣା ନିଜ ସ୍ୱାମୀଙ୍କୁ ଜଣାଇଥିଲେ। ସ୍ୱାମୀ ଏ ସମ୍ପର୍କରେ ହସ୍ପିଟାଲ କର୍ତ୍ତୃପକ୍ଷ ଜଣାଇଥିଲେ। କିନ୍ତୁ ହସ୍ପିଟାଲ କର୍ତ୍ତୃପକ୍ଷ ଘଟଣାକୁ ଅସ୍ୱୀକାର କରିବା ସହ ଚପାଇଦେବାକୁ ଉଦ୍ୟମ କରିଥିଲେ। ଅଭିଯୁକ୍ତ ନର୍ସିଂ ଷ୍ଟାଫ ଏନେଇ ସର୍ବସମ୍ମୁଖରେ କ୍ଷମା ମଧ୍ୟ ମାଗିଥିଲେ। ତଥାପି ହସ୍ପିଟାଲ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଇ ନ ଥିଲେ। ତେବେ ପୀଡ଼ିତା ମହିଳାଙ୍କ ନିକଟସ୍ଥ ଶଯ୍ୟାରେ ଚିକିତ୍ସିତ ହେଉଥିବା ଆଉଜଣେ ମହିଳାଙ୍କ ସ୍ୱାମୀ ସମଗ୍ର ଘଟଣା ଦେଖିଥିବା ପ୍ରକାଶ କରିଥିଲେ। ଘଟଣାକୁ ନେଇ ହସ୍ପିଟାଲ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୀଡ଼ିତାଙ୍କ ସ୍ୱାମୀ ଅଲଓ୍ୱାର ପୁଲିସ ଏବଂ ଅତିରିକ୍ତ



ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅତିରିକ୍ତ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ପୁଲିସ ଘଟଣାର ଅନୁସନ୍ଧାନ ଆରମ୍ଭ କରିଛି। ଅପରପକ୍ଷରେ ହସ୍ପିଟାଲ କର୍ତ୍ତୃପକ୍ଷ କହିଛନ୍ତି ଯେ ସିସିଟିଭି ଆଧାରରେ ଯାଞ୍ଚ ଚାଲିଛି। ଘଟଣାର ଅନୁସନ୍ଧାନ ପାଇଁ ତୁରନ୍ତ ଏକ କମିଟି ଗଠନ କରାଯାଇଛି।

### ଆର୍‌ସିବି ବିଜୟ ଉତ୍ସବରେ ଦଳାଚକଟା

# ସିଆଇଡି ତଦନ୍ତ ଆରମ୍ଭ



ବେଙ୍ଗାଲୁରୁ, ୭।୬(ଏଜେନ୍ସି): ଆର୍‌ସିବିର ଆଇପିଏଲ୍ ବିଜୟ ଉତ୍ସବ ପାଳନ ବେଳେ ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମ ବାହାରେ ଦଳାଚକଟା ଘଟଣାର ବିଧିବଦ୍ଧ ତଦନ୍ତ ଆରମ୍ଭ କରିଛି ସିଆଇଡି। ଘଟଣାରେ ୧୧ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୫୦ରୁ ଅଧିକ ଲୋକ ଆହତ ହୋଇଥିଲେ।

ସିଆଇଡି ଏସପି ଶୁଭନ୍ୱିତା ତଦନ୍ତର ନେତୃତ୍ୱ ନେଉଛନ୍ତି। ଏହି ଟିମ୍‌ରେ ଡିଏସପି ଗୌତମ ଓ ତଦନ୍ତକାରୀ ଅଧିକାରୀ ପୁରୁଷୋତ୍ତମ ସଦସ୍ୟ ଅଛନ୍ତି। ସିଆଇଡି ପକ୍ଷରୁ ଚିନ୍ନାସ୍ୱାମୀ ଷ୍ଟାଡିୟମକୁ ନିଜ ହାତକୁ ନିଆଯାଇଛି। ପୂର୍ବରୁ ଏହି ଦଳାଚକଟା ଘଟଣାରେ କୁବୋନ ପାର୍କ ପୁଲିସ ପକ୍ଷରୁ ଏକ ମାମଲା ରୁଜୁ ହୋଇଥିଲା। ପରେ ଏହି ଘଟଣାର ତଦନ୍ତ ଭାର ସିଆଇଡିକୁ ଦିଆଯାଇଥିଲା। ଷ୍ଟାଡିୟମର ଗେଟ୍ ନମ୍ବର ୭, ୧୭, ୧୮, ୧୯ ଓ ୨୧ରେ ଘଟିଥିବା ଘଟଣା ସମ୍ପର୍କରେ ସିଆଇଡି ତଦନ୍ତ କରୁଛି। ଆସନ୍ତା ସୋମବାର ଆଉ କିଛି ବ୍ୟକ୍ତିଙ୍କୁ ଗିରଫ କରାଯିବ ବୋଲି ସୂଚନା ମିଳିଛି।

### ମୃତକଙ୍କ ପରିବାରକୁ ୨୫ ଲକ୍ଷ ଲେଖାଏଁ ଅନୁଦାନ

ବେଙ୍ଗାଲୁରୁ,୭।୬(ଏଜେନ୍ସି): ବେଙ୍ଗାଲୁରୁ ଦଳାଚକଟା ଘଟଣାରେ ମୁଖ୍ୟମନ୍ତ୍ରୀ ସିଦ୍ଧାରାମୟା ମୃତକଙ୍କ ପାଇଁ ଅନୁଦାନ ରାଶିରେ ଦେଢ଼ଗୁଣା ବୃଦ୍ଧି କରିଛନ୍ତି। ପୂର୍ବରୁ ୧୦ ଲକ୍ଷ ଟଙ୍କା ଦେବାକୁ ଘୋଷଣା କରାଯାଇଥିଲା। କିନ୍ତୁ ଏବେ ମୃତକଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା ଦିଆଯିବ ବୋଲି ସେ ଶନିବାର ଘୋଷଣା କରିଛନ୍ତି। ଆଇପିଏଲ୍ ଇତିହାସରେ ବିରାଟ କୋହଲିଙ୍କ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଦୀର୍ଘ ୧୮ ବର୍ଷ ପରେ ପ୍ରଥମଥର ପାଇଁ ଟାଇଟଲ ଜିତି ଇତିହାସ ସୃଷ୍ଟି କରିଥିଲା।

### କେଏସ୍‌ସିଏ ସମ୍ପାଦକ, କୋଷାଧ୍ୟକ୍ଷଙ୍କ ଇସ୍ତଫା

ଦଳାଚକଟା ମାମଲାରେ କର୍ଣ୍ଣାଟକ ଷ୍ଟେଟ୍ କ୍ରିକେଟ ଆସୋସିଏସନର ଦୁଇ ପଦାଧିକାରୀ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଆସୋସିଏସନ ସମ୍ପାଦକ ଏ ଶଙ୍କର ଓ କୋଷାଧ୍ୟକ୍ଷ ଏଇ ଜୟରାମ ଶୁକ୍ରବାର ରାତିରେ ଇସ୍ତାଫା ଦେବା ପରେ ଶନିବାର ସକାଳେ ଏକ ଯୁଗ୍ମ ବାର୍ତ୍ତା ଦେଇ ନୈତିକତା ଦୃଷ୍ଟିକୋଣରୁ ଆମେ ଇସ୍ତଫା ଦେଇଛୁ ବୋଲି କହିଛନ୍ତି।

## ୟୁକ୍ରେନ ଉପରେ ରୁଷ୍‌ର ଡ୍ରୋନ୍, ମିସାଇଲ ବର୍ଷା



ଖରକିଭ୍,୭।୬(ଏଜେନ୍ସି): ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ୩ ବର୍ଷଧରି ଚାଲିଥିବା ଯୁଦ୍ଧ ଏବେ ନିର୍ଣ୍ଣାୟକ ମୋଡରେ ପହଞ୍ଚିଛି। ୫ଟି ଏୟାର ବେସ ଓ ୪୧ଟି ଲଢୁଆ ବିମାନ ଧ୍ୱଂସ ହେବା ପରେ ରୁଷିଆ ଏବେ ୟୁକ୍ରେନଠାରୁ ପ୍ରତିଶୋଧ ନେବା ପ୍ରକ୍ରିୟାକୁ ଆହୁରି ଜୋରଦାର କରିଛି। ଶନିବାର ରୁଷିଆ ପୂର୍ବ ୟୁକ୍ରେନ ସ୍ଥିତ ଦେଶର ଦ୍ୱିତୀୟ ବୃହତ୍ତମ ସହର ଖରକିଭ୍ ଉପରେ ଡ୍ରୋନ ଓ ମିସାଇଲ ବର୍ଷା କରିଛି। ଏଥିରେ ଅତିକମ୍‌ରେ ୩ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୨୧ଜଣ ଆହତ ହୋଇଛନ୍ତି।

ରୁଷିଆ ୪୮ଟି ଡ୍ରୋନ ଛାଡ଼ିବା ସହ ଦୁଇଟି ମିସାଇଲ ଓ ୪ଟି ଗ୍ଲାଇଡିଂ ବମ୍ ମାଡ କରିଥିଲା। ତେବେ ରୁଷିଆ ୨୧୫ ମିସାଇଲ୍ ଓ ଡ୍ରୋନ ରାତିସାରା ମାଡ କରିଥିଲା ବୋଲି ୟୁକ୍ରେନ ବାୟୁସେନା ତରଫରୁ କୁହାଯାଇଛି। କିନ୍ତୁ ୟୁକ୍ରେନ ଏୟାର ଡିଫେନ୍ସ ୮୭ ଡ୍ରୋନ ଓ ୭ଟି ମିସାଇଲକୁ ନ୍ୟୁଟ୍ରାଲାଇଜ୍ କରିଥିଲା ବାୟୁସେନା ସୂଚନା ଦେଇଛି। ଏଥିସହ ୟୁକ୍ରେନର ଅନ୍ୟ କେତୋଟି ଅଞ୍ଚଳରେ ମଧ୍ୟ ଆକ୍ରମଣ ହୋଇଛି। ଡୋନେଟସ୍କ, ଡନିପ୍ରୋପେଟ୍ରୋଭସ୍କ, ଓଡେଶା ଓ ସିଟି ଅଫ୍ ଟେର୍ଣ୍ଣୋପିଲ୍‌ରେ ମଧ୍ୟ ଆକ୍ରମଣ ହୋଇଛି ବୋଲି ୟୁକ୍ରେନ ବୈଦେଶିକ ମନ୍ତ୍ରୀ ଆଣ୍ଡ୍ରିଲ ସିବିହା ଏକ୍ସରେ ପୋଷ୍ଟ କରି ସୂଚନା ଦେଇଛନ୍ତି। ରୁଷିଆର ଏହି ଆକ୍ରମଣରେ ୧୮ଟି ଆପାର୍ଟମେଣ୍ଟ ବିଲ୍ଡିଂ, ୧୩ଟି ଘରୋଇ ବିଲ୍ଡିଂ କ୍ଷତିଗ୍ରସ୍ତ ହୋଇଛି। ୨୦୨୨ ଫେବୃଆରୀରୁ ଯୁଦ୍ଧ ଆରମ୍ଭ ହେବା ପରେ ଖରକିଭ୍ ଉପରେ ରୁଷିଆର ଏହା ସର୍ବବୃହତ୍ ଆକ୍ରମଣ ସାବ୍ୟସ୍ତ ହୋଇଛି। ଏଥିରେ ଛୋଟ ପିଲା ଓ ୧୪ ବର୍ଷର ବାଳିକା ମୃତ୍ୟୁବରଣ କରିଛନ୍ତି। ପୂର୍ବରୁ ଶୁକ୍ରବାର ରୁଷିଆର ୟୁକ୍ରେନର ୬ଟି ଅଞ୍ଚଳରେ ଆକ୍ରମଣ କରିଥିଲା ଓ ଏଥିରେ ୬ ଜଣ ଲୋକ ମୃତ୍ୟୁବରଣ କରିବା ସହ ୮୦ଜଣ ଆହତ ହୋଇଥିଲେ।

## ସିନ୍ଧୁ ଜଳ ଚୁକ୍ତି: ଭାରତକୁ ୪ଟି ଚିଠି ପଠାଇଛି ପାକିସ୍ତାନ

ନୂଆଦିଲ୍ଲୀ,୭।୬(ଏଜେନ୍ସି): ସିନ୍ଧୁ ଜଳ ଚୁକ୍ତିକୁ ପୁଣି ଥରେ କାର୍ଯ୍ୟକ୍ଷମ କରିବାକୁ ପାକିସ୍ତାନ ଭାରତକୁ ୪ଟି ଚିଠି ଲେଖିଛି। ଏହି ୪ଟି ମଧ୍ୟରୁ ଗୋଟିଏ ଚିଠି ଅପରେସନ ସିନ୍ଦୂର ପରେ ପଠାଯାଇଛି ବୋଲି କୁହାଯାଇଛି। ପାକିସ୍ତାନର ଜଳ ସଂସାଧନ ମନ୍ତ୍ରଣାଳୟର ସଚିବ ସୟଦ ଅଲୀ ମୁର୍ତ୍ତଜା ଏହି ଚିଠି ଭାରତ ଜଳ ଶକ୍ତି ମନ୍ତ୍ରଣାଳୟକୁ ପଠାଇଛନ୍ତି। ଏହାପରେ ଏହି ଚିଠିଗୁଡିକୁ ବୈଦେଶିକ ମନ୍ତ୍ରଣାଳୟକୁ ପଠାଇ ଦିଆଯାଇଥିଲା। ପାଣି ଦେବାକୁ ପାକିସ୍ତାନ ଏହି ଚିଠିଗୁଡିକରେ ଅନୁରୋଧ କରିଛି। ଏପ୍ରିଲ ୨୨ରେ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ୧୯୬୦ରୁ ହୋଇଥିବା ସିନ୍ଧୁ ଜଳ ଚୁକ୍ତିକୁ ସ୍ଥଗିତ ରଖିଥିଲା। ଏହି ସନ୍ଧି ଅନୁସାରେ ପାକିସ୍ତାନକୁ ୮୦ ପ୍ରତିଶତ ଜଳ ମିଳୁଥିଲା।

## ବାଂଲାଦେଶ ନିର୍ବାଚନକୁ ପ୍ରତ୍ୟାଖ୍ୟାନ କଲା ବିଏନ୍‌ପି

ଢ଼ାକା, ୭।୬(ଏଜେନ୍ସି): ବାଂଲାଦେଶ ମୁଖ୍ୟ ଉପଦେଷ୍ଟା ତଥା କାମଚଳା ସରକାର ମୁଖ୍ୟ ମହମ୍ମଦ ୟୁନୁସ ଗୁରୁବାର ନିର୍ବାଚନ ତାରିଖ ଘୋଷଣା କରିଥିଲେ। ତେବେ ଏହାକୁ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି (ବିଏନ୍‌ପି) ପ୍ରତ୍ୟାଖ୍ୟାନନ କରିଛି। ଏହି ନିର୍ବାଚନ ଆସନ୍ତା ୨୦୨୬ ଏପ୍ରିଲ ହେବ ବୋଲି ଘୋଷଣା କରାଯାଇଥିଲା। କିନ୍ତୁ ନିର୍ବାଚନ ତାରିଖରେ ବିଳମ୍ବ ହୋଇଛି ଓ ଏହା ଦେଶବାସୀଙ୍କୁ ନିରାଶ କରିଛି ବୋଲି ବିଏନ୍‌ପି ତରଫରୁ କୁହାଯାଇଛି। ନିର୍ବାଚନ ଡିସେମ୍ବର ପରେ ହେବା ଉଚିତ ନୁହଁ। ରାମଜାନ, ସ୍କୁଲ ପରୀକ୍ଷା ଓ ପାଣିପାଗ ଜନିତ ସମସ୍ୟା ରହିଥିବାରୁ ନିର୍ବାଚନ ପାଇଁ ଘୋଷିତ ହୋଇଥିବା ତାରିଖ ଗ୍ରହଣୀୟ ନୁହଁ। ପୁଣି ଡିସେମ୍ବରରେ କାହିଁକି ନିର୍ବାଚନ ହୋଇପାରିବ ନାହିଁ ସେ ନେଇ ୟୁନୁସ ସ୍ପଷ୍ଟ କରିବା ଉଚିତ ବୋଲି ବିଏସ୍‌ପିର ଜାତୀୟ ଷ୍ଟାଣ୍ଡିଂ କମିଟି ମୁଖ୍ୟ ତାରିକ ରହମାନ କହିଛନ୍ତି।


■ ରକ୍ତଚାପ ବଢ଼ିବା ଯୋଗୁଁ ସୋନିଆ ଅସୁସ୍ଥ

## ଚିକିତ୍ସା ପରେ ହସ୍ପିଟାଲରୁ ଫେରିଲେ



ସିମଳା, ୭।୬(ଏଜେନ୍ସି): ରକ୍ତଚାପ ବଢ଼ିବା କାରଣରୁ କଂଗ୍ରେସ ବରିଷ୍ଠ ନେତ୍ରୀ ସୋନିଆ ଗାନ୍ଧୀ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ଚିକିତ୍ସା ପାଇଁ ତାଙ୍କୁ ସିମ୍‌ଲାର ଇନ୍ଦିରା ଗାନ୍ଧୀ ମେଡିକାଲ କଲେଜ (ଆଇଜିଏମ୍‌ସି)କୁ ଅଣାଯାଇଥିଲା। ସେଠାରେ ଏକ ଡାକ୍ତରୀ ଦଳ ତାଙ୍କର ଚିକିତ୍ସା କରାଇଥିଲେ ଓ ସେ ପରେ ହସ୍ପିଟାଲରୁ ଫେରିଥିଲେ। ସେ ରୁଟିନ ଚେକ୍‌ଅପ୍ ପାଇଁ ଆସିଥିଲେ ବୋଲି ମେଡିକାଲ ସୁପରିଟେଣ୍ଡେଣ୍ଟ ଡା ରାହୁଲ ରାଓ କହିଛନ୍ତି। କିଛି ସାମାନ୍ୟ ସ୍ୱାସ୍ଥ୍ୟଗତ କାରଣ ଓ ଚେକ୍‌ଅପ୍ ପାଇଁ ତାଙ୍କୁ ହସ୍ପିଟାଲ ଅଣାଯାଇଥିଲା ଓ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ବୋଲି ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ଖୁସବୁଙ୍କ ପ୍ରିନ୍ସିପାଲ ମିଡିଆ ଆଡଭାଇଜର ନରେଶ ଚୌହାନ କହିଛନ୍ତି। ଉଲ୍ଲେଖଥାଉ କି, ଜୁନ୍ ୨ରେ ସୋନିଆ ସିମଲା ଆସିଥିଲେ। ସ୍ଥାନୀୟ ଛରାବଡ଼ାରେ ଥିବା ଝିଅ ପ୍ରିୟଙ୍କା ଗାନ୍ଧୀଙ୍କ ଫାର୍ମ ହାଉସ୍‌ରେ ରହୁଥିଲେ। ପ୍ରିୟଙ୍କା ପୂର୍ବରୁ ୨ ସପ୍ତାହ ପୂର୍ବରୁ ଏଠାକୁ ଆସିଛନ୍ତି। ଗ୍ରୀଷ୍ମରେ ସିମ୍‌ଲାକୁ ଛୁଟି କାଟିବା ପାଇଁ ଗାନ୍ଧୀ ପରିବାର ଏଠାକୁ ଆସିଥାନ୍ତି। ଏହି ଫାର୍ମ ହାଉସ ସିମ୍‌ଲାଠାରୁ ୧୩ କିମି ଦୂରରେ ଅବସ୍ଥିତ। ଗତ ୨୦୨୪ ମାର୍ଚ୍ଚରେ ମଧ୍ୟ ସୋନିଆଙ୍କ ସ୍ୱାସ୍ଥ୍ୟ ବିଗିଡିଥିଲା। ସେହିପରି ୨୦୨୨ରେ ସେ କରୋନା ସଂକ୍ରମଣ କାରଣରୁ ହସ୍ପିଟାଲ୍‌ରେ ଭର୍ତ୍ତି ହୋଇଥିଲେ।

## ହସ୍ପିଟାଲରେ ସତ୍ୟପାଲ ମଲିକ୍‌ଙ୍କ ସ୍ଥିତି ଗମ୍ଭୀର



ନୂଆଦିଲ୍ଲୀ, ୭।୬(ଏଜେନ୍ସି): ମେ ୧୧ରୁ ଦିଲ୍ଲୀର ରାମ ମନୋହର ଲୋହିଆ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଜମ୍ମୁ-କଶ୍ମୀର ପୂର୍ବତନ ରାଜ୍ୟପାଳ ସତ୍ୟପାଲ ମଲିକଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡି ଯାଇଛି। ତାଙ୍କ ଅବସ୍ଥା ଏବେ ଗମ୍ଭୀର। ଜମ୍ମୁ-କଶ୍ମୀରର କିରୁ ହାଇଡ୍ରୋପାଓ୍ୱାର ପ୍ରୋଜେକ୍ଟ ସହିତ ଜଡିତ ଦୁର୍ନୀତି ମାମଲାରେ ତାଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରାଯିବା ପରେ ସେ ମୁହଁ ଖୋଲିଛନ୍ତି। ସେ ସାମାଜିକ ଗଣମାଧ୍ୟମ ଏକ୍ସରେ ଏନେଇ ବେଶ୍ ଭାବପ୍ରବଣ ହୋଇ ପୋଷ୍ଟ କରିଛନ୍ତି। ତାଙ୍କ ବିରୋଧରେ ଆସିଥିବା ସବୁ ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। ଗତ ମାସେ ହେବ ହସ୍ପିଟାଲରେ ଭର୍ତ୍ତି ହୋଇଛି ଓ କିଡ୍‌ନୀ ଜନିତ ସମସ୍ୟା ଦେଇ ଗତି କରୁଛି। ପହରଦିନ ଠିକ୍ ଥିଲି, କିନ୍ତୁ ଆଜି ପୁଣି ଆଇସିୟୁରେ ଭର୍ତ୍ତି ହୋଇଛି। ବେଳକୁ ବେଳ ସ୍ୱାସ୍ଥ୍ୟାବସ୍ଥାନ ଗମ୍ଭୀର ହେବାରେ ଲାଗିଛି। କାଲି ଦୁନିଆରେ ଥିବି କି ନ ଥିବି, ସେଥିପାଇଁ ଦେଶବାଶୀଙ୍କୁ ସତ କଥା କହିବାକୁ ଚାହୁଁଛି। ମୋ ପାଖରେ ଅର୍ଥ ଥିଲେ ଘରୋଇ ହସ୍ପିଟାଲରେ ନିଜର ଚିକିତ୍ସା କରାଇଥାନ୍ତି। ଯେଉଁ ମାମଲାରେ ମୋତେ ଫସାଯାଉଛି, ସେହି ଟେଣ୍ଡରକୁ ଅକାମୀ କରିଥିଲି। ଏ ସଂକ୍ରାନ୍ତରେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଥିଲି। ରାଜ୍ୟପାଳ ଥିବା ବେଳେ ମୋତେ ୧୫୦ କୋଟି ଟଙ୍କାର ଲାଞ୍ଚ ଯଚାଯାଇଥିଲା। କିନ୍ତୁ ଏହାକୁ ଗ୍ରହଣ କରି ନଥିଲି। ଚାଷୀ ଆନ୍ଦୋଳନ ଚାଲିଥିବା ବେଳେ ବିନା ରାଜନୈତିକ ଅଭିସନ୍ଧିରେ ଚାଷୀଙ୍କର ଦାବିକୁ ଗୁରୁତ୍ୱ ଦେଇଥିଲି। ସେହିପରି ମହିଳା ମୁଷ୍ଟିଯୋଦ୍ଧା ଆନ୍ଦୋଳନରେ ମଧ୍ୟ ସେମାନଙ୍କୁ ସମର୍ଥନ କରିଥିଲି। ସେହିପରି ପୁଲଓ୍ୱାମା ମାମଲାରେ

### ଆଇସିୟୁରୁ ଭାବପୂର୍ଣ୍ଣ ପୋଷ୍ଟ

ସହିଦ ସୈନ୍ୟଙ୍କ କଥା ଉଠାଇଥିଲି। ତେଣୁ ସରକାର ମୋ ବିରୋଧରେ ଷଡ଼ଯନ୍ତ୍ର କରିଛନ୍ତି। କିନ୍ତୁ ମୁଁ ଡରିବା କିମ୍ବା ମୁଣ୍ଡ ନଇଁବା ଲୋକ ନୁହଁ। ସରକାର ମୋତେ ବଦନାମ କରିବାକୁ ପ୍ରୟାସ କରୁଛନ୍ତି ବୋଲି ସେ ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ଉଲ୍ଲେଖଥାଉ କି, ଗତ ମେ ୨୨ରେ ସିବିଆଇ ସତ୍ୟପାଳଙ୍କ ସହ ଆଉ ୫ଜଣଙ୍କ ବିରୋଧରେ କିରୁ ହାଇଡ୍ରୋପାଓ୍ୱାର ପ୍ରୋଜେକ୍ଟ ସହିତ ଜଡିତ ଦୁର୍ନୀତି ମାମଲାରେ ଚାର୍ଜସିଟ୍ ଦାଖଲ କରିଥିଲା। ଏଥିରେ ପାଖାପାଖି ୨, ୨୦୦ କୋଟି ଟଙ୍କାର ଦୁର୍ନୀତି ହୋଇଛି ବୋଲି ଅନୁମାନ କରାଯାଉଛି।

# ମହାରାଷ୍ଟ୍ରରେ ବିଜେପି ଅନୈତିକ ଉପାୟରେ ନିର୍ବାଚନ ଜିତିଛି: ରାହୁଲ



ନୂଆଦିଲ୍ଲୀ, ୭।୬(ଏଜେନ୍ସି): ୨୦୨୪ରେ ମହାରାଷ୍ଟ୍ରରେ ହୋଇଥିବା ନିର୍ବାଚନ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ପୁଣି ମୁହଁ ଖୋଲିଛନ୍ତି। ବିଜେପି ଏହି ନିର୍ବାଚନରେ ଅନୈତିକ ଉପାୟ ଅବଲମ୍ବନ କରି ବିଜୟୀ ହୋଇଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ବିଭିନ୍ନ ଗଣମାଧ୍ୟମରେ ଏକ ସ୍ତମ୍ଭ ଲେଖି ରାହୁଲ ନିଜର ମତ ରଖିଛନ୍ତି। ମହାରାଷ୍ଟ୍ରରେ ବିଜେପି ଓ ତା'ର ସହଯୋଗୀ ଦଳଗୁଡିକ ବିଜୟୀ ହେବାକୁ ୫ଟି ପର୍ଯ୍ୟାୟରେ ପ୍ରାକ୍ ପ୍ରସ୍ତୁତି କରିଥିଲେ। ମହାରାଷ୍ଟ୍ର ଭଳି ଏଥର ବିହାରରେ ମଧ୍ୟ ମ୍ୟାଚ୍ ଫିକ୍ସିଂ କରାଯିବ। ପୁଣି ବିଜେପି ହାରିବାର ଆଶଙ୍କା ଥିବା ରାଜ୍ୟଗୁଡିକରେ ଏହି ପନ୍ଥା ଅବଲମ୍ବନ କରାଯିବ ବୋଲି ସେ ଆଶଙ୍କା ପ୍ରକାଶ କରିଛନ୍ତି। ନିର୍ବାଚନ କମିଶନ ନିଯୁକ୍ତି ଆଇନ ମାଧ୍ୟମରେ କମିଶନରେ ନିଯୁକ୍ତି କରିବାକୁ ଥିବା କମିଟିରେ ମୁଖ୍ୟ ବିଚାରପତିଙ୍କ ବଦଳରେ କେନ୍ଦ୍ରୀୟମନ୍ତ୍ରୀଙ୍କୁ ଅବସ୍ଥାପିତ କରାଯାଉଛି। ଫଳରେ ନିରପେକ୍ଷତାକୁ ବଳି ଦିଆଯାଇ ସମ୍ପୂର୍ଣ୍ଣ ନିର୍ବାଚନ ପ୍ରକ୍ରିୟା ସରକାରଙ୍କ ନିୟନ୍ତ୍ରଣରେ ରହୁଛି। ରାହୁଲ୍ ଉଲ୍ଲେଖ କରିଛନ୍ତି ଯେ ମହାରାଷ୍ଟ୍ରରେ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଓଲଟପାଲଟ କରିବା ଲାଗି ଏନଡିଏ ପକ୍ଷରୁ ୫ ପର୍ଯ୍ୟାୟ ମଡେଲ ଗ୍ରହଣ କରାଯାଇଥିଲା। ସେଗୁଡିକ ହେଲା ନିର୍ବାଚନ କମିଶନଙ୍କ ନିଯୁକ୍ତି ପାଇଁ

### 'ବିହାରରେ ମଧ୍ୟ ମ୍ୟାଚ୍ ଫିକ୍ସିଂ ହେବ'

ପ୍ୟାନେଲରେ ରିଗିଂ। ଭୋଟର ତାଲିକାରେ ଜାଲ୍ ଭୋଟରଙ୍କୁ ସ୍ଥାନିତ କରିବା। ଭୋଟର ଟର୍ଣ୍ଣଆଉଟକୁ ଅଧିକ ଦର୍ଶାଇବା। ବିଜେପିର ବିଜୟ ଆବଶ୍ୟକତା ହେଉଥିବା ସ୍ଥାନରେ ଜାଲ୍ ଭୋଟରଙ୍କୁ ସ୍ଥାନିତ କରିବା ଏବଂ ପ୍ରମାଣଗୁଡିକୁ ଅଗୋଚରରେ ରଖିବା। ଯାହା ଫଳରେ ଏହି ନିର୍ବାଚନରେ ମହାବିକାଶ ଅଘାଡ଼ିର ଶୋଚନୀୟ ପରାଜୟ ଘଟିଥିଲା।

କଂଗ୍ରେସ, ଶିବସେନା(ୟୁବିଟି) ଓ ଏନସିପି(ଏସପି) ମାତ୍ର ୫୦ ଆସନ ଜିଣିଥିଲେ। ରାହୁଲ କହିଛନ୍ତି ଏହି ନିର୍ବାଚନରେ ଛୋଟ ଧରଣର ଠକାମି ହୋଇ ନଥିଲା; ବରଂ ଜାତୀୟ ପ୍ରତିଷ୍ଠାନଗୁଡିକୁ କରାୟତ୍ତ କରିବାକୁ ବ୍ୟାପକ ରିଗିଂ ହୋଇଥିଲା। ପୂର୍ବରୁ ନିର୍ବାଚନ କମିଶନଙ୍କ ନିଯୁକ୍ତି ପ୍ରସଙ୍ଗରେ ମଧ୍ୟ କେନ୍ଦ୍ରକୁ ଟାର୍ଗେଟ କରି ଚର୍ଚ୍ଚାରେ ଥିଲେ ରାହୁଲ।

### ଅଭିଯୋଗ ଅମୂଳକ: କମିଶନ

ରାହୁଲଙ୍କ ଏଭଳି ଅଭିଯୋଗ ଅମୂଳକ ବୋଲି କହି ଖଣ୍ଡନ କରିଛନ୍ତି ନିର୍ବାଚନ କମିଶନ। ନିର୍ବାଚନ ହାରିବା ପରେ ଏଭଳି ଅଭିଯୋଗ ଆଣିବା ଠିକ୍ ନୁହଁ। ନିର୍ବାଚନ କମିଶନଙ୍କ ୱେବ୍‌ସାଇଟ୍‌ରେ ସବୁକିଛି ତଥ୍ୟ ଉପଲବ୍ଧ। ତେଣୁ ବାରମ୍ବାର ଏଭଳି ଅଭିଯୋଗ ଆଣିବା ଦ୍ୱାରା ଦ୍ୱନ୍ଦ୍ୱ ସୃଷ୍ଟି ହେଉଛି। ଏହାଦ୍ୱାରା ଜନପ୍ରତିନିଧି ବଦ୍‌ନାମ ହେଉଛନ୍ତି। ଏଥିସହ ନିର୍ବାଚନ ପ୍ରକ୍ରିୟାରେ ପ୍ରତ୍ୟକ୍ଷ ଭାବେ ଅଂଶଗ୍ରହଣ କରୁଥିବା କର୍ମଚାରୀଙ୍କ ଉତ୍ସାହ ମଧ୍ୟ କମିଯାଉଛି ବୋଲି ନିର୍ବାଚନ କମିଶନ କହିଛନ୍ତି। ଏ ନେଇ ମହାରଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାବୀସ୍ ପ୍ରତିକ୍ରିୟାରେ କହିଛନ୍ତି, ରାହୁଲ ନିଜକୁ ମିଛ ଆଶ୍ୱାସନା ଦେଉଛନ୍ତି। ରାହୁଲଙ୍କ ସବୁ ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି।

**ନିଜକୁ ମିଛ ଆଶ୍ୱାସନା ଦେଉଛନ୍ତି ରାହୁଲ: ଫଡ଼ନାବୀସ୍**

## ଜୈସ୍-ଇ- ମହମ୍ମଦକୁ ଶେଷ କରିବାକୁ ବିଲାୱଲ୍‌ଙ୍କୁ କହିଲେ ଆମେରିକା ସାଂସଦ

ୱାଶିଂଟନ, ୭।୬(ଏଜେନ୍ସି): ଆତଙ୍କବାଦୀ ସଂଗଠନ ଜୈସ୍-ଇ-ମହମ୍ମଦକୁ ସମ୍ପୂର୍ଣ୍ଣ ଭାବେ ଶେଷ କରିବାକୁ ଆମେରିକା ଯାଇଥିବା ପାକିସ୍ତାନ ପ୍ରତିନିଧିମଣ୍ଡଳୀର ନେତୃତ୍ୱ ନେଉଥିବା ବିଲାୱଲ ଭୁଟ୍ଟୋଙ୍କୁ ଆମେରିକା ସାଂସଦ ବ୍ରାଡ ସେରମନ କହିଛନ୍ତି। ସେହିପରି ପାକିସ୍ତାନରେ ରହୁଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକଙ୍କୁ ସୁରକ୍ଷା ଦେବା ପାଇଁ ସବୁପ୍ରକାର ପ୍ରୟାସ କରାଯିବା ଉଚିତ ବୋଲି ସାଂସଦ ବ୍ରାଡ୍ ସେରମନ କହିଛନ୍ତି। ସେହପରି କୁଖ୍ୟାତ ଆତଙ୍କବାଦୀ ଓସାମା ବିନ୍ ଲାଡେନର ଠିକଣା ଖୋଜିବାରେ ସହାୟତା ପ୍ରଦାନ କରିଥିବା ଡ. ସକିଲ ଅଖିଲ ଆଫ୍ରିଦିଙ୍କୁ ଜେଲ୍‌ରୁ ମୁକ୍ତ କରିବାକୁ ସେ ବିଲାୱଲଙ୍କୁ କହିଥିଲେ। ଆଫ୍ରିଦି ଗତ ୧୪ ବର୍ଷ ହେବ ଜେଲ୍‌ରେ ବନ୍ଦୀ ଅଛନ୍ତି। ଅପରେସନ ସିନ୍ଦୂର ପରେ ପାକିସ୍ତାନ ଭାରତକୁ ନକଲ କରି ୫ଟି ଦେଶକୁ ନିଜର ପ୍ରତିନିଧିମଣ୍ଡଳୀ ପଠାଇଛି। ଏହାର ନେତୃତ୍ୱ ନେଉଛନ୍ତି ବିଲାୱଲ।୨୦୦୨ରେ ୱାର୍ଲ୍ଡ ଷ୍ଟ୍ରିଟ୍ ଜର୍ନାଲର ଜଣେ ସାମ୍ବାଦିକ ଡାନିଏଲ ପର୍ଲଙ୍କ ହତ୍ୟାରେ ସମେତ ଆହୁରି କେତେକ ଘୃଣ୍ୟ ଘଟଣାରେ ଜୈସ୍- ଇ- ମହମ୍ମଦ ସାମିଲ ଥିଲା ବୋଲି ସେରମନ କହିଛନ୍ତି। ପାକିସ୍ତାନରେ ରହୁଥିବା ହିନ୍ଦୁ, ଖ୍ରୀଷ୍ଟିଆନ ଓ ଅହମ୍ମଦିଆ ସମ୍ପ୍ରଦାୟର ଲୋକଙ୍କୁ ଉପରେ ଅକଥନୀୟ ଅତ୍ୟାଚାର କରାଯାଉଛି। ତେଣୁ ଏମାନଙ୍କ ସୁରକ୍ଷା ଦେବାକୁ ଉପରେ ପାକିସ୍ତାନ ଗୁରୁତ୍ୱର ସହ ବିଚାର କରିବା ଉଚିତ ବୋଲି ସେ କହିଛନ୍ତି।

## ରଥର ଅଂଶ ବିକ୍ରି ନିମନ୍ତେ ନୂଆ ଦର ଧାର୍ଯ୍ୟ

# ନନ୍ଦିଘୋଷ ଚକ ୩ ଲକ୍ଷ, ତାଳଧ୍ୱଜ ୨ ଲକ୍ଷ

ପୁରୀ,୭।୬(ସମିସ): ମହାପ୍ରଭୁଙ୍କ ରଥର ବିଭିନ୍ନ ଅଂଶ ବିକ୍ରି ପାଇଁ ନୂଆ ଦର ଧାର୍ଯ୍ୟ କରିଛି ଶ୍ରୀମନ୍ଦିର ପ୍ରଶାସନ। ଯେହେତୁ ଚତୁର୍ଦ୍ଧାବିଗ୍ରହ ଏହି ରଥରେ ବସି ଶ୍ରୀଗୁଣ୍ଡିଚା ମନ୍ଦିରକୁ ବିଜେ କରିଥାନ୍ତି ଏବଂ ବାହୁଡ଼ାରେ ପୁଣି ଶ୍ରୀମନ୍ଦିର ଫେରନ୍ତି ତେଣୁ ରଥର ବିଭିନ୍ନ ଅଂଶକୁ ନେବା ପାଇଁ ଭକ୍ତଙ୍କ ମଧ୍ୟରେ ବିଶେଷ ଆଗ୍ରହ ରହିଥାଏ। ଏହାକୁ ନଜରରେ ରଖି ମନ୍ଦିର ପ୍ରଶାସନ ଦର ଧାର୍ଯ୍ୟ କିଛି।

ନୂଆ ଧାର୍ଯ୍ୟ ଦର ଅନୁଯାୟୀ, ମହାପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥର ଚକ ପିଛା ଦାମ୍ ୩ ଲକ୍ଷ ଟଙ୍କା ରହିଛି। ସେହିପରି ବଡ଼ଠାକୁରଙ୍କ ତାଳଧ୍ୱଜ ରଥର ଚକ ପିଛା ଦାମ୍ ୨ ଲକ୍ଷ ରହିଥିବାବେଳେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥର ଚକ ପିଛା ଦାମ୍ ରହିଛି ୧.୫ ଲକ୍ଷ ଟଙ୍କା। ସେହିପରି ଗୁଜ ଓ ଅଂଶୁଆରୀ ଗୋଟା ପିଛା ୧୫ ହଜାର ଟଙ୍କା ଧାର୍ଯ୍ୟ ହୋଇଥିବା ବେଳେ ପ୍ରଭା ପିଛା ଦାମ୍ ରହିଛି ୨୫ ହଜାର ଟଙ୍କା। ପ୍ରତ୍ୟେକ ରଥର ଗୋଟିଏ ଲେଖାଏଁ ଚକ କିଣିଲେ ୬ ଲକ୍ଷ ଟଙ୍କା ଦେବାକୁ ପଡ଼ିବ। କୌଣସି ସାମଗ୍ରୀ କିଣିବାକୁ ସେପ୍ଟେମ୍ବର ୧୫ ତାରିଖ ସୁଦ୍ଧା ଶ୍ରୀମନ୍ଦିର



ପ୍ରଶାସନ ନିକଟରେ ଆବେଦନ କରିବା ପାଇଁ କୁହାଯାଇଛି। ଆବେଦନ ପାଇଁ ହଜାରେ ଟଙ୍କା ଦେବାକୁ ପଡ଼ିବ। ରଥ ଉପକରଣ କିଣିବା ନିମନ୍ତେ ଆଲର୍ଟ ହେବା ପରେ ଆବେଦନକାରୀ ସପ୍ତାହେ ମଧ୍ୟରେ ଅର୍ଥରାଶି ଜମା କରିବେ। ଧାର୍ଯ୍ୟ ସମୟରେ ଟଙ୍କା ଜମା କରିବାକୁ ବିଫଳ ହେଲେ ପରବର୍ତ୍ତୀ ଆବେଦନକାରୀଙ୍କୁ ଆଲର୍ଟ କରାଯିବ। ଗତ ୨୭ ତାରିଖରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ସଂଶୋଧିତ ଏସ୍‌ଓପି ଜାରି କରିଛନ୍ତି।

ପ୍ରତିବର୍ଷ ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ନୂତନ ଭାବେ ତିନିରଥ ପ୍ରସ୍ତୁତ ହୋଇଥାଏ। ଯାତ୍ରା ଶେଷ ପରେ ରଥଗୁଡ଼ିକ ଖୋଲାଯାଏ। ତିନିରଥରୁ ୪୨ଟି ଚକ(ନନ୍ଦିଘୋଷ ୧୬,

**ଦର୍ପଦଳନର ଚକ ପିଛା ଦର ୧.୫ ଲକ୍ଷ**

ତାଳଧ୍ୱଜ ୧୪ ଓ ଦର୍ପଦଳନ ୧୨) ସହିତ ଅନ୍ୟାନ୍ୟ ଅଂଶ ବାହାରିଥାଏ, ଯାହାକୁ ନେବା ପାଇଁ ଭକ୍ତ ଆଗ୍ରହ ପ୍ରକାଶ କରନ୍ତି। ଏହି ଆଗ୍ରହ କିଛିବର୍ଷ ହେବ ଅଧିକ ମାତ୍ରାରେ ଦେଖିବାକୁ ମିଳୁଛି। ୧୯୯୬ ଥିଲା ନବକଳେବର ବର୍ଷ। ସେହିବର୍ଷ କୋଟି କୋଟି ଭକ୍ତ ବୈଦ୍ୟୁତିକ ଗଣମାଧ୍ୟମରେ ଦେଖିଲେ ନବକଳେବର ଯାତ୍ରା ଓ ଜାଣିଲେ ଏହାର ମାହାତ୍ମ୍ୟ। କହିବାକୁ ଗଲେ ସେହି ବର୍ଷଠାରୁ ପୁରୀକୁ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହେଲା। ସେହି ବର୍ଷରୁ କେବଳ ଭକ୍ତ ବଢ଼ିଲେ ନାହିଁ ରଥ ଚକ ଏବଂ ଅନ୍ୟାନ୍ୟ କିଛି ଅଂଶର ମହତ୍ୱ ବଢିଲା। ରଥଚକ ଗୁଣ୍ଡିଚା ମନ୍ଦିରରେ ରଖାଗଲା। କିଛି ବର୍ଷ ପରେ ଶ୍ରୀମନ୍ଦିର ସହ ସମ୍ପର୍କିତ ସ୍ଥାନ ଓ ମନ୍ଦିରକୁ ରଥ ଚକ ପ୍ରଦାନ ହେଲା। ଏ ସବୁ ଭିତରେ ସୁରକ୍ଷିତ ସ୍ଥାନ ଅଭାବରୁ ଅନେକ ଚକ ବର୍ଷା ଖରାରେ ନଷ୍ଟ ହେବା ପରେ ଶ୍ରୀମନ୍ଦିର ପ୍ରଶାସନ ଧର୍ମ, ସଂସ୍କୃତି ସହ ସମ୍ପର୍କିତ ଅନୁଷ୍ଠାନକୁ ଅର୍ଥ ଦେୟରେ ଚକ ଦେବାକୁ ଘୋଷଣା କଲା। ପ୍ରଥମେ ୨୫ ଓ ପରେ ୫୦ ହଜାର ଟଙ୍କା ଚକ ପିଛା ଦର ରହିଥିଲା। ଦାମ ବଢ଼ିବା ପରେ ଆଗ୍ରହ କମିଥିଲା। ଏହାପରେ ମାଗଣାରେ ଦିଆଯିବାକୁ ଘୋଷଣା ହେବା ସହ ଏଥିପାଇଁ କିଛି ସର୍ତ୍ତ ରହିଥିଲା। ଫଳରେ ବହୁ ଚକ ବିଭିନ୍ନ ସ୍ଥାନକୁ ଯିବା ପରେ ଚଳିତବର୍ଷ ରଥଯାତ୍ରା ପରେ ବାହାରିବାକୁ ଥିବା ଚକ ନେବା ଲାଗି ମନ୍ଦିର ପ୍ରଶାସନ ଦର ଧାର୍ଯ୍ୟର ନୂଆ ଏସ୍‌ଓପି ବାହାର କରିଛି।

## ରଥ ଖଳାରୁ....



ରଥ ଉପରକୁ ଉଠିଲା ଚାରିନହକା

**କାଳ ହେଲା ଇଅର୍-ଫୋନ୍**

## ଟ୍ରେନ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

ବାଲେଶ୍ୱର,୭।୬(ସମିସ): ବାଲେଶ୍ୱର ରେଳଷ୍ଟେସନ୍‌ର ଅନତି ଦୂର ଓଭରବ୍ରିଜ୍ ନିକଟରେ ଶନିବାର ଅପରାହ୍ଣରେ ଏକ ଦୁଃଖଦ ଘଟଣା ଘଟିଛି। କାନରେ ଇଅର୍-ଫୋନ୍ ଦେଇ ରେଳଧାରଣା ପାର୍ ହେଉଥିବା ବେଳେ ଟ୍ରେନ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକଜଣଙ୍କ ହେଲେ, ସହଦେବଖୁଣ୍ଟା ଥାନା ଅଧୀନ ହରିପୁର ବେଗୁନିଆ ଅଞ୍ଚଳର ଦୀପକ ପାଣିଗ୍ରାହୀ। ଜିଆରପି ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନାନୁସାରେ, ଶନିବାର ଅପରାହ୍ଣ ପ୍ରାୟ ୨ଟା ୪୫ରେ ଦୀପକ କାନରେ ଇଅର-ଫୋନ୍ ଦେଇ ଭିଡିଓ କଲରେ କଥା ହୋଇ ମାଲଗୋଦାମ ରାସ୍ତା ଓ ଫାଣ୍ଡି ଛକ ଆଡ଼କୁ ରେଳଧାରଣା ଦେଇ ଆସୁଥିଲେ। ଏହି ସମୟରେ ଷ୍ଟେସନରୁ ବାହାରିଥିବା ସାଲିମାର ହାଇଦ୍ରାବାଦ ଇଷ୍ଟକୋଷ୍ଟ ହର୍ଣ୍ଣ ଦେଇଥିଲେ ହେଁ ଦୀପକଙ୍କୁ ଶୁଭାଯାଇନଥିଲା। ଫଳରେ ଟ୍ରେନ୍‌ଟି ତାଙ୍କ ଡାହାଣପଟ ମୁଣ୍ଡରେ ମାଡ଼ ହୋଇଯାଇଥିଲା। ଏଥିରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା।

## ବଜ୍ରପାତରେ ୩ ମହିଳା ଗୁରୁତର

ବୌଦ୍ଧ, ୭।୬(ସମିସ): ବୌଦ୍ଧ ଜିଲ୍ଲା ବାଉଁଶୁଣୀ ଥାନା ତାଳସରଡ଼ା ପଞ୍ଚାୟତ କଙ୍କଲାରେ ଶନିବାର ବଜ୍ରପାତରେ ୩ ମହିଳା ଗୁରୁତର ହୋଇଛନ୍ତି। ସେମାନେ ହେଲେ, ପିଙ୍କି ମହାକୁଡ଼, ବିଲ ଗୁରୁ ଓ ଲିପ୍‌ସା ବସ୍ତିଆ। ଏମାନେ ନିଜନିଜ ବିଲରେ କାମ କରି ଗାଁ ନିକଟ ମହାନଦୀକୁ ଗାଧୋଇବା ପାଇଁ ଯାଇଥିଲେ। ସେଠାରୁ ଘରକୁ ଫେରୁଥିବା ବେଳେ ବାଟରେ ବଜ୍ରପାତ ହୋଇଥିଲା ଏବଂ ଏଥିରେ ୩ଜଣ ଯାକ ଗୁରୁତର ଆହତ ହୋଇଥିଲେ। ପରିବାରଲୋକ ସେମାନଙ୍କୁ ଉଦ୍ଧାର କରି ବୌଦ୍ଧ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ପିଙ୍କିଙ୍କ ଅବସ୍ଥା ସଂକଟାପନ୍ନ ରହିଥିବା ଡାକ୍ତର ସୂଚନା ଦେଇଛନ୍ତି।

## ଫେରାର୍ ଦୁଷ୍କର୍ମ ଅଭିଯୁକ୍ତ ଗିରଫ

ଯୋଡ଼ା, ୭।୬ (ସମିସ): ଯୋଡ଼ା ପୁଲିସ ଶନିବାର ଜଣେ ଫେରାର୍ ଦୁଷ୍କର୍ମ ଅଭିଯୁକ୍ତକୁ ଗିରଫ କରିଛି। ସେ ହେଲା, ଯୋଡ଼ା ସହିଦନଗର ଅଞ୍ଚଳର ବିଶ୍ୱଜିତ୍ ଶର୍ମା। ବିବାହର ପ୍ରଲୋଭନ ଦେଖାଇ ବିଶ୍ୱଜିତ ଯୋଡ଼ା ସହରର ଜଣେ ଯୁବତୀଙ୍କୁ ଦୁଷ୍କର୍ମ କରି ଆସୁଥିଲା। ଏନେଇ ଅଭିଯୋଗ ହେବା ପରେ ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। କିନ୍ତୁ ବିଶ୍ୱଜିତ୍ ଫେରାର୍ ହୋଇଯାଇଥିଲା। ତେବେ କିଛି ଦିନ ତଳେ ସେ ଘରକୁ ଫେରିଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୁଲିସ୍ ତାକୁ ଗିରଫ କରିଛି।

## ନୂଆଦିଲ୍ଲୀ ବଜାରରେ ରାୟଗଡ଼ା ଆମ୍ବର ଚାହିଦା

**ରପ୍ତାନୀ ହେଲା ୧୫୪୫ କେଜି ଆମ୍ରପାଳି ଓ ମଲିକା**

ରାୟଗଡ଼ା, ୭।୬(ସମିସ): ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆମ୍ବ ଉତ୍ପାଦନ ହେଉଥିଲେ ହେଁ ରାୟଗଡ଼ା ଜିଲ୍ଲା ମାଟିର ସୁଆଦିଆ ଆମ୍ବର ଦେଶବିଦେଶରେ ଏକ ସ୍ୱତନ୍ତ୍ର ଚାହିଦା ରହିଛି। ପୂର୍ବରୁ ଇଟାଲି, ପୋଲାଣ୍ଡକୁ ଏହି ଆମ୍ବ ରପ୍ତାନୀ ହୋଇଥିବା ବେଳେ ଏବେ ଦ୍ୱିତୀୟ ପର୍ଯ୍ୟାୟରେ ଦେଶର ରାଜଧାନୀ ନୂଆଦିଲ୍ଲୀକୁ ୧.୫ମେଟ୍ରିକ ଟନ୍ ଆମ୍ବ ପଠାଯାଇଛି। ଓରମାସ୍ ଓ ରାୟଗଡ଼ା ଜିଲ୍ଲା ପ୍ରଶାସନ ତରଫରୁ ଦ୍ୱିତୀୟ ପର୍ଯ୍ୟାୟରେ ଆଜି ବିଶାଖାପାଟଣମ-ନିଜାମୁଦ୍ଦିନ୍ ଏକ୍ସପ୍ରେସ୍ ଯୋଗେ ଆମ୍ରପାଲି ଓ ମଲିକା କିସମର ସ୍ୱାଦିଷ୍ଟ ଆମ୍ବ ପଠାଯାଇଥିବା ଜଣାଯାଇଛି। ଆମ୍ବଗୁଡ଼ିକ ନୂଆଦିଲ୍ଲୀସ୍ଥିତ ମଦର ଡାଏରୀକୁ ପଠାଯାଇଛି। ସେଠାରେ ଏହି ସଂସ୍ଥା ଆମ୍ବଗୁଡ଼ିକର ପ୍ରକ୍ରିୟାକରଣ କରିବା ପରେ ତାକୁ ନୂଆଦିଲ୍ଲୀ ବଜାରରେ ବିକ୍ରି କରିବ




ବୋଲି ଜଣାଯାଇଛି। ଏହାର ୨ ପ୍ରତିଶତ ଲାଭାଂଶ ଏଫ୍‌ପିଓଙ୍କୁ ଏବଂ ବଳକା ଚାଷୀଙ୍କ ଜମା ଖାତାକୁ ସିଧାସଳଖ ପଠାଯିବ ବୋଲି ଓରମାସ ରାୟଗଡ଼ା କାର୍ଯ୍ୟାଳୟର ବରିଷ୍ଠ ନିର୍ବାହୀ ଆକାଉଣ୍ଟସ୍ ଅଧିକାରୀ ଲକ୍ଷ୍ମଣ ରାଓ ସୂଚନା ଦେଇଛନ୍ତି। ତେବେ ଆଗକୁ ଆଉ ଦୁଇ ତିନି ପର୍ଯ୍ୟାୟରେ ୩ମେଟ୍ରିକ୍ ଟନ୍ ଆମ୍ବ ପଠାଇବା ପାଇଁ ଯୋଜନା ରହିଛି ବୋଲି ଓରମାସର ରାୟଗଡ଼ା ଉପ-ନିର୍ଦ୍ଦେଶକ ମନୋଜ କୁମାର ପାତ୍ର କହିଛନ୍ତି।

ଉଲ୍ଲେଖଯୋଗ୍ୟ, ଜିଲ୍ଲା ପ୍ରଶାସନ ଓ ରାୟଗଡ଼ା ଓରମାସ ପକ୍ଷରୁ ଜିଲ୍ଲାର କାଶୀପୁର, ବିଷମକଟକ, ଗୁଣପୁର, ରାୟଗଡ଼ା, ମୁନିଗୁଡ଼ା ଭଳି ଅନ୍ୟାନ୍ୟ ବ୍ଲକ୍‌ରେ ଥିବା ଆମ୍ବ ଚାଷୀମାନଙ୍କୁ ବିନା ରସାୟନିକ ସାରର ବ୍ୟବହାର ଏବଂ ଜୈବିକ ପଦ୍ଧତିରେ ଆମ୍ବ ପାଚିବା ପ୍ରକ୍ରିୟାକୁ ଅନୁସରଣ କରିବାକୁ ପ୍ରୋତ୍ସାହିତ କରାଯାଉଛି।

**ଟାର୍ଗେଟ୍ ମିଳୁନି...**

## ମଣ୍ଡିରେ ଧାନ ଜଗିଛି ଚାଷୀ

ସମ୍ବଲପୁର, ୭।୬ (ସମିସ): ସମ୍ବଲପୁର ଜିଲ୍ଲାର ଧାନ ମଣ୍ଡି ଗୁଡ଼ିକରେ ଅବ୍ୟବସ୍ଥା ସାମ୍ନାକୁ ଆସିଛି। ଧାନ ବିକ୍ରି କରିନପାରି ଚାଷୀ ହତାଶ। ମଣ୍ଡିରେ ପଡ଼ି ରହିଛି ଶହଶହ ବସ୍ତା ଧାନ। ମିଲର୍ସଙ୍କୁ ଟାର୍ଗେଟ ନଥିବାରୁ ଟୋକନ ଥାଇ ବି ଚାଷୀ ଧାନ ବିକ୍ରି କରିପାରୁ ନଥିବା ବେଳେ ଅଦିନିଆ ବର୍ଷାରେ ଓଦା ଧାନ କିପରି ବିକ୍ରି କରିବ ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି। ସରକାର ଗଠନ କଲେ ଚାଷୀଙ୍କ ସହିତ ରହିବୁ ଓ ସବୁ ସମସ୍ୟାର ସମାଧାନ ହେବ ବୋଲି କହି ଏବେ ବିଜେପି ଚାଷୀଙ୍କ କଥା ଭୁଲି ଯାଇଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଜିଲ୍ଲାର ବିଭିନ୍ନ ମଣ୍ଡିରେ ଦିନରାତି ଧାନ ଜଗୁଛି ଚାଷୀ। ଆସନ୍ତାକାଲି ସୁଦ୍ଧା ଧାନ ସଂଗ୍ରହ ନହେଲେ ଚାଷୀମାନେ ରାସ୍ତାରୋକ୍ ଚେତାବନୀ ଦେଇଛନ୍ତି।

 କିଛି ଦିନ ତଳେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଲଘୁଚାପ ପ୍ରଭାବରେ ବର୍ଷା ହେବାରୁ କେତେକ ସ୍ଥାନରେ ଫସଲ ନଷ୍ଟ ହୋଇଥିବା ବେଳେ ଅନ୍ୟ କେତେକ ସ୍ଥାନରେ ଚାଷୀ ଧାନ ଅମଳ କରି କ୍ଷେତରୁ ମଣ୍ଡିକୁ ଆଣିଲା। ବର୍ଷା ତା'ର ପରିଶ୍ରମର ଫଳକୁ ନଷ୍ଟ କରି ନଦେଉ ବୋଲି ଶୀଘ୍ର ଶୁଖିଲା ଧାନ ବସ୍ତାରେ



ଭରି ମଣ୍ଡିକୁ ନେଇଆସିଲା। କିନ୍ତୁ ଟୋକନ ଥିବା ସତ୍ତ୍ୱେ ଟାର୍ଗେଟ୍ ନଥିବାରୁ ମଣ୍ଡି ଗୁଡ଼ିକରେ ଚାଷୀ ଧାନ ରଖି ଜଗି ରହିଛି। ଏବେ ଧାନ ବିକ୍ରୟକୁ ନେଇ ଚିନ୍ତାରେ ଚାଷୀ।

ଗତ ମେ' ୧୪ ତାରିଖରୁ ସମ୍ବଲପୁର ଜିଲ୍ଲାରେ ରବି ଧାନକ୍ରୟ ଆରମ୍ଭ ହୋଇଛି। ଜିଲ୍ଲାରେ ରବି ଧାନକ୍ରୟ ପାଇଁ ପ୍ରାରମ୍ଭିକ ଭାବେ ୮ ଲକ୍ଷ ୭୩ ହଜାର ୧୭୦ କ୍ୱିଣ୍ଟାଲ ଟାର୍ଗେଟ୍ ଦିଆଯାଇଥିବା ବେଳେ ପରେ ୨ ଲକ୍ଷ ୧୯ ହଜାର କ୍ୱିଣ୍ଟାଲ ଧାନକିଣା ପାଇଁ ଟାର୍ଗେଟ୍ ଆସିଥିଲା। କିନ୍ତୁ ପଞ୍ଜିକୃତ ଚାଷୀଙ୍କ ସଂଖ୍ୟା ଅନୁଯାୟୀ ଏହା ପର୍ଯ୍ୟାପ୍ତ ନୁହେଁ। ଚାଷୀମାନେ ମଣ୍ଡିକୁ ଦୈନିକ ପ୍ରାୟ ୭ରୁ ୧୦ହଜାର ପ୍ୟାକେଟ୍ ଧାନ ନେଉଥିବା ବେଳେ ଟାର୍ଗେଟ୍ ନଥିବାରୁ ମଣ୍ଡିମାନଙ୍କରେ ଅପେକ୍ଷା କରି ରହୁଛନ୍ତି କିମ୍ବା ଫେରାଇ ନେଉଛନ୍ତି। ଆଉ ପ୍ରାୟ ସପ୍ତାହକ ପରେ ରବି ଧାନକିଣା ଅବଧି ଶେଷ ହୋଇଯିବ। ଏବେଠାରୁ ଦଲାଲମାନେ ସକ୍ରିୟ ହୋଇ କମ୍ ଦରରେ ଧାନ କିଣିବାକୁ ମସୁଧା କଲେଣି। ଫଳରେ ଚାଷୀ ଅଭାବୀ ବିକ୍ରିର ଶିକାର ହୋଇ ପରିଶ୍ରମ ଅନୁଯାୟୀ କୌଣସି ଲାଭ ପାଇବ ନାହିଁ। ଏନେଇ ଜିଲ୍ଲା ପ୍ରଶାସନ ସରକାରଙ୍କୁ ଜଣାଇ ଶୀଘ୍ର ପଦକ୍ଷେପ ନେବା ପାଇଁ ଚାଷୀମାନେ ଦାବି କରିଛନ୍ତି।



## ଜୁଆ ଖେଳରୁ ହତ୍ୟା

**ରାଏଡିହି ସଂରକ୍ଷିତ ଜଙ୍ଗଲରୁ ଯୁବକଙ୍କ ମୃତଦେହ ଉଦ୍ଧାର**

ସୁନ୍ଦରଗଡ଼, ୭।୬ (ସମିସ): ଲେଫ୍ରିପଡ଼ା ଥାନା ଅନ୍ତର୍ଗତ ରାଏଡିହି ସଂରକ୍ଷିତ ଜଙ୍ଗଲରୁ ଶନିବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ଜୁଆଖେଳରୁ ଏହି ହତ୍ୟାକାଣ୍ଡ ଘଟିଥିବା କୁହାଯାଉଛି। ମୃତ ଯୁବକଜଣଙ୍କ ହେଲେ, ହେମଗିରି ଥାନା ଅନ୍ତର୍ଗତ ବିହାଜୋର ଗ୍ରାମର ରଙ୍କନିଧି ଓରାମ (୪୩)। ରଙ୍କନିଧିଙ୍କ ମୁଣ୍ଡକୁ ପଥରରେ ଛେଚି ହତ୍ୟା କରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ରଙ୍କନିଧିଙ୍କ ଭଣଜା ନନ୍ଦଲାଲ ଓରାମଙ୍କ ଅଭିଯୋଗକ୍ରମେ, ରାଏଡିହି ସଂରକ୍ଷିତ ଜଙ୍ଗଲରେ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିବା ଶନିବାର ଦେଖିବାକୁ ମିଳିଥିଲା। ସୂଚନା ପାଇ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶାନ୍ତା ନୂତନ ସାମଦ, ସଦର ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ର ଘଟଣାସ୍ଥଳ ପରିଦର୍ଶନ କରିଥିବା ବେଳେ ପୁଲିସ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରୁ ବିଭିନ୍ନ ନମୁନା ସଂଗ୍ରହ କରିଛନ୍ତି। ପୁଲିସ ସନ୍ଧାନୀ କୁକୁର ଘଟଣାସ୍ଥଳରୁ ରାଏଡିହି ଗ୍ରାମକୁ ଯାଇ ଫେରି ଆସିଛି। ଘଟଣାସ୍ଥଳରୁ ମୃତକଙ୍କ ସ୍କୁଟି ଓ ମୋବାଇଲ ସହ ତାସ ମୁଠା, ମଦ ବୋତଲ, ସିଗାରେଟ ଆଦି ଜବତ ହୋଇଛି। ଏହି ଜଙ୍ଗଲରେ ରୀତିମତ ଜୁଆ ଖେଳ ହେଉଥିବା ଓ ଘଟଣାସ୍ଥଳରୁ ତାସ ମୁଠା ଜବତ ହୋଇଥିବାରୁ ଜୁଆ ଖେଳରୁ ହତ୍ୟାକାଣ୍ଡ ସଂଘଠିତ ହୋଇଥିବା ସ୍ପଷ୍ଟ ହୋଇଛି। ଅଭିଯୁକ୍ତଙ୍କୁ ଚିହ୍ନଟ କରିବାକୁ ପୁଲିସ ତନାଘନା ଚଳାଇଛି। ରବିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ଆଇଆଇସି ଅଶୋକ କୁମାର ଦାଶ ସୂଚନା ଦେଇଛନ୍ତି।

**ରାଜ୍ୟ ସରକାରଙ୍କ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ**

## ୨୦ରେ ଆସିବେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୭।୬(ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୁନ୍ ୧୨ ପରିବର୍ତ୍ତେ ୨୦ ତାରିଖରେ ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ଏନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଚଳିତ ମାସ ୧୨ ତାରିଖରେ



ବିଜେପି ସରକାରଙ୍କୁ ପ୍ରଥମ ବର୍ଷ ପୂର୍ତ୍ତି ହେଉଛି। ଏହି ଅବସରରେ ଜୁନ ୧୨ରୁ ୨୦ ତାରିଖ ରାଜ୍ୟବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ରାଜ୍ୟସ୍ତରରୁ ଜିଲ୍ଲା, ବ୍ଲକ ଓ ପଞ୍ଚାୟତ ପୌର ସଂସ୍ଥାଗୁଡ଼ିକରେ ରାଜ୍ୟ ସରକାରଙ୍କ ଗତ ଏକ ବର୍ଷର ଉପଲବ୍ଧିକୁ ନେଇ ବିଶେଷ କାର୍ଯ୍ୟକ୍ରମମାନ ଧାର୍ଯ୍ୟ ହୋଇଛି।

ବିଜେପି ପକ୍ଷରୁ ହେଉଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ବ୍ୟତୀତ ବିଜେପିର ଅନ୍ୟ ଶୀର୍ଷ କେନ୍ଦ୍ରୀୟ ନେତୃତ୍ୱ ମଧ୍ୟ ଓଡ଼ିଶା ଆସିପାରନ୍ତି ବୋଲି ଜଣାପଡ଼ିଛି।

**ବିପଦପୂର୍ଣ୍ଣ ସମୁଦ୍ର ସ୍ନାନ**

## ଗାଧୋଇବା ବେଳେ ଭାସିଗଲେ ୭ ଛାତ୍ର

ପାରାଦୀପ, ୭।୬(ସମିସ): ପାରାଦୀପ ସମୁଦ୍ରରେ ଆଜି ଏକ ଅଘଟଣ ଘଟିଛି। ଲାଇଟ୍‌ହାଉସ୍ ନିକଟ ବେଳାଭୂମିରେ ଗାଧୋଇବା ବେଳେ ୭ ଛାତ୍ର ଭାସି ଯାଇଛନ୍ତି। ସେମାନଙ୍କ ମଧ୍ୟରୁ ୬ଜଣ କୂଳକୁ ଚାଲି ଆସିଥିବା ବେଳେ ଜଣେ ନିଖୋଜ ହୋଇଯାଇଛନ୍ତି। ନିଖୋଜ ଛାତ୍ରଜଣଙ୍କ ହେଲେ, ଏସ୍.କେ. ଅମନ (୨୦)। ତାଙ୍କ ଘର କେନ୍ଦ୍ରାପଡ଼ା ଜିଲ୍ଲାରେ। ମେରାଇନ୍ ପୁଲିସ୍ ଓ ଅଗ୍ନିଶମ ବାହିନୀ ସମୁଦ୍ରରେ ତାଙ୍କୁ ଖୋଜାଖୋଜି କରିଥିଲେ ହେଁ ସଂଧ୍ୟା ପର୍ଯ୍ୟନ୍ତ ତାଙ୍କ ପତ୍ତା ମିଳିପାରିନାହିଁ।

**କୂଳକୁ ଫେରିଲେ ୬, ଜଣେ ନିଖୋଜ**

ସୂଚନାନୁଯାୟୀ, ଇଦ୍ ଅବସରରେ ସମୂହ ନମାଜ ପାଠ କରିବା ପରେ ଅମନ ଓ ତାଙ୍କର ୬ସାଙ୍ଗ ପାରାଦୀପ ବୁଲି ଆସିଥିଲେ। ସେମାନେ ଲାଇଟ୍ ହାଉସ୍ ନିକଟ ବେଳାଭୂମିରେ ଗାଧୋଇବା ବେଳେ ହଠାତ୍ ଏକ ଲହଡ଼ି ସମସ୍ତଙ୍କୁ ସମୁଦ୍ର ଭିତରକୁ ଟାଣି ନେଇଥିଲା। ସୌଭାଗ୍ୟକୁ ୬ଜଣ କୂଳକୁ ଫେରି ଆସିଥିବା ବେଳେ ଅମନଙ୍କର କିନ୍ତୁ ପତ୍ତା ମିଳିନଥିଲା। ଏ ସଂପର୍କରେ ଖବର ପାଇ ମେରାଇନ ପୁଲିସ, ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ।

ଉଲ୍ଲେଖଯୋଗ୍ୟ, ବେଳାଭୂମିରେ ପର୍ଯ୍ୟଟକଙ୍କ ଗାଧୋଇବା ପାଇଁ ସମ୍ପୂର୍ଣ୍ଣ ବାରଣ ରହିଛି। ଏଥିପାଇଁ ମେରାଇନ୍ ପୁଲିସ୍ ମଧ୍ୟ କୂଳରେ ଜଗି ରହୁଛି। କିନ୍ତୁ ଏହାସତ୍ତ୍ୱେ ସେମାନେ କେମିତି ଓ କେଉଁ ପରିସ୍ଥିତିରେ ଗାଧୋଇବା ପାଇଁ ଗଲେ, ସେନେଇ ପ୍ରଶ୍ନ ଉଠିଛି। ପୁଲିସ ସମୁଦ୍ର କୂଳରେ ପଇନ୍ତରା ମାରିବା ସହ ଗାଧୋଇବାକୁ ବାରଣ କରିଥିଲେ ଆଜି ଏଭଳି ଅଘଟଣ ଘଟି ନ ଥା'ନ୍ତା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଜିଲ୍ଲା ପ୍ରଶାସନ ସମୁଦ୍ର କୂଳରେ ସୂଚନା ଫଳକ ଲଗାଇବାକୁ ଦାବି ହେଉଛି।

## ପୁଲିସକୁ ସତର୍କ କଲା ଗୁଇନ୍ଦା ବିଭାଗ

# ମଜଭୁତ ସଂଗଠନ ରଣନୀତିରେ ଲାଲ୍‌ବାହିନୀ

ଭୁବନେଶ୍ୱର,୭।୬(ସମିସ): ଛତିଶଗଡ଼ରେ ଘନଘନ ମାଓ ଏନ୍‌କାଉଣ୍ଟ ପରେ ଦୁର୍ବଳ ହୋଇପଡିଛି ମାଓବାଦୀ ସଂଗଠନ। ତେଣୁ ସେମାନେ ଓଡ଼ିଶାରେ ନିଜର ସ୍ଥିତି ମଜଭୁତ କରିବା ପାଇଁ ନୂଆ ରଣନିତୀ ପ୍ରସ୍ତୁତ କରୁଥିବା ଓଡ଼ିଶା ପୁଲିସକୁ ଗୁଇନ୍ଦା ବିଭାଗ ସତର୍କ କରାଇଥିବା ସୂଚନା ମିଳିଛି। ଏପରିକି ମାଓବାଦୀମାନେ ଓଡ଼ିଶାରେ ବଡ଼ଧରଣର ଅଘଟଣ ଘଟାଇବା ଲକ୍ଷ୍ୟରେ ସରଣ୍ଡା ଜଙ୍ଗଲରେ ବିସ୍ଫୋରକ ଲୁଟ୍ କରିଥିଲେ। ପୁଲିସ କିଛି ପରିମାଣର ବିସ୍ଫୋରଣକୁ ଜବତ କରିଥିଲେ ମଧ୍ୟ ଆହୁରି କିଛି ସେମାନଙ୍କ କବ୍‌ଜାରେ ରହିଛି। ତେଣୁ ଏହି ବିସ୍ଫୋରକ ସାମଗ୍ରୀକୁ ବ୍ୟବହାର କରି ସେମାନେ କିଛି ଅଘଟଣ ଘଟାଇ ପାରନ୍ତି ବୋଲି ଗୁଇନ୍ଦା ବିଭାଗ ଆଶଙ୍କା ପ୍ରକାଶ କରିଛି।

ଗୁଇନ୍ଦା ବିଭାଗ ସୂଚନା ଦେଇଛି ଯେ ଓଡ଼ିଶାରେ ଟପ୍ ମାଓ କ୍ୟାଡର୍ ପଦ ଫାଙ୍କା ପଡ଼ିଥିବାରୁ ଆନ୍ଧ୍ରପ୍ରଦେଶ ଏବଂ ଛତିଶଗଡ଼ୀ ମାଓବାଦୀ ଓଡ଼ିଶାର ମଙ୍ଗ ସମ୍ଭାଳିବେ। ତେଣୁ ଛତିଶଗଡ଼ ଏବଂ ଆନ୍ଧ୍ରପ୍ରଦେଶ ସୀମାବର୍ତ୍ତୀ ଅଞ୍ଚଳରେ ଆର୍ଲଟ ରହିବା ସହ ଡ୍ରୋନ୍

- **ସମ୍ବଲପୁର ଜିଲ୍ଲାରେ ପୁଣି ସକ୍ରିୟ ହେଲେଣି ମାଓବାଦୀ**
- **ସୀମାନ୍ତରେ ଅପରେସନ୍ ଜୋର୍‌ଦାର୍ କରିବାକୁ ପରାମର୍ଶ**

ମାଧ୍ୟମରେ ନଜର ରଖିବାକୁ କୁହାଯାଇଛି। ଆହୁରି ମଧ୍ୟ କୁଆଯାଇଛି ଯେ ଆଗକୁ ମାଓବାଦୀ ସଦସ୍ୟ ସଂଗ୍ରହ ରତ୍ତୁ ଆସୁଛି। ତେଣୁ ଆଦିବାସୀ ଅଧ୍ୟୁସିତ ଗ୍ରାମକୁ ଯାଇ ଲୋକଙ୍କୁ ଚାକିରି ଆଳରେ ମିଛ କଥା କହି ସଂଗଠନରେ ସାମିଲ କରିବେ। ତେଣୁ ଗ୍ରାମବାସୀଙ୍କୁ ସଚେତନ କରିବା ପାଇଁ ମଧ୍ୟ କୁହାଯାଇଛି।

ଏଥିସହ ସମ୍ବଲପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ମାଓ ଗତିବିଧି ବଢ଼ିଥିବା ସନ୍ଦେହ କରାଯାଉଛି। ସୋନପୁର, ବୌଦ୍ଧ, ରେଢ଼ାଖୋଲର ବିଭିନ୍ନ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ମାଓବାଦୀ ସକ୍ରିୟ ଥିବା ଗୁଇନ୍ଦା ସୂଚନା ମିଳିଛି। ପୂର୍ବରୁ ସମ୍ବଲପୁରରେ ମାଓବାଦୀଙ୍କ ଗତିବିଧି ଥିବା ବେଳେ ଦୀର୍ଘ ବର୍ଷ ହେବ ମାଓବାଦୀଙ୍କୁ ଦେଖିବାକୁ ମିଳି ନ ଥିଲା। ଏବେ ଛତିଶଗଡ଼ରେ ଲଗାତର ମାଓ ଏନ୍‌କାଉଣ୍ଟରରେ ଅନେକ ମାଓବାଦୀ ନିହତ ହୋଇଛନ୍ତି। ଛତିଶଗଡ଼ରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ସର୍ଚ୍ଚ ଅପରେସନ୍‌କୁ ଜୋରଦାର କରାଯାଇଥିବାରୁ ମାଓବାଦୀମାନେ ସମ୍ବଲପୁର ଆଡ଼କୁ ଅଗ୍ରସର ହେଉଥିବା ଗୁଇନ୍ଦା ସୂଚନା ପାଇ ଏଥିପ୍ରତି ବିଶେଷ ସତର୍କତା ଅବଲମ୍ବନ କରିବାକୁ ଓଡ଼ିଶା ପୁଲିସକୁ କହିଛି।

## ଚାରମାଳ ଜଙ୍ଗଲରେ କମ୍ବିଂ

ସମ୍ବଲପୁର, ୭।୬ (ସମିସ): ସମ୍ବଲପୁର ଜିଲ୍ଲା ଚାରମାଳ ଓ ନାକଟିଦେଉଳ ଅଞ୍ଚଳ ଜଙ୍ଗଲରେ ଏସ୍‌ଓଜି ପକ୍ଷରୁ କମ୍ବିଂ ଅପରେସନ୍ ଚାଲିଥିବା ସୂଚନା ମିଳିଛି। ଛତିଶଗଡ଼ରେ ନିୟମିତ ଅପରେସନ୍ ଓ ଏନ୍‌କାଉଣ୍ଟର୍ ଯୋଗୁଁ ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ଏଠାକୁ ଚାଲି ଆସିଥିବା ଅନୁମାନ କରାଯାଉଛି। ତେବେ, ଗୋପନୀୟତା ଦୃଷ୍ଟିରୁ ଏ ସଂପର୍କରେ ପୁଲିସ୍ ଅଧିକ କିଛି ତଥ୍ୟ ଦେବାକୁ ମନା କରିଦେଇଛି।

୨୦୦୧ ମସିହାରେ ମାଓବାଦୀମାନେ ସମ୍ବଲପୁର ଜିଲ୍ଲାକୁ ପଶି ଆସିଥିଲେ। ମେଘପାଳ, ଟାମ୍ପରସିଂହା ଆଦି ଅଞ୍ଚଳରେ ସେମାନଙ୍କ ଗତିବିଧି ଧୀରେଧୀରେ ବୃଦ୍ଧି ପାଇଥିଲା। ପରେ ୨୦୦୩ ମସିହାରେ ମାଓବାଦୀମାନେ ଟାମ୍ପରଗଡ଼ର ପୂର୍ବତନ ସରପଞ୍ଚ କାଦର ସିଂଙ୍କୁ ହତ୍ୟା କରି ଆତଙ୍କ ସୃଷ୍ଟି କରିଥିଲେ। ସେତେବେଳେ ଏହି ଅଞ୍ଚଳକୁ ସମ୍ବଲପୁର-ଦେବଗଡ଼-ସୁନ୍ଦରଗଡ଼ ମାଓ କରିଡର୍ ବୋଲି କୁହାଯାଉଥିଲା। ତେବେ, ଗତ କିଛି ବର୍ଷ ହେବ ସମ୍ବଲପୁରରେ ମାଓ ଗତିବିଧି ଓ କାର୍ଯ୍ୟକଳାପ ପ୍ରାୟତଃ ବନ୍ଦ ହୋଇଯାଇଛି। ସମ୍ପ୍ରତି ଛତିଶଗଡ଼ରୁ ଛତ୍ରଭଙ୍ଗ ଦେଇ ମାଓବାଦୀମାନେ ସମ୍ବଲପୁରକୁ ଆସିଥାଇପାରନ୍ତି ବୋଲି ଅନୁମାନ କରାଯାଉଛି।

# ଅନ୍ତ୍ୟୋଦୟ ଗୃହ ଯୋଜନାରେ ଅନିୟମିତତା

## ବିଡିଓଙ୍କୁ ଘେରିଲେ ସରପଞ୍ଚ

ଛେଣ୍ଡିପଦା, ୭ ।୬(ସମିସ)



ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକରେ ଚଳିତ ବର୍ଷ ଅନ୍ତ୍ୟୋଦୟ ଯୋଜନାରେ ପ୍ରକୃତ ହିତାଧିକାରୀ ଚୟନରେ ଅନିୟମିତତା ହୋଇଥିବା ଅଭିଯୋଗ କରି ବିଡିଓଙ୍କୁ ଘେରିଛନ୍ତି ବିଭିନ୍ନ ପଞ୍ଚାୟତର ସରପଞ୍ଚ। ବ୍ଲକର ବିଭିନ୍ନ ପଞ୍ଚାୟତରେ ସରପଞ୍ଚଙ୍କୁ ଅଣଦେଖା କରାଯିବା ସହ ସରକାରୀ ନିର୍ଦ୍ଦେଶନାମାରୁ ଊର୍ଦ୍ଧ୍ୱକୁ ଯାଇ ଅନ୍ତ୍ୟୋଦୟ ଗୃହ ପ୍ରଦାନ କରାଯାଉଛି। ଏ ନେଇ ସରପଞ୍ଚମାନେ ଅସନ୍ତୋଷ ପ୍ରକାଶ କରିବା ସହ ବ୍ଲକ ଅଧ୍ୟକ୍ଷାଙ୍କ ନେତୃତ୍ୱରେ ସରପଞ୍ଚ ଅମରେଶ ନାଥ, ପ୍ରିୟଙ୍କା ସାହୁ, ଜନ୍ମେଜୟ ମାଝୀ, ରାମଚନ୍ଦ୍ର ବେହେରା, ବାବୁଲା ପ୍ରଧାନଙ୍କ ସମେତ ବହୁ ସରପଞ୍ଚ ବିଡିଓଙ୍କୁ ଘେରିବା ସହ ଏହାର ବିଧିବଦ୍ଧ ତଦନ୍ତ କରି ଉପଯୁକ୍ତ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ଗୃହ ପ୍ରଦାନ କରିବାକୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ଦିଗରେ ପ୍ରଶାସନ ୫ ଦିନ ଭିତରେ ତଦନ୍ତ କରି ହିତାଧିକାରୀ ଚୟନ କରିଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ କଲେ ସରପଞ୍ଚମାନେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

● ତାଳଚେରରୁ ଚାଇଁପାଳ ଗ୍ରୀଡ୍ ତଥା ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଅନ୍ୟତ୍ର ଉଠିଯିବା ପ୍ରସଙ୍ଗ

# ପ୍ରାକ୍ତନ ସାଂସଦଙ୍କ ଆନ୍ଦୋଳନ ଚେତାବନୀ

ଅନୁଗୋଳ, ୭ ।୬(ସମିସ): ତାଳଚେରରୁ ଗୋଟିଏ ପରେ ଗୋଟିଏ କାର୍ଯ୍ୟାଳୟ ଅନ୍ୟତ୍ର ଚାଲିଯିବାକୁ ନେଇ ତାଳଚେରବାସୀଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଦେଇଛି। ତାଳଚେର ଶିଳ୍ପାଞ୍ଚଳରେ ବିଭିନ୍ନ କାର୍ଯ୍ୟାଳୟ ପ୍ରତିଷ୍ଠା ପାଇଁ ବିଭିନ୍ନ ରାଜନୈତିକ ଦଳ ଓ ଅନୁଷ୍ଠାନଗୁଡ଼ିକ ପକ୍ଷରୁ ଆନ୍ଦୋଳନ କରାଯାଉଥିବା ବେଳେ କିଛି ନୂତନ କାର୍ଯ୍ୟାଳୟ ଆସିବା ପରିବର୍ତ୍ତେ ଏଠାରେ କେଉଁ କାଳରୁ ସ୍ଥାପିତ କାର୍ଯ୍ୟାଳୟଗୁଡ଼ିକ ଗୋଟିଏ ପରେ ଗୋଟିଏ ଅନ୍ୟତ୍ର ଉଠିଯିବାରେ ଲାଗିଛି। ଏ ନେଇ ପ୍ରାକ୍ତନ ଢେଙ୍କାନାଳ ସାଂସଦ ମହେଶ ସାହୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହ ବିଭିନ୍ନ କାର୍ଯ୍ୟାଳୟ ଏଠାରୁ ଚାଲିଯିବାକୁ ନାପସନ୍ଦ କରିଛନ୍ତି। ତାଳଚେର ଚାଇଁପାଳଠାରେ ଅବସ୍ଥାପିତ ବିଦ୍ୟୁତ ବିଭାଗର ଗ୍ରୀଡ୍ କାର୍ଯ୍ୟାଳୟକୁ ଅନୁଗୋଳକୁ ଉଠାଇ ନିଆଯାଇଛି। ଫଳରେ ଏଠାରେ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଆଉ କାର୍ଯ୍ୟକାରୀ ହେଉନାହିଁ। କେବଳ ଏସଡିଓ ଓ ଜେଇମାନେ ଚାଇଁପାଳସ୍ଥିତ କାର୍ଯ୍ୟାଳୟକୁ ନିୟନ୍ତ୍ରଣ କରିବେ। ଏଠାରେ ସୂଚନାଯୋଗ୍ୟ ଯେ ତାଳଚେରରୁ ସେଲ୍ଫ ଟାକ୍ସ କାର୍ଯ୍ୟାଳୟ, ଲ୍ୟାଣ୍ଡ ଆକ୍ୱିଜିସନ୍ କାର୍ଯ୍ୟାଳୟ, ଅତିରିକ୍ତ ଏସପି କାର୍ଯ୍ୟାଳୟ, ଆଂଶିକ ଭାବେ ଡିଆଇଜି କାର୍ଯ୍ୟାଳୟ ଭଳି ଗୁରୁତ୍ୱପୂର୍ଣ୍ଣ ଅଫିସ ପୂର୍ବରୁ ଉଠିଯାଇ ସାରିଛି। ଏବେ ଦୁଇ ସପ୍ତାହ ତଳେ ବିଦ୍ୟୁତ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ମଧ୍ୟ ଅନୁଗୋଳକୁ ଉଠିଯିବା ଜଣାପଡ଼ିବା ପରେ ତାଳଚେରରେ ଜନଅସନ୍ତୋଷ ବୃଦ୍ଧି ପାଇଛି। ଏହାକୁ ଦୃଷ୍ଟିରେ ରଖି ପ୍ରାକ୍ତନ ଢେଙ୍କାନାଳ ସାଂସଦ ସାହୁ ଏହାକୁ ବିରୋଧ କରିବା ସହ ଶୀଘ୍ର ନିଷ୍ପତ୍ତି ପରିବର୍ତ୍ତନ କରି ଉକ୍ତ କାର୍ଯ୍ୟାଳୟକୁ ପୁରୁଣା ସ୍ଥାନରେ ରହୁ ନଚେତ୍ ତାଳଚେରରେ ବିଦ୍ୟୁତ୍ ବିଭାଗର ଥିବା ଯେକୌଣସି ଅନ୍ୟ ଏକ ସ୍ଥାନରେ ଚାଲୁ କରାଯାଉ ବୋଲି ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ତାଳଚେରବାସୀଙ୍କ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ସାହୁ ଚେତାବନୀ ଦେଇଛନ୍ତି।

## ବିକଶିତ କୃଷି ସଂକଳ୍ପ ଅଭିଯାନ କର୍ମଶାଳା

ପାଲଲହଡ଼ା, ୭ ।୬(ସମିସ): ପାଲଲହଡ଼ା ଉପଖଣ୍ଡ ପେଚାମୁଣ୍ଡି ପଞ୍ଚାୟତରେ ଶୁକ୍ରବାର ରାଜ୍ୟ ସରକାରଙ୍କ ଦ୍ୱାରା ବିକଶିତ କୃଷି ସଂକଳ୍ପ ଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଇଛି।



ପଞ୍ଚାୟତର ଚାଷୀଙ୍କୁ ନେଇ କର୍ମଶାଳା ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ତାଳଚେର କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ତୀର୍ଯ୍ୟକ କୁମାର ସାମନ୍ତ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ରମେଶ ପ୍ରଧାନ, ବ୍ଲକ କୃଷି ଅଧିକାରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ, ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ପ୍ରଭାତୀ ବେହେରା ଦେଇ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନାର ସଫଳ ରୂପାୟନ କରି ଚାଷୀମାନେ କେମିତି ନିଜ ଉନ୍ନତି କରିପାରିବେ ସେ ଦିଗରେ ମତ ପ୍ରଦାନ କରିଥିଲେ।

## ୭୦ ବନ କର୍ମଚାରୀଙ୍କୁ ବନ୍ଧୁକ ଚାଳନା ତାଲିମ

ଅନୁଗୋଳ, ୭ ।୬(ସମିସ): ଅନୁଗୋଳ ପୁଲିସ ଟ୍ରେନିଂ କଲେଜ୍ ପରିସରରେ ୭୦ ଜଣ ବନ କର୍ମଚାରୀଙ୍କୁ ବନ୍ଧୁକ ଚାଳନା ତାଲିମ ଦିଆଯାଇଛି। ବନ୍ଧୁକକୁ କେଉଁ ପରିସ୍ଥିତିରେ ଓ କିଭଳି ଚଳାଇବେ ଏବଂ ଏହାର ସୁରକ୍ଷା ନେଇ ପୁଲିସ ପକ୍ଷରୁ ତାଲିମ ଦିଆଯାଇଥିଲା। ପ୍ରଶିକ୍ଷଣ ଶିବିରରେ ଡେପୁଟି ରେଞ୍ଜର, ଫରେଷ୍ଟର ଏବଂ ଫରେଷ୍ଟ ଗାର୍ଡ ଯୋଗଦେଇଥିଲେ। ଜୁନ ୨ରୁ ୭ ତାରିଖ ଯାଏ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଚାଲିଥିଲା। ଜଙ୍ଗଲରେ ଶିକାରୀଙ୍କୁ ମୁକାବିଲା କରିବା, ଜଙ୍ଗଲ ସୁରକ୍ଷା ତଥା ଆତ୍ମରକ୍ଷା ପାଇଁ କିଭଳି ବନ୍ଧୁକ ଚଳାଇବାକୁ ହୁଏ ତାହା ପ୍ରଶିକ୍ଷକମାନେ ଶିଖାଇଥିଲେ। କଲେଜ ପରିସରରେ ମୌଖିକ ତାଲିମ ପରେ ଶାବଳଭଙ୍ଗା ଫାୟାରିଂ ରେଞ୍ଜରେ ଅସଲ ବନ୍ଧୁକ ଚାଳନା ପ୍ରଶିକ୍ଷଣ ଦିଆଯାଇଥିଲା। ସୂଚନାଯୋଗ୍ୟ, କିଛିଦିନ ତଳେ



ହିନ୍ଦୋଳ ରେଞ୍ଜରେ ଜନ୍ତୁ ଶିକାରୀଙ୍କ ସହ ବନ କର୍ମଚାରୀଙ୍କ ମୁହାଁମୁହିଁ ବେଳେ ଶିକାରୀଙ୍କ ଗୁଳିରେ ଜଣେ ଫରେଷ୍ଟ ଗାର୍ଡଙ୍କ ମୃତ୍ୟୁକୁ ନେଇ ରାଜ୍ୟରେ ଆଲୋଡ଼ନ ସୃଷ୍ଟି ହୋଇଥିଲା। ଏହି ଘଟଣା ପରେ ବନ କର୍ମଚାରୀଙ୍କୁ ବନ୍ଧୁକ ଯୋଗାଇଦେବା ପାଇଁ ଦାବି ହୋଇଥିଲା।

## ବାଇକ ଓ ଟ୍ରକ ଜବତ; ୨ ଗିରଫ

ବଇଣ୍ଡା, ୭ ।୬(ସମିସ): ହଣ୍ଡପା ଓ ଠାକୁରଗଡ଼ ଥାନା ପୁଲିସ ଶୁକ୍ରବାର ରାତିରେ ବିଭିନ୍ନ ସ୍ଥାନରେ ଗାଡ଼ିମଟର ଯାଞ୍ଚ କରିଛି। ହଣ୍ଡପା ପୁଲିସ ହଣ୍ଡପା ଅଞ୍ଚଳରେ ଗାଡ଼ି ଯାଞ୍ଚ କରୁଥିବା ସମୟରେ ମଦ୍ୟପାନ କରି ବାଇକ ଚଳାଉଥିବା ଅଭିଯୋଗରେ ଖୋଲା ରିଗେଡ଼ା ଗ୍ରାମର ସଭିଦ୍ର ପ୍ରଧାନଙ୍କୁ ଗିରଫ କରିଛି। ଏଥିସହ ତାଙ୍କ ବାଇକ ଜବତ କରିଛି। ସେହିପରି ଠାକୁରଗଡ଼ ପୁଲିସ ଗାଡ଼ି ଯାଞ୍ଚ ସମୟରେ ମଦ୍ୟପାନ କରି ଟ୍ରକ ଚଳାଉଥିବା ଅଭିଯୋଗରେ ପୁରୀ ଜିଲ୍ଲା ଗୋପ ଥାନା ବେଦପୁରର ତୋଫାନ ମଲ୍ଲିକଙ୍କୁ ଗିରଫ କରିଛି। ଏଥିସହ ସେ ଚଳାଉଥିବା ଟ୍ରକ ଜବତ କରିଛି। ଏ ନେଇ ଉଭୟ ଥାନାରେ ମାମଲା ରୁଜୁ କରାଯାଇଛି।

## ମହିଳାଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା, ୭ ।୬(ସମିସ): କିଶୋରନଗର ଥାନା ବାମୁର ଅଞ୍ଚଳର ମିତା ଦେହୁରୀଙ୍କୁ ସେହି ଗ୍ରାମର ସସ୍ମିତା ଦେହୁରୀ ମାଡ଼ ମାରିବା ସହ ଗାଳିଗୁଲଜ କରିଥିବା ଶୁକ୍ରବାର ମିତା କିଶୋରନଗର ଥାନାରେ ଅଭିଯୋଗ କରିଛନ୍ତି। ମିତା ଗ୍ରାମରେ ତାଙ୍କର ଜଣେ ସମ୍ପର୍କୀୟଙ୍କ ପିଲାକୁ ଧରି ବୁଲୁଥିବା ବେଳେ ସସ୍ମିତା କୌଣସି କାରଣ ନ ଥାଇ ତାଙ୍କୁ ଅଟକାଇ ଗାଳିଗୁଲଜ କରିବା ସହ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି। ପୁଲିସ ଏ ନେଇ ମାମଲା ରୁଜୁକରି ତଦନ୍ତ ଚଳାଇଛି।

● କଟକ-ସମ୍ବଲପୁର ୫୫ନଂ ଜାତୀୟ ରାଜପଥ

## ଅସରାଏ ବର୍ଷାରେ ଜଳାର୍ଣ୍ଣବ

ଅନୁଗୋଳ, ୭ ।୬(ସମିସ): ଅନୁଗୋଳ ଦେଇ ଯାଇଥିବା ବହୁଚର୍ଚ୍ଚିତ କଟକ-ସମ୍ବଲପୁର ୫୫ନଂ ଜାତୀୟ ରାଜପଥ ଦୀର୍ଘ ବର୍ଷର ଅପେକ୍ଷା ପରେ ଏବେ ଯାତାୟାତ ପାଇଁ ବ୍ୟବହାର ଯୋଗ୍ୟ ହୋଇଛି। ହେଲେ ସାମାନ୍ୟ ବର୍ଷାରେ ଅନୁଗୋଳ ଜିଲ୍ଲା ସଦର ମହକୁମାଠାରୁ ଅଳ୍ପ ଦୂରରେ ଅବସ୍ଥିତ ରନ୍ତଲେଇ ଗ୍ରାମ ନିକଟରେ ରାଜପଥର ଉଭୟ ପାର୍ଶ୍ୱରେ ଅଣ୍ଟୁଏରୁ ଊର୍ଦ୍ଧ୍ୱ ପାଣି ଜମୁଛି। ଫଳରେ ରାସ୍ତାରେ ଯିବାଆସିବା କରୁଥିବା ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ସେହି ସ୍ଥାନରୁ ବର୍ଷାଜଳ ନିଷ୍କାସନ ହେଇପାରୁ ନ ଥିବାରୁ ଏଭଳି ଅବସ୍ଥା ଉପୁଜିଛି। ଯାହାକି ରାଜପଥ ବିଭାଗର କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।



## ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ

କଣିହାଁ, ୭ ।୬(ସମିସ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ସମଲ ପଞ୍ଚାୟତରେ ବିକଶିତ କୃଷି ସଂକଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ର ଏବଂ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ମିଳିତ ଉଦ୍ୟମରେ ବ୍ଲକ କୃଷି ଅଧିକାରୀ ଅନ୍ନପୂର୍ଣ୍ଣା ବେହେରାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହେଇଥିଲା। ମୁଖ୍ୟଅତିଥି ଭାବେ କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ଜିତେନ୍ଦ୍ର କୁମାର ବେହେରା, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ତୀର୍ଯ୍ୟକ କୁମାର ସାମନ୍ତ, ଭୁବନେଶ୍ୱରର ଚେସ୍‌ର ବୈଜ୍ଞାନିକ ଡ. ଏଭିଭି କୌଣ୍ଡିଲ୍ୟ, ସହକାରୀ କୃଷି ଅଧିକାରୀ ଅବିନାଶ ନାହାକ ପ୍ରମୁଖ ଯୋଗଦେଇଥିଲେ। ମୃତ୍ତିକା ସଂରକ୍ଷଣ ଏବଂ ଉଦ୍ୟାନ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବୈଜ୍ଞାନିକମାନେ ଶସ୍ୟ, ଫଳ, ତୈଳବୀଜ, ଡାଲି ଏବଂ ପନିପରିବା ଜାତୀୟ ଫସଲର ଆଧୁନିକ ଚାଷ ପଦ୍ଧତି ଏବଂ ପ୍ରକ୍ରିୟା ଉପରେ ଆଲୋକପାତ କରିଥିଲେ। ବିଭିନ୍ନ ବିଭାଗ ଅଧିକାରୀ ସରକାରଙ୍କ ଯୋଜନା ବିଷୟରେ ବର୍ଣ୍ଣନା କରିଥିଲେ। ଲକ୍ଷ୍ମୀ ଖାଲଖୋ ଓ ମାନଗୋବିନ୍ଦ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବ୍ଲକ କୃଷି ଅଧିଦର୍ଶକ ସୁନୀଲ କୁମାର ଶତପଥୀ ଚାଷୀମାନଙ୍କୁ ସରକାରୀ ଯୋଜନାର ସୁଯୋଗ ନେଇ ସଶକ୍ତ ହେବାକୁ ଆହ୍ୱାନ ଦେଇଥିଲେ।




## ସ୍କୁଲକୁ ପୁରାତନ ଛାତ୍ର ଦେଲେ ଲକ୍ଷେ ଟଙ୍କା

● ପ୍ରତିବର୍ଷ ମେଧାବୀଙ୍କୁ ଦିଆଯିବ ଛାତ୍ରବୃତ୍ତି

କିଶୋରନଗର, ୭ ।୬(ସମିସ): କିଶୋରନଗର ବ୍ଲକ ଦୋହଲିସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପଞ୍ଚସଖା ଶିକ୍ଷାସେତୁ ତଥା ମୋ ସ୍କୁଲ ଅଭିଯାନ ପାଇଁ ପୁରାତନ ଛାତ୍ର ଝାମ୍ପୁଲି ଗ୍ରାମର ସ୍ୱର୍ଗତ ଭୀମସେନ ବିଶ୍ୱାଳଙ୍କ ପୁଅ ବ୍ରଜବନ୍ଧୁ ବିଶ୍ୱାଳ ଏକଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଏହି ଟଙ୍କାର ସୁଧରେ ପ୍ରତ୍ୟେକ ବର୍ଷ ବ୍ରଜବନ୍ଧୁଙ୍କ ସ୍ୱର୍ଗତ ବାପାଙ୍କ ସ୍ମୃତିରେ ବିଦ୍ୟାଳୟର ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କୁ ମେଧାବୃତ୍ତି ପ୍ରଦାନ କରାଯିବ। ଏହି ମହତ କାର୍ଯ୍ୟ ପାଇଁ ବିଦ୍ୟାଳୟ କମିଟି, ମୋ ସ୍କୁଲ ଅଭିଯାନ ସଭାପତି ଏବଂ ଗ୍ରାମବାସୀ ବ୍ରଜବନ୍ଧୁଙ୍କୁ ପ୍ରଶଂସା କରିଛନ୍ତି।

## ଶ୍ରୀରାମପୁର ଗାଁରେ ପତରିଆ ଟିଙ୍କ ଆତଙ୍କ

● ପ୍ରତିକାର ପାଇଁ ଗ୍ରାମବାସୀଙ୍କ ଦାବି



ପାଲଲହଡ଼ା, ୭ ।୬(ସମିସ): ପାଲଲହଡ଼ା ଉପଖଣ୍ଡ ବଡିସୁଆଁ ପଞ୍ଚାୟତ ଶ୍ରୀରାମପୁର ଗାଁରେ ପତରିଆ ଟିଙ୍କ ଆକ୍ରମଣ ଯୋଗୁଁ ଆତଙ୍କ ଖେଳିଯାଇଛି। ସନ୍ଧ୍ୟା ହେଲେ ଏହି ଟିଙ୍କଙ୍କ ଆବିର୍ଭାବ ହେଉଛି। ଘରଦ୍ୱାର, କାନ୍ଥବାଡ଼ ସବୁଆଡ଼େ ଛାଇଯାଉଛନ୍ତି। ଛୁଆଙ୍କଠୁ ଆରମ୍ଭ କରି ବୟସ୍କଙ୍କଠାରୁ ରକ୍ତ ଶୋଷି ନେଉଥିବା ଅଭିଯୋଗ ହେଉଛି। ଦିନରେ ପ୍ରବଳ ଗୁଳୁଗୁଳି ସାଙ୍ଗକୁ ରାତିରେ ପତରିଆ ଟିଙ୍କ ଆତଙ୍କ ଲୋକଙ୍କ ଜୀବନକୁ ଦୁର୍ବିସହ କରିପକାଇଛି। ଦିନକୁ ଦିନ ପତରିଆ ଟିଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏମାନଙ୍କ ଦାଉରୁ ରକ୍ଷା ପାଇଁ ପ୍ରତିକାର ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ମାତୃବିୟୋଗ



ତାଳଚେରସଦର, ୭ ।୬(ସମିସ): ପୂର୍ବତନ ତାଳଚେର ବ୍ଲକ ଅଧ୍ୟକ୍ଷ ମାନସ ଆଚାର୍ଯ୍ୟଙ୍କ ମାଆ ନିରୁପମା ଆଚାର୍ଯ୍ୟଙ୍କ ୮୦ ବର୍ଷ ବୟସରେ କଣ୍ଡାଳ ପଞ୍ଚାୟତ ତାଳବେଡ଼ାସ୍ଥିତ ତାଙ୍କ ବାସଭବନରେ ପରଲୋକ ହୋଇଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ କିଛିଦିନ ହେବ ଶଯ୍ୟାଶାୟୀ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ବଡ଼ପୁଅ ମାନସ, ସାନପୁଅ ଆଇନଜୀବୀ ଦୀପ୍ତୀଶ, ଝିଅ ରେଣୁବାଳା, ବୋହୂ, ନାତି, ନାତୁଣୀ ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ଦେହାନ୍ତ ଖବର ପାଇ ପ୍ରାକ୍ତନ ଢେଙ୍କାନାଳ ସାଂସଦ ମହେଶ ସାହୁ, ବିଧାୟକ ବ୍ରଜକିଶୋର ପ୍ରଧାନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଆଇନଜୀବୀ, ଟ୍ରକ ଆସୋସିଏସନ କର୍ମକର୍ତ୍ତା, ଅଲ୍ ଓଡ଼ିଶା ହ୍ୟୁମାନ୍ ରାଇଟ୍ସ ସଭାପତି ଡ. ଦେବେନ୍ଦ୍ର ସିଂହ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପୂର୍ବତନ ପାଲଲହଡ଼ା ବିଧାୟକ ବିବୁଧେନ୍ଦୁ ପ୍ରତାପ ଦାସ ଫୋନ୍ ଯୋଗେ ପରିବାକୁ ସମବେଦନା ଜଣାଇଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ କରାଯାଇଛି।

## ମାଗଣା ସ୍ୱାସ୍ଥ୍ୟ ଶିବିର

ଖମାର, ୭ ।୬(ସମିସ): ପାଲଲହଡ଼ା ବ୍ଲକ ଖମାର ସୁଲିଆ ବଜାର ୱେଲଫେୟାର ଆସୋସିଏସନ ଏବଂ ତାଳଚେରସ୍ଥିତ ଜେବିଆର ମେଡିକାଲ ମିଳିତ ସହଯୋଗରେ ଖମାର ଉତ୍କଳମଣି ଗୋପବନ୍ଧୁ ହାଇସ୍କୁଲରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଖମାର ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରଦୀପ କୁମାର ପ୍ରଧାନ, ସୁଲିଆ ବଜାର ୱେଲଫେୟାର ଆସୋସିଏସନର ଉପଦେଷ୍ଟା କମିଟି ସଭାପତି ଭଗବାନ ଥମ୍ବ, ସମ୍ପାଦକ ଫଣିଭୂଷଣ ବିଶ୍ୱାଳ, ସଭାପତି ଇନ୍ଦ୍ରମଣି ସାହୁ ଶିବିରକୁ ଉଦଘାଟନ କରିଥିଲେ। ଜେବିଆର ମେଡିକାଲର ଭେଷଜ ବିଶେଷଜ୍ଞ ଡା. ଶକ୍ତିବ୍ରତ ଚୌଧୁରୀ, ସ୍ତ୍ରୀ ରୋଗ ବିଶେଷଜ୍ଞ ବ୍ରହ୍ମାନନ୍ଦ ଦାସ, ଅସ୍ଥିଶଲ୍ୟ ବିଭାଗ ଡାକ୍ତର କୌନ୍ତେୟ କୁମାର ଦାସ, ଫାର୍ମାସିଷ୍ଟ ଶିବାନନ୍ଦ ପ୍ରଧାନ ଏବଂ ରାଜାରାମ ପ୍ରଧାନ ରୋଗୀମାନଙ୍କ ଚିକିତ୍ସା କରିଥିଲେ। ଖମାର ଓ ଆଖପାଖ ପଞ୍ଚାୟତ ଏପରିକି କେନ୍ଦୁଝର ଜିଲ୍ଲା ତେଲକୋଇ ଅଞ୍ଚଳରୁ ରୋଗୀ ଆସି ଚିକିତ୍ସିତ ହେବା ସହ ମାଗଣା ଔଷଧ ନେଇଥିଲେ। ଶିବିରରେ ମୋଟ ୨୧୭ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ପ୍ରଦାନ କରାଯାଇଥିଲା। ସୁଲିଆ ବଜାର ବଣିକ ସଂଘର ସମସ୍ତ କାର୍ଯ୍ୟକର୍ତ୍ତା, ୱେଲଫେୟାର ଆସୋସିଏସନ ସଦସ୍ୟ ପିଙ୍କୁ ସାହୁ, ଗୋବିନ୍ଦ ଚନ୍ଦ୍ର ବେହେରା, ରଞ୍ଜନ ସାହୁ, କୁନା ସାହୁ, ସରୋଜ ପ୍ରଧାନ, ଭକ୍ତିପଦ ସାହୁ, କାବୁଲି ସାହୁ, ଦୀପକ ସାହୁ, କାଳିଆ ପ୍ରଧାନଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ବିଶ୍ୱ ପରିବେଶ ଦିବସ ପାଳିତ



ଅନୁଗୋଳ, ୭ ।୬(ସମିସ): ସାମାଜିକ ସଂଗଠନ 'ସ୍ପନ୍ଦନ' ଏବଂ ଭୁବନେଶ୍ୱର ଶିଶୁପାଳଗଡ଼ସ୍ଥିତ ଉତ୍କଳ ୟୁଥ୍ ଆସୋସିଏସନ୍ ଫର୍ ସୋସିଆଲ ଡେଭଲପମେଣ୍ଟ ପକ୍ଷରୁ ବଣ୍ଟାଁରପାଳ ବ୍ଲକ କାଣ୍ଡସରସ୍ଥିତ ଦିବ୍ୟଜୀବନ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ ନିକଟରେ ବିଶ୍ୱ ପରିବେଶ ପାଳନ କରାଯାଇଛି। ଏହି ଉପଲକ୍ଷେ ଏକ ଆଲୋଚନା ସମାବେଶ ଅନୁଷ୍ଠିତ ହୋଇଥିଲା। ବଣ୍ଟାଁରପାଳ ତୁବେ କ୍ଲଷ୍ଟର ସିଆରସିସି ଧୀରେନ କୁମାର ସାହୁ ଆଲୋଚନାଚକ୍ରକୁ ଉଦଘାଟନ କରିବା ସହ ଚଳିତ ବର୍ଷର ବିଷୟବସ୍ତୁ 'ପ୍ଲାଷ୍ଟିକ ପ୍ରଦୂଷଣକୁ ବନ୍ଦ୍ କରିବା' ସମ୍ବନ୍ଧରେ ଅବଗତ କରାଇଥିଲେ। କୌଣସି ସାମଗ୍ରୀ କିଣିବା ପାଇଁ ଦୋକାନକୁ ଗଲେ ସାଙ୍ଗରେ ବ୍ୟାଗ୍ ନେଇ ଯିବା, ପଲିଥିନ୍ ବ୍ୟାଗ୍ ବଦଳରେ କାଗଜ ଠୁଙ୍ଗା ବ୍ୟବହାର କରିବା, ଆର୍ଦ୍ରଭୂମିର ସୁରକ୍ଷା ପାଇଁ ଯତ୍ନବାନ ହେବା, ଏସି ବ୍ୟବହାର ଯଥାସମ୍ଭବ ହ୍ରାସ କରିବା, ପର୍ଫ୍ୟୁମ, ବଡି ସ୍ପ୍ରେ କମ୍ ବ୍ୟବହାର ସହ ସମସ୍ତେ ଗୋଟିଏ ଲେଖାଏଁ ଗଛ ଲଗାଇ ତାହାର ଯତ୍ନ ନେଇ ତାକୁ ବଡ଼ କରିବାକୁ ପ୍ରବର୍ତ୍ତାଇଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗନ୍ଧର୍ବ ଦାସ, ସୁନୀଲ ଦାସ, ବିନୋଦ ନାଏକ, ରଞ୍ଜିତ ବେହେରା, ସିପୁନ ସାହୁ, ପିଙ୍କୁ ଦେହୁରୀ, ରଞ୍ଜିତା ବେହେରା, ମନୋରମା ଦାଶ, ଜନକ ସାହୁ ପ୍ରମୁଖ ନିକଟସ୍ଥ ପଡ଼ିଆରେ ନିମ୍ବ, ପାଟେଳି, ଅର୍ଜୁନ, ବଉଳ ଆଦି ଚାରାରୋପଣ କରିଥିଲେ। ସୁଦଶାବ୍ରତ କରିଥିବା ମହିଳାମାନଙ୍କୁ ଗୋଟିଏ ଲେଖାଏଁ ବଉଳ ଚାରା ପ୍ରଦାନ କରାଯାଇଥିଲା। 'ୟୁୱାଇଏଏସଡି' ଅନୁଷ୍ଠାନର ନିର୍ଦ୍ଦେଶକ ଶିବପ୍ରସାଦ ରାଉତରାୟ ପଠାଇଥିବା ବାର୍ତ୍ତାକୁ ସ୍ପନ୍ଦନର ସଦସ୍ୟ ବିଭୁ ଶତପଥୀ ସମସ୍ତଙ୍କୁ ଅବଗତ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

● ରାୟଗଡ଼ାରେ ମେଧା ପାଟେକରଙ୍କୁ ଅଟକ ଘଟଣାର ପ୍ରତିବାଦ

## ପ୍ରକୃତିବନ୍ଧୁ ପୁରସ୍କାର ଫେରାଇଲେ ସିଦ୍ଧାର୍ଥ

ଅନୁଗୋଳ, ୭ ।୬(ସମିସ): ଗୁରୁବାର ବିଶ୍ୱ ପରିବେଶ ଦିବସ ଅବସରରେ ରାୟଗଡ଼ା ଜିଲ୍ଲା ସୁଙ୍ଗେରଠାରେ ହେବାକୁ ଥିବା ପରିବେଶ ସମାବେଶରେ ଯୋଗଦେବାକୁ ଯାଉଥିବା ବେଳେ ପରିବେଶବିତ୍ ମେଧା ପାଟେକରଙ୍କୁ ପ୍ରଶାସନ ଅଧାରାସ୍ତାରୁ ଫେରାଇ ଦେଇଥିଲା। ରାୟଗଡ଼ାଠାରେ ଅଟକ ରଖିବା ପରେ ତାଙ୍କୁ କଡ଼ା ସୁରକ୍ଷାରେ ବ୍ରହ୍ମପୁରରେ ଛାଡ଼ି ଦିଆଗଲା। ଏହି ଘଟଣା ପ୍ରତିବାଦରେ ଅନୁଗୋଳ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଜଙ୍ଗଲ ବିଭାଗ ଦ୍ୱାରା ଆୟୋଜିତ ବିଶ୍ୱ ପରିବେଶ ଦିବସ ସମାରୋହରେ ପ୍ରକୃତିବନ୍ଧୁ ପୁରସ୍କାର ପାଇଥିବା ସାଥୀ ପରିବାରର ସଭାପତି ସିଦ୍ଧାର୍ଥ ପ୍ରଧାନ ତାଙ୍କ ପୁରସ୍କାର ଫେରାଇ ଦେଇଛନ୍ତି। ଏହି ମର୍ମରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି କମ୍ପାନୀ ସ୍ୱାର୍ଥରେ ରାଜ୍ୟର ପ୍ରାକୃତିକ ସମ୍ପଦ ନଷ୍ଟ ହେବାକୁ ଦିଆ ନ ଯାଉ ବୋଲି ସିଦ୍ଧାର୍ଥ ନିବେଦନ କରିଛନ୍ତି।

## ଯୁବଜ୍ୟୋତି ଉଚ୍ଚ ବିଦ୍ୟାଳୟକୁ ପ୍ରକୃତି ମିତ୍ର ପୁରସ୍କାର

କିଶୋରନଗର, ୭ ।୬(ସମିସ): ଓୟୁଏଟି କୃଷି ଶିକ୍ଷା ସଦନରେ ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ ସମାରୋହରେ ବାମୁର ଯୁବଜ୍ୟୋତି ଉଚ୍ଚ ବିଦ୍ୟାଳୟକୁ ପ୍ରକୃତି ସଂରକ୍ଷଣ ଓ ପରିବେଶ ସୁରକ୍ଷା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଯୋଗଦେଇ ଅନୁଷ୍ଠାନକୁ ଅଭିନନ୍ଦନ ଜଣାଇବା ସହ ଗୋଟିଏ ବର୍ଷରେ ୭.୫ କୋଟି ଚାରାରୋପଣ କରାଯିବ ବୋଲି ଘୋଷଣା କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଅତିରିକ୍ତ ଶାସନ ସଚିବ ସୁବ୍ରତ ସାହୁ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଦସ୍ୟ ସଚିବ ଉମା ନନ୍ଦୁରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟକୁ 'ପ୍ରକୃତି ମିତ୍ର' ସମ୍ମାନ



କଣିହାଁ, ୭ ।୬(ସମିସ): ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ଭୁବନେଶ୍ୱରସ୍ଥିତ କୃଷି ଶିକ୍ଷା ସଦନରେ ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳନ କାର୍ଯ୍ୟକ୍ରମରେ ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ବଡ଼ଗୁଣ୍ଡୁରୀସ୍ଥିତ ଶ୍ରୀଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟକୁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ବିଭାଗୀୟ ଅତିରିକ୍ତ ମୁଖ୍ୟଶାସନ ସଚିବ ସତ୍ୟବ୍ରତ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ତରଫରୁ ବରିଷ୍ଠ ଶିକ୍ଷକ ପ୍ରଶାନ୍ତ କୁମାର ପ୍ରଧାନ ଏହି ପୁରସ୍କାର ଗ୍ରହଣ କରିଥିଲେ। ପୁରସ୍କାର ସ୍ୱରୂପ ୨୦ ହଜାର ଟଙ୍କାର ଚେକ୍ ସହ ମାନପତ୍ର ପ୍ରଦାନ କରାଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ବାଗ୍ମୀ ମିଶ୍ରଙ୍କ ବଳିଷ୍ଠ ନେତୃତ୍ୱ, ଇକୋ କ୍ଲବ ଦାୟିତ୍ୱରେ ଥିବା ଶିକ୍ଷକ ସାଇଜନ ଦଳେଇଙ୍କ ନିଷ୍ଠାପର କାର୍ଯ୍ୟ ଓ ବରିଷ୍ଠ ଶିକ୍ଷକ ମଳୟ ଚରଣ ପରିଡ଼ା, ଲକ୍ଷ୍ମଣ କୁମାର ସାହୁ, ଜନାର୍ଦ୍ଦନ ଦାଶ, କୁଳମଣି ପ୍ରଧାନ, ଶିକ୍ଷୟିତ୍ରୀ ସସ୍ମିତା ପ୍ରଧାନ, କ୍ରୀଡ଼ା ଶିକ୍ଷକ ଅଜିତ କୁମାର ସାହୁ, କାର୍ଯ୍ୟାଳୟ ସହାୟକ ରଞ୍ଜନ କୁମାର ମହାନ୍ତି ଏବଂ ଅନ୍ୟ ସମସ୍ତ କର୍ମଚାରୀଙ୍କ ଅକ୍ଳାନ୍ତ ପରିଶ୍ରମ ଓ ସାଧୁ ଉଦ୍ୟମ ଯୋଗୁଁ ବିଦ୍ୟାଳୟ ଏହି ସଫଳତା ଅର୍ଜନ କରିପାରିଛି। ଏହି ପୁରସ୍କାର ପାଇଁ ପ୍ରଧାନଶିକ୍ଷକ ମିଶ୍ର ସମସ୍ତ କର୍ମଚାରୀ ଓ ସହଯୋଗୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ବ୍ଲକ୍‌ସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା

କଣିହାଁ, ୭ ।୬(ସମିସ):

କଣିହାଁ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ସାଂସଦଙ୍କ



ପ୍ରତିନିଧି ତ୍ରିପୁରାରୀ ପ୍ରଧାନ, ପାଲଲହଡ଼ା ବିଧାୟକଙ୍କ ପ୍ରତିନିଧି ପ୍ରହ୍ଲାଦ ସାମଲ, ତାଳଚେର ବିଧାୟକଙ୍କ ପ୍ରତିନିଧି ସୁନୀଲ କୁମାର ପ୍ରଧାନ, କଣିହାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ ସାହୁ, କଣିହାଁ ବିଡିଓ ତ୍ରିବିକ୍ରମ କୁମୁରା, କଣିହାଁ ଅତିରିକ୍ତ ତହସିଲଦାର ଅନୁପ ପରମଗୁରୁ, ଏବିଇଓ ମଙ୍ଗୁଲୁ ଚରଣ ପ୍ରଧାନ ପ୍ରମୁଖ ଯୋଗଦେଇ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ଷ୍ଟଲଗୁଡ଼ିକୁ ଉଦଘାଟନ କରିଥିଲେ। ପ୍ରତିଯୋଗିତାରେ ୧୪ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ସାମିଲ ହୋଇ ଖାଦ୍ୟ ଷ୍ଟଲ ଖୋଲିଥିଲେ। ସେମାନଙ୍କ ଦ୍ୱାରା ପାରମ୍ପରିକ ପିଠା ଓ ସ୍ନାକ୍ସ ଉପରେ ଖାଦ୍ୟ ପ୍ରସ୍ତୁତ କରିଥିଲେ। ପରେ ଅତିଥିମାନେ ଷ୍ଟଲ ବୁଲି ଖାଦ୍ୟ ପରଖିଥିଲେ। ବିଚାରକ ଭାବେ ଏବିଇଓ ସୁଜନ ସାହୁ, ସନ୍ତୋଷ ପ୍ରଧାନ, କଣିହାଁ ମେଡିକାଲ ପିଏଚଇଓ ମଞ୍ଜିତ ସାହୁ ଖାଦ୍ୟର ମୂଲ୍ୟାୟନ କରିଥିଲେ। କମରେଇ ମା' ସରସ୍ୱତୀ ସ୍ୱୟଂ ଗୋଷ୍ଠୀ ପ୍ରଥମ ଓ ବିଜିଗୋଳ ମା' ପାର୍ବତୀ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱିତୀୟ ସ୍ଥାନ ଅଧିକାର କରି ଜିଲ୍ଲା ସ୍ତରକୁ ମନୋନୀତ ହୋଇଛନ୍ତି। ଅତିଥିମାନେ ପ୍ରଥମ ସ୍ଥାନ ଅଧିକାର କରିଥିବା ଗୋଷ୍ଠୀକୁ ୫ ହଜାର ଟଙ୍କା ଓ ୨ୟ ସ୍ଥାନ ଅଧିକାର କରିଥିବା ଗୋଷ୍ଠୀକୁ ୪ହଜାର ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ। ଏଥିସହ ଅଂଶଗ୍ରହଣ କରିଥିବା ସମସ୍ତ ଗୋଷ୍ଠୀକୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ମିଶନ ଶକ୍ତି ବିପିସି ସତ୍ୟବ୍ରତ ଦାସ ଓ ବିପିଏମ ପ୍ରମୋଦ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସମସ୍ତ ଆଇସିଡିଏସ କର୍ମଚାରୀ, ମିଶନ ଶକ୍ତି, ଏମବିକେ, ବ୍ଲକ କର୍ମଚାରୀ ସହଯୋଗ କରିଥିଲେ।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଶଙ୍କର୍ଷଣ ତ୍ରିପାଠୀ
ଆବିର୍ଭାବ: ୧୬.୧୦.୧୯୪୧
ତିରୋଧାନ: ୨୬.୦୫.୨୦୨୫
କୋଡପଡା, ଆନନ୍ଦପୁର, କେନ୍ଦୁଝର
ଆଜି ତୁମ ଏକାଦଶାହ ତିଥିରେ ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ଶୋକସନ୍ତପ୍ତ:
ତୁମର କୋଡପଡା ତ୍ରିପାଠୀ ପରିବାର, ବନ୍ଧୁ ଓ ଆତ୍ମୀୟସ୍ୱଜନ

## ମାର୍ଶାଘାଇ ମହାବିଦ୍ୟାଳୟରେ ଅଧ୍ୟାପକ ମରୁଡ଼ି

# ଖାଲିପଡ଼ିଛି ୧୨ ପଦବୀ; ଚୁକ୍ତିଭିତ୍ତିକ ଅଧ୍ୟାପକ ଭରସା

ମାର୍ଶାଘାଇ,୭।୬(ସମିସ)

କେନ୍ଦ୍ରାପଡ଼ା ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ମହାବିଦ୍ୟାଳୟ ଭାବେ ମାର୍ଶାଘାଇ ମହାବିଦ୍ୟାଳୟ ପରିଚୟ ସୃଷ୍ଟି କରିଛି। ଶିକ୍ଷାଦାନ, ଶୈକ୍ଷିକ ବାତାବରଣ କ୍ଷେତ୍ରରେ ମାର୍ଶାଘାଇ କଲେଜର ସୁନାମ ରହିଛି। ଫଳରେ ଜିଲ୍ଲା ସମେତ ପଡ଼ୋଶୀ ଜିଲ୍ଲାର ଛାତ୍ରଛାତ୍ରୀ ମାର୍ଶାଘାଇ କଲେଜରେ ପଢିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ଏବେ କଲେଜର +୨ ଓ +୩ କଳା, ବିଜ୍ଞାନ, ବାଣିଜ୍ୟ ବିଭାଗରେ ହାରାହାରି ୨୪୦୦ ବିଦ୍ୟାର୍ଥୀ ନାମ ଲେଖାଇ ଅଧ୍ୟୟନ କରୁଛନ୍ତି। ତେବେ ଉଚ୍ଚଶିକ୍ଷା ବିଭାଗ ଅଣଦେଖା କାରଣରୁ ମାର୍ଶାଘାଇ କଲେଜର ବିଭିନ୍ନ ବିଭାଗରେ ଅଧ୍ୟାପକ ଓ କିରାଣି ପଦବୀ ଖାଲିପଡ଼ିଛି। ଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ବହୁ କିରାଣି ପଦବୀ ଖାଲି ପଡ଼ିଥିବାରୁ ଅଫିସ ପରିଚାଳନା କ୍ଷେତ୍ରରେ ବୃହତ ସମସ୍ୟା ସୃଷ୍ଟି ହେଉଛି। ଛାତ୍ରଛାତ୍ରୀଙ୍କ ଡୋନେସନ ଓ ମାସିକ ଫି ଆଦାୟ ଅର୍ଥରେ ଚୁକ୍ତିଭିତ୍ତିକ ଅଧ୍ୟାପକ ଶିକ୍ଷାଦାନ କରୁଥିବା ଅଭିଯୋଗ ହେଉଛି।

ମାର୍ଶାଘାଇ ମହାବିଦ୍ୟାଳୟ ୪୫ ସ୍ଥାୟୀ ଅଧ୍ୟାପକ ପଦବୀ ମଧ୍ୟରୁ ୧୨ ଅଧ୍ୟାପକ ପଦବୀ ଖାଲିପଡ଼ିଛି। ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରାଧ୍ୟାପିକା ଅନୁପମା ଦାସ ୨୦୨୨ରେ ଅବସର ନେବା ପରେ ସେହି ପଦବୀ ପୂରଣ କରାଯାଇନାହିଁ। ଗଣିତ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ସୁରେନ୍ଦ୍ର ନାଥ ପଣ୍ଡାଙ୍କ ୨୦୨୪ରେ ଅବସର ପରେ ତାଙ୍କ ପଦବୀ ପୂରଣ କରାଯାଉନାହିଁ। ପ୍ରାଣୀ ବିଜ୍ଞାନ ବିଭାଗରେ ଗୋଟିଏ, ଶିକ୍ଷା ବିଭାଗରେ ଗୋଟିଏ, ଅର୍ଥନୀତି ବିଭାଗରେ ଗୋଟିଏ, ଇଂରାଜୀ ବିଭାଗରେ ଗୋଟିଏ, ଓଡ଼ିଆ ବିଭାଗରେ ଗୋଟିଏ, ରାଜନୀତି ବିଭାଗରେ ୧, ସମାଜ ବିଜ୍ଞାନ ୨, ଗଣିତ ବିଭାଗ ୧, ପରିସଂଖ୍ୟାନ ବିଭାଗ ୧ ଅଧ୍ୟାପକ ପଦବୀରେ ଚୁକ୍ତିଭିତ୍ତିକ ଅଧ୍ୟାପକ ନିଯୁକ୍ତ କରାଯାଇ କଲେଜର ଶିକ୍ଷାଦାନକୁ ସୁଗମ କରିବାକୁ ବ୍ୟବସ୍ଥା କରାଯାଉଛି। ଚୁକ୍ତିଭିତ୍ତିକ ଅଧ୍ୟାପକଙ୍କ ଦରମା କଲେଜ ପାଣ୍ଠିରୁ ଭରଣା କରାଯାଉଥିବାରୁ ଆର୍ଥିକ ବୋଝ ବୃଦ୍ଧି ଯୋଗୁଁ କଲେଜର ବିକାଶ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହେଉଛି। ୨୦୨୫ ଶିକ୍ଷାବର୍ଷରେ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ସମୁଦାୟ ୧୧ ଜଣ ଅବସର ନେଉଥିବାରୁ କଲେଜର ଶୈକ୍ଷିକ ବ୍ୟବସ୍ଥା ସଂକଟ ମୁହାଁ ହେବ ବୋଲି ଶିକ୍ଷାବିତ୍ ସୁଶୀଲ କୁମାର ଚୌଧୁରୀ, ପ୍ରାକ୍ତନ ଅଧ୍ୟକ୍ଷ ରଞ୍ଜିତ କୁମାର ଦାସ ପ୍ରମୁଖ ଆଶଙ୍କା ବ୍ୟକ୍ତ କରିଛନ୍ତି । ନିକଟରେ ବିଭିନ୍ନ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଟିଜିଟି ଅଧ୍ୟାପକ, ଅଧ୍ୟାପିକାଙ୍କୁ ନିଯୁକ୍ତି ମିଳିଥିବାବେଳେ ମାର୍ଶାଘାଇ ଉଚ୍ଚମାଧ୍ୟମିକ ବିଦ୍ୟାଳୟକୁ ବଞ୍ଚିତ କରାଯାଇଛି। ମାର୍ଶାଘାଇ କଲେଜରେ ଧନ୍ଦାମୂଳକ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଏକମାତ୍ର କର୍ମଚାରୀଙ୍କ ଜୁନ ମାସରେ ଅବସର ପରେ ସେହି ବିଭାଗ ଗତିଶୀଳ କରିବାକୁ ନିଯୁକ୍ତି ପ୍ରଦାନ କରା ନ ଗଲେ ଧନ୍ଦାମୂଳକ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିବ ବୋଲି ଅଭିଯୋଗ ହେଉଛି। କଲେଜର ମୁଖ୍ୟ ଲିପିକ ପଦବୀ ଖାଲିପଡ଼ିଛି। ହିସାବରକ୍ଷକ ପଦବୀ, କ୍ୟାସିୟର, ଗ୍ରନ୍ଥାଗାରିକ, ପରୀକ୍ଷା ପରିଚାଳନା ବିଭାଗର ୫ଟି କିରାଣି ପଦବୀ ମଧ୍ୟ ଖାଲିପଡ଼ିଛି। ସେହିପରି ପଦାର୍ଥ ବିଜ୍ଞାନ, ରସାୟନ ବିଭାଗ, ପ୍ରାଣୀ ବିଜ୍ଞାନ, ଉଦ୍ଭିଦ ବିଜ୍ଞାନ ପ୍ରୟୋଗଶାଳା ପ୍ରଦର୍ଶକ ପଦବୀ ଖାଲିପଡ଼ିଛି। ଯାହାକି ବୃହତ ମହାବିଦ୍ୟାଳୟ ଭାବେ ମାର୍ଶାଘାଇ କଲେଜ ସଙ୍କଟ ଆଡ଼କୁ ଗତିକରୁଛି। ଅଧ୍ୟକ୍ଷ ପ୍ରଣୟ କୁମାର ପରିଜାଙ୍କୁ ପଚାରିବାରୁ ଖାଲିପଡ଼ିଥିବା ଅଧ୍ୟାପକ, ଅଣଶିକ୍ଷକ କର୍ମଚାରୀ ପଦବୀ ଖାଲିପଡ଼ିଥିବା ସମ୍ପର୍କରେ ଉଚ୍ଚଶିକ୍ଷା ବିଭାଗକୁ ଅବଗତ କରାଯାଇଥିବା ପ୍ରକାଶ କରିଛନ୍ତି।

## ଇଦ୍-ଉଜ୍-ଜୁହା ପର୍ବ ପାଳିତ



ପଞ୍ଚୁପାଣ୍ଡବ,୭।୬(ସମିସ): ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ସଦାନନ୍ଦପୁର ଗ୍ରାମର ମୁସଲିମ ବସ୍ତିରେ ଇଦ୍-ଉଜ୍-ଜୁହା ପର୍ବ ପାଳନ କରାଯାଇଛି। ଶନିବାର ମୁସଲିମ ବସ୍ତିର ଲୋକେ ମସ୍‌ଜିଦ ଓ ଇଦଘାରେ ଏକତ୍ରିତ ହୋଇ ନମାଜ ପାଠ କରିଥିଲେ। ସକାଳୁ ନୂଆ ବସ୍ତ୍ର ପିନ୍ଧି, ପରସ୍ପରକୁ ମିଠା ଖୁଆଇ ଇଦ୍ ମୋବରକ୍ ଜଣାଇବା ପରେ ସକାଳ ପ୍ରାୟ ୮ଟା ସମୟରେ ଇଦ୍ ପର୍ବ ପାଇଁ ପ୍ରାର୍ଥନା କରାଯାଇଥିଲା। ଗରିବ, ଅସହାୟ ଲୋକଙ୍କୁ ଦାନ କରାଯାଇଥିଲା। ସଦାନନ୍ଦପୁର ଗ୍ରାମର ଆଲ୍ଲା ହଜରତ ସୁନି ମସଜିଦରେ ଇମାମ ସାହେବ୍ ହାଫିଜ୍ ନଜିରୁଲ ହୋସେନ୍ ନମାଜ ପାଠ କରାଇଥିଲେ। ଏହି ପ୍ରାର୍ଥନାରେ ହିନ୍ଦୁ-ମୁସଲିମ ଭାଇଚାରା ବଜାୟ ରଖିବା ନିମନ୍ତେ ମୌଲାନା ଦୁଆ କରିଥିଲେ। ସଦାନନ୍ଦପୁର ମସଜିଦରେ ଯାଜପୁର ଜିଲ୍ଲା ବରୀ ବ୍ଲକ୍‌ର ରତ୍ନଗିରି ଓ ବଡ଼ଚଣା ବ୍ଲକ୍‌ର ପଣସୁଧା ଗ୍ରାମରୁ ଲୋକେ ସାମିଲ ହୋଇଥିଲେ। ସେହିପରି କୁରୁଜଙ୍ଗା ପଞ୍ଚାୟତର ମନ୍ତ୍ରିପଡ଼ା ଗ୍ରାମ ସୁନି ମସ୍‌ଜିଦରେ ଏମଡି ଜାକିର ନୁରି ନମାଜ ପାଠ ପଢାଇବା ସହ ହିନ୍ଦୁ-ମୁସଲିମ ଭାଇଚାରା ବଜାଇ ରଖିବା, ସମସ୍ତଙ୍କ ଭବିଷ୍ୟତ ପାଇଁ ପ୍ରାର୍ଥନା କରିଥିଲେ। ବିଭିନ୍ନ ମସଜିଦରେ ନିକିରାଇ ଓ ଡେରାବିଶ ଥାନା ପୁଲିସ ଉପସ୍ଥିତ ରହି ଆଇନଶୃଙ୍ଖଳା ରକ୍ଷା କରିଥିଲେ। ବିଭିନ୍ନ ମୁସଲିମ ବସ୍ତିରେ ହିନ୍ଦୁ ଭାଇ, ନେତା ଓ ମନ୍ତ୍ରୀ ପହଞ୍ଚି ମୁସଲମାନ ଭାଇଭଉଣୀଙ୍କୁ ଇଦ୍ ମୋବରକ୍ ଜଣାଇଥିଲେ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ



ରାଜନଗର,୭।୬(ସମିସ): ବାଲିସାହିପାଟଣା ପଞ୍ଚାୟତ ଅନ୍ତର୍ଗତ ଧାନଦିଆ ଗ୍ରାମର ବସନ୍ତ ପରିଡ଼ାଙ୍କ ଆଜି ୭୮ ବର୍ଷ ବୟସରେ ପରଲୋକ ଘଟିଛି। ସ୍ୱର୍ଗତ ପରିଡା ଜଗନ୍ନାଥପୁର ଶାସନ ଶିକ୍ଷା ନିକେତନରେ ଦୀର୍ଘଦିନ ଧରି ଶିକ୍ଷକତା କରି ଅବସର ନେଇଥିଲେ। ସେ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବାବେଳେ ଆଜି ସକାଳେ ତାଙ୍କର ପରଲୋକ ହୋଇଥିଲା। ମରଶରୀରକୁ ଗ୍ରାମକୁ ଅଣାଯାଇ ଶୋକାକୁଳ ପରିବେଶରେ ଶେଷକୃତ୍ୟ କରାଯାଇଥିଲା। ଗ୍ରାମ ପରିକ୍ରମା ସମୟରେ ରାଜନଗର ବିଧାୟକ ଧ୍ରୁବ ସାହୁ ଓ ଅନେକ ନେତୃବୃନ୍ଦ ଯୋଗ ଦେଇଥିଲେ। ବଡ଼ପୁଅ ସରୋଜ ପରିଡ଼ା ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଚୋରାମଦ ଜବତ,୧ ଗିରଫ

ପଟ୍ଟାମୁଣ୍ଡାଇ/ମାଳିପୁର, ୭।୬(ସମିସ): ଆଜି ସନ୍ଧ୍ୟାରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୁଲିସ ଚୋରା ଚାଲାଣ ବେଳେ ଜଣେ ମଦ ବ୍ୟବସାୟୀଙ୍କୁ ଗିରଫ କରିବା ସହ ୨୧ ବୋତଲ ବିଦେଶୀ ମଦ ଜବତ କରିଛି। ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଏକ ବିଦେଶୀ ମଦ ଦୋକାନରୁ କେନ୍ଦ୍ରାପଡ଼ା ସଦର ଥାନା ଅଧୀନସ୍ଥ ମାଗୁର ଗଣ୍ଡପାଟଣା ଗ୍ରାମର ରମେଶ ସେଠୀ (୩୬) ମଦ କିଣି ନେଉଥିବାବେଳେ ସଂସାରଫଳ ନିକଟ ପଟ୍ଟାମୁଣ୍ଡାଇ-ରାଜନଗର ମୁଖ୍ୟ ରାସ୍ତାରେ ପୁଲିସ ସନ୍ଦେହରେ ଅଟକାଇ ଥିଲା।



ପୁଲିସକୁ ଦେଖି ରମେଶ ଦ୍ରୁତଗତିରେ ବାଇକ ଚଳାଇ ପଳାଇଯିବାକୁ ଉଦ୍ୟମ କରୁଥିବାବେଳେ ଗ୍ରାମାଞ୍ଚଳ ଥାନା ଆଇଆଇସି ଶ୍ରୀ ଲେଙ୍କାଙ୍କ ନିର୍ଦ୍ଦେଶରେ ପୁଲିସ ରାସ୍ତାରେ ଗୋଡାଇ ଗୋଡାଇ ରମେଶକୁ ଧରିବାରେ ସକ୍ଷମ ହୋଇଥିଲା। ଏ ନେଇ ଥାନାରେ ମାମଲା ରୁଜୁ ହୋଇଛି।

## ଧର୍ମପ୍ରାଣ ମହିଳାଙ୍କ ପରଲୋକ



ପଟ୍ଟାମୁଣ୍ଡାଇ,୭।୬(ସମିସ): ବାଲିସାହି ଗ୍ରାମର ସମାଜସେବିକା ତଥା ଧର୍ମପ୍ରାଣ ମହିଳା ସ୍ନେହଲତା ଦାଶ(୮୩)ଙ୍କ ପରଲୋକ ହୋଇଯାଇଛି। ସେ ନିଜ ଗ୍ରାମ ଓ ସ୍ଥାନୀୟ ଅଞ୍ଚଳର ବହୁ ଆଧ୍ୟାତ୍ମିକ ଅନୁଷ୍ଠାନ ସହିତ ଜଡ଼ିତ ଥିଲେ। ତାଙ୍କ ପରଲୋକରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ବିଜେପି ନେତା ଲଳିତ ବେହେରା, ପୌରାଧ୍ୟକ୍ଷ ହେମନ୍ତ ସାହୁ, ପଟ୍ଟାମୁଣ୍ଡାଇ କୋର୍ଟ ବାର୍ ଆସୋସିଏସନ ସଭାପତି ସୂର୍ଯ୍ୟ ରାଉଳ, ଯୁଗ୍ମ ସମ୍ପାଦକ ମନୋଜ ନାୟକ, ଉପସଭାପତି ସୁରେଶ ନରେନ୍ଦ୍ର, ପୂର୍ବତନ ସଭାପତି ତପନ ମିଶ୍ର ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ପୁଅ ପୁରୁଷୋତ୍ତମ ଦାଶ, ନରୋତ୍ତମ ଦାଶ, ମାନସ ଦାଶ, ପଟ୍ଟାମୁଣ୍ଡାଇ କୋର୍ଟ ସରକାରୀ ଓକିଲ ରବୀନ୍ଦ୍ର ଦାଶ, ସୌଭାଗ୍ୟ ଦାଶ, ଝିଅଙ୍କାଇଁ ଉପସ୍ଥିତ ଥିଲେ।

## ବାଇକ୍-ସ୍କୁଟି ଧକ୍କା; ୨ ଆହତ

ଆଳି,୭।୬(ସମିସ): ନିଆଳ ପଞ୍ଚାୟତସ୍ଥ ନୟାରା ତେଲ ଟାଙ୍କି ନିକଟରେ ଆଜି ପୂର୍ବାହ୍ନ ୧୧.୩୦ ମିନିଟ୍ ସମୟରେ ଏକ ବାଇକ୍ ସହ ସ୍କୁଟି ଧକ୍କା ହୋଇଥିଲା। ଏଥିରେ ୨ ଜଣ ଆହତ ହୋଇଛନ୍ତି। ଜଣେ ଗୁରୁତର ଥିବା ଜଣାପଡ଼ିଛି। ଟୁଙ୍ଗା ପଞ୍ଚାୟତ ବଉଳଜୋଡ଼ି ଗ୍ରାମର ପ୍ରତ୍ୟୁଷ ବିଶ୍ୱାଳ(୮) ସ୍କୁଟିରେ ମାଉସୀ ମମତାଙ୍କ ସହ ଆଳି ନୟାରା ଟାଙ୍କିରେ ତେଲ ପକାଇବାକୁ ଯାଉଥିବା ସମୟରେ ସେହି ରାସ୍ତାରେ ପଟ୍ଟାମୁଣ୍ଡାଇରୁ ଦଶିପୁରକୁ ବାଇକ ଯୋଗେ ଫେରୁଥିବା ଦୀପକ ଦାଶ (୧୯)ଙ୍କ ଧକ୍କା ହୋଇଥିଲା। ପ୍ରତ୍ୟୁଷ ସ୍କୁଟିରୁ ଛିଟିକି ପଡ଼ିଥିଲେ। ପ୍ରତ୍ୟୁଷଙ୍କ ହାତ ଓ ଗୋଡ଼ରେ ଗଭୀର ଆଘାତ ଲାଗିବା ସହ ତାଙ୍କ ଡାହାଣ ଗୋଡ଼ ଭାଙ୍ଗିଯାଇଛି। ସେହି ବାଟ ଦେଇ ଆସୁଥିବା ଭୂଇଁପୁରର ଜଣେ ସମାଜସେବୀ ଦଶରଥ ମଲିକ ଉଭୟଙ୍କୁ ନିଜ କାରରେ ପ୍ରଥମେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପ୍ରତ୍ୟୁଷଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ଦଧିବାମନଜୀଉ ମନ୍ଦିରର ଉନ୍ନତିକରଣ କାମ

# ନିମ୍ନମାନର ଇଟା ବ୍ୟବହାର; ସ୍ଥାୟିତ୍ୱ ନେଇ ସନ୍ଦେହ

ଡେରାବିଶ, ୭।୬(ସମିସ):ଡେରାବିଶ ବ୍ଲକ୍ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟସ୍ଥ ଶ୍ରୀଶ୍ରୀ ଦଧିବାମନଜୀଉଙ୍କ ମନ୍ଦିରର ଉନ୍ନତିକରଣ କାମ ଚାଲିଛି। ବିଜେଡି ସରକାରଙ୍କ ସମୟରେ '୫-ଟି' ଯୋଜନାରେ ମଠ ଓ ମନ୍ଦିର ଉନ୍ନତୀକରଣ କାମ ପାଇଁ ଡେରାବିଶର ଆରାଧ୍ୟ ପ୍ରଭୁ ଦଧିବାମନଜୀଉଙ୍କ ମନ୍ଦିର ଉନ୍ନତିକରଣ ପାଇଁ ସରକାରଙ୍କ ପକ୍ଷରୁ ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବ୍ୟୟବରାଦ କରାଯାଇଥିଲା। ଏଥିରେ ମନ୍ଦିର ଭିତରେ ଓ ବାହାରେ ବିଭିନ୍ନ ଉନ୍ନତିକରଣ କାମ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏଥିପାଇଁ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ଟେଣ୍ଡର ମାଧ୍ୟମରେ ଜଣେ ଠିକାଦାର ଏହି କାମକୁ ହାସଲ କରି କାମ ଜାରି ରଖିଛନ୍ତି। ଠିକାଦାର ଜଣକ ମଧ୍ୟ ଅର୍ଦ୍ଧାଧିକ କାମ ସାରିଲେଣି। ତେବେ ଆଜି ମନ୍ଦିର ସମ୍ମୁଖରେ ନିର୍ମାଣ ପାଇଁ ଠିକାଦାର ଜଣକ ଗଦା କରିଥିବା



ଇଟା ଗତକାଲିର ସାମାନ୍ୟ ବର୍ଷାରେ ମିଳେଇ ଯିବା ଭଳି ଅବସ୍ଥା ଉପୁଜିଥିବା ଦେଖିବାକୁ ମିଳିଥିଲା। ଏହି ଇଟାଗଦାରୁ ଠିକାଦାର ଅର୍ଦ୍ଧାଧିକ ନିର୍ମାଣ କାମରେ ବ୍ୟବହାର କରିସାରିଥିବା ଦେଖିବାକୁ ମିଳିଛି। ଏଠାରେ ପ୍ରଶ୍ନ ଉଠୁଛି ଯଦି ସାମାନ୍ୟ ବର୍ଷାରେ ବାହାରେ ପଡ଼ିଥିବା ଇଟା ମିଳେଇ ଯାଉଛି, ତେବେ ଏହି ନିମ୍ନମାନର ଇଟାରେ ନିର୍ମିତ ଘରର ସ୍ଥାୟିତ୍ୱ ନେଇ ସନ୍ଦେହ ହେଉଛି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ ମୁଁ ଆସନ୍ତାକାଲି ଯାଇ ଏହାର ତଦାରଖ କରିବି। ଯଦି ନିମ୍ନମାନର ଇଟାରେ ନିର୍ମାଣ ହୋଇଥିବ, ସେଥିପାଇଁ ମୁଁ ଠିକାଦାରଙ୍କୁ ଏହି କାମକୁ ଭାଙ୍ଗିବାକୁ ନିର୍ଦ୍ଦେଶ ଦେବି ବୋଲି କହିଛନ୍ତି।

# ସହରରୁ ଜଳ ନିଷ୍କାସନର ସ୍ଥାୟୀ ବ୍ୟବସ୍ଥା ଦାବି

ପଟ୍ଟାମୁଣ୍ଡାଇ, ୭।୬(ସମିସ): ପଟ୍ଟାମୁଣ୍ଡାଇ ସହର ସମେତ ପୌରାଞ୍ଚଳର ବିଭିନ୍ନ ୱାର୍ଡରୁ ଜଳନିଷ୍କାସନ ପାଇଁ ସ୍ଥାୟୀ ବ୍ୟବସ୍ଥା କରାଯାଉ ନ ଥିବାରୁ ପଟ୍ଟାମୁଣ୍ଡାଇ ସହରାଞ୍ଚଳ ଲୋକେ ବର୍ଷାଦିନେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ଅଦିନିଆ ବର୍ଷାରେ ସହରର ବିଭିନ୍ନ ସାହିବସ୍ତିରେ ପାଣି ନିଷ୍କାସନ ହୋଇ ନ ପାରି ଜମା ହୋଇ ରହିବା ଫଳରେ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ସରକାରୀ ପ୍ରତିଶ୍ରୁତି ସତ୍ତ୍ୱେ ସହରରୁ ଜଳ ନିଷ୍କାସନ ପାଇଁ ମାଷ୍ଟର ପ୍ଲାନ ପ୍ରସ୍ତୁତି ମାଧ୍ୟମରେ ସ୍ଥାୟୀ ବ୍ୟବସ୍ଥା କରାଯାଉ ନ ଥିବାରୁ ଜନଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ଆଗକୁ ବର୍ଷାଦିନ ଆସୁଥିବାରୁ ପରିସ୍ଥିତି ଅଧିକ ସଙ୍ଗିନ ହେବା ସମ୍ଭାବନା ରହିଛି। ସହରରୁ ଜଳ ନିଷ୍କାସନ ପାଇଁ ସ୍ଥାୟୀ ବ୍ୟବସ୍ଥା କରାଯିବାକୁ ଯଦି ଯୋଜନା ନ ହୁଏ, ତେବେ ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ଆନ୍ଦୋଳନ କରିବ ବୋଲି ସଭାପତି କାଉନସିଲର ଗୋପୀବଲ୍ଲଭ ନାୟକ, ସମ୍ପାଦକ ଆଡଭୋକେଟ ଗୋପୀନାଥ ତ୍ରିପାଠୀ ଚେତାବନୀ ଦେଇଛନ୍ତି। ପଟ୍ଟାମୁଣ୍ଡାଇ ସହରରୁ ଜଳ ନିଷ୍କାସନ ପାଇଁ ସ୍ଥାୟୀ ଡ୍ରେନେଜ ବ୍ୟବସ୍ଥା କରାଯିବାକୁ ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ପକ୍ଷରୁ ଜିଲ୍ଲାପାଳଙ୍କୁ ଗତ ଜନଶୁଣାଣି ଶିବିରରେ ଦାବି କରାଯାଇଥିଲା। ପଟ୍ଟାମୁଣ୍ଡାଇ ବ୍ଲକ ସମ୍ମିଳନୀ କକ୍ଷରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ମିଳିତ ଜନଶୁଣାଣି ଶିବିରରେ ବିକାଶ ପରିଷଦ ପକ୍ଷରୁ ଦିଆଯାଇଥିବା ୧୦ ଦଫା ସମ୍ବଳିତ ଦାବିପତ୍ରରେ ପଟ୍ଟାମୁଣ୍ଡାଇ ସହରରୁ ଜଳ ନିଷ୍କାସନ ପାଇଁ ନୂତନ ଡ୍ରେନ ନିର୍ମାଣ, ପୁରାତନ ଡ୍ରେନ ସଫେଇ ଆଦି ବିଭିନ୍ନ ଦାବି କରାଯାଉଥିଲା। ଗତ ଲଘୁଚାପ ବର୍ଷାରେ ପଟ୍ଟାମୁଣ୍ଡାଇ ସହର ଜଳାର୍ଣ୍ଣବ ହୋଇ ପଡିଥିବାବେଳେ ଜିଲ୍ଲା ପ୍ରଶାସନ ଆଗୁଆ ପଦକ୍ଷେପ ନେଇଥିଲେ ପଟ୍ଟାମୁଣ୍ଡାଇ ଜଳାର୍ଣ୍ଣବ ହେବାରୁ ରକ୍ଷା ପାଇଥା'ନ୍ତା ବୋଲି ବିକାଶ ପରିଷଦ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ପୁରୁଣା ଡ୍ରେନ ଜବରଦଖଲରେ ଥିବା ଅଭିଯୋଗ ହୋଇଛି। ଯଦି ପ୍ରଶାସନ ସଜାଗ ନ ହୋଇ ସହରାଞ୍ଚଳ ବାସୀଙ୍କ ଜଳ ନିଷ୍କାସନ ମୌଳିକ ସମସ୍ୟା ପ୍ରତି ଦୃଷ୍ଟି ନ ଦିଏ, ଏଥିପାଇଁ ଯେଉଁ ପରିସ୍ଥିତି ସୃଷ୍ଟି ହେବ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ଦାୟୀ ରହିବେ ବୋଲି ବିକାଶ ପରିଷଦ ପକ୍ଷରୁ କୁହାଯାଇଛି। ତୁରନ୍ତ ପଟ୍ଟାମୁଣ୍ଡାଇ ସହର ସମେତ ପୌରାଞ୍ଚଳର ବିଭିନ୍ନ ୱାର୍ଡରୁ ଜଳ ନିଷ୍କାସନ ପାଇଁ ସ୍ଥାୟୀ ବ୍ୟବସ୍ଥା କରାଯିବାକୁ ବିକାଶ ପରିଷଦ ସଭାପତି ଶ୍ରୀ ନାୟକ ଓ ସମ୍ପାଦକ ଶ୍ରୀ ତ୍ରିପାଠୀ ଦାବି କରିଛନ୍ତି।

## ଆଳି ବିଜେପିର କର୍ମଶାଳା

ଆଳି,୭।୬(ସମିସ): କେନ୍ଦ୍ର ସରକାରଙ୍କ ୧୧ ବର୍ଷ ଓ ରାଜ୍ୟ ସରକାରଙ୍କ ଏକବର୍ଷ ପୂର୍ତ୍ତି ଉପଲକ୍ଷେ ଆଳି ବିଜେପି ପକ୍ଷରୁ ହାରାମଣି ମଣ୍ଡପରେ ନିର୍ବାଚନମଣ୍ଡଳୀ ସ୍ତରୀୟ କର୍ମଶାଳା ଆୟୋଜିତ ହୋଇଯାଇଛି। ସଂଯୋଜକ ତଥା ରାଜ୍ୟ କୃଷକ ମୋର୍ଚ୍ଚାର କାର୍ଯ୍ୟକାରିଣୀ ସଦସ୍ୟ ଅନନ୍ତ ରଥଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପଣ୍ଡା, ଭାରତ ଭୂଷଣ ଦାସ ଯୋଗଦେଇ ଆଗାମୀ ଦିନରେ ହେବାକୁ ଥିବା ଦଳର ବିଭିନ୍ନ କାର୍ଯ୍ୟକ୍ରମ ଖସଡ଼ା ପ୍ରସ୍ତୁତ କରିବା ସହ ସାଧାରଣ ଲୋକେ କିପରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାରେ ସାମିଲ ହୋଇପାରିବେ, ସେଥିପାଇଁ ନିଷ୍ଠାର ସହିତ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୧ ନମ୍ବର ମଣ୍ଡଳ ସଭାପତି ସରୋଜ କର, ୨ ନମ୍ବର ମଣ୍ଡଳ ସଭାପତି କଳ୍ପତରୁ ଦାସ, ୩ ନମ୍ବର ମଣ୍ଡଳ ସଭାପତି ରତିକାନ୍ତ ମହାନ୍ତି, ୪ ନମ୍ବର ମଣ୍ଡଳ ସଭାପତି ତପନ ପରିଡା, ଜିଲ୍ଲା ଯୁବ ମୋର୍ଚ୍ଚା ସମ୍ପାଦକ ବରାହ ଚରଣ ପଣ୍ଡା, ରାଜ୍ୟ କୃଷକ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଭକ୍ତବନ୍ଧୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଦ୍ୱିତୀୟ ଦିନରେ ରାଜନଗର ଥାନା ଆଗରେ ଅନଶନ

ରାଜନଗର, ୭।୬(ସମିସ): ରାଜନଗରରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ଓ ରାଜନଗର ଥାନାକୁ ଦଲାଲଙ୍କ ଚରାଭୂଇଁ କରାଯାଇଥିବା ପ୍ରତିବାଦରେ ବିଜେଡି ପକ୍ଷରୁ ଥାନା ଆଗରେ ଚାଲିଥିବା ଅନଶନ ଦ୍ୱିତୀୟ ଦିନରେ ପହଞ୍ଚିଛି। ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ସହିତ ନିର୍ବାଚିତ ସରପଞ୍ଚ, ସମିତି ସଭ୍ୟ ଓ ବିଜୁ ଜନତା ଦଳର କର୍ମକର୍ତ୍ତା ରାଜନଗର ଥାନା ଆଗରେ ଗତକାଲି ୧୦ଟାରୁ ଅନଶନରେ ବସି ରହିଛନ୍ତି। ବସିଥିବା ୫ ଜଣ ଅସୁସ୍ଥ ହୋଇ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ବ୍ଲକ ବିଜେଡି ସଭାପତି ତଥା ଡେରା ସରପଞ୍ଚ ନିରଞ୍ଜନ ରାଉତ, ଗୁପ୍ତି ସମିତି ସଭ୍ୟା ମିନତୀ ସାହୁ, ସମବାୟବିତ୍ ଦିଲ୍ଲୀପ ପାତ୍ର, ବନ୍ଧପଡା ସରପଞ୍ଚଙ୍କ ପ୍ରତିନିଧି ମନୋରଞ୍ଜନ ପାତ୍ର, ବ୍ରାହ୍ମଣସାହି ସରପଞ୍ଚଙ୍କ ପ୍ରତିନିଧି ପ୍ରମୋଦ ପ୍ରଧାନ ପ୍ରମୁଖ ଅସୁସ୍ଥ ହୋଇପଡିଥିଲେ। ସେମାନଙ୍କୁ ରାଜନଗର



ଗତକାଲି ରାତିରେ ବର୍ଷା, ପବନ ସାଙ୍ଗକୁ ଆଜି ପ୍ରଚଣ୍ଡ ରୋଦ୍ରତାପ ଓ ଗୁଳୁଗୁଳି ସତ୍ତ୍ୱେ ଥାନା ଆଗରେ ଶତାଧିକ କର୍ମୀ ଅନଶନରେ ବସିଛନ୍ତି। ଦାବି ପୂରଣ ହେବ ଓ ରାଜନଗରରେ ଆଇନଶୃଙ୍ଖଳା ଫେରିବା ଯାଏଁ ଶାନ୍ତିପୂର୍ଣ୍ଣ ଭାବେ ଅନଶନରେ ବସି ରହିବାକୁ ନେତା ଓ କର୍ମୀଙ୍କ ଜିଦ ପୁଲିସର ନିଦ ହଜାଇ ଦେଇଛି। ଅନଶନରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଉଛି। ଏସଡିପିଓ କ୍ଷମାସାଗର ପଣ୍ଡା ଅନଶନକାରୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ଅନଶନକାରୀ ଅନଶନରୁ ଉଠି ନ ଥିଲେ। ସନ୍ଧ୍ୟାରେ ଅତିରିକ୍ତ ଏସପି ଦେବାଶିଷ ଧଳ ଥାନାରେ ପହଞ୍ଚି ଅନଶନକାରୀ ପ୍ରତିନିଧି ଦଳ ସହ ଆଲୋଚନା କରୁଛନ୍ତି।

## ପାଇକା ନଦୀପଠାରୁ ଗୋରୁ ଉଦ୍ଧାର

ଗରଦପୁର,୭।୬(ସମିସ): ଗରଦପୁର ବ୍ଲକ୍ କୁଦାନଗରୀ ଥାନା ଅନ୍ତର୍ଗତ ପଳସୁଧା ପଞ୍ଚାୟତର ପଳସୁଧା ଅଞ୍ଚଳର ପାଇକା ନଦୀପଠାରେ ଶତାଧିକ ଗୋରୁ ଓ ବୃଷଭଙ୍କୁ ଅତି ନିର୍ଦ୍ଦୟ ଭାବେ ବନ୍ଧାଯାଇଥିବା ଦେଖିବାକୁ ମିଳିଥିଲା। କିଏ ଏଭଳି ଅବସ୍ଥାରେ ରଖିଛି, ତାହା ଏବେ ସନ୍ଦେହ



ସୃଷ୍ଟି ହୋଇଥିଲା ଏ ଖବର ପାଇ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ କାର୍ଯ୍ୟକର୍ତ୍ତା ମାନସ ରଞ୍ଜନ ଦାସ, ରୁଦ୍ରକଲ୍ୟାଣ ତ୍ରିପାଠୀ, ରଞ୍ଜିତ ଆଚାର୍ଯ୍ୟ, ରଶ୍ମିରଞ୍ଜନ ମହାନ୍ତି, ପ୍ରଭୁକଲ୍ୟାଣ ତ୍ରିପାଠୀ, ଲକ୍ଷ୍ମୀକାନ୍ତ ଦାସ, ରଙ୍କନିଧି ଦାସ, ବିଶ୍ୱଜିତ୍ ମହାନ୍ତି, କୃଷ୍ଣା ସିଂହ, ସୁଜିତ୍ ସିଂହ, ନୃସିଂହ ଚରଣ ସ୍ୱାଇଁ, ସଞ୍ଜୟ ରାଉତ, କୀର୍ତ୍ତିରଞ୍ଜନ ଦାସ ପ୍ରମୁଖ ପହଞ୍ଚି ସ୍ଥାନୀୟ ପୁଲିସ ସହାୟତାରେ ଗୋମାତାଙ୍କୁ ଉଦ୍ଧାର କରିଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ଗୋମାତାଙ୍କୁ କେଉଁ ଗୋଶାଳାକୁ ହସ୍ତାନ୍ତର କରାଯିବ, ତାହା ସ୍ଥିର ହୋଇପାରିନାହିଁ।

# ବିଜେପିର ନିର୍ବାଚନମଣ୍ଡଳୀ ସ୍ତରୀୟ କର୍ମଶାଳା

ମାର୍ଶାଘାଇ,୭।୬(ସମିସ): ମହାକାଳପଡ଼ା ବିଜେପିର ନିର୍ବାଚନମଣ୍ଡଳୀ ସ୍ତରୀୟ କର୍ମଶାଳା ମାର୍ଶାଘାଇ ଡାକବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମଣ୍ଡଳ ସଭାପତି ପ୍ରଶାନ୍ତ ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ କର୍ମଶାଳାରେ ନିର୍ବାଚନମଣ୍ଡଳୀ ସଂଯୋଜକ ସରୋଜ ସାହୁ, ରାଜ୍ୟ ପରିଷଦ ସଭ୍ୟ କୁମର ମହାନ୍ତି, ବରିଷ୍ଠ ନେତା ବିକ୍ରମ ରାଉତରାୟ, ବିକ୍ରମାଦତ୍ୟ ସାହୁ, ଜିବନାନନ୍ଦ ସାହୁ, ନାରୀନେତ୍ରୀ ପ୍ରତୀମା ନାୟକ, ଉଷାରାଣୀ ମିଶ୍ର, ପୂର୍ବତନ ସମିତି ସଭ୍ୟ ନିଗମ ପ୍ରସାଦ ରଥ, ୨୫ନଂ ଜୋନ୍ ବିଜେପି ମଣ୍ଡଳ ସଭାପତି ରଶ୍ମିରଞ୍ଜନ ରାଉତରାୟ, ମାନସ ମହାନ୍ତି, ହିରଣ୍ୟ ମହାପାତ୍ର ପ୍ରମୁଖ ଯେଗାଦେଇ କେନ୍ଦ୍ରରେ ୧୧ ବର୍ଷ ଓ ରାଜ୍ୟରେ ୧ ବର୍ଷ ପୂର୍ତ୍ତି ନେଇ ଆଲୋଚନା କରିବା ସହ



ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ ଓ ସାଂସଦଙ୍କ ନେତୃତ୍ୱକୁ ସୁଦୃଢ଼ କରିବାକୁ ଆହ୍ୱାନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ତ୍ରିଲୋଚନ ରାଉତ, ପ୍ରଦୀପ ବେହେରା, ପବିତ୍ର ଚୌଧୁରୀ, ସୌବଲ୍ୟ ବାହାଲିଆ ପ୍ରମୁଖ ଥିଲେ। ଜ୍ଞାନରଞ୍ଜନ ବସନ୍ତିଆ, ଅଞ୍ଜନ ମୁଦୁଲି, ପ୍ରଦୀପ ସେଠୀ, ଚନ୍ଦ୍ରକାନ୍ତ ସ୍ୱାଇଁ, ପ୍ରଶାନ୍ତ ସାହୁ, କୈଳାସ ସାହୁ, ରୁଦ୍ରନାରାୟଣ ମୁଦୁଲି, ବିଭୂତି ପରିଡ଼ା, ନଳିନୀ କାନ୍ତ ପଲାଇ, ଅଭିରାମ ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପୂର୍ତ୍ତ ବିଭାଗ ରାସ୍ତା କାମ ନିମ୍ନମାନର

# କାମ ଶେଷ ହେଉ ହେଉ ଫାଟି ଆଁ

ରାଜକନିକା,୭।୬(ସମିସ)

ପୂର୍ତ୍ତ ବିଭାଗ ପକ୍ଷରୁ ନହୁଲିଆ-ବାଦରଜା, ଆୟତନ-ଗଜରାଜପୁର, ଆୟତନ-ମହାଦେଇଆଡିଆ-ଝାଡ଼ମାଳ ରାସ୍ତା କାମ ହୋଇଛି। ତେବେ କାମ ଶେଷ ହେଉ ହେଉ ଫାଟି ଆଁ କଲାଣି। ସପ୍ତାହେ ଯାଇନି ରାସ୍ତାରେ ପକାଯାଇଥିବା ପିଚୁ ସାଇଡ୍ ଓ ମଝିରୁ ଦବିଲାଣି। ରାସ୍ତା କଡ଼ରେ କେବଳ ବାଲି ଉପରେ ଥୁଆଯାଇଥିବା ଫ୍ଲେବର ଟାଇଲ ଉଠିବା ଓ ଦବି ଗାଡ଼ ହୋଇଗଲାଣି। ସେହିଭଳି ରାସ୍ତାର କଂକ୍ରିଟ ଓ ପିଚୁ ଉଠିଯାଇ ଗାଡ଼ ସୃଷ୍ଟି ହେଲାଣି। ଭାରୀଯାନ ଚଳାଚଳ ଯୋଗୁଁ ଏମିତି ହେଉଥିବା ଜେଇ କହୁଥିବାରୁ ରାସ୍ତାର ସ୍ଥାୟିତ୍ୱ ନେଇ ସନ୍ଦେହ ସୃଷ୍ଟି ହୋଇଛି। ରାଜକନିକା ବ୍ଲକ ପୂର୍ବ



କନିକାର ଲାଇଫଲାଇନ କୁହାଯାଉଥିବା ରାସ୍ତାରେ ଅତ୍ୟନ୍ତ ନିମ୍ନମାନର କାମ ଯୋଗୁଁ ସ୍ଥାୟିତ୍ୱ ନେଇ ପ୍ରଶ୍ନ ଉଠିଛି। ଗ୍ରାମ୍ୟ ନିର୍ମାଣ ବିଭାଗ ଏହି ରାସ୍ତାକୁ ଅଧିକ ଉନ୍ନତମାନର କରିବାକୁ ଏହି ରାସ୍ତାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ୧୨ କୋଟି ଟଙ୍କା ବ୍ୟୟରେ ରାସ୍ତା କାମ ହୋଇଛି। ପ୍ରଥମେ ପୁରୁଣା ରାସ୍ତାକୁ ତାଡ଼ି ସେଥିରେ ଡବ୍ଲ୍ୟୁଏମ ଭାଗ ମାପରେ କେବଳ ବଜୁରୀ ଓ ଧସା ଡଷ୍ଟ ଅନୁପାତକୁ ନେଇ କାଟଣା ଅଞ୍ଚଳରେ ବିରୋଧ ହୋଇଥିଲା। ପରେ ଡବ୍ଲ୍ୟୁଏମରେ ସାମାନ୍ୟ ଉନ୍ନତି କରି କମ୍ ପରିମାଣର ପିଚୁରେ ରାସ୍ତା କାମ କଲେ ଠିକାଦାର। ଅଳ୍ପ ପରିମାଣର ପିଚୁ ପକାଇ କାମ ସାରିବା ପରେ ଢଳେଇ ରାସ୍ତାରେ ୨୬ ସିମେଣ୍ଟ ଜାଗାରେ ୧୬ ସିମେଣ୍ଟରେ କାମ ହୋଇଛି। କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ ଅଧୀନ ଆଳି ସେକ୍ସନ ଜେଇଙ୍କ ତଦାରଖରେ ରାସ୍ତା କାମ ହେବା କଥା। ତେବେ କାମ ଦେଖିବାକୁ ଜେଇ ଆସିନାହାନ୍ତି। ଠିକାଦାରଙ୍କ ଦ୍ୱାରା ନିଯୁକ୍ତ ଅନଭିଜ୍ଞ ସୁପରଭାଇଜରଙ୍କ ଦ୍ୱାରା ନହୁଲିଆ -ବାଦରଜା, ଆୟତନ-ଗଜରାଜପୁର, ଆୟତନ-ମହାଦେଇଆଡିଆ-ଝାଡ଼ମାଳ ରାସ୍ତା କାମ ହୋଇଛି। ବିବି ଇନ୍‌ଫ୍ରା ନାମକ ସ୍ଥାନୀୟ ଠିକାଦାର ଅତ୍ୟନ୍ତ ନିମ୍ନମାନର କାମ କରିଥିବା ଅଭିଯୋଗ ହେଉଛି। କଂକ୍ରିଟ ରାସ୍ତାରେ କ୍ୟୁରିଙ୍ଗ ପାଇଁ ସଠିକ ପାଣି ଦିଆ ନ ଯିବା, ଅଳ୍ପ ସିମେଣ୍ଟ ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି। ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହେଉଛି।

ସୃଜନିକା

ସକାଳ
THE SAKALA
www.sakalaepaper.com

# ଭାଗ୍ୟର ଖେଳ



ଶ୍ରୁତକୀର୍ତ୍ତି ତ୍ରିପାଠୀ

ନିଜକୁ ତିନୋଟି ପୁଅର ମାଆ ବୋଲି ବହୁତ ଭାଗ୍ୟବାନ ମନେ କରୁଥିଲେ ରମାଦେବୀ । ଗର୍ବରେ ତାଙ୍କ ଛାତି ଫୁଲି ଉଠେ ଯେବେ ପାଖ ପଡ଼ୋଶୀ ତାଙ୍କ ତିନି ପୁଅଙ୍କ ଗୁଣ ଗାରିମା କଥା କହି ତାଙ୍କ ପ୍ରଶଂସା କରନ୍ତି । ତିନି ଜଣ ଯାକ ଭଲ ପାଠ ପଢ଼ି ଉଚ୍ଚ ପଦ ପଦବିରେ ଅଧିଷ୍ଠିତ, କାହିଁକି ଗର୍ବ ନ କରିବେ ଯେ ! କମ କଷ୍ଟ କରିନାହାନ୍ତି ବାପା ମାଆ ଦିଜଣ ତିନି ତିନିଟା ପିଲାଙ୍କୁ ବଢ଼େଇବା ପାଇଁ । ରମେଶ ବାବୁ ସରକାରୀ ଦରମାରେ ବଡ଼ କଷ୍ଟରେ ଘର ଚଳାଉଥିବେ ବି ପିଲାଙ୍କ ପାଠପଢ଼ାରେ ଊଣା କରିନାହାନ୍ତି କେବେ କିଛି । ଅତି ଅଭାବ ପଡ଼ିଲେ, ବାପ ଦାଦିଙ୍କଠାରୁ ପାଇଥିବା ଜମି ଖଣ୍ଡେ ଖଣ୍ଡେ ବିକ୍ରି କରିଦେଇଛନ୍ତି, ହେଲେ ପିଲାଙ୍କର ଅସୁବିଧା ହେବାକୁ ଦେଇ ନାହାନ୍ତି । କ'ଣ ହେବ ସେ ଜମି ଜମା, ଯାହା ତ ଅଛି ସବୁ ପିଲାଙ୍କ ପାଇଁ । ତାପରେ ସେମାନେ ବଡ଼ ହୋଇଗଲେ ଘରର ସବୁ ଦାୟିତ୍ୱ ନେବେ ନାହିଁ କି ?

ଆଗତ ଭବିଷ୍ୟତର ସୁନେଲି ସ୍ୱପ୍ନ ଦେଖି ବିଭୋର ହୁଅନ୍ତି ବାପାମାଆ । ଏ ଜନ୍ମରେ ତ ଅନ୍ତତଃ ତାଙ୍କର କିଛି ଅସୁବିଧା ରହିବ ନାହିଁ ବୋଲି ବିଶ୍ୱାସଟିଏ ଦାନା ବାନ୍ଧୁଥାଏ ତାଙ୍କ ଅନ୍ତରରେ । ବାର୍ଦ୍ଧକ୍ୟ ସୁଖମୟ ହେବାର ପୂର୍ଣ୍ଣ ବିଶ୍ୱାସ ଦୁହିଁଙ୍କ ମୁଖମଣ୍ଡଳକୁ ଉଜ୍ଜ୍ୱଳ କରେ । ଅବସର ନେଲା ପରେ କାହା ଘରେ ରହିବେ, କେଉଁଠିକୁ ବୁଲିବାକୁ ଯିବେ, ସବୁ ତାଙ୍କ ଇଚ୍ଛା ଅନୁସାରେ ହେବା ତ ଥୟ । ଏବେ ଟିକେ କଷ୍ଟ କରିଦେଲେ ଗଲା । ଏହି ବିଚାର ଜନିତ ଆଶ୍ୱସ୍ତି ଦମ୍ପତିଙ୍କ ମନରେ ସଦା ରହିଥାଏ । ସେଥିପାଇଁ ତ ବାର୍ଦ୍ଧକ୍ୟ ପାଇଁ କିଛି ସଞ୍ଚୟ କରିବାକୁ ଉଚିତ ମଣି ନାହାନ୍ତି ସୁରେଶ ବାବୁ । ପୁଅମାନଙ୍କ ସହ ଖୁସି ଜୀବନ ବିତେଇବାର ଯୋଜନା ତାଙ୍କ ମସ୍ତିଷ୍କ କେବେଠାରୁ କରି ସାରିଛି ।

ଦାରୁଣ ଭାଗ୍ୟର କି ଖେଳ ! ତିନି ତିନିଟା ପୁଅର ମାଆ, ଆଜି ପରିଣତ ବୟସରେ ନିଜେ ରୋଷେଇ କରି ଖାଇବାକୁ ବାଧ ହେଉଛି । ସୁରେଶ ବାବୁଙ୍କ ମୃତ୍ୟୁ ପରେ ରମାଦେବୀ ଯେମିତି ହଠାତ ବୋଝ ପାଲଟି ଯାଇଛନ୍ତି ସେମାନଙ୍କ ପାଇଁ । ବାପାଙ୍କ ପେନ୍‌ସନ୍ ଲୋଭରେ ସମସ୍ତେ କିଛି କିଛି ଦିନ ପାଳି କରି ତାଙ୍କୁ ଘରେ ରଖିଲେ । ବୟସ ବଢ଼ିବାରୁ ମାଆର ବି ଉଚ୍ଚ ରକ୍ତଚାପ, ମଧୁମେହ ରୋଗ ବାହାରି ପଡ଼ିଲା । ପେନ୍‌ସନ୍ ତକ ତାଙ୍କ ନିୟମିତ ଚିକିତ୍ସା, ଔଷଧ ଆଉ ଟିକେ ଭଲମନ୍ଦ ଖାଇବାରେ ଶେଷ । ପୁଅମାନେ ଦେଖିଲେ ମାଆକୁ ଏବେ ପାଖରେ ରଖିଲେ ଲାଭଠାରୁ ବରଂ ଖର୍ଚ୍ଚ ଅଧିକ । ଜଣେ ଅନ୍ୟ ଜଣଙ୍କୁ ମାଆର ଦାୟିତ୍ୱ ନେବାକୁ କହିଲେ ନିଜର ଭିନ୍ନ ଭିନ୍ନ ଅସୁବିଧା ଦେଖାଇ ।

ରମାଦେବୀ ବୁଝି ପାରିଲେ ତାଙ୍କ ସିଆଣିଆ ପୁଅମାନଙ୍କ ମନକଥା । ନିଜ ସ୍ୱାମୀ ଗଢ଼ିଥିବା ଗାଁର ପରିତ୍ୟକ୍ତ ଘରକୁ ଫେରିଯିବା ପାଇଁ ସେ ନିଷ୍ପତ୍ତି ନେଲେ । ଉପରେ ଉପରେ ପୁଅମାନେ ବହୁତ ମନ ଦୁଃଖ କଲେ, ମାଆକୁ ମନା ବି କଲେ ନ ଯିବା ପାଇଁ । ହେଲେ ମାଆ ତ, ପିଲାମାନଙ୍କର ମନକଥା ଜାଣିବା ପରେ ସେମାନଙ୍କ ସହ ଦଣ୍ଡେ ହେଲେ ଆଉ ରହିବାକୁ ଚାହିଁଲେ ନାହିଁ । ଶେଷ ନିଶ୍ୱାସ ନିଜ ସ୍ୱାମୀ ତୋଳିଥିବା ଘରେ ନେଲେ ହିଁ ମୁକ୍ତି ଅଛି, ଭାବି ଏକୁଟିଆ ଗାଁରେ ରହିବାକୁ ଲାଗିଲେ ।



ପରଳ ପଡ଼ିଥିବା ଆଖିରେ ଭଲରେ କିଛି ଦେଖାଯାଏନି ବୋଲି ଦିନକୁ ଥରେ କ'ଣ ଗଣ୍ଡେ ଫୁଟେଇ ଦେଇ ଦିନଯାକ ସେୟାକୁ ଖାଇ ଦିଅନ୍ତି ରମାଦେବୀ । ଦେହ ପା' ଅସୁଖ ଦିନ ଚୁଲି ନ ଜାଳି ପାରିଲେ ଶୁଖିଲା ମୁଢ଼ି କି ଚୁଡ଼ା ପାଟିରେ ପକେଇ ନିଜ ଭାଗ୍ୟକୁ ନିନ୍ଦନ୍ତି । କେତେଥର ଝାଡ଼ା, ପରିସ୍ରା ଗଲା ବେଳେ ଶିଉଳି ଲଗା ଭୂଇଁ ଉପରେ ପାଦ ଖସି ପଡ଼ିଯାଇଛନ୍ତି । ମୁଣ୍ଡରେ, କହୁଣୀରେ ବାଜି କ୍ଷତ ସୃଷ୍ଟି ହୁଏ । ପୁଣି ଉଠି ନିଜେ ମଲମ ଲଗାଇ ନିଜକୁ ବୋଧ ଦିଅନ୍ତି ସେ । ଏମିତି ନୁହେଁ ଯେ ଯନ୍ତ୍ରଣା ହୁଏ ନାହିଁ, ହେଲେ ସେ କଷ୍ଟ ତାଙ୍କ ଅନ୍ତରର ଯନ୍ତ୍ରଣାଠାରୁ ଢେର କମ୍ । ନିତି ଠାକୁରଙ୍କ ପାଖରେ ମୃତ୍ୟୁ ପାଇଁ ପ୍ରାର୍ଥନା କରନ୍ତି, "କାହିଁକି ନେଇ ଯାଉ ନାହିଁ ଠାକୁରେ, ଏ ଜୀବନ ଥାଇ ଆଉ କି ଲାଭ ? କାହାର ତ କିଛି ଆଉ କାମରେ ଆସୁନାହିଁ ମୁଁ, କାହିଁକି ଏକାକୀ କଷ୍ଟ ଭୋଗିବାକୁ ବଞ୍ଚେଇ ରଖିଛ ମୋତେ!"

ସ୍ୱାମୀ ସୁରେଶଙ୍କ ଫଟୋ ଆଗରେ ଛିଡ଼ା ହୋଇ ନିଜ ଭାଗ୍ୟକୁ ନିନ୍ଦନ୍ତି । "ତିନି ପୁଅ ହେଲେ ବୋଲି କେତେ ଖୁସି ହେଉଥିଲ, ଆମେ କେତେ ଭାଗ୍ୟବାନ ବୋଲି ଚାରିଆଡ଼େ କହି ବୁଲୁଥିଲ, ମାତ୍ର ସେଇ ତିନି ପୁଅଙ୍କ ସେବା, ସ୍ନେହ, ସାନ୍ନିଧ ପାଇବା ଆମ ଭାଗ୍ୟରେ ନାହିଁ । କେଉଁ ଜନ୍ମରେ କି ପାପ କରିଥିଲି ବୋଧେ, ତା'ର ଫଳ ଭୋଗିବାକୁ ବାକି ଜୀବନ ଏକୁଟିଆ ବିତେଇବାକୁ ହେଉଛି ।"

ଥର ଥର ହାତରେ ଘରକାମ କଲା ବେଳକୁ ତାଙ୍କର ମନ କଷ୍ଟ ହୁଏ ସିନା, ତଥାପି ପରମେଶ୍ୱରଙ୍କ ପାଖରେ ତିନି ପୁଅଙ୍କ ଶୁଭ ମନାସି ପ୍ରତିଦିନ ଦୀପଟିଏ ଜାଳିବାକୁ ଭୁଲନ୍ତି ନାହିଁ ସେ । ନିଜ ଭାଗ୍ୟକୁ ନେଇ କେତେ ଯେ ଗର୍ବ କରୁ ନ ଥିଲେ ସେ ! ଏବେ ନିଜ ଭାଗ୍ୟର ତର୍ଜମା କରି ପ୍ରାୟ ସବୁଦିନ ଏମିତି ତାଙ୍କ ଆଖିରୁ ଲୁହ ବୋହିଯାଏ । ■

ଭୁବନେଶ୍ୱର - ୨
ମୋ: ୭୩୭୦୫୧୬୪୭୮

# ନିବୃତ୍ତ ରହିବି



ମନୁଆ ଦାସ

ଯେତେ ଦିନ ବଞ୍ଚିବି
ଇଚ୍ଛା ହୁଏ ନିବୃତ୍ତ ରହିବି
ହିଂସାର ପ୍ରତିଯୋଗିତାରୁ
କିଏ କେତେ କଲା ସୀମାରେ
ନରସଂହାର
ନିବୃତ୍ତ ରହିବି ନ୍ୟାୟ ଅନ୍ୟାୟର
ବଦଳୁଥିବା ସାମରିକ ପରିଭାଷାରୁ

ମୋ ପରିଚୟରୁ ଉତାରି ଦେବି ଦେଶର ସାଂଗିଆ
ଜାତିର ସାଂଗିଆ, ଧର୍ମର ସାଂଗିଆ ଆଉ ପୁଞ୍ଜିର ମାପକାଠି
ମୋ ସମ୍ପର୍କରୁ ଓହ୍ଲାଇଦେବି ଅହଂକାରର ଯେତେ ପରିପାଟୀ

ଯେତେ ଦିନ ବଞ୍ଚିବି
ଇଚ୍ଛା ହୁଏ ନିବୃତ୍ତ ରହିବି
ରାଜନୀତିର ସଂକ୍ରମଣରୁ
କିଏ କେତେ ଅକ୍ତିଆର କଲା କ୍ଷମତା
ବସିବାକୁ ସର୍ବୋଚ୍ଚ ନିଶାପରେ
ନିବୃତ୍ତ ରହିବି ଜୟପରାଜୟର
ବଦଳୁଥିବା ବେପାର ଚିହ୍ନରୁ

ମୋ ମନୁଷ୍ୟତ୍ୱରୁ ଉତାରି ଦେବି ଉପଭୋକ୍ତାର ଭୋକ
ଆତ୍ମସାତ୍ କରିବାର ଲୋଭ, ପକ୍ଷଧାରୀର ଛଦ୍ମବେଶ
ମୋ ସଂପର୍କରୁ ଓହ୍ଲାଇଦେବି ସମତାର ବିଚାର ବିଦ୍ୱେଷ

ଯେତେ ଦିନ ବଞ୍ଚିବି
ଇଚ୍ଛା ହୁଏ ନିବୃତ୍ତ ରହିବି

ମୋ ଚଳଣିରୁ ଉତାରି ଦେବି ନିର୍ବାଚନର ସୁଆଙ୍ଗ
ମୋ ନିଃସର୍ତ୍ତ ପ୍ରେମରୁ ଉତାରି ଦେବି ଅପ୍ରାପ୍ତିର ହିସାବ
ମୋ ମର୍ଯ୍ୟାଦାରୁ ଓହ୍ଲାଇ ଦେବି ପ୍ରତିପତ୍ତିର ରଙ୍ଗ
ମୋ ଅପାସୋରା ସ୍ମୃତିରୁ ଓହ୍ଲାଇଦେବି ଅମରତ୍ୱ

ସତରେ କ'ଣ ନିବୃତ୍ତ ରହିପାରିବି
ପ୍ରତ୍ୟାହାର କରିପାରିବି ନିଜକୁ
ଯେତେ ଦିନ ବଞ୍ଚିବି
ମୋ ଅଶାନ୍ତ ନିଃସଙ୍ଗତାରେ
ସଂସାରର ଆଶା
ମୋ ବ୍ୟର୍ଥ ଏକାକୀତ୍ୱରେ
କ'ଣ ସମ୍ବରଣ କରିପାରିବି
ବଞ୍ଚିରହିବାର ପିପାସା
ମୋ ପ୍ରେରିତ ସର୍ଜନାରେ
କ'ଣ ଲିଭେଇ ଦେଇପାରିବି
ସ୍ୱତ୍ୱଲିପିର ଉତ୍ତରାଧିକାର

ଅଥଚ ବାରମ୍ବାର କାହିଁକି
ଇଚ୍ଛା ହୁଏ ନିବୃତ୍ତ ରହିବି
ଅପଦାର୍ଥ ହୋଇ ବଞ୍ଚିବି
ଅଚିହ୍ନା ଅକିଞ୍ଚନ ହୋଇଯିବି
ସମୟର ଘନଘଟାରେ ଏଇଠି
ଥାଉ ଥାଉ ଥିବି ଯେପରି ନିଷ୍କ୍ରାନ୍ତ ■

ମୋ: ୯୭୭୭୯୬୫୩୨୦

# ବାପା : ଅବୁଝା ଈଶ୍ୱର



ଡକ୍ଟର ପୁରୁଷୋତ୍ତମ ମିଶ୍ର

ନିରୀହ ବାପା
ଯାହା କଲେ ବି ମନ ବୁଝେନା କାହାରି
ଗାମୁଛା କାନିରେ ବାନ୍ଧିକି ଆଣିଥିବା
ଅବୋଲକରା ନିଶ୍ୱାସକୁ ସାଇତି ରଖେ
କାଠ ବାକ୍ସରେ
ଦଶ ପ୍ରାଣୀର ଦଶ ଆଞ୍ଜୁଳାରେ
ନିଇତି ପରଷି ଦିଏ ଝାଳ ।

ଆଗତ ବିଗତ ଭଲ ମନ୍ଦ ଜଣେ ନା,
ତେଣୁ ଯାହା ବି ଏ ଘରେ
ଅଶାନ୍ତି, ଅସନ୍ତୋଷ ଉପୁଜୁଛି
ସବୁଥି ପାଇଁ ସେ ଦାୟୀ ବୋଲି
ନିରୀହ ବାପା କେତେ ଟାପରା ଶୁଣେ,
ଶୁଣି ଶୁଣି
ହସି ଦିଏ ବରଂ, ତୀକ୍ଷ୍ଣ ଏକ ଛୁରିକାରେ
ତରଭୁଜ ପରି ହୃଦୟକୁ କରେ ଦଶ ଫାଳ ।

ଅନ୍ତିମରେ ନିଜର କିଛି ବୋଲି କିଛି ନାହିଁ
କି ଆମ ପାଇଁ ବାପା କିଛି କଲେ ନାହିଁ ବୋଲି
ବାରମ୍ବାର ଶୁଣିବା ସତ୍ତ୍ୱେ
ମୁଣ୍ଡରେ ଗାମୁଛା ଭିଡ଼େ ଯକ୍ଷ,
ଭିଡ଼େ ଜଞ୍ଜାଳ
ଗଧପୂର୍ଣ୍ଣି ସାଗ ପଟାଳିରେ
ପାଣି ମଡ଼ାଏ ସାରାଟା ଖରାବେଳ ।

ବାପାର ଛାତିରେ ଧୂଆଁ ଉଠେ
ଛାତିରେ ଚୁଲି ଜଳେ
ବାପାର ଛାତି, ଝାଳୁଆ ଗନ୍ଧେ

ବାପା ଲେଙ୍ଗଡ଼ା ପିନ୍ଧେ,
ବାପା କିଛି ଜାଣେନା
ଫୋକଡ୍ ରାମ୍ ଗିରିଧାରୀ
ତେଣୁ ତାଙ୍କୁ ଛାଡ଼ କହି
ବୁଢ଼ା ବୟସରେ ସଭିଏଁ ଦୂରରେ ରଖନ୍ତି,
ତଥାପି କିଏ ଖାଇଲା ନ ଖାଇଲା
କିଏ ଯାଇଛି, କିଏ ଆସିଲା
ସବୁ ପଚାରି ପଚାରି ବାପା
ଶୁଣେ ଅସହଣି ପଦ ।

ବାପା, ଜୀବନ ସାରା ବୁଝାମଣାର
ଏକ ଲମ୍ବା ସ୍ୱାକ୍ଷର,
ନିରୀହ ବାପା
ବାଇଶି ଏକଡ଼ ଜମି ମଝିରେ କରି ଦେଇଛି
ମସ୍ତବଡ଼ ଗୋଟିଏ ଘର,
ବାପାର ଅନ୍ୟ ନାମ ଅବୁଝା ଈଶ୍ୱର । ■

ସୁବର୍ଣ୍ଣପୁର
ମୋ: ୮୮୯୫୮୦୮୦୫୦

# 'ଜ୍ଞାନମଣ୍ଡଳ'ର ଏକକ ପ୍ରଣେତା ବିନୋଦ କାନୁନ୍‌ଗୋ



ବୈଷ୍ଣବ ମେହେର

"ମୁଁ ମନୁଷ୍ୟ । ଅନ୍ୟ ପ୍ରାଣୀମାନଙ୍କ ତୁଳନାରେ ମୋର ଗୋଟିଏ ଉନ୍ନତ ମସ୍ତିଷ୍କ ଅଛି । ତେଣୁ ଜଗତର ଯେ କୌଣସି କଥା ଜାଣିବା ପାଇଁ ଆଗ୍ରହ ହେବ । ମୁଁ ସହଜରେ ଜାଣିବି-ଜାଣିବାର ସୁଯୋଗ ପାଇବି । ମୁଁ ମନୁଷ୍ୟ ହୋଇଥିବାରୁ ଜ୍ଞାନ ହାସଲ କରିବାଟା ମୋର ଜନ୍ମଗତ ଅଧିକାର । ସେହି ଅଧିକାରରୁ କେହି ମୋତେ ବଞ୍ଚିତ କରିପାରିବେ ନାହିଁ । ଗୋଟିଏ ଅଭିଧାନରୁ ଗୋଟିଏ ଭାଷାର ପ୍ରତ୍ୟେକ ଶବ୍ଦର ଅର୍ଥ ମିଳିଗଲା ଭଳି ଗୋଟିଏ ପୁସ୍ତକରୁ ମାନବ ଜ୍ଞାନର ପ୍ରତ୍ୟେକ ବିଭାଗର ସଂକ୍ଷିପ୍ତ ପରିଚୟ ମିଳୁଥିବା ପୁସ୍ତକଟିର ଆବଶ୍ୟକତା ଅନୁଭବ କରାଗଲା...ଆମେ ଓଡ଼ିଆ, ଆମର ଗୋଟିଏ ଉନ୍ନତ ଭାଷା ଅଛି । ଦୁନିଆର ଚାରିଆଡ଼େ ଏହି ଭଳି ପୁସ୍ତକ ପ୍ରକାଶ ପାଉଥିଲା ବେଳେ ଆମେ କ'ଣ ସେଭଳି କରି ପାରିବା ନାହିଁ ? ଏହି ପ୍ରଶ୍ନ ଯେତେବେଳେ ମୋ ମନ ଭିତରେ ଉଠିଛି, ମୁଁ ବ୍ୟଥିତ ହୋଇ ପଡ଼ିଛି ଓ ନିଶ୍ଚୟ ପ୍ରକାଶ ପାଇବା ଉଚିତ ବୋଲି ବିଚାରି ୧୯୫୪ରେ ଗୋଟିଏ ଯୋଜନା କଲି ଓ ଆଜିର ଏହି ପ୍ରଥମ ଖଣ୍ଡିକ ସେଇ ଯୋଜନାର ଫଳ ।" 'ଜ୍ଞାନମଣ୍ଡଳ'ର ପ୍ରଥମ ଭାଗ ମୁଖବନ୍ଧର ନିଜକଥାରେ ଏହା ହେଉଛି ପ୍ରଣେତାଙ୍କ ଲିଖିତ ନିଜସ୍ୱ ଉକ୍ତି । ଉକ୍ତ ମୁଖବନ୍ଧରେ ମାତୃଭୂମି ଓ ମାତୃଭାଷା ପ୍ରତି ଜଣେ ସର୍ଜନଶୀଳ ମଣିଷର ସମର୍ପିତ ଭାବର ଯେଉଁ ପରିପ୍ରକାଶ ଘଟିଛି ତାର ପଟାନ୍ତର ନାହିଁ ।

ଆଜି ୱିକିପିଡ଼ିଆର ଯୁଗ ଚାଲିଛି, କିନ୍ତୁ ସମୟ ଥିଲା ଓଡ଼ିଶାରେ ଚାଲିଥିଲା ଜ୍ଞାନମଣ୍ଡଳର ଯୁଗ । ଜଣେ ଯଦି କିଛି ଓଡ଼ିଆ ଭାଷାରେ ଜାଣିବାକୁ ଚାହୁଁଥିଲା, ତେବେ ପାଖରେ ରଖିବାକୁ ପଡୁଥିଲା ଏକମାତ୍ର ଜ୍ଞାନର ଉତ୍ସ 'ଜ୍ଞାନମଣ୍ଡଳ' । ସେହି 'ଜ୍ଞାନମଣ୍ଡଳ'ର ସଫଳ ସ୍ରଷ୍ଟା ଥିଲେ ବିଂଶ ଶତାବ୍ଦୀର ଓଡ଼ିଶାର ଚଳନ୍ତି ଜ୍ଞାନବୃକ୍ଷ ଭାବରେ ପରିଚିତ ଭାଷା ଆଉ ମାଟି ପ୍ରତି ସମର୍ପିତ ମଣିଷ ବିଶିଷ୍ଟ ଚିନ୍ତାନାୟକ ବିନୋଦ କାନୁନ୍‌ଗୋ ।

କଥିତ ଅଛି ଯେ ତ୍ରୟୋଦଶ ଶତାବ୍ଦୀରେ ମଧ୍ୟ ଯୁଗର ପ୍ରଖ୍ୟାତ ଇଂରେଜ ବୈଜ୍ଞାନିକ ରୋଜର୍ ବେକନ ବିଶ୍ୱର ପ୍ରଥମ 'ଜ୍ଞାନକୋଷ' ରଚନା କରିଥିଲେ । କିନ୍ତୁ ତାହା ଲୋକଲୋଚନକୁ ଆସିବା ପୂର୍ବରୁ କୁଆଡ଼େ ଅନ୍ତର୍ହିତ ହୋଇଗଲା । ଏହାର ପ୍ରାୟ ପାଞ୍ଚଶହ ବର୍ଷ ପରେ ଏନ୍‌ସାଇକ୍ଲୋପିଡ଼ିଆ ବ୍ରିଟାନିକାର ଆବିର୍ଭାବ ହେବା, ଗୋଟିଏ ଜ୍ଞାନକୋଷ ପ୍ରଣୟନ କରିବା କେତେ ଦୁଃସାଧ୍ୟ ତାହା ଅନୁମାନ କରାଯାଇପାରେ । ଇଂରେଜମାନେ ଭାବୁଥିଲେ ଯେ, ଇଂରାଜୀ ହିଁ ଏକମାତ୍ର ଜ୍ଞାନର ଭାଷା ଓ ଅନ୍ୟ ସମସ୍ତ ଭାଷା କେବଳ ଭାବର ଆଦାନପ୍ରଦାନ ପାଇଁ କଥିତ ଭାଷା ମାତ୍ର । ଆତ୍ମଗର୍ବୀ ଇଂରେଜମାନଙ୍କ ଏଭଳି ମନୋଭାବ ସେତେବେଳେ ଭାରତର ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ବ୍ୟଥିତ କରିଥିଲା । ସମସ୍ତେ ଲାଗିଥିଲେ ଯେ ଭାରତର ପ୍ରତ୍ୟେକ ପ୍ରାନ୍ତୀୟ ଭାଷା, ଜ୍ଞାନର ଭାଷା ହେଉ । ଏହି କ୍ରମରେ ଓଡ଼ିଆ ଭାଷାକୁ ଜ୍ଞାନର ଭାଷା ଭାବରେ ପରିଗଣିତ କରିବା ପାଇଁ ସଂଗ୍ରାମୀ ବିନୋଦ କାନୁନ୍‌ଗୋ ଓଡ଼ିଆ ଜ୍ଞାନକୋଷ ଲେଖିବାର ପରିକଳ୍ପନା କରିଥିଲେ ।

"ରଣ ସମୟରେ ବହି ଘୋଷିବାକୁ ମୋତେ ଆଉ ତୁମେ ବଳାନା
ଛାତିର ରକତ ତାତି ଉଠେ ମୋର, ବାଜିବାରୁ ଯୁଦ୍ଧ ବାଜଣା ।
ଯୁଦ୍ଧ ଇତିହାସ ହୋଇଲେ ପଠିତ,
ଶୁଣି ବଂଶଧର ହୋଇବେ ପଣ୍ଡିତ
ନରହନ୍ତାର ବଂସେଇ ଶାଳେ ମୁଁ ଲେଖୁଥିବି ବସି ରଚନା ।"

ମାମୁଁ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଆର୍ତ୍ତବଲ୍ଲଭ ମହାନ୍ତିଙ୍କ କଟକସ୍ଥିତ ବାସଭବନରେ ରହି କଲିଜିଏଟ୍ ସ୍କୁଲରେ ପାଠ ପଢୁଥିବା ସମୟରେ ଜାତୀୟକବି ବୀରକିଶୋରଙ୍କ ଉକ୍ତ ଗୀତ ବିନୋଦଙ୍କୁ ଗଭୀର ଭାବେ ଅନୁପ୍ରାଣିତ କରିଥିଲା । ବିନୋଦଙ୍କ କହିବା ଅନୁସାରେ ୧୯୩୦ ମସିହା ଏପ୍ରିଲ ନଅ ତାରିଖରେ ଏହି ଗୀତ ପଢ଼ିଲା ପରେ ତାଙ୍କ ମନର ସମସ୍ତ ସନ୍ଦେହ ଦୂର ହୋଇ ସେ ନିଜର ପ୍ରକୃତ କର୍ତ୍ତବ୍ୟ ପ୍ରତି ସଚେତନ ହୋଇଯାଇଥିଲେ । ଏହାର ଠିକ୍ ପରଦିନ ମାମୁଁ ଆର୍ତ୍ତବଲ୍ଲଭ ମହାନ୍ତି, ପ୍ରଧାନଶିକ୍ଷକ ସଚ୍ଚି ରାୟ ଏବଂ ଡ. ପ୍ରାଣକୃଷ୍ଣ ପରିଜା ବହୁତ ବୁଝାଇବା ସତ୍ତ୍ୱେ ଅଧାରୁ ପାଠ ଛାଡ଼ି ନିଜର କିଛି ସହପାଠୀଙ୍କ ସହ ମାତୃଭାଷା ଓ ମାତୃଭୂମିର ସୁରକ୍ଷା ନିମନ୍ତେ ସେ ବାହାରି ଯାଇଥିଲେ । ଏଥିସହ ସେଦିନ ବିନୋଦ କାନୁନ୍‌ଗୋ ଆଉ ଏକ ଶପଥ ନେଇଥିଲେ ଯେ, ସ୍କୁଲ ଛାଡ଼ିଲେ ସିନା ପାଠ କେବେ ଛାଡ଼ିବେ ନାହିଁ ।

ହାତରେ ମାତ୍ର ଟଙ୍କାଟିଏ ଧରି 'ଜ୍ଞାନମଣ୍ଡଳ' ପ୍ରସ୍ତୁତିର ସଂକଳ୍ପ ନେଇ ଜନ୍ମମାଟି ଛାଡ଼ି ଦିନେ କଟକ ଚାଲିଆସିଥିଲେ ବିନୋଦ କାନୁନ୍‌ଗୋ । ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ଅନୁପ୍ରାଣିତ ବିନୋଦ ଧର୍ମଘଟରେ ଯୋଗଦେଇ ଏକାଧିକବାର କାରବାସ ଭୋଗିଥିଲେ । ଜେଲରେ ଥିବା ବେଳେ ସେଠାରେ କାଗଜର ଅଭାବ ଥିବାରୁ ବିଭିନ୍ନ ଛାପା କାଗଜର ଦୁଇଧାଡ଼ି ମଝିରେ ଥିବା ଖାଲି ଜାଗାରେ ଛୋଟଛୋଟ ଅକ୍ଷରରେ ଜ୍ଞାନକୋଷ ପାଇଁ ଲେଖି ରଖୁଥିଲେ । ବର୍ଷ ବର୍ଷ ଧରି ବିଭିନ୍ନ ଖବରକାଗଜରୁ ଆବଶ୍ୟକ ତଥ୍ୟ ଏବଂ କନିକା ପାଠାଗାରରେ ଘଣ୍ଟା ଘଣ୍ଟା ଅଧ୍ୟୟନ କରି ସେଠାରୁ ସଂଗୃହୀତ ତଥ୍ୟକୁ ନେଇ ସେ ୪୦ ରୁ ୫୦ ହଜାର ଯାଏଁ ଫାଇଲ ତିଆରି କରିଥିଲେ । ପରବର୍ତ୍ତୀ ସମୟରେ ଜ୍ଞାନମଣ୍ଡଳ ଲେଖିଲା ବେଳେ ଏହାର ସବୁଯାକ ଭାଗ ପାଇଁ ସେ ନିଜ ହାତରେ ହିଁ ପାଣ୍ଡୁଲିପି ପ୍ରସ୍ତୁତ କରିଥିଲେ । ୬୦ ଖଣ୍ଡରେ ପ୍ରକାଶ ପାଇବାକୁ ଥିଲା ଏହି ସବୁ ତଥ୍ୟାବଳୀ । ୧୯୫୪ ମସିହା ଜାନୁଆରୀ ମାସରେ ଜ୍ଞାନମଣ୍ଡଳ ପାଇଁ ତଥ୍ୟ ସଂଗ୍ରହ ଆରମ୍ଭ ହୋଇଥିବା ବେଳେ ଏହାର ପ୍ରଥମ ଖଣ୍ଡ ୧୯୬୦ ଡିସେମ୍ବର ଦୁଇ ତାରିଖରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଡ. ହରେକୃଷ୍ଣ ମହତାବଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା । ୧୯୬୧ ରୁ ୨୨ ଜୁନ୍ ୧୯୯୦ରେ ବିନୋଦଙ୍କ ପରଲୋକ ବେଳକୁ ଜ୍ଞାନମଣ୍ଡଳର ସମୁଦାୟ ୪୦ ଖଣ୍ଡ ପ୍ରକାଶିତ ହୋଇଥିଲା । ତାଙ୍କ ମୃତ୍ୟୁ ପରେ ଜ୍ଞାନମଣ୍ଡଳର ଏକ ସର୍ବାଧୁନିକ ସଂକ୍ଷିପ୍ତ, ପୂର୍ଣ୍ଣାଙ୍ଗ ସଂସ୍କରଣ ମଧ୍ୟ ପ୍ରକାଶିତ ହୋଇଛି । ଓଡ଼ିଆ ବିଶ୍ୱକୋଷ 'ଜ୍ଞାନମଣ୍ଡଳ'ର ଏକକ ରଚୟିତା ବିନୋଦ ବିଶ୍ୱକୋଷକୁ ତିନି ଶ୍ରେଣୀରେ ବିଭକ୍ତ କରିଛନ୍ତି । ପ୍ରଥମତଃ ବିଶେଷଜ୍ଞଙ୍କ ପାଇଁ 'ରିଫେରେନସ୍ ଏନ୍‌ସାଇକ୍ଲୋପିଡ଼ିଆ', ଦ୍ୱିତୀୟରେ କିଶୋରଙ୍କ ପାଇଁ ଚିତ୍ରବହୁଳ ଓ ସରଳ ଭାଷାରେ ଲିଖିତ 'ଚିଲ୍‌ଡରେନ୍ସ ଏନ୍‌ସାଇକ୍ଲୋପିଡ଼ିଆ' ଓ ତୃତୀୟଟି ହେଉଛି ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ସୁଖପାଠ୍ୟ, ସହଜବୋଧ 'ପପୁଲାର୍ ଏନ୍‌ସାଇକ୍ଲୋପିଡ଼ିଆ' । 'ପପୁଲାର୍ ଏନ୍‌ସାଇକ୍ଲୋପିଡ଼ିଆ' ବା 'ଜନପ୍ରିୟ ବିଶ୍ୱକୋଷ'ରେ ଚିତ୍ର ମାଧ୍ୟମରେ ଯେମିତି ବିଷୟବସ୍ତୁର ବର୍ଣ୍ଣନା ରହିଛି, ତାହା ଅଳ୍ପ ପାଠ ପଢ଼ିଥିବା ପିଲା ମଧ୍ୟ ସହଜରେ ବୁଝି ପାରିବ ।

ବିନୋଦ କାନୁନ୍‌ଗୋ ଆତ୍ମଜୀବନୀ, ଜୀବନୀ, ପ୍ରବନ୍ଧ, ଶିଶୁସାହିତ୍ୟ, ଅନୁବାଦ, ଡାଏରି ଆଦି ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରି ୧୧୦ ଟି ପୁସ୍ତକ ରଚନା କରିଛନ୍ତି । 'ରଣ ପରିଶୋଧ' ଓ 'ପାଠ ପଛେ ପଛେ ଅପାଠୁଆ' ତାଙ୍କର ଦୁଇଟି ଆତ୍ମଜୀବନୀ ପୁସ୍ତକ । ଯେଉଁଥିରୁ ତାଙ୍କ ଜୀବନର ସଂଘର୍ଷ ଓ ସାଧନା କଥା ଯେତିକି ଫୁଟି ଉଠେ, ସେତିକି ଓଡ଼ିଶାର ତତ୍କାଳୀନ ସାମାଜିକ, ସାଂସ୍କୃତିକ ଓ ବୌଦ୍ଧିକ ଚିତ୍ର ମଧ୍ୟ ବାରିହୁଏ । ୧୯୮୦ ଓ ୧୯୮୪ ମସିହାରେ ଦୁଇଥର ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଏବଂ ୧୯୮୬ରେ ଭାରତ ସରକାରଙ୍କ ଦ୍ୱାରା ପଦ୍ମଶ୍ରୀ ଉପାଧିରେ ସେ ସମ୍ମାନିତ ହୋଇଛନ୍ତି । ତେବେ ତାଙ୍କ ସାମାଜିକ ସମ୍ମାନ ଓ ସ୍ୱୀକୃତି ଥିଲା ଏସବୁରୁ ଖୁବ୍ ଉର୍ଦ୍ଧ୍ୱରେ ।


ସ୍ୱାଧୀନତା ପରବର୍ତ୍ତୀ ଭାରତରେ ଶିକ୍ଷାର ଏକ ନବଜାଗରଣ ସୃଷ୍ଟି କରିବାକୁ ଯେଉଁମାନେ ନିଜ ଜୀବନର ବ୍ରତ ବୋଲି ଧରି ନେଇ ଥିଲେ, ସେହିଭଳି ସମ୍ବେଦନଶୀଳ, ମାନବବାଦୀ ଚିନ୍ତାଧାରାର ଅନ୍ୟତମ ବାହକ ହେଉଛନ୍ତି ବିନୋଦ କାନୁନ୍‌ଗୋ । ଓଡ଼ିଆ ଭାଷା ଓ ମାଟି ପାଇଁ ତାଙ୍କ ଅନ୍ତରରେ ଥିବା ଅବଦମିତ ଉତ୍ସାହ, ନିଷ୍ଠାପରତା ଓ ପ୍ରତିଶ୍ରୁତିବଦ୍ଧତା ସର୍ବଦା ଅତୁଳନୀୟ ହୋଇ ରହିବ । ■

ସିନାପାଲି, ନୂଆପଡ଼ା
ମୋ: ୯୭୭୭୭୫୩୯୩୫

## ପୁସ୍ତକ ପରିଚୟ

### ଅଶେଷ ଅନୁରାଗ

ବିଜୟାନନ୍ଦ ସିଂହ




ଓଡ଼ିଶା ବୁକ୍ ଷ୍ଟୋର
ବିନୋଦ ବିହାରୀ, କଟକ-୨
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ: ୧୮୦ ଟଙ୍କା

ମଣିଷର ଜୀବନ ଦୁଃଖ, ବେଦନା, ନୈରାଶ୍ୟ, ଯନ୍ତ୍ରଣା ଜର୍ଜରିତ । ତଥାପି ପ୍ରେମ ଓ ଆତ୍ମୀୟତା ଜୀବନକୁ ଅମୃତମୟ କରିଦିଏ । ଜୀବନର ଏଭଳି ମହନୀୟ ଉପଲବ୍ଧିକୁ ଅନୁଭବ କରିହୁଏ ବିଜୟାନନ୍ଦ ସିଂହଙ୍କ 'ଅଶେଷ ଅନୁରାଗ' ପୁସ୍ତକର ଗପଗୁଡ଼ିକରେ । ଏହି ପୁସ୍ତକରେ ସନ୍ନିବେଶିତ 'ଅଶେଷ ମୋହ', 'ଦୁଃଖର ବୋଇତ', 'ନବଜନ୍ମ', 'ଅବ୍ୟକ୍ତ', 'ପାଣିଫୋଟକା', 'ବିଭାଜିତା ସ୍ୱପ୍ନ', 'ଫେରିବାର ବେଳ', 'ଅତର୍କିତ ସମୟ', 'ଉତ୍ତୀର୍ଣ୍ଣ ଶିହରଣ', 'ସୁନ୍ଦର ସକାଳ', 'ସଂସାର ପଥେ, 'ଚାଲ! ଫେରିଯିବା', 'ଏକତ୍ରବାସ', 'ଚଢ଼େଇ ବସା', 'ସ୍ୱଚ୍ଛ ସେବକ', 'ଅନୁରାଗର ଛାଇ' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି । ଶିଶୁରୋଗ ବିଶେଷଜ୍ଞା ସରିତାଙ୍କ ହୃଦୟ ମାତୃତ୍ୱର ଅକୁହା ବେଦନାରେ କିଭଳି ଛଟପଟ ହେଉଛି ତାହା 'ଅଶେଷ ମୋହ' ଗଳ୍ପରେ ମାର୍ମିକ ଭାବେ ବର୍ଣ୍ଣନା ହୋଇଛି । ସେହିପରି ଗୋଟିଏ ପଟେ ରୋଗରେ ପୀଡ଼ିତ ବାପା ପ୍ରତି ଜଣେ ପୁଅର କର୍ତ୍ତବ୍ୟ ଓ ଅନ୍ୟପଟେ ଦେଶସେବା ପ୍ରତି ଉତ୍ସର୍ଗୀକୃତ ମନୋଭାବ 'ଅନୁରାଗର ଛାଇ' ଗପରେ ଚମତ୍କାର ଭାବେ ପ୍ରତିଫଳିତ ହୋଇଛି । ଶ୍ରୀଜଗନ୍ନାଥଙ୍କ ପ୍ରତି ଭକ୍ତି , ପିତୃସେବା, ଦେଶପ୍ରେମ ଏହି ଗପରେ ପ୍ରସ୍ଫୁଟିତ ହୋଇଉଠିଛି । ମାନବୀୟ ମୂଲ୍ୟବୋଧ, ମାନବୀୟ ଭାବାବେଗ, ଜୀବନ ପ୍ରତି ଗଭୀର ଅନୁରାଗ ଓ ଅନ୍ତରଙ୍ଗ ଆବେଦନ ଏହି ପୁସ୍ତକର ଗପଗୁଡ଼ିକକୁ ଅଧିକ ଆକର୍ଷଣୀୟ କରିଛି । 'ଅଶେଷ ଅନୁରାଗ' ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କ ହୃଦୟକୁ ସ୍ପର୍ଶ କରିବ ବୋଲି ଆଶା କରାଯାଏ । ■

### ସୂର୍ଯ୍ୟ ଉଇଁବାର ବେଳ

ଅରୁଣ କୁମାର ସାହୁ



ପକ୍ଷୀଘର ପ୍ରକାଶନୀ
୩୨, ମଧୁସୂଦନ ନଗର,
ଭୁବନେଶ୍ୱର-୧
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୨୫୦ ଟଙ୍କା

ମଣିଷକୁ ଯିଏ ଭଲ ପାଏ, ଦେଶପ୍ରେମରେ ଯିଏ ଉଦ୍‌ବୁଦ୍ଧ ହୋଇପାରେ ସେ ହିଁ ପ୍ରକୃତରେ ବିପ୍ଳବୀ । ମଣିଷ ପ୍ରତି ଅନ୍ୟାୟ ହେଲେ, ଦେଶରେ ଅରାଜକତା ସୃଷ୍ଟି ହେଲେ ମନ ଭିତରେ ବିପ୍ଳବ ଆରମ୍ଭ ହୁଏ । "ଗୁଳି ଦିଅ ମୋ ଥାଳିରେ/ ଗୋଳା ଭର ଥାଳରେ ମୋ/ ଯୁଦ୍ଧ ପାଇଁ ଭୂଇଁ ଦିଅ/ ଦେଖାଅ ଅଜାଗା ଜାଗା/ ଅଦୃଶ୍ୟ ଶତ୍ରୁର/ ଲଢ଼ିବି ମୁଁ ଅଯୋଦ୍ଧା ମେଳିରେ/ ଲଢ଼ିବି ମୁଁ ଈର୍ଷାର ଗଳିରେ ।" (ଅଦୃଶ୍ୟ ଶତ୍ରୁ) ଏଭଳି ବିପ୍ଳବର ପ୍ରତିଧ୍ୱନି ପ୍ରତିଫଳିତ ହୋଇଛି ଅରୁଣ କୁମାର ସାହୁଙ୍କ 'ସୂର୍ଯ୍ୟ ଉଇଁବାର ବେଳ' ପୁସ୍ତକର କବିତାଗୁଡ଼ିକରେ । ଏହି ପୁସ୍ତକର 'କ୍ରାନ୍ତିର କିଛି ହଳ ଚଲେଇବା', 'ଭାରତ', 'ବିଭାଜନ ବିଭୀଷିକାର ଶରଣାର୍ଥୀ', 'ଦେଶଦ୍ରୋହୀ ଖୋଜିବା ଆସ ଆମରି ଭିତରେ', 'ନଇଁ ପଡ଼ିଥିବା ମଣିଷ ପାଇଁ', 'ଅଦୃଶ୍ୟ ଶତ୍ରୁ', 'ବିପ୍ଳବ ଆଞ୍ଚରେ ଏବେ ନିଆଁ ଲାଗିଲାଣି', 'ଅହିଂସାର ଖଦଡ଼ରେ ଏତେ ରକ୍ତ', 'କାଳରାତ୍ରୀ ଆବାହନୀ' ଆଦି କବିତାରେ ସମାଜର ଅରାଜକତା, ସାମାଜିକ ଅସମାନତା, ଅବହେଳିତ ମଣିଷ ପ୍ରତି ଅନ୍ୟାୟ, ଅତ୍ୟାଚାର ବିରୁଦ୍ଧରେ କବି ସ୍ୱର ଉତ୍ତୋଳନ କରିଛନ୍ତି । ଜଣେ ସଚ୍ଚୋଟ ପ୍ରେମିକ ହିଁ ବିପ୍ଳବର ସ୍ୱର ତୋଳିପାରେ । ଯାହା ଏହି ପୁସ୍ତକର ଅନେକ କବିତାରେ ବଳିଷ୍ଠ ଭାବେ ପ୍ରତିଫଳିତ ହୋଇଛି । ଏ ବିପ୍ଳବ ଅସତ୍ୟରୁ ସତ୍ୟକୁ, ଅନ୍ଧାରରୁ ଆଲୋକ ଆଡ଼କୁ ମଣିଷକୁ ଉତ୍ତୋଳିତ କରି ନେବାର ଏକ ସର୍ଜନଶୀଳ ପ୍ରୟାସ । 'ସୂର୍ଯ୍ୟ ଉଇଁବାର ବେଳ' ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

### ବୋଝ ଓ ଅନ୍ୟାନ୍ୟ ଗଳ୍ପ

ରଶ୍ମି ସାମଲ



ଶାନ୍ତିସେନା ପବ୍ଲିକେଶନ୍ସ
ଜଗତସିଂହପୁର
ପ୍ରଥମ ପ୍ରକାଶନ: ୨୦୨୪
ମୂଲ୍ୟ: ୧୫୦ ଟଙ୍କା

ଜୀବନର ନିବିଡ଼ ଅନୁଭବ ଓ ଅଭୁଲା ଅନୁଭୂତି ରଶ୍ମି ସାମଲଙ୍କ 'ବୋଝ ଓ ଅନ୍ୟାନ୍ୟ ଗଳ୍ପ' ପୁସ୍ତକର ଅନେକ ଗଳ୍ପରେ ପ୍ରତିଫଳିତ ହୋଇଛି । ଏହି ପୁସ୍ତକରେ ମୋଟ ୩୧ଟି ଗପ ସଂକଳିତ ହୋଇଛି । ପ୍ରତିଟି ଗଳ୍ପର ଆବେଦନ ଓ ସ୍ୱର ଭିନ୍ନ ଭିନ୍ନ । ମାନବୀୟ ଭାବାବେଗ ଓ ସାମାଜିକ ବାସ୍ତବତାର ଚିତ୍ର ମାର୍ମିକ ଭାବେ ଅନେକ ଗପରେ ପ୍ରସ୍ଫୁଟିତ ହୋଇ ଉଠିଛି । ଏହି ପୁସ୍ତକରେ ସନ୍ନିବେଶିତ 'ଭୋକର ସ୍ୱପ୍ନ', 'ଅବୁଝାମଣା', 'ବାୟା ଚଢ଼େଇ', 'ଜନ୍ମଦିନ', 'ବୋଝ', 'ନିରୁତ୍ତର', 'ପୋଡ଼ପିଠା', 'ରକ୍ତ ସଂପର୍କ' 'ଝାପ୍‌ସା ଅନ୍ଧାର', 'ଜୀବନର ଦୋଛକି', 'ବୋକୀ ଝିଅଟା', 'ସଂପର୍କ', 'କଳାମାଳି', 'ଅବ୍ୟକ୍ତ ଅପରାହ୍ନ' ଆଦି ଗପ ମନଛୁଆଁ ହୋଇଛି । ଜଣେ ପୁଅକୁ ନେଇ ବାପାମାଆ ଦେଖିଥିବା ସ୍ୱପ୍ନ କିଭଳି ଧୂଳିସାତ୍ ହୋଇଯାଇଛି 'ବୋଝ' ଗପରେ ତାହା ଅତି ହୃଦୟସ୍ପର୍ଶୀ ଭାବେ ବର୍ଣ୍ଣିତ ହୋଇଛି । ଅନିତା ଦେବୀ ଓ ତାଙ୍କ ସ୍ୱାମୀ ଅଶ୍ୱିନୀ ବାବୁ ସ୍ୱାମୀସ୍ତ୍ରୀ ଉଭୟେ ବହୁ ଦୁଃଖକଷ୍ଟରେ ଏକମାତ୍ର ପୁଅ ବାପିକୁ ଡାକ୍ତରୀ ପାଠ ପଢ଼ାଇ ଥିଲେ । ସେ ବାପାମାଙ୍କ ସ୍ୱପ୍ନ ସାକାର କରିବ ବୋଲି ଭାବୁଥିଲେ । ହେଲେ ଡାକ୍ତର ପୁଅ ଓ ବୋହୂଙ୍କ ପାଇଁ ସେମାନେ କିଭଳି ବୋଝ ପାଲଟି ଯାଇଛନ୍ତି, ତାହାକୁ ନେଇ ଏହି ଗପର କାହାଣୀ ଗତିଶୀଳ ହୋଇଛି । ମାନବୀୟ ସଂପର୍କ, ଆତ୍ମୀୟତା, ସାଂପ୍ରତିକ ସମାଜର ବାସ୍ତବ ଚିତ୍ର, ଗ୍ରାମ୍ୟଜୀବନର ନିଚ୍ଛକ ପ୍ରତିଛବି ଅନେକ ଗପରେ ପ୍ରତିଫଳିତ ହୋଇଛି । ପ୍ରତିଟି ଗପରେ ଏକ ସାମାଜିକ ବାର୍ତ୍ତା ରହିଛି । 'ବୋଝ ଓ ଅନ୍ୟାନ୍ୟ ଗଳ୍ପ' ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କ ମନକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

## ବିସ୍ଫୋରକ ସହ ଟ୍ରକ୍ ଲୁଟ୍ ଘଟଣା

# ସରିଲା ୨ ଦିନିଆ ରିମାଣ୍ଡ; ଜେଲ୍ ଗଲେ ଗୋଦାମ ମାଲିକ

ରାଉରକେଲା, ୭।୬(ସମିସ): ଦୁଇ ଦିନିଆ ରିମାଣ୍ଡ ଶେଷ ପରେ ପୁଣି ଜେଲ ହାଜତକୁ ଯାଇଛନ୍ତି ବିସ୍ଫୋରକ ଗୋଦାମ ମାଲିକ ଶ୍ରବଣ କୁମାର ଅଗ୍ରୱାଲ। ଶ୍ରବଣ ଓ ତାଙ୍କ ପତ୍ନୀ ନିକିତା ଅଗ୍ରୱାଲଙ୍କୁ ରଘୁନାଥପଲ୍ଲୀ ଥାନାରେ ଗତକାଲି ସନ୍ଧ୍ୟାରେ ମୁହାଁମୁହିଁ ଜେରା କରି ପୁଲିସ ଅନେକ ତଥ୍ୟ ହାସଲ କରିଛି। ରଘୁନାଥପାଲି ଥାନା ପୁଲିସଙ୍କ ସହ ଅତିରିକ୍ତ ଏସପିଙ୍କ ନେତୃତ୍ୱରେ ଏସଆଟି ଟିମ ଓ ଜିଏସଟି ଟିମ ଘନଘନ ଜେରା କରି ଅନେକ ତଥ୍ୟ ହାସଲ କରିଛନ୍ତି। ଦୁଇଦିନିଆ ରିମାଣ୍ଡ ଶେଷ ହେବା ପରେ ଶନିବାର ରାଉରକେଲା ଜେଲ ହାଜତକୁ ଯାଇଛନ୍ତି ଶ୍ରବଣ।

ରଘୁନାଥପାଲି ଥାନା ପୁଲିସଙ୍କ ସହ ଅତିରିକ୍ତ ଏସପିଙ୍କ ନେତୃତ୍ୱରେ ପୁଲିସ ଏସଆଇଟି ଟିମ ଜେରା କରି ଅନେକ ତଥ୍ୟ ହାସଲ କରିଛନ୍ତି। ଏହାସହ ଜିଏସଟି ଡେପୁଟି କମିଶନଙ୍କ ନେତୃତ୍ୱରେ ଏକ ଟିମ୍ ମଧ୍ୟ ପଚରାଉଚରା କରିଛନ୍ତି। ଶ୍ରବଣ ଓ ତାଙ୍କ ପତ୍ନୀ ନିକିତା ଅଗ୍ରୱାଲଙ୍କ ନାମରେ ୪ ଟି ଲାଇସେନ୍ସ ରହିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ନିକିତା ବିସ୍ଫୋରକ ସାମଗ୍ରୀ କିଣିବା ମହଜୁଦ ରଖିବା ଓ ବିକ୍ରି କରିବା କାର୍ଯ୍ୟ କରୁଥିବାବେଳେ ଶ୍ରବଣ ଖଣିରେ ବ୍ଲାଷ୍ଟିଙ୍ଗ କରିବା କାର୍ଯ୍ୟ କରୁଥିଲେ। ଏଥିସହ ଏହାର ଲାଇସେନ୍ସ ଥିବା ପଚରାଉଚରା ସମୟରେ ଜଣାପଡ଼ିଛି।

ଜିଏସଟି ପଇଠ ନକରି ଓ ବିନା କାଗଜପତ୍ରରେ କାହିଁକି ବିସ୍ଫୋରକ ସାମଗ୍ରୀ ଚାଲାଣ କରୁଥିଲେ, ସେନେଇ ପୁଲିସ ପଚରାଉଚରା ସମୟରେ ଅନେକ ତଥ୍ୟ ସଂଗ୍ରହ କରିଥିବା ସୂଚନା ମିଳିଛି।

ପତ୍ନୀ ଓ ପତିଙ୍କ ବିସ୍ଫୋରକ ବ୍ୟବସାୟରେ କ'ଣ ଭୂମିକା ରହିଛି। ବିସ୍ଫୋରକ ସାମଗ୍ରୀ କେଉଁଠୁ କିଣି ଆଣୁଥିଲେ। କେଉଁ କେଉଁ ଅଞ୍ଚଳକୁ ବିସ୍ଫୋରକ ସାମଗ୍ରୀ ଯୋଗାଣ କରୁଥିଲେ ଓ ଏସ୍ଓପି କାହିଁକି ପାଳନ କରାଯାଉନଥିଲା, ସେନେଇ ପଚରାଉଚରା କରାଯାଇ ପୁଲିସ ପକ୍ଷରୁ ଅନେକ ତଥ୍ୟ ହାସଲ କରାଯାଇଥିବା ସୂଚନା ମିଳିଛି।

ବାଙ୍କୋ ପଥର ଖଣିରେ ବିସ୍ଫୋରଣ ମହଜୁଦ ରଖିବା ଓ ବ୍ଲାଷ୍ଟିଙ୍ଗ କରିବା ପାଇଁ ପଥର ଖଣି ମାଲିକଙ୍କ ଲାଇସେନ୍ସ ନଥିବାରୁ ଗର୍ଗ ବ୍ଲାଷ୍ଟ ସର୍ଭିସର ଶ୍ରବଣ କୁମାର ଅଗ୍ରୱାଲଙ୍କୁ ବ୍ଲାଷ୍ଟିଙ୍ଗ କରିବା ପାଇଁ ଏଗ୍ରିମେଣ୍ଟ ହୋଇଥିବା ତଦନ୍ତରୁ ଜଣାପଡିଛି। ଶ୍ରବଣଙ୍କ ବିସ୍ଫୋରକ ସାମଗ୍ରୀ ଖଣିକୁ ନେଇ ବିସ୍ଫୋରକ ସାମଗ୍ରୀ ବ୍ୟବହାର କରିବା ପରେ ବିଲ୍ କରୁଥିବା ପଥର ଖଣି ମାଲିକ ନିରଜ ପାଣ୍ଡେ ପୁଲିସକୁ ସୂଚନା ଦେଇଛନ୍ତି। ଯେତିକି ବିସ୍ଫୋରକ ସାମଗ୍ରୀ ବ୍ୟବହାର ହେବା ଓ ବଳକା ବିସ୍ଫୋରକ ସାମଗ୍ରୀ ଫେରସ୍ତ ହେବା ପରେ ବିଲ ହୋଇ ପରେ ପେମେଣ୍ଟ କରାଯାଉଥିଲା। ବଙ୍କୋ ପଥର ଖଣି ମାଲିକ ନିରଜ ପାଣ୍ଡେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଗତ ମଇ ୨୭ ତାରିଖ ରାତିରେ ବାଙ୍କୋ ପଥର ଖଣି ନିକଟରୁ ମାଓବାଦୀମାନେ ୫ ହଜାର କେଜି ବିସ୍ଫୋରକ ଲୁଟି ନେବା ଘଟଣାରେ ଓଡିଶା ଝାଡଖଣ୍ଡ ପୁଲିସ ଓ ସିଆରପିଏଫ ପକ୍ଷରୁ ମିଳିତ ସର୍ଚ୍ଚ ଅପରେସନ ଓ କମ୍ବିଂ ଅପରେସନ କରି ଏବେ ସୁଦ୍ଧା ୩୮୦୦ କେଜି ବିସ୍ଫୋରକ ସାମଗ୍ରୀ ଜତ କରାଯାଇଛି। ବଳକା ବିସ୍ଫୋରକ ସାମଗ୍ରୀ ଜବତ କରିବା ପାଇଁ ପୁଲିସ ପକ୍ଷରୁ ଅପରେସନ ଜାରି ରହିଛି।

# ରାଇଘର ବ୍ଲକ ଚାଷୀଙ୍କ ଧାନ ବିକ୍ରି ବକେୟା ତୁରନ୍ତ ଦିଆଯାଉ: ବିଜେଡି



ଭୁବନେଶ୍ୱର,୭।୬(ସମିସ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକର ୩୪୪ ଚାଷୀଙ୍କ ଧାନ ବିକ୍ରି ବକେୟା ପ୍ରାୟ ସାଢ଼େ ୪ କୋଟି ଟଙ୍କା ତୁରନ୍ତ ରାଜ୍ୟ ସରକାର ପ୍ରଦାନ କରନ୍ତୁ ବୋଲି ବିଜେଡି ଦାବି କରିଛି। ଭୁବନେଶ୍ୱରଠାରେ ରାଇଘର ଚାଷୀଙ୍କ ଅହୋରାତ୍ର ଧାରଣାସ୍ଥଳକୁ ଯାଇ ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଓ ଉପସଭାପତି ସଞ୍ଜୟ ଦାସବର୍ମା, ଚାଷୀଙ୍କ ନ୍ୟାଯ୍ୟ ଦାବିକୁ ସମର୍ଥନ ଜଣାଇବା ସହ ରାଜ୍ୟ ସରକାର ଏ ବାବଦରେ ଅତିଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଦାବି କରିଛନ୍ତି।

ଗତ ତିନି ଦିନ ଧରି ରାଇଘର ବ୍ଲକର ଚାଷୀମାନେ ଆସି ରାଜଧାନୀରେ ଅହୋରାତ୍ର ଧାରଣା ଦେଉଛନ୍ତି। ସେମାନେ ସରକାରୀ ନିୟମ ମୁତାବକ ଟୋକେନ ଜରିଆରେ ୧୮,୦୦୦ କୁଇଣ୍ଟାଲ ଧାନ ବିକ୍ରୟ କରିବାର ଚାରି ମାସ ବିତିଯାଇଥିଲେ ମଧ୍ୟ ସେମାନଙ୍କର ପ୍ରାପ୍ୟ ସରକାର ପ୍ରଦାନ କରିନାହାନ୍ତି। ଗତକାଲି ଧାରଣାସ୍ଥଳକୁ ବରିଷ୍ଠ ସାଧାରଣ ସମ୍ପାଦକ ରମେଶ ମାଝୀ ଓ ପ୍ରଦୀପ ମାଝୀ ଯାଇ ଚାଷୀଙ୍କୁ ସମର୍ଥନ ଜଣାଇଥିଲେ।

ଶନିବାର ବିଜେଡିର ଦୁଇ ବରିଷ୍ଠ ନେତା ଶ୍ରୀ ମିଶ୍ର ଓ ଶ୍ରୀ ଦାସବର୍ମା ଧାରଣାରେ ସାମିଲ ହେବା ସହ ସରକାରଙ୍କ ଚାଷୀଙ୍କ ପ୍ରତି ହେୟ ମନୋଭାବକୁ କଡ଼ା ଭାଷାରେ ନିନ୍ଦା କରିଥିଲେ। ଚାଷୀଙ୍କ ଜୀବନଜୀବିକା ସହ ଖେଳି ଏଭଳି ଅପରାଧୀଙ୍କୁ ଅବହେଳା କରିଥିବା ଅଧିକାରୀମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଧାନ ସଂଗ୍ରହକୁ ନେଇ ରାଜ୍ୟ ସରକାର ଯେଉଁଭଳି ନିଜ ପିଠି ନିଜେ ଥାପୁଡ଼ଉଛନ୍ତି, ଏହା ତାହାର ଏକ ଜ୍ୱଳନ୍ତ ନମୁନା। ଚାଷୀଙ୍କଠାରୁ ଧାନ ସଂଗ୍ରହ କରି ସାରିବା ପରେ ଚାରି ମାସ ଧରି ବକେୟା ପ୍ରଦାନ ନକରି ନିରବ ରହିବା ରାଜ୍ୟ ସରକାରଙ୍କ ଚାଷୀକୁଳ ପ୍ରତି ସମ୍ବେଦନହୀନତାର ପରିଚୟ ବୋଲି ଉଭୟ ଶ୍ରୀ ମିଶ୍ର ଓ ଦାସବର୍ମା ଅଭିଯୋଗ କରିଛନ୍ତି।

# ଟ୍ରକ୍ ଧକ୍କାରେ ବଳଦ ସହ ଚାଷୀ ମୃତ

ଦେବଗଡ଼, ୭।୬(ସମିସ): ଦେବଗଡ଼ ଥାନା ଅନ୍ତର୍ଗତ କଳାମାଟି ଗ୍ରାମ ଦେଇଯାଇଥିବା ୪୯ ନମ୍ବର ଜାତୀୟ ରାଜପଥରେ ଆଜି ଏକ ଟ୍ରକ୍ ଧକ୍କାରେ ଦୁଇ ବଳଦ ସମେତ ଜଣେ ଭାଗଚାଷୀଙ୍କ ମୃତ୍ୟୁ ଘଟିଛି। ମୃତ ଚାଷୀଜଣଙ୍କ ହେଲେ, ପୁଡାପଡା ଗ୍ରାମର ସାମ୍ବାରୁ ମୁଣ୍ଡା (୫୫)। ସାମ୍ବାରୁ ପୁଡ଼ାପଡ଼ାସ୍ଥିତ ନିଜ ଘରୁ ଦୁଇ ବଳଦଙ୍କୁ



ନେଇ କଳାମାଟି ଗ୍ରାମକୁ ଚାଷ ପାଇଁ ଜାତୀୟ ରାଜପଥରେ ଯାଉଥିଲେ। ଏହି ସମୟରେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ଦୁଇ ବଳଦ ଓ ସାମ୍ବାରୁଙ୍କ ମୃତ୍ୟୁ ହୋଇଯାଇଥିଲା। ଦୁର୍ଘଟଣା ପରେ ଟ୍ରକ୍ଟି ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛି। ଦେବଗଡ଼ ପୁଲିସ୍ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

## ■ ମଦଭାଟି ପୋଡି ମାମଲାରେ ଚାର୍ଜଫ୍ରେମ

# ବ୍ରହ୍ମପୁର କୋର୍ଟରେ ହାଜର ହେଲେ ଜୟପୁର ବିଧାୟକ

ବ୍ରହ୍ମପୁର,୭।୬(ସମିସ): ୨୦୧୬ ମସିହାର ଏକ ଦେଶୀ ମଦଭାଟି ପୋଡ଼ି ଓ ଟଙ୍କା ଲୁଟ ମାମଲାରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଶନିବାର ବ୍ରହ୍ମପୁର ଅତିରିକ୍ତ ଜିଲ୍ଲା ଜଜ୍ (ତୃତୀୟ) ବିବସ୍ୱତ ଗୌତମଙ୍କ କୋର୍ଟରେ ହାଜର ହୋଇଛନ୍ତି। ଉକ୍ତ ମାମଲାରେ ତାଙ୍କୁ ଜଡ଼ିତ କରାଯାଇଥିବା ଜଜ୍ ତାଙ୍କୁ ସୂଚନା ଦେଇଥିଲେ। ଏହି ମାମଲାର ବିଚାରଣା ଜୁଲାଇ ୧ରେ ଆରମ୍ଭ ହେବ। ପୂର୍ବରୁ ଗତ ୨୦୨୪ ଏପ୍ରିଲ ୧୮ରେ ଏହି କୋର୍ଟରେ ସେ ଆତ୍ମସମର୍ପଣ କରିଥିଲେ। ବିଧାୟକ ବାହିନୀପତିଙ୍କୁ ୫୦ହଜାର ଟଙ୍କାର ୨ଟି ମୁଚାଲିକା ଓ ୧୦ହଜାର ଟଙ୍କା ପଇଠରେ ସର୍ତ୍ତମୂଳକ ଜାମିନ ମଞ୍ଜୁର ହୋଇଥିଲା।

ସୂଚନାଯୋଗ୍ୟ ଯେ, ୨୦୧୬ ମାର୍ଚ୍ଚ ୧୦ରେ କୋରାପୁଟ ଜିଲ୍ଲା ବୋରିଗୁମ୍ମା ଥାନା ଅନ୍ତର୍ଗତ ପୁରୁଣା ବୋରିଗୁମ୍ମା ମଣ୍ଡିପଡିଆଠାରେ ଶ୍ରୀବାହିନୀପତିଙ୍କ ନେତୃତ୍ୱରେ ଅଞ୍ଚଳବାସୀଙ୍କୁ ନେଇ ଏକ ବୈଠକ ହୋଇଥିଲା। ବୈଠକ ପରେ ଅଞ୍ଚଳରେ ଥିବା



ସରକାରୀ ସ୍ୱୀକୃତିପ୍ରାପ୍ତ ଦେଶୀ ମଦଭାଟି ବନ୍ଦ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହାପରେ ଶତାଧିକ ଲୋକ ସେଠାରେ ଥିବା ଦେଶୀ ମଦଭାଟିରେ ପହଞ୍ଚି ବିପୁଳ ପରିମାଣର ଦେଶୀ ମଦ ଓ ମହୁଲି ନଷ୍ଟ କରିବା ସହ ଭାଟିରେ ନିଆଁ ଲଗାଇ ୭୫ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଥିଲା। ଏନେଇ ଭାଟିର କର୍ମଚାରୀ ଅନୀଲ କୁମାର ଗୁପ୍ତା ବୋରିଗୁମ୍ମା ଥାନାରେ ଅଭିଯାଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଶ୍ରୀବାହିନୀପତିଙ୍କ ସହ ମୋଟ ୨୪ଜଣଙ୍କୁ ଅଭିଯୁକ୍ତ ଦର୍ଶାଇଥିଲା। ଏହି ମାମଲାର ବିଚାରଣା ପୂର୍ବରୁ ସ୍ଥାନୀୟ କୋର୍ଟରେ ଚାଲୁଥିଲା। ହେଲେ ଜନପ୍ରତିନିଧିଙ୍କ ପାଇଁ ସ୍ୱତନ୍ତ୍ର ଅଦାଲତ ସ୍ଥାପନ ହେବା ପରେ ମାମଲାଟି ବ୍ରହ୍ମପୁର ସ୍ଥିତ ଏଡିଜେ-୩ କୋର୍ଟକୁ ସ୍ଥାନାନ୍ତର ହୋଇଥିଲା। ମାମଲାର ବିଚାରଣା ଚାଲୁଥିବା ବେଳେ କୋର୍ଟରେ ହାଜର ହେବାକୁ ଶ୍ରୀବାହିନୀପତି ଓ ଅନ୍ୟ ଅଭିଯୁକ୍ତଙ୍କୁ ସମନ୍ ଜାରି ହୋଇଥିଲା। ହେଲେ ବାରମ୍ବାର ସମନ ସତ୍ତ୍ୱେ ହାଜର ନହେବାରୁ କୋର୍ଟ ଜାମିନ ବିହୀନ ଗିରଫ ପରୱାନା ଜାରି କରିଥିଲେ। ତେବେ ୱାରେଣ୍ଟି ବଳରେ ଗିରଫ ହେବା ପୂର୍ବରୁ କୌଣସି ସୂତ୍ରରୁ ଖବରପାଇ ଶ୍ରୀବାହିନୀପତି ଶନିବାର ନିଜ ଓକିଲଙ୍କ ଜରିଆରେ ବ୍ରହ୍ମପୁର କୋର୍ଟରେ ଆତ୍ମସମର୍ପଣ କରିଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ମାଗୁଣି ପଲାଇ ମକଦ୍ଦମା ପରିଚାଳନା କରୁଥିବା ବେଳେ ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ଦୀପକ ପଟ୍ଟନାୟକ ପରିଚାଳନା କରୁଛନ୍ତି।

# ଯୁବକଙ୍କ ମୃତଦେହ ଉଦ୍ଧାର

ବରଗଡ଼,୭।୬(ସମିସ): ବରଗଡ଼ ସହର ଦିନକୁ ଦିନ ଅଶାନ୍ତ ହୋଇପଡ଼ୁଛି। ପୁଲିସକୁ ଚ୍ୟାଲେଞ୍ଜ କଲା ପରି ଆସାମୀମାନେ ଗୋଟିଏ ପରେ ଗୋଟିଏ କାଣ୍ଡ ଭିଆଇ ଚାଲିଛନ୍ତି। ଦିନକ ପୂର୍ବରୁ ୩ ଲକ୍ଷ ୫୦ ହଜାର ଟଙ୍କା ସ୍କୁଟି ଡିକିରୁ ଗାଏବ ହୋଇଥିବାବେଳେ ଆଜି ବରଗଡ଼ ସହର ଉପଖଣ୍ଡ ପଞ୍ଚାୟତ କଲେଜ ପାଖ ବିଲ ମଧ୍ୟରୁ ଜଣେ ଯୁବକଙ୍କ ଖଣ୍ଡବିଖଣ୍ଡିତ ମୃତ ଦେହ ଦେଖିବାକୁ ମିଳିଛି। କେହି ଦୁର୍ବୃତ୍ତ ହତ୍ୟା କରିବା ପରେ ମୃତଦେହକୁ ମାଟି ରେ ପୋତିବାକୁ ଚେଷ୍ଟା କରି ଅଧା ପୋତି ଛାଡ଼ିଦେଇ ଚାଲିଯାଇଛି। ମୃତକ ସ୍ଥାନୀୟ ଅଞ୍ଚଳର ୪୫ ବର୍ଷୀୟ ଯୁବକ ଦେବରାଜ ପାଣିଗ୍ରାହୀ ବୋଲି ଜଣାପଡ଼ିଛି। ତେବେ କିଏ ଓ କାହିଁକି ତାଙ୍କୁ ହତ୍ୟା କଲା ସେ ନେଇ ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ମୃତ ବ୍ୟକ୍ତି ଜଣକ ବରଗଡ଼ରେ ଏକୁଟିଆ ରହୁଥିଲେ। ସେ ମୋବାଇଲ ଫୋନ୍ ବ୍ୟବହାର



କରୁ ନ ଥିଲେ। କେମିତି କୋଉ ଆଧାରକୁ ନେଇ ପୁଲିସ ତଦନ୍ତ କରିବ ତାହା ଏବେ ପୁଲିସ ପାଇଁ ଚାଲେଞ୍ଜ ହୋଇଛି। ଅନ୍ୟପଟେ ମୃତକଙ୍କ ଭଉଣୀ ଘଟଣାର ଉଚିତ୍ ତଦନ୍ତ ସହ ଭାଇଙ୍କ ହତ୍ୟାକାରୀଙ୍କୁ ଶୀଘ୍ର ଗିରଫ କରାଯାଉ ବୋଲି ଦାବି କରିଛନ୍ତି।

# ଅବଶିଷ୍ଟାଂଶ

## ଆହୁରି ୫ ଦିନ...

ଉଲ୍ଲେଖଥାଉ କି, ଗତ ୨୪ଘଣ୍ଟାରେ ଉପକୂଳ ଓଡିଶାର ଚାରି ଜିଲ୍ଲାରେ ସର୍ବାଧିକ ବର୍ଷା ରେକର୍ଡ ହୋଇଛି। ଜଗତସିଂହପୁରରେ ସର୍ବାଧିକ ୮୬.୮ମିମି ବର୍ଷା ରେକର୍ଡ ହୋଇଛି। ସେହିପରି ଗଜପତିରେ ୮୨ମିମି, ଭଦ୍ରକରେ ୭୯.୧ମିମି, ପୁରୀରେ ୬୯.୧ମିମି ବର୍ଷା ରେକର୍ଡ ହୋଇଛି। ନୟାଗଡ଼ରେ ୪୮.୨ମିମି, କେନ୍ଦ୍ରାପଡାରେ ୪୫ମିମି, ଖୋର୍ଦ୍ଧାରେ ୪୦ ମିମି ବର୍ଷା ସହ ଗଞ୍ଜାମରେ ୩୭.୪ମିମି ବାଲେଶ୍ୱରରେ ୩୫ ମିମି ବର୍ଷା ରେକର୍ଡ ହୋଇଛି। ତାପମାତ୍ରାରେ ବିଶେଷ ପରିବର୍ତ୍ତନ ଦେଖାଯାଇ ନାହିଁ। ପୂର୍ବପରି ପ୍ରାୟ ସମସ୍ତ ଜିଲ୍ଲାରେ ୩୩ ଡିଗ୍ରି ଉପରେ ତାପମାତ୍ରା ରହୁଛି। କେବଳ ଫୁଲବାଣୀରେ ସର୍ବନିମ୍ନ ୨୨ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥିବାବେଳେ ସମ୍ବଲପୁରରେ ସର୍ବାଧିକ ୩୯.୮ ଡିଗ୍ରୀ ରେକର୍ଡ ହୋଇଛି। ଗତ ୨୪ ଘଣ୍ଟାରେ ଭୁବନେଶ୍ୱରରେ ୩୬.୭ ଡିଗ୍ରୀ ଓ କଟକରେ ୩୭ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ଆସନ୍ତାକାଲିଠୁ ଏକାଧିକ ଜିଲ୍ଲାରେ ତାପମାତ୍ରା ୪୦ଡିଗ୍ରୀ ଅତିକ୍ରମ କରିବ ବୋଲି ଅନୁମାନ କରାଯାଉଛି। ବିଶେଷକରି ପଶ୍ଚିମ ଓଡ଼ିଶାରେ ତାପମାତ୍ରା ବୃଦ୍ଧି ପାଇବାର ସମ୍ଭାବନା ଅଧିକ ରହିଛି ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ଆସନ୍ତାକାଲି ପାଇଁ ବର୍ଷା ଥିବାବେଳେ ଅଗାମୀ ୭ ଦିନ ପାଇଁ ବିଶେଷ ବର୍ଷା ନ ହେଲେ ବି ପାଗ କୋହଲା ରହିବ ବୋଲି ବିଭାଗ କହିଛି।

## ବଢ଼ିଛି ଗ୍ରାମାଞ୍ଚଳ...

ବିଜେଡି ସରକାରଙ୍କ ବହୁ ଜନକଲ୍ୟାଣକାରୀ କାର୍ଯ୍ୟକାରୀ କରିଥିବା ବେଳେ ଏଥିଯୋଗୁଁ ଗରିବ ଲୋକେ ସ୍ୱାସ୍ଥ୍ୟ, ଶିକ୍ଷା, କୃଷି କ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚରୁ ବର୍ତ୍ତି ଯାଇଥିବା ବେଳେ ନିଜ ସଞ୍ଚୟ ସାମର୍ଥ୍ୟ ବୃଦ୍ଧି କରିପାରିଛନ୍ତି। ଏକ୍ଷେତ୍ରରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, କାଳିଆ ଯୋଜନା, ମିଶନ ଶକ୍ତି, ମୋ ସ୍କୁଲ ପରି ସରକାରୀ ଯୋଜନା ରାଜ୍ୟବାସୀଙ୍କ ପାଇଁ ବରଦାନ ସାଜିଥିବା ବେଳେ ଲୋକେ ଅଯଥା ଖର୍ଚ୍ଚରୁ ବର୍ତ୍ତି ପାରିଛନ୍ତି। ବିଶେଷକରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାରଣରୁ ଲୋକେ ସ୍ୱାସ୍ଥ୍ୟ ବାବଦରେ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚରୁ ବର୍ତ୍ତିଥିବା ବେଳେ ଏହା ସେମାନଙ୍କର ସଞ୍ଚୟ ଶକ୍ତିକୁ ବୃଦ୍ଧି କରିପାରିଛି। ଯାହା ସେମାନଙ୍କର କ୍ରୟ ଏବଂ ଖର୍ଚ୍ଚ ଶକ୍ତିକୁ ବୃଦ୍ଧି କରିପାରିଛି। ସେହିପରି ପିଲାଙ୍କ ପାଠ ପଢ଼ାଟାରୁ ଆରମ୍ଭ କରି ମହିଳାଙ୍କୁ ଆତ୍ମନିର୍ଭର କରିବା ଯାଏଁ ବିଜେଡି ସରକାରଙ୍କ ପ୍ରଣୀତ ଏକାଧିକ ଯୋଜନା ରାଜ୍ୟବାସୀଙ୍କୁ ଆର୍ଥିକ ଦୃଷ୍ଟିକୋଣରୁ ସଶକ୍ତ କରିପାରିଛି। ରାଜ୍ୟ ସରକାରଙ୍କ ଏହି ଯୋଜନାଗୁଡ଼ିକର ସୁଫଳତା ଏଚସିଇଏସ ରିପୋର୍ଟରେ ପ୍ରତିଫଳିତ ହୋଇଛି ବୋଲି ଅର୍ଥନୀତି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

## ଟ୍ରମ୍ପଙ୍କୁ ଚ୍ୟାଲେଞ୍ଜ...

ଅଧିକ ହ୍ରାସ ଘଟିଛି। ଟ୍ରମ୍ପ ସହ ବିବାଦରେ ମସ୍କଙ୍କ ଟେସଲାକୁ ବଡ଼ କ୍ଷତି ସହିବାକୁ ପଡିଛି। ଏମିତିକି ମାତ୍ର ଗୋଟିଏ ଦିନରେ ଟେସଲାର ବଜାର ମୂଲ୍ୟରେ ପ୍ରାୟ ୧୫୦ ବିଲିୟନ ଡଲାର ହ୍ରାସ ଘଟିଛି। ଟ୍ରମ୍ପ ତାଙ୍କ ସାହାଯ୍ୟ ବିନା ଜିତିପାରି ନ ଥାନ୍ତେ ବୋଲି ନିକଟରେ ମସ୍କ କହିବା ପରେ ଟ୍ରମ୍ପ ପାଲଟା ଆକ୍ରମଣ କରିଛନ୍ତି। ଟ୍ରମ୍ପ ସୋସିଆଲ ମିଡିଆରେ ମସ୍କଙ୍କୁ ଦେଶଦ୍ରୋହୀ ବୋଲି କହି ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ ବୋଲି ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଯେ ବଜେଟ୍‌ରେ କୋଟି କୋଟି ଡଲାର ସଞ୍ଚୟ କରିବାର ସହଜ ଉପାୟ ହେଉଛି ଏଲନ୍ ମସ୍କଙ୍କ ସରକାରୀ ସବସିଡି ଏବଂ ଚୁକ୍ତିନାମାକୁ ବନ୍ଦ କରିବା।

ଅପରପକ୍ଷେ ଟ୍ରମ୍ପଙ୍କ ସହ ବିବାଦ ପରେ, ମସ୍କ ଏକ ନୂତନ ରାଜନୈତିକ ଦଳ ଗଠନ କରିବାକୁ ଚିନ୍ତା କରୁଛନ୍ତି। ମସ୍କ ଏକ ସୋସିଆଲ ମିଡିଆ ପୋଷ୍ଟରେ ଲେଖିଛନ୍ତି, ଆମେରିକାରେ ଏକ ନୂତନ ରାଜନୈତିକ ଦଳ ଗଠନ କରିବାର ସମୟ କ୍ଷଣ ଆସିଛି, ଯାହା ଆମେରିକାର ୮୦% ମଧ୍ୟବିତ୍ତ ବର୍ଗର ଲୋକଙ୍କୁ ପ୍ରତିନିଧିତ୍ୱ କରେ। ତାଙ୍କ ପୋଷ୍ଟରେ ୫୬ ଲକ୍ଷରୁ ଅଧିକ ଲୋକ ଅନଲାଇନରେ ଭୋଟ ଦେଇଛନ୍ତି। ଏଥିମଧ୍ୟରୁ ୮୦.୪% ଲୋକ ମସ୍କଙ୍କ ଧାରଣା ସହିତ ସହମତ। ଏକ ଥିଙ୍କ ଟ୍ୟାଙ୍କକୁ ଜବାବ ଦେଇ ମସ୍କ କହିଛନ୍ତି, ଡୋନାଲ୍ଡ ଟ୍ରମ୍ପ ଆଉ ମାତ୍ର ୩.୫ ବର୍ଷ ପାଇଁ ରାଷ୍ଟ୍ରପତି ରହିବେ, କିନ୍ତୁ ମୁଁ ଏଠାରେ ୪୦ ବର୍ଷ କିମ୍ବା ତା'ଠାରୁ ଅଧିକ ସମୟ ପାଇଁ ରହିବି। ବିଶେଷଜ୍ଞଙ୍କ ଅନୁସାରେ, ମସ୍କଙ୍କୁ ଯେଉଁ ପ୍ରକାରର ସମର୍ଥନ ମିଳିଛି, ସେ ଆଗାମୀ ଦିନରେ ଏକ ରାଜନୈତିକ ଦଳ ଗଠନ କରିପାରିବେ। ସୂଚନାଯୋଗ୍ୟ ଯେ, 'ଏକ୍ସ' ରେ ମସ୍କଙ୍କ ୨୦୦ ନିୟୁତରୁ ଅଧିକ ଅନୁଗାମୀ ଅଛନ୍ତି।

## କୁଳସଚିବ ନେଇଛନ୍ତି...

ପୂର୍ବରୁ ଦିଲ୍ଲୀର ଏକ ଘରୋଇ ଶିକ୍ଷାନୁଷ୍ଠାନରେ ସହକାରୀ-କୁଳସଚିବ ଭାବେ କାର୍ଯ୍ୟ କରିଥିବାରୁ ତଦନୁଯାୟୀ ଦରମା ପ୍ରଦାନ କରିବାକୁ ଅନୁରୋଧ କଲେ। ଏହାପରେ ଆଇଏମ୍ଏ ପକ୍ଷରୁ ତାଙ୍କ ମୂଳ ଦରମାକୁ ତିନିଗୁଣାରୁ ଅଧିକ ଅର୍ଥାତ ୧,୫୧,୧୦୦ ଟଙ୍କା କରାଯାଇଥିଲା। ଏନେଇ କୌଣସି ଅଫିସ୍ ଅର୍ଡର ମଧ୍ୟ ପ୍ରକାଶ ପାଇଲା ନାହିଁ।

ଅପରପକ୍ଷରେ ଆଇଏମ୍ଏରେ ନିଯୁକ୍ତି ପାଇଁ ଆବେଦନ କରିବା ସମୟରେ ମିଥ୍ୟା ତଥ୍ୟ ଦେଇଥିବା ଅଡିଟ୍‌ରେ ଜଣାପଡ଼ିଛି। ଦିଲ୍ଲୀର ସେହି ଘରୋଇ ଶିକ୍ଷାନୁଷ୍ଠାନରୁ ୨୦୨୩ ମେ' ମାସରେ ସ୍ୱେଚ୍ଛାକୃତ ଅବସର ନେଇଥିଲେ ମଧ୍ୟ ଆବେଦନ ସମୟରେ ତାହା ଦର୍ଶାଇ ନଥିଲେ। ଚତୁରତାର ସହିତ କେବଳ ସ୍ୱେଚ୍ଛାକୃତ ଅବସର ପାଇଁ ଆବେଦନ କରିଥିବା ଦର୍ଶାଇଥିଲେ। ଆବେଦନର ଶେଷ ତାରିଖ ୨୦୨୩ ମାର୍ଚ୍ଚ ୧୮ ତାରିଖ ଥିବାବେଳେ ସେହି ସମୟରେ ଡ. ରାୟ ଚାକିରି କରୁଥିଲେ। ଅବସର ନନେଇ କିପରି ଆବେଦନ କଲେ ବୋଲି ଅଡିଟ୍‌ରେ ପ୍ରଶ୍ନ କରାଯାଇଛି। ସେ ଅନ୍ୟ ସ୍ଥାନରେ ଚାକିରି କରୁଥାଇ ମଧ୍ୟ ଆଇଏମ୍ଏରେ କୁଳସଚିବ ପଦ ପାଇଁ ଆବେଦନ କରିଥିବା ଦର୍ଶାଇ ତାଙ୍କ ନିଯୁକ୍ତିକୁ ଅବୈଧ ବୋଲି ଦର୍ଶାଯାଇଛି।

ସେହିପରି କୁଳସଚିବଙ୍କ ମାସିକ ଦରମା ୪୬ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି। ଡ. ରାୟ ଜଣେ ଅବସରପ୍ରାପ୍ତ ଅଧିକାରୀଭାବେ ସେହି ପଦରେ ନିଯୁକ୍ତି ପାଇଥିବାରୁ ସେ ମଧ୍ୟ ୪୬ହଜାର ଟଙ୍କା ହିଁ ପାଇବାକୁ ଯୋଗ୍ୟ। ଡିଏ ଓ ଏଚ୍ଆର୍ଏ ମଧ୍ୟ ପାଇପାରିବେ ନାହିଁ। ହେଲେ ତାଙ୍କୁ ସମସ୍ତ ସରକାରୀ ସୁବିଧା ଯୋଗାଇ ଦିଆଯାଇଛି। ଡିଏ, ଏଚ୍ଆର୍ଏ ସମେତ ଇପିଏଫ୍ ମଧ୍ୟ ପ୍ରଦାନ କରାଯାଇଛି। ଏପରିକି ଇପିଏଫ୍ ପ୍ରଦାନ ପାଇଁ କୌଣସି ଅଫିସ୍ ଅର୍ଡର ମଧ୍ୟ ନାହିଁ। ଏଗୁଡ଼ିକ ସମ୍ପୂର୍ଣ୍ଣ ଅବୈଧ ବୋଲି ଦର୍ଶାଇବା ସହ ଅଧିକ ୨୦ଲକ୍ଷ ୮୮ହଜାର ୮୬୨ ଟଙ୍କା ପ୍ରଦାନ କରାଯାଇଥିବା ଅଡିଟ୍‌ରେ ଉଲ୍ଲେଖ କରାଯାଇଛି। ଏହି ଅଧିକ ଅର୍ଥ ତାଙ୍କଠାରୁ ଆଦାୟ କରିବାକୁ ବିଜ୍ଞାନ ଓ ବୈଷୟିକ ଶିକ୍ଷା ବିଭାଗକୁ ସୁପାରିସ୍ କରାଯାଇଛି। ଡ. ରାୟଙ୍କୁ ଅହେତୁକ ଅନୁକମ୍ପା ପଦାକୁ ଆସିବା ପରେ ଆଇଏମ୍ଏ ନିର୍ଦ୍ଦେଶକଙ୍କ ଭୂମିକାକୁ ନେଇ ମଧ୍ୟ ଅଭିଭାବକମାନେ ସନ୍ଦେହ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ୨୦୨୪ ଅଗଷ୍ଟ ୨୦ ତାରିଖରୁ ସେପ୍ଟେମ୍ବର ୨ ପର୍ଯ୍ୟନ୍ତ ସିଏଜିଙ୍କ ପକ୍ଷରୁ ଅଡିଟ୍ କରାଯାଇଥିଲା।

## ଘରୁ ଘୋଷାଡ଼ିନେଇ...

ଉଭୟ ପୀଡ଼ିତା ଓ ଅଭିଯୁକ୍ତଦ୍ୱୟଙ୍କ ଡାକ୍ତରୀମାଇନା କରାଇଛି। ଆସନ୍ତାକାଲି ଦୁହିଁଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୁଲିସ୍ କହିଛି। ଅପରପକ୍ଷେ, ଏହି ଘଟଣାକୁ ନେଇ ଜିଲ୍ଲାବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି। ସୂଚନାନୁଯାୟୀ, ମହିଳାଜଣଙ୍କ ଘରେ ଶୋଇଥିବା ବେଳେ ଆଜି ଭୋର୍ ସମୟରେ ବବୁଲ ଓ ଲିପୁନ୍ ତାଙ୍କ କାବଟ ବାଡ଼େଇଥିଲେ। ମହିଳା କବାଟ ଖୋଲୁଖୋଲୁ ଅଭିଯୁକ୍ତଦ୍ୱୟ ତାଙ୍କୁ ଘୋଷାଡ଼ି ଘୋଷାଡ଼ି ପାଖରେ ଥିବା ଏକ ପରିତ୍ୟକ୍ତ ଘରକୁ ନେଇ ଯାଇଥିଲେ। ପରେ ସେଠାରେ ଗଣଦୁଷ୍କର୍ମ କରିଥିଲେ। ତେବେ ଭୋର୍ ସମୟରେ ଏହି ଅଘଟଣ ଘଟିଥିବାରୁ ସ୍ଥାନୀୟ ଲୋକ ଜାଣିପାରିନଥିଲେ। ପରେ ମହିଳାଜଣଙ୍କ ଏ ସଂପର୍କରେ ଜଣାଇବା ପରେ ଘଟଣା ଲୋକଲୋଚନକୁ ଆସିଥିଲା। ପରେ ମହିଳାଙ୍କ ପରିବାରଲୋକ ଏ ସଂପର୍କରେ ରାମଚନ୍ଦ୍ରପୁର ଥାନାରେ ଅଭିଯୋଗ କରିଥିଲେ।

## ଆନ୍ଧ୍ରରୁ ୪ ଅଭିଯୁକ୍ତ...

କରୁଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଗୋଳନ୍ଥରା ପୁଲିସ୍‌ର ଏକ ଟିମ୍ ସେମାନଙ୍କୁ ବାଟ ମଝିରୁ କାବୁ କରିଛି। ଡାକ୍ତରୀମାଇନା ପରେ ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି। ଅପରପକ୍ଷେ, ବିଳମ୍ବ ହେଲେ ମଧ୍ୟ ସମସ୍ତଙ୍କ ଶରୀରରେ ଦୁଷ୍କର୍ମ ସମ୍ପର୍କିତ ପଜିଟିଭ୍ ସିମ୍ପଟମ୍ ଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି। ମଙ୍ଗଳବାର ସୁଦ୍ଧା ଏନେଇ ସ୍ପଷ୍ଟ ରିପୋର୍ଟ ଆସିବ ବୋଲି କହିଛନ୍ତି ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ସୁଦୀପ୍ତା ଦାଶ।

ସୂଚନାନୁଯାୟୀ, ଗତ ୩ ତାରିଖ ମଧ୍ୟାହ୍ନ ପ୍ରାୟ ୨ଟାରେ ଏମାନେ ୧୪ ଓ ୧୫ ବର୍ଷୀୟା ଦୁଇ ନାବାଳିକାଙ୍କୁ ଗାଁରୁ ଅପହରଣ କରିନେଇ ନିକଟସ୍ଥ ଏକ କଲୋନିକୁ ନେଇଯାଇଥିଲେ। ସେଠାରେ ୯ ଓ ୭ ନମ୍ବର ଗଳିରେ ସେମାନଙ୍କୁ ଗଣଦୁଷ୍କର୍ମ କରିଥିଲେ। ପରେ ଦୁହିଁଙ୍କୁ ଆର୍ଯ୍ୟପଲ୍ଲୀ ଓ ନୋଳିଆ ନୂଆଗାଁକୁ ନେଇ ସେଠାରେ ବାରମ୍ବାର ଗଣଦୁଷ୍କର୍ମ କରିଥିଲେ। ଏହାସହ ହାତ, ଗୋଡ଼ ବାନ୍ଧି ଦୁହିଁଙ୍କୁ ନିସ୍ଥୁକ ମାଡ଼ ମାରିଥିଲେ। ପରେ ବିଳମ୍ବିତ ରାତିରେ ସେମାନଙ୍କୁ ନୋଳିଆ ନୂଆଗାଁରେ ଛାଡ଼ି ଦେଇ ଚମ୍ପଟ ମାରିଥିଲେ।

ଅପରପକ୍ଷେ, ଏହି ଘଟଣାରେ ଆଜି ବିଜୁ ଜନତା ଦଳ ଗଭୀର ଉଦ୍‌ବେଗ ପ୍ରକାଶ କରିଛି। ଦଳର ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜେଡିର ଏକ ଫ୍ୟାକ୍ଟଫାଇଣ୍ଡିଂ ଟିମ୍ ଆଜି ବ୍ରହ୍ମପୁରରେ ପହଞ୍ଚିଛି। ଦଳର ରାଜ୍ୟ ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ନେତୃତ୍ୱରେ ଏକ ଟିମ୍ ବ୍ରହ୍ମପୁର ଏସ୍‌ପି ଡାକ୍ତର ବିବେକ ଏମ୍‌ଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଆଲୋଚନା କରିଛନ୍ତି। ହତ୍ୟା, ଦୁଷ୍କର୍ମ, ଗଣଦୁଷ୍କର୍ମ, ଅପହରଣ, ଡକାୟତି ଭଳି ଗୋଟିଏ ପରେ ଗୋଟିଏ ଘଟଣା ଜିଲ୍ଲାର ଆଇନଶୃଙ୍ଖଳା ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରୁଛି ବୋଲି କହିବା ସହ ଏହା ଉପରେ ତୁରନ୍ତ ରୋକ୍ ଲଗାଇବାକୁ କହିଛନ୍ତି। ଏହାସହ ନିରୀହ ୨ନାବାଳିକାଙ୍କୁ ଗଣଦୁଷ୍କର୍ମ କରିଥିବା ଅଭିଯୁକ୍ତଙ୍କ ବିରୁଦ୍ଧରେ ତ୍ୱରିତ ଏବଂ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

ବିଜେଡିର ଏହି ଟିମ୍‌ରେ ପୂର୍ବତନ ସାଂସଦ ଡାକ୍ତର ରାଜଶ୍ରୀ ମଲ୍ଲିକ, ପ୍ରମିଳା ବିଶୋୟୀ, ବରିଷ୍ଠ ବିଜେଡି ନେତା ଚନ୍ଦ୍ରଶେଖର ସାହୁ, ଜିଲ୍ଲା ବିଜେଡି ସଭାପତି ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ, ପୂର୍ବତନ ବିଧାୟିକା ଲତିକା ପ୍ରଧାନ, ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ବେହେରା, ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ବ୍ରହ୍ମପୁର ମେୟର୍ ସଂଘମିତ୍ରା ଦଳେଇ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଏସ୍. ରାଜେଶ୍ୱରୀ ଦୋରା, ବ୍ରହ୍ମପୁର ଡେପୁଟି ମେୟର୍ ଇ. ବିବେକ ରେଡ୍ଡୀ, ବିଜେଡି ମୁଖପାତ୍ର ତୁମ୍ବନାଥ ପଣ୍ଡା, ଆସିକା ସାଂସଦ ପ୍ରାର୍ଥୀ ରଞ୍ଜିତା ସାହୁ, ରଙ୍ଗେଇଲୁଣ୍ଡା ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ଅଜିତ ଦାଶ, ବରିଷ୍ଠ ନେତା ଡ. ଭଗବାନ ଗନ୍ତାୟତ, ପୂର୍ବତନ ବିଇଡିଏ ଅଧ୍ୟକ୍ଷ ସୁବାସ ମହାରଣା, ଜିଲ୍ଲା ବିଜେଡିର କାର୍ଯ୍ୟକାରୀ ସଭାପତି ଡିଲେଶ୍ୱର ରେଡ୍ଡୀ, ଜିଲ୍ଲା ପରିଷଦ ସଦସ୍ୟ ଦୀପକ କୁମାର ସାମନ୍ତଙ୍କ ସମେତ ବିଇଏମସିର ବହୁ କର୍ପୋରେଟର୍ ଓ ସ୍ଥାନୀୟ ନେତା ସାମିଲ ଥିଲେ। ବଡ଼ କଥା ହେଲା, ଖଣି ମନ୍ତ୍ରୀ ବିଭୂତି ଜେନାଙ୍କ ନିର୍ବାଚନମଣ୍ଡଳୀରେ ଏହି ଘଟଣା ଘଟିଥିବା ବେଳେ ସେ ଏଯାବତ୍ ପୀଡ଼ିତାଙ୍କ ପରିବାରକୁ ନ ଭେଟିବା ଆଶ୍ଚର୍ଯ୍ୟଚକିତ କରିଛି।

## ସହରୀ ବିକାଶ...

୨ବର୍ଷରେ ୩ ଲକ୍ଷ ବେଆଇନ ପାର୍ଟ ପ୍ଲଟ ରେଜିଷ୍ଟ୍ରେସନ ହୋଇଛି। ଏଭଳି କାରନାମା କରିଥିବା ୩୦୦ ଅଧିକାରୀଙ୍କୁ ଚିହ୍ନଟ କରାଗଲା। ଏମାନଙ୍କ ବିରୋଧରେ ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ହେବ ବୋଲି କୁହାଗଲା। ହେଲେ କାର୍ଯ୍ୟାନୁଷ୍ଠାନ କେବଳ କାରଣ ଦର୍ଶାଅ ନୋଟିସରେ ସୀମିତ ରହିଗଲା। ଲେ-ଆଉଟ୍ ଅନୁମୋଦନ ସରଳ ଓ ସହଜ କରିବାକୁ ବାଟ ବାହାରୁନି। ଆପାର୍ଟମେଣ୍ଟ କିଣାବିକାକୁ ନେଇ ମଧ୍ୟ ସମାନ ପରିସ୍ଥିତି ସୃଷ୍ଟି ହୋଇଛି। ସରକାର କୌଣସି ଠୋସ୍ ନିଷ୍ପତ୍ତି ନେଇ ପାରୁନାହାନ୍ତି। ଅକ୍ୟୁପାନ୍ସି ସାର୍ଟିଫିକେଟ ଓ କମ୍ପ୍ଲିସନ୍ ସାର୍ଟିଫିକେଟ ଦ୍ୱନ୍ଦ୍ୱ ହଟୁ ନଥିବାରୁ ଅଦାଲରେ ମାମଲା ଗଡ଼ିଚାଲିଛି। ଫଳରେ ରିୟଲ୍-ଇଷ୍ଟେଟ୍ କାରବାର ଏକ ପ୍ରକାର ଠପ୍ ହୋଇଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ ବୋଲି ରିୟଲଇଷ୍ଟେଟ୍ ଆକ୍ଟିଭିଷ୍ଟମାନେ ମତ ପ୍ରକାଶ କରିଛନ୍ତି।

ଟାଉନ ପ୍ଲାନିଂ ସ୍କିମ୍ ଜୋରଦାର କରିବାକୁ ସରକାର ଅଣ୍ଟା ଭିଡ଼ିଥିଲେ। ହେଲେ ଜମି ମାଲିକମାନେ ବିଭିନ୍ନ ଜାଗାରେ ଏହାକୁ ବିରୋଧ କରୁଛନ୍ତି। ଭୁବନେଶ୍ୱର ପରେ କଟକର ପ୍ରଥମ ଟାଉନ ପ୍ଲାନିଂ ଯୋଜନାକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଏଭଳି ସ୍ଥିତିରେ ସହରୀ ବିକାଶ ଯୋଜନାରେ ସ୍ୱଚ୍ଛତା ନେଇ ବିଭାଗୀୟ ମନ୍ତ୍ରୀଙ୍କ ଦାବି ଖାଲି ଘୋଷଣାରେ ରହିଯିବ ବୋଲି ଆଶଙ୍କା ପ୍ରକାଶ ପାଇଛି।


**AFFIDAVIT**

By virtue of an affidavit sworn before the Executive Magistrate Niali, I, KABITA BHOI age-49years, At-Mahanga, PO-Amankud, PS-Niali, DIST-Cuttack, Pin-752103. have changed my name from RENUBALA BHOI to KABITA BHOI. Henceforth I shall be known as **KABITA BHOI** for all future purpose.

**AFFIDAVIT**

Before the Court of the Executive Magistrate, Sundargarh. I, Manjari Boda, D/o- Goutam Boda, R/o At- Gaidega, PO-Tildega, PS- Kinjirkela, Dist-Sundargarh do hereby declare that my correct name is Manjari Boda, which has been mentioned in my matric certificate and SEBC certificate. But my Aadhar card bearing no. 9301 2524 7502, my name has been wrongly mentioned as Mandakini Tajan instead of Manjari Boda. Hence both the persons are same and one person for purposes of correction of Aadhar card.

**AFFIDAVIT**

By Virtue Of an Affidavit no. 26/2 dtd. 19.5.2025 the Executive Magistrate Nayagarh, I Sarojini Pradhan W/o- Jatadhari Pradhan At/Po-Notar, Ps-Itamati, Dist-NAYAGARH have changed my name Saojini Pradhan to Sarojini Pradhan. Henceforth He will be know as Sarojini Pradhan for all purposes.

**NOTICE**

By virtue of an affidavit sworn before the Executive Magistrate, Udala, Mayurbhanj, dated 03.06.2025, Baruna Beherinia, Village- Puradihi, PO.-Jaida, PS.- Udala, Dist- Mayurbhanj, Odisha, Pin-757041 declare that I have changed my name from Barun Beherinian to Baruna Beherinia. Henceforth, I shall be known as Baruna Beherinia for all purposes.

Baruna Beherinia

**AFFIDAVIT**

By virtue of an affidavit before the Notary Public, Boudh, dtd- 02/06/2025. I, **Krushna Chandra Behera,** age 40 years, resident of Vill/Po- Dhalpur, Ps-Harbhanga, Dist- Boudh, Odisha. I declared that my son name **Biswajit Behera** who took birth 14/05/2017 at CHC Purunakatak, in birth certificate my son name has mentioned as **Biswajit Behera** but in Aadhar Card vide No - 3759 3287 9517 name has been wrongly recorded as **Suryabrat Behera.** Henceforth, both the name **Biswajit Behera** and **Suryabrat Behera** are same and one person and he will be known as **Biswajit Behera** for all future purposes.

**Krushna Chandra Behera**

**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

Contact

**GADHWAL GROUP**

**Mob.: 9437015112**

**AFFIDAVIT**

I, Rasmirekha Jena, aged about 48 years, W/o-Ranjan Kumar Jena, resident of S-4 CP-28/29, Niladri Vihar, Near Buddha Park, Chandrasekharpur, Bhubaneswar, Dist-Khordha, Odisha, PIN-751021 declare by this affidavit No. 1149, dtd-07/06/2025, that now onwards I shall be known as **RASHMIREKHA JENA** for all future purposes.

OFFICE OF THE PRINCIPAL

**MANDOSIL DEGREE COLLEGE, MANDOSIL**

Dist.: Bargarh, Pin-768050

**TENDER CALL NOTICE**

Invited sealed quotations from reputed Farms / Agency / Vendors to supply IT equipments at the college office by post / by hand on or before **18.06.2025.** For more details visit **www.mandosildegreecollege.com**

Sd/- Principal

## ମଙ୍ଗରାଜପୁରରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା



କୁଜଙ୍ଗ,୭।୬(ସମିସ): ମଙ୍ଗରାଜପୁର ଗ୍ରାମରେ ଜଗନ୍ନାଥଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚାରିଦିନ ଧରି ଗ୍ରାମରେ ଆଧ୍ୟାତ୍ମିକ ପରିବେଶରେ ଏହି ଦେବ କାର୍ଯ୍ୟ ସମ୍ପନ୍ନ ହୋଇଛି। ଗ୍ରାମବାସୀଙ୍କ ମିଳିତ ଉଦ୍ୟମ ଓ କେତେକ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ଏହି ଏହି କାର୍ଯ୍ୟ ସମ୍ପନ୍ନ ହୋଇଛି। ବୁଧବାର ସୂର୍ଯ୍ୟପୂଜା, ଗୋପୂଜା ସହ ଚଣ୍ଡିପାଠ, ଜୀବନ୍ୟାସ, ବ୍ରହ୍ମ ପରିବର୍ତ୍ତନ, ସ୍ନାନ ଓ ଚକ୍ଷୁଦାନ ଅନୁଷ୍ଠିତ ହୋଇଥିଲା। ଏଥିରେ ଆବାଳ ବୃଦ୍ଧବନିତା ଏଥିରେ ସାମିଲି ହୋଇଥିଲେ। ଗୁରୁବାର ଅପରାହ୍ନରେ ଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା।

### ଇବ୍ରିସିଂରେ ଗୋ-ହତ୍ୟା ଅଭିଯୋଗ

# ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକ, ୪ ଅଟକ

ତିର୍ତ୍ତୋଲ, ୭।୬(ସମିସ):

ତିର୍ତ୍ତୋଲ ଥାନା ଅନ୍ତର୍ଗତ ଇବ୍ରିସିଂ ପଞ୍ଚାୟତର ବଡ଼ମଠରେ ଥିବା ମୁସଲିମ ସାହିରେ ଆଜି ପୂର୍ବାହ୍ନରେ ଗୋରୁ ମାଂସ କଟା ହେଉଥିବାବେଳେ ସ୍ଥାନୀୟ ଜନସାଧାରଣ ଏହାର ବିରୋଧ କରିଥିଲେ। ପରେ ଗୋହତ୍ୟା ପ୍ରତିବାଦରେ ସ୍ଥାନୀୟ ଲୋକେ ଏରସମା-ମଣିଜଙ୍ଗା ରାସ୍ତା ଅବରୋଧ କରିଥିଲେ। ତିର୍ତ୍ତୋଲ ପୁଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ପୁଲିସ ଘଟଣା ସ୍ଥଳକୁ ଯାଇ ଗୋମାଂସର ଅଂଶବିଶେଷ ଜବତ କରିଥିବାବେଳେ ଗୋହତ୍ୟାରେ ସାମିଲ ଥିବା ୪ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।



ସ୍ଥାନୀୟ ଅଞ୍ଚଳରେ ଜଗନ୍ନାଥ ମନ୍ଦିର ଥିବାରୁ ସ୍ଥାନୀୟ ଜନସାଧାରଣ ଏହି ଗୋହତ୍ୟାକୁ ବିରୋଧ କରିବା ସହିତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଗୋ-ସୁରକ୍ଷା ବାହିନୀ ଜିଲ୍ଲା ସଭାପତି ତିରୁପତି ଆଚାର୍ଯ୍ୟ ଘଟଣାସ୍ଥଳକୁ ଯାଇ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ। ପରେ ଗୋ-ସୁରକ୍ଷା ବାହିନୀ ପକ୍ଷରୁ ତିର୍ତ୍ତୋଲ ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଥିଲା। ଧର୍ମ ଜାଗରଣ ମଞ୍ଚ ପ୍ରାନ୍ତୀୟ ଅଧିକାରୀ ମାନସ ବରିଷ୍ଠ, ବିଶ୍ୱ ହିନ୍ଦୁ ପରିଷଦ ଜିଲ୍ଲା ସମ୍ପାଦକ ନିରଞ୍ଜନ ଦାସ, ମହିଳା ନେତ୍ରୀ ଜୟଲକ୍ଷ୍ମୀ ମହାନ୍ତି, ପ୍ରତିମା ମହାନ୍ତି, ଗୋସୁରକ୍ଷା ବାହିନୀର ଶତାଧିକ କାର୍ଯ୍ୟକର୍ତ୍ତା ତିର୍ତ୍ତୋଲ ଥାନାକୁ ଆସି ଅଭିଯୁକ୍ତଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ତିର୍ତ୍ତୋଲ ଥାନା ଅଧିକାରୀ ପ୍ରଦୀପ୍ତ ସେଠୀ ଆଇନ ଅନୁଯାୟୀ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

### ■ ବଢ଼ୁଛି ଦୁର୍ଘଟଣା

## ୫୩ନଂ ଜାତୀୟ ରାଜପଥର ସିପି ନିକଟରେ ଥିବା ହମ୍ପସ୍ ଉଠାଇବାକୁ ଦାବି



ଜଗତସିଂହପୁର,୭।୬(ସମିସ): ୨୦୨୩ରୁ ଜଗତସିଂହପୁର ଜିଲ୍ଲା ମଧ୍ୟ ଦେଇ ଯାଇଥିବା ୫୩ ନମ୍ବର ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ଜାରି ରହିଛି। ତେବେ ଜଗତସିଂହପୁର ସହର ଉପକଣ୍ଠ ସିପି ସୁବର୍ଣ୍ଣ ବରାହୀ ମନ୍ଦିର ନିକଟରେ ପୂର୍ବରୁ ରହିଥିବା ୧୦ଟି ହମ୍ପସ ଯାତାୟାତରେ ବାଧା ସୃଷ୍ଟି କରୁଥିବା ବାମମ୍ପର ହେଉଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୂନ। ଏହା ଏକ ବ୍ୟସ୍ତବହୁଳ ରାସ୍ତା ହୋଇଥିବାରୁ ପ୍ରତିଦିନ ସହସ୍ରାଧିକ ଯାନବାହନ ଏହି ରାସ୍ତାରେ ଚଳାଚଳ କରିଥାଏ। ଜାତୀୟ ରାଜପଥରେ ବେଆଇନ ଭାବେ ରହିଥିବା ଏହି ହମ୍ପସ ଯୋଗୁଁ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହା ପ୍ରତିବାଦରେ ହମ୍ପସ ଉଠାଇବା ଦାବିରେ ଆସନ୍ତା ୯ ତାରିଖରେ ଆନ୍ଦୋଳନ ଡାକରା ଦେଇଛନ୍ତି ସଂଗ୍ରାମୀ ନେତା ବାସୁଦେବ। ଏହି ଆନ୍ଦୋଳନରେ ସାମିଲ ହେବାକୁ ସେ ସବୁବର୍ଗର ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି। ପୂର୍ବରୁ ୨୦୧୬ରେ ଜଗତସିଂହପୁର ସହର ଦେଇ ଯାଇଥିବା ମୁଖ୍ୟରାସ୍ତାରେ ଥିବା ଶତାଧିକ ହମ୍ପସ ଏଭଳି ଆନ୍ଦୋଳନ ପରେ ଉଠିଯାଇଥିଲା। ଏସମ୍ପର୍କରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଜୟକୃଷ୍ଣ ରାଉତଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ଏହି ହମ୍ପସ ଉଠାଯିବାର ବ୍ୟବସ୍ଥା କରାଯାଉଛି ବୋଲି ସୂଚନା ଦେଇଛନ୍ତି।

### ■ ବାତ୍ୟା ଆଶ୍ରୟସ୍ଥଳୀ ସ୍ଥାନକୁ ନେଇ ବିବାଦ

## ଉଦ୍‌ଘାଟନ ପୂର୍ବରୁ ଫଳକ ଭାଙ୍ଗିଲେ ଗୋଟିଏ ଗୋଷ୍ଠୀ

ନାଉଗାଁ, ୭।୬(ସମିସ): ନାଉଗାଁ ବ୍ଲକ୍‌ର ରୋହିଆ ପଞ୍ଚାୟତର ଆରଖକୁଦ ଗୋଠଦଣ୍ଡାରେ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ହେବ। ଏହାର ସ୍ଥାନ ନିରୂପଣକୁ ନେଇ ବିବାଦ ସୃଷ୍ଟି ହୋଇଛି। ଫଳରେ ଉଦ୍‌ଘାଟନ ପୂର୍ବରୁ ଗୋଟିଏ ଗୋଷ୍ଠୀ ଫଳକ ଭାଙ୍ଗି ଦେଇଥିବା ଅଭିଯୋଗ ହେଉଛି। ଗ୍ରାମ୍ୟ ଉନ୍ନୟନ ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ଆରଖକୁଦ ଗୋଠଦଣ୍ଡାଠାରେ ୩ କୋଟି ଟଙ୍କା ବ୍ୟୟରେ ଏକ ବାତ୍ୟା, ବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ଅର୍ଥ ରାଶି ମଞ୍ଜୁର କରାଯାଇଛି। ତେବେ ଯେଉଁ ସ୍ଥାନରେ ଏହି ଆଶ୍ରୟସ୍ଥଳୀ ନିର୍ମାଣ କରାଯାଉଛି, ତାହାକୁ



ଗୋଟିଏ ଗୋଷ୍ଠୀ ବିରୋଧ କରୁଛନ୍ତି। ଉକ୍ତ ଆଶ୍ରୟସ୍ଥଳୀର ଭିତ୍ତିପ୍ରସ୍ତର ସ୍ଥାନୀୟ ବିଧାୟକଙ୍କ ଦ୍ୱାରା ରବିବାର ଉଦଘାଟନ କରାଯିବା ପାଇଁ ସ୍ଥିର ହୋଇଥିବାବେଳେ ଫଳକ ନିର୍ମାଣ କରାଯାଇଥିଲା। ତେବେ ଉଦଘାଟନ ପୂର୍ବରୁ ସେହି ଫଳକକୁ କେହି ଭାଙ୍ଗି ଦେଇଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ଏବେ ଉଭୟ ଗୋଷ୍ଠୀ ମଧ୍ୟରେ ଟଣାଓଟରା ଚାଲିଥିବାବେଳେ ସେହି ସ୍ଥାନରେ ଗୃହ ନିର୍ମାଣ ପାଇଁ ସ୍ଥାନୀୟ ତହସିଲଦାର ଜାଗା ଚିହ୍ନଟ କରିଥିବା ବିଭାଗୀୟ ଯନ୍ତ୍ରୀ କହିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ବିଧାୟକଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ରଜ ମହୋତ୍ସବର ଷଷ୍ଠ ସନ୍ଧ୍ୟା



ଏରସମା,୭।୬(ମିସ): ଏରସମା ବ୍ଲକ୍‌ରେ ଚାଲିଥିବା ରଜ ମହୋତ୍ସବର ଷଷ୍ଠ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ବିଜୟ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସମ୍ପାଦକ ନିରାକାର ସ୍ୱାଇଁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସାମ୍ବାଦିକ ସ୍ମୃତିରଞ୍ଜନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥିମାନେ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ସାଂସଦ ତଥାଗତ ଶତପଥୀ, ବରେଣ୍ୟ ଅତିଥି କଳାକାର ପୂର୍ଣ୍ଣମ ମିଶ୍ର, ସମ୍ମାନିତ ଅତିଥି ଭାବେ ଗଣଶିକ୍ଷା ବିଭାଗର ପୂର୍ବତନ ଉପଦେଷ୍ଟା ଶିଶିର କୁମାର ପରିଜା, ଜଗତସିଂହପୁର ମେଡିକାଲର ଏଡିଏମଓ ଡାକ୍ତର ସରୋଜ ଜେନା, ଏରସମା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ଅମୀୟ କୁମାର ସ୍ୱାଇଁ, ପୂର୍ବତନ ସରପଞ୍ଚ କମଳା ଜେନା, ଅଧ୍ୟାପକ ସଞ୍ଜୟ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଋତୁପର୍ଣ୍ଣା କଳା ସାହିତ୍ୟ ସଂସଦ କଳାକାର ସ୍ୱାଗତ ସଂଗୀତ ଗାନ କରିବା ସହ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରିଥିଲେ। ଶେଷରେ ଅନୁଷ୍ଠାନର ସଭାପତି ସମୀର ମଲ୍ଲିକ ଧନ୍ୟବାଦ ଦେଇଥିଲେ।

## ଶିକ୍ଷକ ବନମାଳୀ ବ୍ରହ୍ମଚାରୀଙ୍କ ଶ୍ରାଦ୍ଧୋତ୍ସବ



ଜଗତସିଂହପୁର,୭।୬ (ସମିସ): ଶିକ୍ଷକ ଗୌରବ ତଥା ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ପୂର୍ବତନ ସଭାପତି ବନମାଳୀ ବ୍ରହ୍ମଚାରୀଙ୍କ ୩୬ତମ ଶ୍ରାଦ୍ଧବାର୍ଷିକୀ ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ନାଉଗାଁ ବ୍ଲକ ତିହୁଡାସ୍ଥ ଜାଗୁଳାଇ ମଠ ପରିସରରେ ପାଳିତ ହୋଇଯାଇଛି । ପରିଷଦର ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଅଧ୍ୟକ୍ଷତା କରି ଓଡ଼ିଶା ଶିକ୍ଷା ଆଇନ, ଶିକ୍ଷକଙ୍କୁ ପ୍ରତ୍ୟକ୍ଷ ଅନୁଦାନ, ପେନସନ୍ ସୁବିଧା ଓ ୟୁଜିସି ବେତନ ପ୍ରଦାନ କ୍ଷେତ୍ରରେ ସ୍ୱର୍ଗତ ବ୍ରହ୍ମଚାରୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଶିକ୍ଷାବିତ୍ ମହେଶ ଚୌଧୁରୀ, ବିଜୟ ବିଶ୍ୱାଳ, ସୁରେଶ ରାଉତ, ଦୁର୍ଯ୍ୟୋଧନ ରାଉତ, ନିରଞ୍ଜନ ମହାନ୍ତି, ବସନ୍ତ ଦାସ, କୈଳାସ ମହାନ୍ତି, ଶିବଚରଣ ଲେଙ୍କା, ଲଳିତ ମହାନ୍ତି ଓ ତପନ ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ବନମାଳୀ ବ୍ରହ୍ମଚାରୀଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରି ତାଙ୍କ ଭଳି ଶିକ୍ଷକ ନେତା ଆଜିର ଦୁନିଆରେ ବିରଳ ବୋଲି ମତପ୍ରକାଶ କରିଥିଲେ। ଏ ଅବସରରେ ବରିଷ୍ଠ ଶିକ୍ଷକ ଓ ସୁସଂଗଠକ ଲକ୍ଷ୍ମୀଧର ବସ୍ତିଆ ଓ ସନ୍ତୋଷ କୁମାର ସ୍ୱାଇଁଙ୍କୁ ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ 'ବନମାଳୀ ବ୍ରହ୍ମଚାରୀ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଅତିଥିମାନେ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସମାଜସେବୀ ବିଜନ ମହାପାତ୍ର ମାନପତ୍ର ପାଠ କରିଥିବାବେଳେ ଅଧ୍ୟାପକ ମିହିର ଚୌଧୁରୀ ଧନ୍ୟବାଦ ଦେଇଥିଲେ।

## ସ୍ୱାମୀ ବିବେକାନନ୍ଦ ମହାବିଦ୍ୟାଳୟରେ ଏନ୍‌ସିସି କ୍ୟାଡେଟ୍‌ଙ୍କ ପ୍ରଶିକ୍ଷଣ ଶିବିର

ଜଗତସିଂହପୁର,୭।୬(ସମିସ): ଜଗତସିଂହପୁର ଜିଲ୍ଲାର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ସ୍ୱାମୀ ବିବେକାନନ୍ଦ ମହାବିଦ୍ୟାଳୟ ପରିସରରେ ଏନ୍‌ସିସି କ୍ୟାଡେଟ୍‌ଙ୍କ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ପରିବହନ ପ୍ରାଧିକରଣଙ୍କ ନିର୍ଦ୍ଦେଶରେ ଏହି ଶିବିରରେ ପରବର୍ତ୍ତୀ ପିଢ଼ିକୁ ସଡ଼କ ସୁରକ୍ଷା ସହ ଦୁର୍ଘଟଣାଜନିତ ବ୍ୟକ୍ତିଙ୍କୁ ଜରୁରିକାଳୀନ ସେବା ବିଷୟରେ ସଚେତନତା ଓ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଜଗତସିଂହପୁର ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତିଙ୍କ ଅଧ୍ୟକ୍ଷତାରେ ପ୍ରାୟ ୬୦୦ ଏନସିସି କ୍ୟାଡେଟ୍‌ଙ୍କୁ ମାଷ୍ଟର ଟ୍ରେନରଙ୍କ ଦ୍ୱାରା ସଡ଼କ ସୁରକ୍ଷା ଓ ଦୁର୍ଘଟଣାଗ୍ରସ୍ତଙ୍କୁ କିପରି ଜରୁରିକାଳୀନ ସହାୟତା ଯୋଗାଇ ହେବ, ସେଥିପାଇଁ ପ୍ରଶିକ୍ଷଣର ବ୍ୟବସ୍ଥା କରାଯାଇଥିଲା। ଶ୍ରୀ ମହାନ୍ତି ପ୍ରଥମେ ସମସ୍ତ ପ୍ରଶିକ୍ଷକଙ୍କୁ ସଡ଼କ ସୁରକ୍ଷା ସଚେତନତାର ଶପଥ ପାଠ କରାଇଥିଲେ। ତତ୍‌ସହିତ ସାହାଯ୍ୟକାରୀଙ୍କୁ ସରକାର "ଗୁଡ଼ ସମରଣ୍ଟିଆନ' ଭାବେ ଦୁଇ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଉଥିବା ସୂଚନା ଦେଇଥିଲେ। ବିରିଡ଼ି ମେଡିକାଲ ଅଧିକାରୀ ତଥା ମାଷ୍ଟର ଟ୍ରେନର ଡା. ଲୋକନାଥ ସାହୁ ଦୁର୍ଘଟଣାଜନିତ ବ୍ୟକ୍ତିଙ୍କୁ ଜରୁରିକାଳୀନ ପ୍ରାଥମିକ ସେବା ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। ମାଷ୍ଟର ଟ୍ରେନର ଭାବେ ଜୁନିଅର ରେଡକ୍ରସ ଅଧିକାରୀ ତ୍ରିଲୋଚନ ସାହୁ, ସାରଦା ଅଧିକାରୀ ଓ ଚନ୍ଦନ ବେହେରା ପ୍ରତ୍ୟେକ ଦୁର୍ଘଟଣାର ପ୍ରାଥମିକ ଜରୁରିକାଳୀନ ସେବା ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। ଶେଷରେ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ଲେପନାଣ୍ଟ କର୍ଣ୍ଣେଲ ବୁଲ୍‌ବୁଲ୍ ଭୂୟାଁ, ଲେପନାଣ୍ଟ କର୍ଣ୍ଣେଲ (ଡେପୁଟି କ୍ୟାମ୍ପ କମାଣ୍ଡର) ଶ୍ରୀ ପାତ୍ର ଉକ୍ତ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ସିନିୟର୍ ଜିସିଆଇ ସିପ୍ରା ପାଣିଗ୍ରାହୀ, ସୁବେଦାର ମେଜର ଜମ୍ବେଶ୍ୱର ସାମଲ, ଲେପନାଣ୍ଟ ଏନ୍‌ସିସି ନିହାର ରଞ୍ଜନ ସ୍ୱାଇଁ, ବରିଷ୍ଠ କିରାଣି ଗିରିଜା ସଙ୍କର ଚୌଧୁରୀ ଓ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉକ୍ତ ଶିବିରକୁ ପରିଚାଳନା କରିଥିଲେ।



### ● ପଞ୍ଚାୟତବାସୀଙ୍କ ଦାବି ପୂରଣ

## ଗ୍ରାମ୍ୟ ଶ୍ମଶାନକୁ ହେଲା ରାସ୍ତା

ରଘୁନାଥପୁର,୭।୬(ସମିସ): ରଘୁନାଥପୁର ବ୍ଲକ୍ ଅନ୍ତର୍ଗତ ବିଦ୍ୟାଧରପୁର ପଞ୍ଚାୟତରେ ଦୀର୍ଘଦିନ ପରେ ଗ୍ରାମ୍ୟ ଶ୍ମଶାନକୁ ରାସ୍ତା ନିର୍ମାଣ କାମ ଶେଷ ହୋଇଛି। ପୂର୍ବରୁ ଖରାଦିନେ ଗାଁ ମଶାଣିକୁ ଲୋକଙ୍କୁ ଖାଲଖମାରେ ଥିବା ପାଣିରେ ପଶି ଯିବାକୁ ପଡୁଥିଲା। ବର୍ଷାଦିନେ ମଶାଣିକୁ ଯିବାକୁ ହେଲେ ଆଣ୍ଠୁଏ ପାଣିରେ ପଶି ଯିବାକୁ ପଡୁଥିଲା। ପଞ୍ଚାୟତର ଲୋକେ ରାସ୍ତା ନିର୍ମାଣ କରାଯିବାକୁ ଦାବି କରିଆସୁଥିଲେ। ସରପଞ୍ଚ ଓ ସମିତିସଭ୍ୟା ଭାବେ ୨ ଜଣ ମହିଳା ନିର୍ବାଚିତ ହେବାପରେ ଉନ୍ନୟନମୂଳକ କାମରେ ବ୍ୟାଘାତ ସୃଷ୍ଟି ହେବାର ଯେଉଁ ଆଶଙ୍କା ଦେଖାଯାଉଥିଲା, ସେଥିରେ ଏକପ୍ରକାର ପୂର୍ଣ୍ଣଚ୍ଛେଦ ପଡିଯାଇଛି। ୨ ମହିଳା ମିଳିମିଶି ପଞ୍ଚାୟତର ଉନ୍ନତିମୂଳକ କାର୍ଯ୍ୟ ସୂଚାରୁରୂପେ ତୁଲାଉଛନ୍ତି। ସରପଞ୍ଚ ଶାହେଦା ତପସୁମ ପଞ୍ଚାୟତର ଉନ୍ନତିମୂଳକ କାର୍ଯ୍ୟରେ ଆଗରେ ଅଛନ୍ତି। ଗ୍ରାମ୍ୟ ଶ୍ମଶାନକୁ ରାସ୍ତା ନିର୍ମାଣ କାମରେ ମନରେଗା ଯୋଜନାରେ ମେସିନ ସାହାଯ୍ୟରେ କାମ ନ କରି ଜବକାର୍ଡଧାରୀଙ୍କ ଦ୍ୱାରା କାର୍ଯ୍ୟ ଶେଷ କରିଥିବାରୁ ଗ୍ରାମବାସୀ ସରପଞ୍ଚଙ୍କୁ ଧନ୍ୟବାଦ ଦେଇଛନ୍ତି।



## ପାନପୁଲି ଗ୍ରାମ ମୁରବୀଙ୍କ ପରଲୋକ




କୁଜଙ୍ଗ,୭।୬(ସମିସ): ବାଲିଆ ପଞ୍ଚାୟତ ପାନପୁଲି ଗ୍ରାମର ମୁରବୀ ବୈକୁଣ୍ଠ ନାଥ ଗୋଛାୟତ(୭୮)ଙ୍କ ଶୁକ୍ରବାର ସକାଳେ ପରଲୋକ ହୋଇଯାଇଛି। ସେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଡା. ଦାମୋଦାର ରାଉତଙ୍କ ଘନିଷ୍ଠ କର୍ମୀ ରହିବା ସହ ଗ୍ରାମର ବିକାଶରେ ବ୍ରତୀ ଥିଲେ। ଆଜି ଶୋକାକୁଳ ପରିବେଶରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିବାବେଳେ ବଡପୁଅ ସୁବାସ ମୁଖାଗ୍ନି ଦେଇଥିଲେ। କୁଜଙ୍ଗ ଅବନା ଘର ପକ୍ଷରୁ ଗିରିଧାରୀ ସାହୁ, ଆଇନଜୀବୀ ଦାମୋଦର ସ୍ୱାଇଁ, ନିର୍ମଳ ବେହେରା , ରଞ୍ଜନ ସାହୁ ଶ୍ରଦ୍ଧାଞ୍ଜଳି ଦେଇଥିବାବେଳେ ସିପିଆଇ ନେତା ବସନ୍ତ ସାମଲ, ଶରତ ବଳିୟାରସିଂ, ଜିନ୍ମୟୀ ସାହାଣୀ, ଶରତ ବେହେରା, ଶ୍ରୀନିବାସ ଜୁଝାରସିଂହ, ବିଷ୍ଣୁ ମୁଦୁଲି, ଅଜୟ ବେହେରା ଓ ପ୍ରଶାନ୍ତ ସ୍ୱାଇଁ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ରଞ୍ଜନ ଦାସ, ନିଶାକର ସ୍ୱାଇଁ, ଅନାମ ଲେଙ୍କା, ବିମ୍ବାଧର ପାତ୍ର, ବେଣୁଧର ପାଣି, ନିରଞ୍ଜନ ଲେଙ୍କା, ଦାନେଶ୍ୱର୍ ଦାସ, କୈଳାସ ବାରିକ ପ୍ରମୁଖ ଶେଷକୃତ୍ୟରେ ସାମିଲ ହୋଇଥିଲେ।

## ସାତ୍ତ୍ୱିକ ସୋଲ୍ ସଂଗଠନ ଓ ସେ ୟାର୍ଥ ପକ୍ଷରୁ ଚାରାରୋପଣ

ପାରାଦୀପ, ୭।୬ (ସମିସ): ହେନ୍ତାଳ ବଣ ମନୁଷ୍ୟ ଜୀବନ ପାଇଁ ଅମୂଲ୍ୟ। ପ୍ରାକୃତିକ ଦୁର୍ବିପାକ ସମୟରେ ଲୁଣା ଜଙ୍ଗଲ ହେଉଛି ସୁରକ୍ଷା କବଚ। ବନ୍ୟା, ବାତ୍ୟା ଅବା ଜୁଆର ମାଡ଼ି ଆସିଲେ ଅଭେଦ୍ୟ ଦୁର୍ଗ ଭଳି ହେନ୍ତାଳ ବଣ ଆମ ପାଇଁ ସାଜେ ସୁରକ୍ଷା ବଳୟ। ପ୍ରତିବର୍ଷ ଆମକୁ ବନ୍ୟା, ବାତ୍ୟା ଭଳି ବିପର୍ଯ୍ୟୟର ସାମ୍ନା କରିବାକୁ ପଡ଼େ। ୧୯୯୯ ମହାବାତ୍ୟାରୁ ଆରମ୍ଭ କରି ଫନି, ଫାଇଲିନ୍ ଭଳି ବହୁ ସାମୁଦ୍ରିକ ବାତ୍ୟା ରାଜ୍ୟକୁ ଧ୍ୱସ୍ତବିଧ୍ୱସ୍ତ କରିଛି। ଏ ଦାରୁଣ ବିପର୍ଯ୍ୟୟକୁ ମୁକାବିଲା କରିଛି ହେନ୍ତାଳ ବଣ। ଜନବସତି ଓ ସମୁଦ୍ର ଆଗରେ ପାଚେରି ଭଳି ଛିଡ଼ା ହୋଇଛି। କେବଳ ବାତ୍ୟା ପ୍ରତିରୋଧକ ନୁହେଁ; ମୃତ୍ତିକା ସଂରକ୍ଷଣ, ବନ୍ୟା ନିୟନ୍ତ୍ରଣ ଓ ଅଙ୍ଗାରକାମ୍ଳ ସଂରକ୍ଷଣର ଉତ୍ତମ ଭଣ୍ଡାର ହେଉଛି ଲୁଣା ଜଙ୍ଗଲ। ଉପକୂଳ ଅଞ୍ଚଳର ଜୀବନ ଓ ଜୀବିକାରେ ଲୁଣା ଜଙ୍ଗଲ ଏବେ ବି ନିର୍ବାହ କରୁଛି ବଡ଼ ଭୂମିକା। ସମୁଦ୍ର ଉପକୂଳ ଆର୍ଦ୍ରଭୂମି ଅଞ୍ଚଳରେ ହେନ୍ତାଳ ଚାରା ରୋପଣ କଲେ ତାପମାତ୍ରା କେତେକାଂଶରେ କମିବ। ଏ ପରିପ୍ରେକ୍ଷୀରେ ପାରାଦୀପ ନୂଆଗଡ ପଞ୍ଚାୟତର ମହାନଦୀ ଅବବାହିକାରେ ସାତ୍ତ୍ୱିକ ସୋଲ୍ ସଂଗଠନ ଓ ସେ ୟାର୍ଥ ପକ୍ଷରୁ ବିଶ୍ୱ ପରିବେଶ ଦିବସରେ ହେନ୍ତାଳ ବଣ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ନୂଆଗଡ଼ ସରପଞ୍ଚ ଦେବେନ୍ଦ୍ର ରାଉତ, ସାତ୍ତ୍ୱିକ ସୋଲ ସଂଗଠନର ଜିଲ୍ଲା ସଂଯୋଜକ ବିଶ୍ୱଜିତ ସାମଲ, ଧର୍ମପଦ ବାଡୋଇ, ରାଜକମଲ ସ୍ୱାଇଁ, ଗାୟତ୍ରୀ ସ୍ୱାଇଁ, ଲିପିକା ସ୍ୱାଇଁ, ଅବନୀ ପାଇଟଲ, ଅବିନାଶ ଦାସ, ନିରଞ୍ଜନ ପାତ୍ରୀ, କୈବଲ୍ୟ କଣିକା ପରିଡା, ପ୍ରମୋଦ ବାରିକ, ସୁବୋଧ ବେହେରା, ସରୋଜ ମହାକୁଡ଼, ସିତୁନ ମହାନ୍ତି, ଏସ. ପ୍ରଭାବାସୁ, ଅଶ୍ୱିନୀ କୁମାର ପାଇଟଲ, ସୌମେନ୍ଦ୍ର ରାଉଳ, ସାବିତ୍ରୀ ସ୍ୱାଇଁ, ସ୍ୱର୍ଣ୍ଣଲତା ସ୍ୱାଇଁ, ପିଙ୍କି ପ୍ରଧାନ ଓ ନୂଆଗଡ ପଞ୍ଚାୟତର ଗ୍ରାମବାସୀ ଓ ସ୍କୁଲ ଛାତ୍ରଛାତ୍ରୀ ଉକ୍ତ କାର୍ଯ୍ୟକ୍ରମରେ ସାମିଲ ଥିଲେ।



## ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରଞ୍ଜିତ ପରିଜାଙ୍କ ଶ୍ରଦ୍ଧାଞ୍ଜଳି ସଭା



ତିର୍ତ୍ତୋଲ, ୭।୬(ସମିସ): ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ ତେନ୍ତୁଳିପଦା ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ଝଙ୍କଡ଼ ସାହିତ୍ୟ ସଂସଦର ପ୍ରତିଷ୍ଠାତା ସଭ୍ୟ ରଞ୍ଜିତ କୁମାର ପରିଜାଙ୍କ ଏକାଦଶାହରେ ସ୍ଥାନୀୟ ଆଖଣ୍ଡଳେଶ୍ୱର ମନ୍ଦିର ପରିସରରେ ଝଙ୍କଡ଼ ସାହିତ୍ୟ ସଂସଦ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସଂସଦ ଉପସଭାପତି ତଥା ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ସୁରେଶ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଶିକ୍ଷକ ନେତା ଅକ୍ଷୟ ଦାସ, ମୁଖ୍ୟବକ୍ତା ଅଧ୍ୟାପକ ଅରୁଣ ପଣ୍ଡା, ସମ୍ମାନିତ ଅତିଥି କବି ହେମନ୍ତ ନାୟକ, ଅବସରପ୍ରାପ୍ତ ଶିକ୍ଷକ ଦିଗମ୍ବର ରାଉତ, ଶିକ୍ଷକ ଅକ୍ଷୟ ନାୟକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପରିଜା ଜଣେ କୃତୀ ଆଦର୍ଶ ପ୍ରଧାନଶିକ୍ଷକ ଭାବେ ସୁନାମ ଅର୍ଜନ କରିଥିଲେ। ଅବସର ପରେ ଗ୍ରାମରେ ଆଖଣ୍ଡଳେଶ୍ୱର୍ ମନ୍ଦିର ନିର୍ମାଣରେ ପ୍ରମୁଖ ଭୂମିକା ଗ୍ରହଣ କରିବା ସହ ବିଭିନ୍ନ ସାମାଜିକ ସଂଗଠନ ସହ ଜଡ଼ିତ ଥିଲେ ବୋଲି ମତବ୍ୟକ୍ତ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଂସଦର ପ୍ରତିଷ୍ଠାତା ସମ୍ପାଦକ ଗୋଲକ ବିହାରୀ ପଳାଇ ପରିଚାଳନା କରିଥିବାବେଳେ ସଂଗଠନ ସମ୍ପାଦକ ପଣ୍ଡିତ ବାସବ ନନ୍ଦ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଏ ଅବସରରେ କବୟିତ୍ରୀ ସବିତା ନାୟକ ଓ ପାୟଲ ମଣ୍ଡଳଙ୍କ ସଂଯୋଜନାରେ ସ୍ୱର୍ଗତ ପରିଜାଙ୍କ ସ୍ମୃତିରେ ପୂର୍ବତନ ସରପଞ୍ଚ ଲକ୍ଷ୍ମୀପ୍ରିୟା ବେହେରା, ନିତ୍ୟାନନ୍ଦ ନାୟକ, ନିରଞ୍ଜନ ନାୟକ, ବିକାଶ ପରିଜା, ଶ୍ରଦ୍ଧାଞ୍ଜଳି ଦାସ, ଆଶିଷ ପରିଜା, ଅଞ୍ଜନା ମହାନ୍ତି, ପ୍ରିୟଙ୍କା ପରିଜା, ସୁରେନ୍ଦ୍ର ସାହୁ, ରାଧାମୋହନ ପରିଜା ପ୍ରମୁଖ କବିତା ପାଠ କରିଥିଲେ।

# ପ୍ଲାଷ୍ଟିକ୍ ପ୍ରଦୂଷଣ: ଏହାର କାରଣ, ପ୍ରଭାବ ଓ ସୁପରିଚାଳନା ସମ୍ପର୍କିତ ସଚେତନତା


ଜଗତସିଂହପୁର,୭।୬(ସମିସ):

ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇନ୍‌ସାଫ, ଜିଲ୍ଲା ପ୍ରକୃତିବନ୍ଧୁ ପରିଷଦ ଓ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଜଗତସିଂହପୁର ଜିଲ୍ଲା ଶାଖା ମିଳିତ ଆନୁକୂଲ୍ୟରେ ଶ୍ରୀକୃଷ୍ଣ ଏକାଡେମୀଠାରେ ପ୍ଲାଷ୍ଟିକ୍ ପ୍ରଦୂଷଣ: ଏହାର କାରଣ, ପ୍ରଭାବ ଓ ସୁପରିଚାଳନାର ବହୁବିଧ ଉପାୟ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରକୃତି ବନ୍ଧୁ ପରିଷଦ ଉପସଭାପତି ନିରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଅମୂଲ୍ୟ କୁମାର ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଇନ୍‌ସାଫ୍‌ର ବୈଷୟିକ ଉପଦେଷ୍ଟା ତଥା କାର୍ଯ୍ୟକ୍ରମ ସଂଯୋଜକ ଉତ୍କଳ ରଞ୍ଜନ ମହାନ୍ତି କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ମେରା ଯୁବ ଭାରତର ଜିଲ୍ଲା ଅଧିକାରୀ ନିଖିଲ କୋକୁଲା ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅତୁଲ ବିକ୍ରମ ପ୍ରଧାନ ଓ ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ରାମଚନ୍ଦ୍ର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।



ସେହିପରି ଇନ୍‌ସାଫର କାର୍ଯ୍ୟକାରୀ ସଭାପତି ବିଶିଷ୍ଟ ସାହିତ୍ୟିକ ମହେନ୍ଦ୍ର କୁମାର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଷୟିକ ସମ୍ମାନ ଓ ପୁରସ୍କାର ବିତରଣୀ ଉତ୍ସବରେ ବୈଷୟିକ ସହଯୋଗିତା ପ୍ରଦାନ କରିଥିବା ଭୁବନେଶ୍ୱରସ୍ଥ ଓଡ଼ିଶା ପରିବେଶ ସମିତିର କାର୍ଯ୍ୟକାରୀ ସଭାପତି ଡକ୍ଟର ଜୟକୃଷ୍ଣ ପାଣିଗ୍ରାହୀ ମୁଖ୍ୟଅତିଥି ଓ ସମ୍ପାଦକ ଇଂ. ମନୋରଞ୍ଜନ ମିଶ୍ର ମୁଖ୍ୟବକ୍ତା, ଇନ୍‌ସାଫର ସଭାପତି ଗୌରାଙ୍ଗ ଚରଣ ହୋତା ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ସମ୍ପ୍ରତି ଏକକ ବ୍ୟବହୃତ ପ୍ଲାଷ୍ଟିକ୍‌ର ବହୁଳ ବ୍ୟବହାରର କାରଣ, ଏଥିଯୋଗୁଁ ସମଗ୍ର ପ୍ରାଣୀଜଗତ ଓ ଆମ ପରିବେଶ ଉପରେ ପଡୁଥିବା କୁପ୍ରଭାବ ସାଙ୍ଗକୁ ଏହାର ସୁପରିଚାଳନାର ବହୁବିଧ ସହଜ ଓ ସରଳ ଉପାୟ ପ୍ରତି ଆମର ମାନସିକତା ଓ ଦାୟିତ୍ୱବୋଧ ସମ୍ପର୍କରେ ଆଲୋକପାତ କରିଥିଲେ। ଏ ଅବସରରେ ଇନ୍‌ସାଫ ପକ୍ଷରୁ ନାଇଜର୍‌ର ଆସୋସିଏଟ୍ ପ୍ରଫେସର ଡକ୍ଟର ତପନ ମିଶ୍ର ଓ ବୈଜ୍ଞାନିକ ଡକ୍ଟର ଶାରଳାଶ୍ରିତ ମହାନ୍ତିଙ୍କୁ ୨୦୨୪ ଓ ୨୦୨୫ ମସିହା ପାଇଁ ଡକ୍ଟର ପ୍ରାଣକୃଷ୍ଣ ପରିଜା ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ମାଟ୍ରିକ୍ ପରୀକ୍ଷାରେ ଏ-୧ରେ ଉତ୍ତୀର୍ଣ୍ଣ ହୋଇଥିବା ଦୁଇଜଣ ଛାତ୍ରଛାତ୍ରୀ ଓ +୨ ବିଜ୍ଞାନରେ ଜିଲ୍ଲାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଚଳିତ ବର୍ଷ ପ୍ରକୃତିମିତ୍ର ପୁରସ୍କାର ପାଇଥିବା ସରକାରୀ ହାଇସ୍କୁଲ, ବାଗଲପୁର, ରଥ ସରକାରୀ ହାଇସ୍କୁଲ, ମହିରା ଓ ଖାଲଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବରୁ ଆୟୋଜିତ ହୋଇଥିବା ଚିତ୍ରାଙ୍କନ ପ୍ରତିଯୋଗିତାର ୧୫ ଜଣ କୃତୀ ପ୍ରତିଯୋଗୀ ଓ ଲିଖିତ କୁଇଜ୍ ପ୍ରତିଯୋଗିତାର ୪ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ସଂଯମ କିଶୋର ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିରିଡି ବ୍ଲକର ଅତିରିକ୍ତ ଶିକ୍ଷାଧିକାରୀ ପ୍ରକୃତିବନ୍ଧୁ ପ୍ରକାଶ ରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## 'ପୃଥିବୀ ସବୁ ଜୀବ ଜଗତ ପାଇଁ, କେବଳ ମନୁଷ୍ୟ ପାଇଁ ନୁହେଁ'



କୁଜଙ୍ଗ,୭।୬(ସମିସ): ପୃଥିବୀ ସବୁ ଜୀବ ଜଗତ ପାଇଁ। କେବଳ ମନୁଷ୍ୟ ସମାଜ ପାଇଁ ନୁହେଁ ବୋଲି ରାଜ୍ୟ ମାନବାଧିକାର ଆୟୋଗ ପକ୍ଷରୁ କୁଜଙ୍ଗ ସୂଚନା କେନ୍ଦ୍ରଠାରେ ଆୟୋଜିତ କର୍ମଶାଳାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି କର୍ମଶାଳାରେ ମୁଖ୍ୟଅତିଥି ରୂପେ ରାଜ୍ୟ ମାନବାଧିକାର ଆୟୋଗ ଅଧ୍ୟକ୍ଷ ନ୍ୟାୟମୂର୍ତ୍ତି ଶତ୍ରୁଘ୍ନ ପୂଜାହାରି ଯୋଗଦେଇ ପୁଞ୍ଜିବାଦ ଅର୍ଥନୈତିକ ପ୍ରତିଯୋଗିତା ପାଇଁ ପରିବେଶ ପ୍ରଦୂଷଣ ବଢ଼ି ଚାଲିଛି। ଯାହାକି ଆଗାମୀ କିଛି ବର୍ଷ ପରେ ଜୀବଜଗତ ଲୋପ ପାଇବା ନିଶ୍ଚିତ ବୋଲି କହିଥିଲେ। କୁଜଙ୍ଗ ଓକିଲ ସଂଘ ସଭାପତି ଏଏନ୍‌ଡି ଯାଦବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଆୟୋଗର ସଦସ୍ୟ ଚିତ୍ତରଞ୍ଜନ ମହାପାତ୍ର, ଅସିତ ଅମିତାଭ ଦାସ, ଜିଲ୍ଲାପାଳ ଜେ. ସୋନାଲ, ପରିବେଶ ବିଶେଷଜ୍ଞ ପ୍ରିୟରଞ୍ଜନ ସାହୁ, ଆଇନ ଆୟୋଗ ସଦସ୍ୟ ସୌରଚନ୍ଦ୍ର ମହାପାତ୍ର, ଜଗତସିଂହପୁର ଜିଲ୍ଲା ଓ ଦୌରା ଜଜ ଶ୍ରୀନିବାସ ପ୍ରତିହାରୀ ପ୍ରମୁଖ ଯୋଗ ଦେଇଥିବାବେଳେ ଆଇନଜୀବୀ ଅମୃତ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ବ୍ରଜକିଶୋର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୁର୍ଗମ ଏକୁଲସେକୁଲ-ପୁଟିପାଳରେ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର

ଢେଙ୍କାନାଳ,୭ ।୬(ସମିସ): ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ ବ୍ଲକର ଅତ୍ୟନ୍ତ ଦୁର୍ଗମ ଅଞ୍ଚଳ ଏକୁଲସେକୁଲ ଏବଂ ପୁଟିପାଳ ଗ୍ରାମ। ପାହାଡ଼ ଉପରେ ଥିବା ଏହି ଗାଁ ଉପରେ ସବୁବେଳେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ନଜର ରହିଥାଏ। ଏହି କ୍ରମରେ ଶୁକ୍ରବାର ଏକୁଲସେକୁଲ ଓ ପୁଟିପାଳରେ ପହଞ୍ଚିଥିଲା ସ୍ୱାସ୍ଥ୍ୟ ଟିମ୍। ବିରାଶାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱତନ୍ତ୍ର ଆୟୁଷ ଡାକ୍ତରୀଟିମ୍ ପହଞ୍ଚି ଜନ୍ମରୁ ୬ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ଶିଶୁଙ୍କ ସ୍ୱାସ୍ଥ୍ୟ ସ୍କ୍ରିନିଂ କରାଯାଇଥିଲା। ଡା. ଅଜିତ କୁମାର ସାହୁ, ଡା. ବିଜୟାଲକ୍ଷ୍ମୀ ସାହୁ ଏବଂ ଫାର୍ମାସିଷ୍ଟ ରାଜଲକ୍ଷ୍ମୀ ସାହୁଙ୍କୁ ନେଇ ଗଠିତ ଟିମ୍ ସ୍ୱାସ୍ଥ୍ୟଯାଞ୍ଚ କରିଥିଲା। ଏହି ଉପାନ୍ତ ଅଞ୍ଚଳକୁ ଏବେ ବି ବିକାଶ ଭଲ ଭାବେ ଛୁଇଁ ନ ଥିବା ବେଳେ ପାହାଡ଼ ଉପର ଜଙ୍ଗଲିଆ ଗାଁରେ ଏହି ସ୍ୱାସ୍ଥ୍ୟ ଟିମ୍ ବର୍ଷର ବିଭିନ୍ନ ସମୟରେ ପହଞ୍ଚି ସ୍ୱାସ୍ଥ୍ୟସେବା ଯୋଗାଇଥାଏ। ଏଥର ସ୍କ୍ରିନିଂର ଫୋକସରେ ରହିଥିଲେ ନବଜାତ ଶିଶୁମାନେ। ଶିଶୁମାନଙ୍କ ସ୍ୱାସ୍ଥ୍ୟର କିପରି ଯତ୍ନ ନିଆଯାଉଛି, ସେମାନଙ୍କଠାରେ କେଉଁ ସ୍ୱାସ୍ଥ୍ୟଜନିତ ସମସ୍ୟା ଦେଖାଦେଉଛି ସେ ସବୁର ଯାଞ୍ଚ କରିଥିଲା ସ୍ୱାସ୍ଥ୍ୟ ଟିମ୍। ଶିଶୁ ସମେତ ମାଆମାନଙ୍କୁ ମଧ୍ୟ ସଚେତନ କରାଯାଇଥିଲା। ସେହିପରି ଏକୁଲସେକୁଲ ଏବଂ ପୁଟିପାଳରେ ଅଙ୍ଗନବାଡ଼ି କେନ୍ଦ୍ରକୁ ଆସୁଥିବା ସମସ୍ତ ଶିଶୁଙ୍କ ସ୍ୱାସ୍ଥ୍ୟ ସ୍କ୍ରିନିଂ କରାଯାଇଥିଲା। ଉଭୟ ଗାଁର ୧୪୦ରୁ ଅଧିକ ଶିଶୁଙ୍କ ସ୍ୱାସ୍ଥ୍ୟ ସ୍କ୍ରିନିଂ କରାଯାଇଥିଲା। ଏଏନଏମ ପଦ୍ମିନୀ ଖଟୁଆ, ଆଇସିଡିଏସ ସୁପରଭାଇଜର ପୂଜା ନନ୍ଦ, ଚାଳକ ଉଦୟ ନାୟକ, ଏବଂ ବ୍ଲକର କିଛି କର୍ମଚାରୀ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ସହଯୋଗ କରିଥିଲେ। ସ୍ୱାସ୍ଥ୍ୟ ସମସ୍ୟା ଥିବା ପିଲାଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ଔଷଧ ବଣ୍ଟନ କରାଯିବା ସହ ଅଧିକ ଚିକିତ୍ସା ପାଇଁ ଅଭିଭାବକଙ୍କୁ ସ୍ୱାସ୍ଥ୍ୟ ଟିମ୍ ପରାମର୍ଶ ଦେଇଛି।



୬ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

# ମାଧପୁର ପଞ୍ଚାୟତ | ୩ ବର୍ଷର ହରିଶ୍ଚନ୍ଦ୍ର ଯୋଜନା ଟଙ୍କା ହରିଲୁଟ୍

ହିନ୍ଦୋଳ,୭ ।୬(ସମିସ)

- ଶହେରୁ ଊର୍ଦ୍ଧ୍ୱ ହିତାଧିକାରୀ ସହାୟତାରୁ ବଞ୍ଚିତ
- ଭିଜିଲାନ୍ସ ତଦନ୍ତ ଦାବିକଲେ ପଞ୍ଚାୟତବାସୀ

ଜନସାଧାରଣଙ୍କ ସୁବିଧା ନିମନ୍ତେ ସରକାର ଯୋଜନା ପରେ ଯୋଜନା ପ୍ରଣୟନ କରୁଛନ୍ତି। ହେଲେ କିଛି ଲାଞ୍ଚଖୋର ଅଧିକାରୀ ଯୋଜନାକୁ ହରିଲୁଟ୍ କରୁଥିବାରୁ ଏହାର ସଫଳ ରୂପାୟନ ହୋଇପାରୁନାହିଁ। ଏଭଳି ଏକ ସଙ୍ଗୀନ ଅଭିଯୋଗ ଆସିଛି ହିନ୍ଦୋଳ ବ୍ଲକ ମାଧପୁର ପଞ୍ଚାୟତରୁ। ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହେଲେ ଅନ୍ତିମ ସଂସ୍କାର ପାଇଁ ତାଙ୍କ ପରିବାରକୁ ସରକାର ହରିଶ୍ଚନ୍ଦ୍ର ଯୋଜନା ମାଧ୍ୟମରେ ୩୦୦୦ ଟଙ୍କା ଯୋଗାଇଦେବାକୁ ଘୋଷଣା କରିଥିବା ବେଳେ ୩ ବର୍ଷ ହେବ ମାଧପୁର ପଞ୍ଚାୟତର ୧୦୦ରୁ ଊର୍ଦ୍ଧ୍ୱ ହିତାଧିକାରୀ ଏହି ସହାୟତା ରାଶି ପାଇ ନ ଥିବା ଜଣାପଡ଼ିଛି। ପଞ୍ଚାୟତର ପ୍ରମୋଦ ସାହୁ, ଭାସ୍କର ସାହୁ, ରଘୁ ବେହେରା, ଫୁଲ ସାହୁ, ରତ୍ନାକର ମହାନ୍ତି, ତାରା ନାୟକ, ବୈରା ଭୋଇ, ଏକାଦୁଶିଆ ସାହୁ, ପଣସ ବେହେରା, ଧନୀ ବେହେରା ଦୟାନିଧି ସାହୁ, ବିକଳ ସାହୁ, ଅନ୍ଧ ବେହେରା ପ୍ରମୁଖ ୧୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ୩ ବର୍ଷ ଭିତରେ ମୃତ୍ୟୁ ହୋଇଛି। ସହାୟତା ପାଇଁ ସେମାନଙ୍କ ପରିବାର ପକ୍ଷରୁ ପଞ୍ଚାୟତରେ ଆବେଦନ କରାଯାଇଛି। ହେଲେ ସେମାନେ ହରିଶ୍ଚନ୍ଦ୍ର ଯୋଜନା ସହାୟତା ରାଶି ଏଯାଏ ପାଇ ନ ଥିବା ଅଭିଯୋଗ କରିଛନ୍ତି। ସେମାନଙ୍କ ଟଙ୍କାକୁ ହରିଲୁଟ୍ କରାଯାଇଥିବା ଅଭିଯୋଗ ହୋଇଛି। ସେହିପରି ୧୦୦ରୁ ଊର୍ଦ୍ଧ୍ୱ ଭତ୍ତା ହିତାଧିକାରୀଙ୍କ ଇତିମଧ୍ୟରେ ମୃତ୍ୟୁ ହୋଇଥିବା ବେଳେ ସେମାନଙ୍କ ନାମରେ ଏଯାଏଁ ଭତ୍ତା ଟଙ୍କା ଉଠାଯାଉଥିବା ଅଭିଯୋଗ ହେଉଛି।

ଏହାର ଭିଜିଲାନ୍ସ ତଦନ୍ତ ସହ ସ୍ୱତନ୍ତ୍ର ଅଡିଟ୍ କରାଯାଇ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ପଞ୍ଚାୟତର ଅଧିକାରୀ ସ୍ୱୟଂବିତ ସାହୁଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ, ମୁଁ ୬ ମାସ ହେବ ପଞ୍ଚାୟତକୁ ଆସିଛି। ଆଜି ଯାଏଁ ସେହି ଆକାଉଣ୍ଟ ମୁଁ ପାଇନାହିଁ। ହରିଶ୍ଚନ୍ଦ୍ର ଯୋଜନା ଟଙ୍କା ପାଇ ନ ଥିବା ବିଷୟରେ ପଞ୍ଚାୟତର କିଛି ହିତାଧିକାରୀ ଅଭିଯୋଗ କରିଛନ୍ତି। ଏହାର ତଦାରଖ କରିବା ପରେ ଏ ବିଷୟରେ କହିପାରିବି।

ଏବେ କିଛି କହିପାରିବି ନାହିଁ ବୋଲି ସେ କହିଛନ୍ତି। ତେବେ ୬ ମାସ ହେବ ଦାୟିତ୍ୱରେ ଥିବା ପଞ୍ଚାୟତ ଅଧିକାରୀ ଏଯାଏଁ ହରିଶ୍ଚନ୍ଦ୍ର ଯୋଜନା ଯୋଜନା ଆକାଉଣ୍ଟ କିପରି ଜାଣିପାରିଲେ ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ରାସ୍ତା ପାଲଟିଛି ମରଣଯନ୍ତା

ଖଜୁରିଆକଟା,୭ ।୬(ସମିସ): ହିନ୍ଦୋଳ ବ୍ଲକ୍ ବାଉଁଶ ପୋଖରୀ ଟି-ୱାନ୍‌ଠାରୁ ଗୋବର୍ଦ୍ଧନପୁର ପର୍ଯ୍ୟନ୍ତ ରାସ୍ତା ମରଣଯନ୍ତା ପାଲଟିଛି। ପ୍ରତ୍ୟେକ ଦିନ ଶହ ଶହ ଲୋକ ଏହି ରାସ୍ତା ଦେଇ ବ୍ଲକ୍, ତହସିଲ୍ କାର୍ଯ୍ୟାଳୟ, ଡାକ୍ତରଖାନା ଏବଂ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଯିବା ଆସିବା କରିଥାଆନ୍ତି। ସେହିପରି ସ୍କୁଲ୍ ଓ କଲେଜ୍ ଛାତ୍ରଛାତ୍ରୀମାନେ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ତେବେ ରାସ୍ତା ଅବସ୍ଥା ଶୋଚନୀୟ ହୋଇଥିବାରୁ ଜନସାଧାରଣ ଯାତାୟାତରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କୋମଳମତି ବିଦ୍ୟାର୍ଥୀମାନେ ବହୁ ସମୟରେ ରାସ୍ତାରେ ପଡ଼ି ଖଣ୍ଡିଆଖାବରା ହେଉଛନ୍ତି। ପ୍ରତ୍ୟେକ ଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ବୈଶାଖ ମାସରେ ମଧ୍ୟ ସାମାନ୍ୟ ବର୍ଷା ହେଲେ ରାସ୍ତା ମଝିରେ ଥିବା ଖାଲଖମାରେ ପାଣି ଜମି ପୋଖରୀର ଭ୍ରମ ସୃଷ୍ଟି କରୁଛି। ଆଗକୁ ବର୍ଷାଦିନ ଆସୁଥିବାରୁ ରାସ୍ତା ଅବସ୍ଥା କିପରି ହେବ ତାହା ଜଳଜଳ ଦେଖାଯାଉଛି। ଏଥିପ୍ରତି ବିଭାଗୀୟ ଅଧିକାରୀଙ୍କ ନିଘା ନାହିଁ। ପ୍ରଶାସନ ତୁରନ୍ତ ଏଥିପ୍ରତି ଗୁରୁତ୍ୱ ଦେଇ ରାସ୍ତା ମରାମତି କରିବାକୁ ସାଧାରଣରେ ଦାବି ହେଉଛି।



# ସେବା, ସୁଶାସନ ଓ ଗରିବ କଲ୍ୟାଣ ସଂକଳ୍ପ ଯାତ୍ରା



ଢେଙ୍କାନାଳ,୭ ।୬(ସମିସ): ସ୍ଥାନୀୟ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ କେନ୍ଦ୍ର ସରକାରଙ୍କ ୧୧ବର୍ଷ ଓ ରାଜ୍ୟ ସରକାରଙ୍କ ୧ବର୍ଷ ପୂର୍ତ୍ତି ଅବସରରେ ଜିଲ୍ଲାସ୍ତରୀୟ କର୍ମଶାଳା ଜିଲ୍ଲା ସଭାପତି ରାସବିହାରୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ରାଜ୍ୟ ଉପସଭାପତି ଗୋଲଖ ପ୍ରସାଦ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିବା ସହ ଉପସ୍ଥିତ କର୍ମକର୍ତ୍ତାଙ୍କୁ ଉଦ୍‌ବୋଧନ ଦେଇଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରର ସଫଳତାକୁ ନେଇ ଆସନ୍ତା ୯ ତାରିଖରୁ ଦଳୀୟ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତା ପ୍ରତ୍ୟେକ ଗାଁ ଓ ୱାର୍ଡ ସ୍ତରରେ ସଭାସମିତି ଆୟୋଜନ କରି ପ୍ରଚାର କରିବାକୁ ସେ ପରାମର୍ଶ ଦେଇଥିଲେ। କର୍ମଶାଳାରେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ପୂର୍ବତନ ଜିଲ୍ଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ବରିଷ୍ଠ ନେତା ରାମଚନ୍ଦ୍ର ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରର ସଫଳତା ଉପରେ ଆଲୋକପାତ କରିଥିଲେ। ଜିଲ୍ଲାରେ ବୁଦ୍ଧିଜୀବୀ ସମ୍ମିଳନୀ, ସାମ୍ବାଦିକ ସମ୍ମିଳନୀ ଓ ଆଲୋଚନାଚକ୍ର ଆୟୋଜନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଜିଲ୍ଲା ସଭାପତି ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲ୍ଲା ଉପସଭାପତି ମାତୃପ୍ରସାଦ ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ସୁନୀଲ ଶର୍ମା କର୍ମଶାଳା ପରିଚାଳନା କରିଥିଲେ। ଜିଲ୍ଲା ସହ-ସଂଯୋଜକ ବିଷ୍ଣୁପ୍ରସାଦ ଲେଙ୍କା, ଇତିଶ୍ରୀ ସାହୁ, ସୁଶାନ୍ତ ପତି, ପରଜଙ୍ଗ ବ୍ଲକ୍ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା, ଜିଲ୍ଲା ସାଧାରଣ ସମ୍ପାଦକ ରତିକାନ୍ତ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲା ଉପ-ସଭାପତି ସନାତନ ବେହେରା, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ମମତା ସ୍ୱାଇଁ, ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ପ୍ରଶାନ୍ତ ପ୍ରଧାନ, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ସହଦେବ ପୃଷ୍ଟି, ପରଜଙ୍ଗ ବ୍ଲକ୍ ଉପାଧ୍ୟକ୍ଷା ଯଶସ୍ୱିନୀ ରାଉତ, ଜିଲ୍ଲା ବୁଦ୍ଧିଜୀବୀ ସେଲ ଆବାହକ ପ୍ରମୋଦ ନନ୍ଦ, ସମସ୍ତ ମଣ୍ଡଳ ସଭାପତି, ପୂର୍ବତନ ସଭାପତି, ସରପଞ୍ଚ, ସମିତିସଭ୍ୟ, ଉପସ୍ଥିତ ଥିଲେ। ପୂର୍ବତନ ଜିଲ୍ଲା ସଭାପତି ପ୍ରେମାନନ୍ଦ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ୱ ପରିବେଶ ଦିବସ ପାଳିତ



ଖଜୁରିଆକଟା,୭ ।୬(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ବାଉଁଶପୋଖରୀ ପଞ୍ଚାୟତ କର୍ଣ୍ଣପୁର ତରେଇ ଠାକୁରାଣୀଙ୍କ ପୀଠରେ ପରିବେଶ ବିକାଶ ମଞ୍ଚ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି।

ଏହି ଅବସରରେ ପୀଠରେ ସଫେଇ କାର୍ଯ୍ୟକ୍ରମ କରାଯିବା ସହ ବେଢ଼ାରେ ପଣସ, ଅଁଳା ଓ ବଉଳ ଆଦି ଚାରା ରୋପଣ କରାଯାଇଥିଲା। ଏଥିରେ କର୍ଣ୍ଣପୁର ଏଫଆରସିର ବହୁ ସଦସ୍ୟ ଯୋଗଦେଇଥିଲେ। ସେହିପରି ନୂଆକୋଟ ବନ୍ଧାଭୂଇଁ ଶନିଶ୍ଚରଙ୍କ ପୀଠରେ ମଧ୍ୟ ଚାରାରୋପଣ କରାଯାଇଥିଲା। ପରେ ନୂଆକୋଟ ଏବଂ ବନ୍ଧାଭୂଇଁ ଏଫଆରସି କମିଟି ସଦସ୍ୟଙ୍କ ଦ୍ୱାରା ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପରିବେଶକୁ ସୁରକ୍ଷିତ ରଖିବା ପାଇଁ ଜୀବଜନ୍ତୁଙ୍କ ସୁରକ୍ଷା ପ୍ରତି ସଜାଗ ହେବା ଏବଂ ଜଙ୍ଗଲ ସୃଷ୍ଟି କରିବାକୁ ସମସ୍ତେ ଶପଥ ନେଇଥିଲେ। କାର୍ଯ୍ୟକ୍ରମରେ ପରିବେଶ ବିକାଶ ମଞ୍ଚ କର୍ମକର୍ତ୍ତା, ଏଫଇଏସ୍ ଢେଙ୍କାନାଳ ଏବଂ ବରଡ଼ାପାଳ ଓ କର୍ଣ୍ଣପୁର ଏଫଆରସିର ସଦସ୍ୟ ଏବଂ ନୂଆକୋଟ ବନ୍ଧାଭୂଇଁର ସଦସ୍ୟଙ୍କ ସହ କର୍ଣ୍ଣପୁର ବିଟ୍ କର୍ମଚାରୀ ଉପସ୍ଥିତ ଥିଲେ।

# ମଙ୍ଗଳା ଟ୍ରଷ୍ଟର ବାର୍ଷିକୋତ୍ସବ; ୪ ମେଧାବୀଙ୍କୁ ସମ୍ବର୍ଦ୍ଧନା



ଭୁବନ,୭ ।୬(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ମଦାର ପଞ୍ଚାୟତ ବ୍ରାହ୍ମଣୀ ନଦୀ କୂଳରେ ଓରସିଂହା ଗ୍ରାମରେ ପୂଜା ପାଉଛନ୍ତି ବାମନେଶ୍ୱର ମହାଦେବ ଓ ମା' କାମନେଶ୍ୱରୀ ମଙ୍ଗଳା। କାମନେଶ୍ୱରୀ ମଙ୍ଗଳା ମନ୍ଦିର ଟ୍ରଷ୍ଟର ଚତୁର୍ଥ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଛି। ମନ୍ଦିର ପରିଚାଳନା କମିଟି ସଂଯୋଜକ ସୁକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୱାର୍ଡ ସଭ୍ୟା ବନିତା ବେହେରା, ସମାଜସେବୀ ରବିନାରାୟଣ ସାହୁ, ସୁଧାକର ସାହୁ, ରମାକାନ୍ତ ସର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଉତ୍ସବରେ ଢେଙ୍କାନାଳ ଜିଲ୍ଲାର ୪ଜଣ ମେଧାବୀ ବିଦ୍ୟାର୍ଥୀଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ସେମାନେ ହେଲେ ଯୁକ୍ତ ୨ ବିଜ୍ଞାନରେ ରାଜ୍ୟରେ ୨ୟ ସ୍ଥାନ ଅଧିକାର କରିଥିବା ଆଶିଶ କୁମାର ସାହୁ, ଢେଙ୍କାନାଳ ଜିଲ୍ଲାରେ ୨ୟ ସ୍ଥାନ ଅଧିକାର କରିଥିବା ମୋକ୍ଷରଞ୍ଜନ ସାହୁ, କେନ୍ଦୁଝର ଜିଲ୍ଲାରେ ୨ୟ ସ୍ଥାନ ଅଧିକାର କରିଥିବା ବାଜି ରାଉତ ମାଟିର ଝିଅ ପ୍ରଜ୍ଞା ପରମିତା ସାହୁ ଓ ଢେଙ୍କାନାଳ ଜିଲ୍ଲାରେ ଯୁକ୍ତ ୨ କଳାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଶ୍ରାବଣୀ ସ୍ୱାଇଁ।

ଏମାନଙ୍କ ମଧ୍ୟରୁ ଜଣେ ଗରିବ ମେଧାବୀଙ୍କ ପାଠପଢ଼ା ଖର୍ଚ୍ଚ ଟ୍ରଷ୍ଟ ତୁଲାଇବ ବୋଲି ଟ୍ରଷ୍ଟି ସୁକାନ୍ତ କୁମାର ସାହୁ ଘୋଷଣା କରିଛନ୍ତି। ତୃପ୍ତି ପାଠାଗାର ପକ୍ଷରୁ ମେଧାବୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସାହୁ। ସଦସ୍ୟା ମୀନା ଦାସ, ମିଲି ବେହେରା, ରେବତୀ ପାତ୍ର, ସନାତନ ସାହୁ ରମେଶ ସାହୁ, ଚନ୍ଦନ ବେହେରା, ତାପସ ପାତ୍ର, ବସନ୍ତ ବେହେରା, ବାଇଆ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବାର୍ଷିକୋତ୍ସବ ଅବସରରେ ରୀତିନୀତି ଅନୁଯାୟୀ ଘୃତଯଜ୍ଞ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟୁଷରୁ ମା'ଙ୍କ ମହାସ୍ନାନ ବିଧି ମୁତାବକ ଅନୁଷ୍ଠିତ ହୋଇଥିଲା।

# ଗଁଦିଆରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ | ସୁଇପରଙ୍କ ହାତରେ ରୋଗୀଙ୍କ ଭାଗ୍ୟ

ଗଁଦିଆ,୭ ।୬(ସମିସ): ରୋଗୀ ସେବା ପାଇଁ ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଥିବା ବେଳେ ବାସ୍ତବରେ କିଭଳି ରୋଗୀ ସେବା ଚାଲିଛି ତା'ର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ। ବ୍ଲକର ୨୯ ପଞ୍ଚାୟତ ଏବଂ ପଡ଼ୋଶୀ ଯାଜପୁର ତଥା କଟକ ଜିଲ୍ଲାର ସୀମାବର୍ତ୍ତୀ ଅଞ୍ଚଳର କିଛି ଲୋକ ନିର୍ଭର କରୁଥିବା ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଠାରୁ ଆରମ୍ଭ କରି ସଫେଇ କର୍ମଚାରୀଙ୍କ ଅଭାବ ରହିଛି। ଦୀର୍ଘଦିନ ହେଲା ଉକ୍ତ ଡାକ୍ତରଖାନାରେ ବିଭିନ୍ନ ଡାକ୍ତର ପଦବୀ ଖାଲି ରହିଥିବା ବେଳେ ନର୍ସିଂ ଅଫିସର ପଦ ମଧ୍ୟ ଖାଲି ପଡ଼ିଛି। ଫଳରେ ଅଧିକାଂଶ ସମୟରେ ସୁଇପରମାନେ ଇଞ୍ଜେକ୍ସନ, ସାଲାଇନ ଦେଉଥିବା ଦେଖିବାକୁ ମିଳୁଛି। ଆଦିବାସୀ ବହୁଳ ଏହି ବ୍ଲକର ଲୋକମାନେ ମେଡିକାଲକୁ ଆସି ସୁଇପରମାନଙ୍କ ଦ୍ୱାରା ଚିକିତ୍ସିତ ହେବା ସରକାରଙ୍କ ସ୍ୱାସ୍ଥ୍ୟସେବା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଖୋଦ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଅଧିକାଂଶ ସମୟ ଏଠାରେ ଅନୁପସ୍ଥିତ ରହୁଥିବା ବେଳେ ୬ ମାସରୁ ଊର୍ଦ୍ଧ୍ୱ ସମୟ ହେଲା ଦରମା ନ ପାଇ ଏଠାରେ ସୁଇପରମାନେ କାର୍ଯ୍ୟ କରୁଛନ୍ତି। ଫଳରେ ଗତ ସରକାର କିଛି କରୁ ନ ଥିବା କହି କ୍ଷମତାକୁ ଆସିଥିବା ଡବଲ ଇଞ୍ଜିନ ସରକାରକୁ ଲୋକ ଏବେ ଆଙ୍ଗୁଠି ଦେଖେଇବା ଆରମ୍ଭ କଲେଣି।




# ସନ୍ତରଣ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



ଢେଙ୍କାନାଳ,୭ ।୬(ସମିସ): ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଜିଲ୍ଲା ଜରୁରୀକାଳୀନ ବିଭାଗ ଦ୍ୱାରା ସପ୍ତଶଯ୍ୟା ସତ୍ୟସାଗର ୱାଟର ପାର୍କରେ ସନ୍ତରଣ ଓ ପାଣିରେ ବୁଡ଼ି ବଞ୍ଚିବାର ମୌଳିକ କୌଶଳ ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଛି। ଜିଲ୍ଲା ଜରୁରୀକାଳୀନ ଅଧିକାରୀ ସୁଦୀପ୍ତ କୁମାର ସାହୁ ଓ ଓଏସଏପି ପ୍ରଥମ ବାଟାଲିଅନର ସହକାରୀ କମାଣ୍ଡାଣ୍ଟ ଅଶୋକ ରଥ ଶିବିରକୁ ଉଦ୍‌ଘାଟନ କରିଥିଲେ। ପାଣିରେ ବୁଡ଼ି କୌଣସି ପ୍ରାଣହାନୀ ଜନିତ ଦୁର୍ଘଟଣାକୁ ଏଡ଼ାଇବା ପାଇଁ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ପ୍ରୟାସ ଉପଯୋଗୀ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଗତ ୨ ତାରିଖରୁ ଆରମ୍ଭ ହୋଇଥିବା ଏହି ଶିବିରରେ ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷାର୍ଥୀଙ୍କ ପ୍ରଶିକ୍ଷଣ ଶେଷ ହୋଇଛି। ପର୍ଯ୍ୟାୟକ୍ରମେ ଅଗଷ୍ଟ ୯ ପର୍ଯ୍ୟନ୍ତ ପ୍ରଶିକ୍ଷଣ ଦିଆଯିବ। ଓଡ୍ରାଫ୍ ଟିମ୍ ପ୍ରଶିକ୍ଷଣ ଦେଉଛି।

## ସାମାଜିକ ସୁରକ୍ଷା ଯୋଜନା

# ୧,୭୪,୮୧୪ ଲୋକଙ୍କୁ ମିଳୁଛି ୧୨ କୋଟି ୮୧ ଲକ୍ଷ ଟଙ୍କା ଭତ୍ତା

ଢେଙ୍କାନାଳ,୭ ।୬(ସମିସ): ଢେଙ୍କାନାଳ ଜିଲ୍ଲାରେ ସାମାଜିକ ସୁରକ୍ଷା ଯୋଜନାରେ ଗରିବ ବୃଦ୍ଧବୃଦ୍ଧା, ବିଧବା, ଅସହାୟଙ୍କୁ ସରକାରଙ୍କ ତରଫରୁ ମାସିକ ୧୨କୋଟି ୮୧ଲକ୍ଷ ୧ହଜାର ଏକ ଶହ ଟଙ୍କା ପେନସନ ପ୍ରଦାନ କରାଯାଉଛି। ଜିଲ୍ଲାରେ ୨୦୧୧ ଜନଗଣନା ଅନୁସାରେ ୧୧ ଲକ୍ଷ ୯୨ ହଜାର ୯୪୮ ଲୋକ ବାସ କରୁଥିବା ବେଳେ ସେମାନଙ୍କ ମଧ୍ୟରୁ ୧ ଲକ୍ଷ ୭୪ ହଜାର ୮୧୪ଜଣଙ୍କୁ ବିଭିନ୍ନ ଯୋଜନାରେ ସାମାଜିକ ସୁରକ୍ଷା ଭତ୍ତା ପ୍ରଦାନ କରାଯାଉଛି।

ମଧୁବାବୁ ପେନସନ ଯୋଜନାରେ ଭୁବନ ବ୍ଲକରେ ୯୧୨୯, ଇନ୍ଦିରା ଗାନ୍ଧୀ ଜାତୀୟ ବୃଦ୍ଧାବସ୍ଥା ପେନସନ ଯୋଜନାରେ ୩୮୭୬, ଇନ୍ଦିରା ଗାନ୍ଧୀ ଜାତୀୟ ବିଧବା ପେନସନ ଯୋଜନାରେ ୧୪୪୦ ଏବଂ ଇନ୍ଦିରା ଗାନ୍ଧୀ ଜାତୀୟ ବିକଳାଙ୍ଗ ପେନସନ ଯୋଜନାରେ ୨୬୯ ଏଭଳି ମୋଟ ୧୪ ହଜାର ୭୧୪ ଜଣ ଭତ୍ତା ପାଉଛନ୍ତି। ସେହିପରି ସଦର ବ୍ଲକରେ ମଧୁବାବୁ ପେନସନ ଯୋଜନାରେ ୧୪୩୪୯, ଇନ୍ଦିରା ଗାନ୍ଧୀ ଜାତୀୟ ବୃଦ୍ଧାବସ୍ଥା ପେନସନ ଯୋଜନାରେ ୫୮୭୧, ଇନ୍ଦିରା ଗାନ୍ଧୀ ଜାତୀୟ ବିଧବା ପେନସନ ଯୋଜନାରେ ୨୦୭୪ ଏବଂ ଇନ୍ଦିରା ଗାନ୍ଧୀ ଜାତୀୟ ବିକଳାଙ୍ଗ ପେନସନ ଯୋଜନାରେ ୨୯୬ ଏଭଳି ମୋଟ ୨୨ ହଜାର ୫୯୦ ଜଣ, ଗଁଦିଆ ବ୍ଲକରେ ମଧୁବାବୁ ପେନସନ ଯୋଜନାରେ ୧୫୪୮୮, ଇନ୍ଦିରା ଗାନ୍ଧୀ ଜାତୀୟ ବୃଦ୍ଧାବସ୍ଥା ପେନସନ ଯୋଜନାରେ ୬୦୦୩, ଇନ୍ଦିରା ଗାନ୍ଧୀ ଜାତୀୟ ବିଧବା ପେନସନ ଯୋଜନାରେ ୨୦୫୪ ଏବଂ ଇନ୍ଦିରା ଗାନ୍ଧୀ ଜାତୀୟ ବିକଳାଙ୍ଗ ପେନସନ ଯୋଜନାରେ ୪୧୬ ଏଭଳି ମୋଟ ୨୩ ହଜାର ୯୬୧, ହିନ୍ଦୋଳ ବ୍ଲକରେ ମଧୁବାବୁ ପେନସନ ଯୋଜନାରେ ୧୬୯୧୨, ଇନ୍ଦିରା ଗାନ୍ଧୀ ଜାତୀୟ ବୃଦ୍ଧାବସ୍ଥା ପେନସନ ଯୋଜନାରେ ୬୩୪୮, ଇନ୍ଦିରା ଗାନ୍ଧୀ ଜାତୀୟ ବିଧବା ପେନସନ ଯୋଜନାରେ ୨୩୧୦ ଏବଂ ଇନ୍ଦିରା ଗାନ୍ଧୀ ଜାତୀୟ ବିକଳାଙ୍ଗ ପେନସନ ଯୋଜନାରେ ୩୬୭ ଏଭଳି ମୋଟ ୨୫ହଜାର ୯୩୭, କାମାକ୍ଷାନଗର ବ୍ଲକରେ ମଧୁବାବୁ ପେନସନ ଯୋଜନାରେ ୧୧୦୮୧, ଇନ୍ଦିରା ଗାନ୍ଧୀ ଜାତୀୟ ବୃଦ୍ଧାବସ୍ଥା ପେନସନ ଯୋଜନାରେ ୪୫୨୬, ଇନ୍ଦିରା ଗାନ୍ଧୀ ଜାତୀୟ ବିଧବା ପେନସନ ଯୋଜନାରେ ୧୮୪୩ ଏବଂ ଇନ୍ଦିରା ଗାନ୍ଧୀ ଜାତୀୟ ବିକଳାଙ୍ଗ ପେନସନ ଯୋଜନାରେ ୨୯୭ ଏଭଳି ମୋଟ ୧୭ ହଜାର ୭୪୭, କଙ୍କଡ଼ାହାଡ଼ ବ୍ଲକରେ ମଧୁବାବୁ ପେନସନ ଯୋଜନାରେ ୯୮୨୬, ଇନ୍ଦିରା ଗାନ୍ଧୀ ଜାତୀୟ ବୃଦ୍ଧାବସ୍ଥା ପେନସନ ଯୋଜନାରେ ୪୦୨୪, ଇନ୍ଦିରା ଗାନ୍ଧୀ ଜାତୀୟ ବିଧବା ପେନସନ ଯୋଜନାରେ ୧୪୫୬ ଏବଂ ଇନ୍ଦିରା ଗାନ୍ଧୀ ଜାତୀୟ ବିକଳାଙ୍ଗ ପେନସନ ଯୋଜନାରେ ୨୭୦ ଏଭଳି ମୋଟ ୧୫ ହଜାର ୫୭୬, ଓଡ଼ାପଡ଼ା ବ୍ଲକରେ ମଧୁବାବୁ ପେନସନ ଯୋଜନାରେ ୧୨୪୯୨, ଇନ୍ଦିରା ଗାନ୍ଧୀ ଜାତୀୟ ବୃଦ୍ଧାବସ୍ଥା ପେନସନ ଯୋଜନାରେ ୫୨୧୮, ଇନ୍ଦିରା ଗାନ୍ଧୀ ଜାତୀୟ ବିଧବା ପେନସନ ଯୋଜନାରେ ୧୯୩୯ ଏବଂ ଇନ୍ଦିରା ଗାନ୍ଧୀ ଜାତୀୟ ବିକଳାଙ୍ଗ ପେନସନ ଯୋଜନାରେ ୨୫୨ ଏଭଳି ମୋଟ ୧୯ ହଜାର ୯୦୧, ପରଜଙ୍ଗରେ ମଧୁବାବୁ ପେନସନ ଯୋଜନାରେ ୧୪୦୨୭, ଇନ୍ଦିରା ଗାନ୍ଧୀ ଜାତୀୟ ବୃଦ୍ଧାବସ୍ଥା ପେନସନ ଯୋଜନାରେ ୪୮୯୭, ଇନ୍ଦିରା ଗାନ୍ଧୀ ଜାତୀୟ ବିଧବା ପେନସନ ଯୋଜନାରେ ୧୮୮୫ ଏବଂ ଇନ୍ଦିରା ଗାନ୍ଧୀ ଜାତୀୟ ବିକଳାଙ୍ଗ ପେନସନ ଯୋଜନାରେ ୩୦୬ ଏଭଳି ମୋଟ ୨୧ ହଜାର ୧୧୫ ଜଣ ଭତ୍ତା ପାଉଛନ୍ତି। ଏପରି ଭାବେ ଜିଲ୍ଲାରେ ମୋଟ ୧ ଲକ୍ଷ ୭୪ ହଜାର ୮୧୪ ଜଣଙ୍କୁ ୧୨ କୋଟି ୮୧ ଲକ୍ଷ ଟଙ୍କା ଭତ୍ତା ପ୍ରଦାନ କରାଯାଉଛି।

# ଗଁଦିଆ ବ୍ଲକରେ ଗଡ଼ିଲା ଆମ ସଂକଳ୍ପ ରଥ



ଗଁଦିଆ,୭ ।୬(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ଅବକାରୀ ବିଭାଗ ପକ୍ଷରୁ ଶନିବାର ଗଁଦିଆ ବ୍ଲକ ପରିସରରେ ଅବକାରୀ ଅଧିକାରିଣୀ ସୁନିତା କେର୍କେଟାଙ୍କ ଦ୍ୱାରା ଆମ ସଂକଳ୍ପ ରଥ ଉଦଘାଟିତ ହୋଇଛି। ଏହି ରଥ ବିଭିନ୍ନ ମାଦକ ଦ୍ରବ୍ୟ ବ୍ୟବହାରର କୁପରିଣାମ ବିଷୟରେ ଲୋକଙ୍କୁ ଅବଗତ କରିବା ସହ ଅପମିଶ୍ରିତ, ବିଷାକ୍ତ ଏବଂ ଚୋରାମଦ କାରବାର ସମ୍ପୂର୍ଣ୍ଣ ରୋକିବା ଲାଗି ସଚେତନ କରିବ। କେଉଁ ଅପରାଧରେ କେତେ ଦଣ୍ଡ କିମ୍ବା ଜରିମାନା ବ୍ୟବସ୍ଥା ରହିଛି ସେ ବିଷୟରେ ଲୋକଙ୍କୁ ଅବଗତ କରାଯିବ। ଏହି ରଥ ବ୍ଲକର ୨୯ ପଞ୍ଚାୟତ ପରିକ୍ରମା କରି ସଚେତନତା ସୃଷ୍ଟି କରିବ ବୋଲି ଅବକାରୀ ଅଧିକାରୀ କେର୍କେଟା ସୂଚନା ଦେଇଛନ୍ତି।

## ଦାଦନ ଯନ୍ତ୍ରଣା

# ଓମାନରେ ପଡ଼ିଛି ସ୍ୱାମୀଙ୍କ ଶବ



ବାଲେଶ୍ୱର, ୭।୬ (ସମିସ): ସାତ ଦରିଆପାରିରେ ପଡ଼ିଛି ସ୍ୱାମୀଙ୍କ ଶବ। ଏପଟେ, ଶେଷଥର ପାଇଁ ସ୍ୱାମୀର ମୁହଁ ଦେଖିବାକୁ ଏବଂ ଗାଁ ମଶାଣିରେ ଅନ୍ତିମ ସଂସ୍କାର କରାଇବା ପାଇଁ ସରକାରୀ ଅଫିସ୍ ଘୂରି ବୁଲୁଛନ୍ତି ପତ୍ନୀ। ବାଲେଶ୍ୱର ଜିଲ୍ଲାପାଳ ଅଫିସ୍‌ରେ ଆଜି ଏପରି ଏକ ଦୃଶ୍ୟ ସମସ୍ତଙ୍କୁ ବିଚଳିତ କରିଛି। ମୃତ ବ୍ୟକ୍ତିଜଣଙ୍କ ହେଲେ, ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ୍ ଅନ୍ତର୍ଗତ ଅନନ୍ତପାଣି ଗ୍ରାମର ନିତ୍ୟାନନ୍ଦ ମହାଲିକ (୪୬)। ପରିବାର ଚଳାଇବା ପାଇଁ ଗତ ୧୧ ବର୍ଷ ଧରି ସେ ଓମାନର ଏକ ହୋଟେଲରେ ଦାଦନ ଶ୍ରମିକ ଭାବେ କାମ କରିଆସୁଥିଲେ। ତେବେ ଗତକାଲି ସେଠାରେ ତାଙ୍କର ରହସ୍ୟଜନକ ଭାବେ ମୃତ୍ୟୁ ଘଟିଛି। ତେଣୁ, ସ୍ୱାମୀଙ୍କ ଶବକୁ ଭିଟାମାଟିକୁ ଫେରାଇ ଆଣିବା ପାଇଁ ପତ୍ନୀ ଅନୁପମା ଆଜି ଜିଲ୍ଲାପାଳଙ୍କୁ କାନ୍ଦି କାନ୍ଦି ଗୁହାରି କରିଛନ୍ତି।

ଅନୁପମାଙ୍କ କହିବା ଅନୁସାରେ, ତାଙ୍କ ପରିବାର ଅତ୍ୟନ୍ତ ଗରିବ। ପରିବାର କହିଲେ, ଦୁଇପୁଅ, ଝିଅ ଏବଂ ବୃଦ୍ଧ ବାପା-ମାଆ। ପରିବାର ପ୍ରତିପୋଷଣ ପାଇଁ ନିତ୍ୟାନନ୍ଦ ବିଦେଶକୁ ଗୋଡ଼ ବଢ଼ାଇଥିଲେ। ଭଲ ଦି' ପଇସା ରୋଜଗାର ଆଶାରେ ସେ ସାଉଦି ଆରବ, ଦୁବାଇ ଭଳି ସ୍ଥାନରେ ୨ବର୍ଷ ଲେଖାଏଁ କାର୍ଯ୍ୟ କରିବା ପରେ ଗତ ୧୧ବର୍ଷ ଧରି ଓମାନର ଏକ ହୋଟେଲରେ କାମ କରି ଆସୁଥିଲେ। ଗତକାଲି (ଶୁକ୍ରବାର) ସକାଳ ଓ ଅପରାହ୍ଣରେ ସେ ଅନୁପମାଙ୍କ ସହ କଥା ହେବା ବେଳେ ତାଙ୍କ ପେଟ ବଥା ହେଉଥିବା କହିଥିଲେ। ତେବେ ରାତି ପ୍ରାୟ ୯ଟାରେ ହଠାତ୍ ଉକ୍ତ ହୋଟେଲର ମ୍ୟାନେଜର୍ ତାଙ୍କୁ ଫୋନ୍ କରି ନିତ୍ୟାନନ୍ଦଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା କହିଥିଲେ। ଆଜି ସକାଳେ ସେ ପୁଣିଥରେ ଫୋନ୍ କରିବାରୁ ତାଙ୍କ ସ୍ୱାମୀଙ୍କ ମୃତଦେହ ପଲିଥିନରେ ଘୋଡ଼ାଇ ହୋଇଥିବା ଦେଖିବାକୁ ପାଇଥିଲେ। ଏପରିକି, ହୋଟେଲ ମ୍ୟାନେଜର୍ ତାଙ୍କୁ ଅଧିକ କିଛି ନ ପଚାରିବା ପାଇଁ ଧମକ ଦେଇ ଫୋନ୍ ରଖି ଦେଇଥିଲା। ନିତ୍ୟାନନ୍ଦଙ୍କ ଏପରି

**ଫେରାଇ ଆଣିବା ପାଇଁ ଜିଲ୍ଲାପାଳଙ୍କୁ ଗୁହାରି କଲେ ପତ୍ନୀ**

ହଠାତ୍ ମୃତ୍ୟୁକୁ ଅନୁପମା ସହଜରେ ବିଶ୍ୱାସ କରିପାରୁନାହାନ୍ତି। ତାଙ୍କୁ ସେଠାରେ ହତ୍ୟା କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଅପରପକ୍ଷେ, ଓମାନରୁ ନିତ୍ୟାନନ୍ଦଙ୍କ ମୃତଦେହ ଆଣିବା ଅନୁପମାଙ୍କ ପରିବାର ପକ୍ଷେ କଷ୍ଟକର ହୋଇପଡ଼ିଛି। ତେଣୁ, ମୃତଶରୀର ଆଣିବା ପାଇଁ ଆଜି ଅନୁପମା ଜିଲ୍ଲାପାଳଙ୍କୁ ଗୁହାରି କରିଛନ୍ତି।

ଜିଲ୍ଲାପାଳ ଏନେଇ ଉପଜିଲ୍ଲାପାଳଙ୍କ ନେତୃତ୍ୱରେ ୪ଜଣିଆ ଟିମ ଗଠନ କରି ଓମାନ ସହ ଯୋଗଯୋଗ କରିଥିବା ଜଣାଯାଇଛି। ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ କହିଛନ୍ତି ଯେ ଏ ସଂପର୍କରେ ତୁରନ୍ତ ଶ୍ରମ କମିଶନ କାର୍ଯ୍ୟାଳୟକୁ ଜଣାଯିବା ସହ ବୈଦେଶିକ ମନ୍ତ୍ରାଳୟକୁ ମଧ୍ୟ ଯୋଗାଯୋଗ କରାଯାଇଛି। ଉପଜିଲ୍ଲାପାଳ, ଜିଲ୍ଲା ଶ୍ରମଅଧିକାରୀ, ଦାୟିତ୍ୱରେ ଥିବା ରେମୁଣା ବିଡିଓ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କୁ ନେଇ ଟିମ୍ ଗଠନ କରାଯାଇ ଉକ୍ତ ହୋଟେଲ ସହ ଯୋଗାଯୋଗ ଆରମ୍ଭ କରାଯାଇଛି। ଯେହେତୁ ଓମାନରେ ଏହି ଘଟଣା ଘଟିଛି, ଓଡ଼ିଶା ସରକାରଙ୍କ ପକ୍ଷରୁ ଯୋଗାଯୋଗ କରାଯାଉଛି। ଖୁବ୍‌ଶୀଘ୍ର ତାଙ୍କ ମୃତଦେହ ଫେରାଇ ଆଣିବାକୁ ଚେଷ୍ଟା କରାଯାଉଛି ବୋଲି ସେ କହିଛନ୍ତି।

### ଫୁଲବାଣୀରେ ୧୦୦ ଶଯ୍ୟା ବିଶିଷ୍ଟ ସରକାରୀ ମେଡିକାଲ କଲେଜ ଉଦ୍‌ଘାଟିତ

# କନ୍ଧମାଳରେ ପର୍ଯ୍ୟଟନ ବିକାଶ ପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି: ମୁଖ୍ୟମନ୍ତ୍ରୀ



**୭୫୦ କୋଟିର ୧୦ଟି ଉନ୍ନୟନମୂଳକ ପ୍ରକଳ୍ପ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ**

ଫୁଲବାଣୀ, ୭।୬ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର କନ୍ଧମାଳ ଜିଲ୍ଲା ଗସ୍ତ କରି ଫୁଲବାଣୀରେ ୧୦୦ ଶଯ୍ୟା ବିଶିଷ୍ଟ ସରକାରୀ ମେଡିକାଲ କଲେଜ ଓ ୬୫୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ୍‌ର ଉଦ୍‌ଘାଟନ କରିବା ସହିତ ପ୍ରାୟ ୭୫୦ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

କନ୍ଧମାଳବାସୀଙ୍କ ବହୁଦିନର ଆଶା ପୂରଣ କରିଛି ଏବଂ ଉନ୍ନତ ସ୍ୱାସ୍ଥ୍ୟ ସେବା ପାଇବା ପାଇଁ ସେମାନଙ୍କର ଦୀର୍ଘ ଦିନର ସ୍ୱପ୍ନ ସାକାର ହୋଇଛି। କନ୍ଧମାଳର ଏହି ମେଡିକାଲ୍ କଲେଜ୍ କେବଳ ଚିକିତ୍ସା ଶିକ୍ଷା ପ୍ରଦାନ କରିବ ନୁହେଁ, ବରଂ ଏହା ଏଠାରେ ଏକ ସୁନିଶ୍ଚିତ ଓ ଗୁଣବତ୍ତାପୂର୍ଣ୍ଣ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବ ଏବଂ ଆଖପାଖ ଅଞ୍ଚଳର ଲୋକଙ୍କ ଜୀବନରେ ବଡ଼ ପରିବର୍ତ୍ତନ ଆଣିବା ପାଇଁ ପ୍ରେରଣା ପାଲଟିବ। ଏହି ୬୫୦ ଶଯ୍ୟା ବିଶିଷ୍ଟ ସରକାରୀ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ଦ୍ୱାରା କେବଳ କନ୍ଧମାଳ ଜିଲ୍ଲା ନୁହେଁ ବରଂ ସମଗ୍ର ରାଜ୍ୟରେ ସ୍ୱାସ୍ଥ୍ୟ ସେବାର ଏକ ନୂତନ ଅଧ୍ୟାୟ ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାପରେ ମୁଖ୍ୟମନ୍ତ୍ରୀ ଫୁଲବାଣୀରେ ଜିଲ୍ଲାର ବିକାଶ ପାଇଁ ପ୍ରାୟ ୭୫୦ କୋଟି ଟଙ୍କା ମୂଲ୍ୟର ୧୦ଟି ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଶୁଭ ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କନ୍ଧମାଳ ପର୍ଯ୍ୟଟନର ବିକାଶ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଧ୍ୟାନ ଦେଉଥିବା ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ।

ଏହି ପ୍ରକଳ୍ପ ମଧ୍ୟରୁ ୬୫୫ କୋଟି ଟଙ୍କାରୁ ଅଧିକ ୫ଟି ପ୍ରକଳ୍ପର ଉଦ୍‌ଘାଟନ ସହିତ ପ୍ରାୟ ୯୪ କୋଟିରୁ ଉର୍ଦ୍ଧ୍ୱ ୫ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ, କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଓ ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ ମଞ୍ଚାସୀନ ଥିଲେ।

### ■ ମାହାଙ୍ଗାରେ ଚାଞ୍ଚଲ୍ୟ

# ବନ୍ଦ ଘରୁ ପ୍ରେମୀଯୁଗଳଙ୍କ ଝୁଲନ୍ତା ଶବ ଜବତ

ଭଦ୍ରେଶ୍ୱର, ୭।୬(ସମିସ): ମାହାଙ୍ଗା ଥାନାଞ୍ଚଳରେ ଏକ ବନ୍ଦ ଘରୁ ପ୍ରେମୀଯୁଗଳଙ୍କ ଝୁଲନ୍ତା ଶବ ଉଦ୍ଧାର ହେବା ଘଟଣା ଚାଞ୍ଚଲ୍ୟ ଖେଳାଇ ଦେଇଛି। ମାହାଙ୍ଗା ପୁଲିସ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ସୂଚନାନୁସାରେ, କଟକ ଜିଲ୍ଲା ସାଲେପୁର ଥାନା ବାଲିସାହି ଗ୍ରାମପଞ୍ଚାୟତ ମାଛୁଆତି ଗ୍ରାମର ଚିନ୍ମୟୀ ଭୋଇ(୨୫) ସ୍ଥାନୀୟ ରାଇସୁଙ୍ଗୁଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟକର୍ମୀ ରୂପେ କାର୍ଯ୍ୟ କରିଆସୁଥିଲେ। ଦୀର୍ଘ ଦିନ ହେଲା ଚିନ୍ମୟୀଙ୍କ ସାଲେପୁର ଥାନା ରାମକୃଷ୍ଣପୁର ପଞ୍ଚାୟତ ବାଲିସିମଳା ଗ୍ରାମର ଦେବେନ୍ଦ୍ର ମୁଣ୍ଡା(୨୫)ଙ୍କ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଏହି ଦୁଇଜଣ ବିବାହ କରି ନପାରି ମାହାଙ୍ଗା ଥାନା ପଲ୍ଲିସାହି ପଞ୍ଚାୟତ ଖନ୍ଦୋଳ ଗ୍ରାମର କ୍ଷୀରୋଦ ଲେଙ୍କାଙ୍କ ଘରକୁ ୪ ଦିନ ତଳେ ଭଡ଼ା ସୂତ୍ରରେ ନେଇ ରହିଆସୁଥିଲେ। ଶନିବାର ଏହି ଭଡ଼ା ଘର ବନ୍ଦ କୋଠରୀରୁ ଦୁର୍ଗନ୍ଧ ଆସିଥିଲା। କବାଟ ଖୋଲା ନଥିବା କାରଣରୁ ଲୋକେ ସନ୍ଦେହ ପ୍ରକଟ କରିଥିଲେ। ଘର ମାଲିକ କ୍ଷୀରୋଦ ଲେଙ୍କାଙ୍କ ଝିଅ ଜୁଲି କବାଟ ବାଡ଼େଇ ଡାକିଥିଲେ ମଧ୍ୟ କୌଣସି ଉତ୍ତର ମିଳି ନଥିଲା। ଏ ସମ୍ପର୍କରେ ଜୁଲି ଫୋନ ଯୋଗେ ଭୁବନେଶ୍ୱର ଯାଇଥିବା ବାପା ଓ ଦାଦା ସୁରେନ୍ଦ୍ରଙ୍କୁ ଜଣାଇଥିଲେ। ଖବର ପାଇ କ୍ଷୀରୋଦ ଭୁବନେଶ୍ୱରରୁ ଫେରି ଆସି ଏଠାରେ ପହଞ୍ଚିବା ସହ ମାହାଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ମାହାଙ୍ଗା ଥାନା ପୁଲିସ ଓ ଅତିରିକ୍ତ ତହସିଲଦାର ଅତନୁ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତି ଓ ନିର୍ଦ୍ଦେଶରେ ବନ୍ଦ ଥିବା କବାଟ ଓ ଝରକାକୁ ତାଡ଼ି ଘରେ ପୁଲିସ କର୍ମଚାରୀମାନେ ପଶିଥିଲେ। ତେବେ ଘରର ପଙ୍ଖାରେ ଦୁଇଜଣ ଶାଢି ସାହାଯ୍ୟରେ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଥିଲା। ପୁଲିସ ଏହି ଦୁଇଜଣଙ୍କ ଝୁଲନ୍ତା ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନାକୁ ପଠାଇଥିଲା।

# ବାଲି ଚୋରି ରୋକିବାକୁ ଆସିବ ନୂଆ ଏସ୍‌ଓପି

### ଆବାସ ଲାଗି ମିଳିବ ଦୁଇ ଟ୍ରାକ୍ଟର ମାଗଣା ବାଲି

ଭୁବନେଶ୍ୱର, ୭।୬(ସମିସ): ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ତିଆରି ପାଇଁ ଆଗକୁ ଦୁଇ ଟ୍ରାକ୍ଟର୍ ବାଲି ନିଃଶୁଳ୍କରେ ଯୋଗାଇ ଦିଆଯିବ। ଏନେଇ ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ଏହାସହ ବାଲି ଚୋରି ରୋକିବା ଲାଗି ନୂଆ ଏସ୍‌ଓପି ଆସିବ। ଏଥିଲାଗି କ୍ୟାବିନେଟ୍‌ରେ ଆଲୋଚନା ହୋଇଛି ଶ୍ରୀ ପୂଜାରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ରାଜସ୍ୱ ମନ୍ତ୍ରୀ କହିଛନ୍ତି ଯେ ଗରିବ ଲୋକଙ୍କୁ ମାଗଣାରେ ବାଲି ଦିଆଗଲେ ସେମାନେ ଘର ଖଣ୍ଡେ ସହଜରେ ତିଆରି କରିପାରିବେ। ଏଥିପାଇଁ ସେମାନଙ୍କୁ ପରମିଟ୍ ଇସ୍ୟୁ କରାଯିବ, ଯାହାଦ୍ୱାରା ଗରିବ ଲୋକେ ବାଲି ମାଗଣାରେ ଆଣିପାରିବେ। ଏହାସହ ଆଗାମୀ ଦିନରେ ବାଲି ଉଠାଣରେ ହାଇୱା ଗାଡ଼ି ବ୍ୟବହାରକୁ ବନ୍ଦ କରିବାକୁ ସରକାର ବିଚାର କରୁଛନ୍ତି। ହାଇୱାରେ ପ୍ରାୟ ୪୦ ଟନ ବାଲି ଆସୁଥିବା ବେଳେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମିତ ରାସ୍ତା ଏତେ ଲୋଡ୍ ସହ୍ୟ କରିପାରୁନାହିଁ। ଏହାଦ୍ୱାରା ରାସ୍ତା ନଷ୍ଟ ହେଉଛି। ତେଣୁ ଏ ସବୁକୁ ନେଇ ନୂଆ ଏସଓପି ଆସିବାକୁ ଯାଉଛି ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି। ଏଥିସହ କପ୍ତିପଦାରେ ଅତିରିକ୍ତ ତହସିଲଦାରଙ୍କୁ ବାଲି ମାଫିଆ ଆକ୍ରମଣ କରିବା ଘଟଣାରେ ମଧ୍ୟ ରାଜସ୍ୱ ମନ୍ତ୍ରୀ ପ୍ରତିକ୍ରିୟା ରଖିଛନ୍ତି। ଏହି ଆକ୍ରମଣ କରିବାର ଯେଉଁ ଦୁଃସାହସ ସେମାନେ କରିଛନ୍ତି ଏହା ତାଙ୍କର ଶେଷ ଦୁଃସାହସ ହେଉ। ଘଟଣାରେ ମୁଁ ଅଧିକାରୀମାନଙ୍କ ସହ କଥା ହୋଇଛି। ଯେଉଁମାନେ ଏହି କାଣ୍ଡ କରିଛନ୍ତି ଏବଂ ଯେଉଁମାନେ ପ୍ରଚ୍ଛଦପଟରେ ରହିଛନ୍ତି ସମସ୍ତଙ୍କୁ ଧରାଯିବ। ତଦନ୍ତ ସେ ପର୍ଯ୍ୟନ୍ତ ହେବ ଯେଉଁ ପର୍ଯ୍ୟନ୍ତ ସେମାନେ ଧରା ନ ପଡ଼ିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

# ଯୌତୁକ ଜୁଇରେ ନବବିବାହିତା

 କୋକସରା, ୭।୬ (ସମିସ): କଳାହାଣ୍ଡି ଜିଲ୍ଲା କୋକସରା ଥାନା ଅଧୀନ ଲଡୁଗାଁ ପଞ୍ଚାୟତର ଆଁଇଲି ଗ୍ରାମରେ ଯୌତୁକ ଲାଗି ଜଣେ ନବବିବାହିତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତ୍ୟୁ ଘଟିଥିବା ଏହି ନବ ବିବାହିତା ଜଣକ ହେଲେ ମାଳତୀ ଛତ୍ରିଆ। ତେବେ ଏହି ଘଟଣାରେ ପୁଲିସ ତାଙ୍କ ସ୍ୱାମୀ ଲିଙ୍ଗରାଜ ବାଗଙ୍କୁ ଥାନାରେ ଅଟକ ରଖିଛି। ମାତ୍ର ୩ମାସ ତଳେ ତାଙ୍କ ବିବାହ ହୋଇଥିଲା। ଶାଶୂ ଘର ଲୋକ ଦୁର୍ଘଟଣାରେ ଗୁରୁତର ହୋଇଥିବାରୁ ମେଡିକାଲ ନେବା ସମୟରେ ବୋହୂର ମୃତ୍ୟୁ ଘଟିଥିବା କହୁଥିବାବେଳେ ଝିଅକୁ ମାଡ ମାରି ଦୁର୍ଘଟଣାର ରୂପ ଦିଆଇଥିବା ଝିଅର ଭଉଣୀ ଅଭିଯୋଗ କରିଛନ୍ତି।


**ଅଭିଯୁକ୍ତ ସ୍ୱାମୀ ଥାନାରେ ଅଟକ**



ମାର୍ଚ୍ଚ ୮ରେ ଆମପାଣି ଥାନା କାଉଡୋଳା ଗ୍ରାମର ଗଗନ ଛତ୍ରିଆଙ୍କ ବଡ ଝିଅ ମାଳତୀଙ୍କୁ ଲିଙ୍ଗରାଜ ବୈଦିକ ରୀତିନୀତି ଅନୁସାରେ ବିବାହ ହୋଇଥିଲା। ତେବେ ବିବାହର ଏକ ମାସ ସେମାନେ ଭଲରେ ଥିଲେ। ପରେ ଯୌତୁକକୁ ନେଇ ଝିଅକୁ ନିର୍ଯାତନା ଦେବା ସହ ମାଡ ମାରିବା ଆରମ୍ଭ କରିଥିଲେ ଯୌତୁକ ଲୋଭି ସ୍ୱାମୀ। ଏ ନେଇ କୋକସରା ଥାନାରେ ଝିଅର ବାପା ଏତଲା ଦେଇଛନ୍ତି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସାଇଣ୍ଟିଫିକ୍ ଟିମ୍ ସହ ପୁଲିସ ତଦନ୍ତ କରିଛି। କୋକସରା ମେଡିକାଲରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ବିଶ୍ୱ ବାଣିଜ୍ୟ

### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୫.୯୯ ● ପାଉଣ୍ଡ ୧୧୬.୬୪
- ୟୁରୋ ୯୮.୬୮ ● ୟେନ୍ ୦.୫୯


### ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୧,୨୯୦ (ନୂଆଦିଲ୍ଲୀ)
- ରୁପା : ୧,୦୭,୧୦୦ (କେଜି)

### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୨,୧୮୮.୦୦
- ନିଫ୍ଟି ୨୫,୦୦୩.୦୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦




### ● ଆମେରିକାର 'ୱାନ୍ ବିଗ୍ ବ୍ୟୁଟିଫୁଲ ବିଲ୍'

# ସବୁଠୁ ଅଧିକ ପ୍ରଭାବିତ ଦେଶ ମଧ୍ୟରେ ଭାରତ

ନୂଆଦିଲ୍ଲୀ, ୭।୬(ଏଜେନ୍ସି): ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ 'ୱାନ ବିଗ ବ୍ୟୁଟିଫୁଲ ବିଲ୍' ନିକଟରେ ଆମେରିକା ହାଉସ୍ ଅଫ ରିପ୍ରେଜେଣ୍ଟେଟିଭ୍ସରେ ୨୧୫-୨୧୪ ଭୋଟର ମାମୁଲି ଅନ୍ତରରେ ଗୃହୀତ ହୋଇଯାଇଛି। ଏହି ବିଧେୟକରେ ଏକ ଏପରି ପ୍ରାବଧାନ ରହିଛି ଯାହା ବୈଶ୍ୱିକ ରେମିଟାନ୍ସ (ବିଦେଶକୁ ପଠାଯାଉଥିବା ପଇସା) ସ୍ରୋତକୁ ବଦଳାଇଦେବ। ଏହାର ସବୁଠୁ ଅଧିକ ପ୍ରଭାବ ପଡୁଥିବା ଦେଶଙ୍କ ମଧ୍ୟରେ ଭାରତ ମଧ୍ୟ ରହିଛି। ତେବେ ସିନେଟ୍‌ରେ ଏହି ବିଲକୁ ତୀବ୍ର ବିରୋଧ କରାଯାଉଛି। ଏହି ବିଲକୁ ବିଶ୍ୱର ଶୀର୍ଷ ଧନୀକ ଏଲନ ମସ୍କ ମଧ୍ୟ ବିରୋଧ କରୁଛନ୍ତି। ଏଥିରେ ଟ୍ରମ୍ପ-ମସ୍କ ସମ୍ପର୍କ ଅଦ୍ଭୁତ ଭାବେ ବଦଳିଯାଇଛି। ତେବେ ଆମେରିକାର ଏହି ବିଧେୟକ ଭାରତ ପାଇଁ ଚିନ୍ତାର ବିଷୟ ପାଲଟିଛି, କାରଣ ଭାରତକୁ ପ୍ରତି ବର୍ଷ ହଜାର ହଜାର କୋଟି ଡଲାର ରେମିଟାନ୍ସ ରୂପେ ମିଳିଥାଏ। ବିଲ୍‌ରେ ବିଦେଶରେ କାମ କରୁଥିବା ପ୍ରଫେସନାଲ, ଗ୍ରୀନକାର୍ଡ ଧାରୀ ଓ ଏଚ-୧ ଭିସାଧାରୀ ଯେଉଁମାନେ ଆମେରିକାରୁ ବିଦେଶକୁ ପଇସା ପଠାଉଛନ୍ତି ସେମାନଙ୍କ ପଇସା ଉପରେ ୩.୫% ଟ୍ୟାକ୍ସ ଲଗାଇବାକୁ ପ୍ରସ୍ତାବ ରହିଛି। ପୂର୍ବରୁ ଏହି ଟ୍ୟାକ୍ସ ୫% ଥିଲା। ତେବେ ଚାପ ପଡିବା ପରେ ଏହାକୁ ହ୍ରାସ କରାଯାଇଥିଲା।

# ମହଙ୍ଗା ହେବ ଗାଡ଼ିର ତୃତୀୟ ପକ୍ଷ ବୀମା



- ପ୍ରିମିୟମ୍ ୨୫% ବଢ଼ିପାରେ
- ଆଇଆର୍‌ଡିଏଆଇ ଦେଇଛି ପ୍ରସ୍ତାବ

ନୂଆଦିଲ୍ଲୀ, ୭।୬ (ଏଜେନ୍ସି): ଆଗକୁ ଗାଡ଼ିର ଥାର୍ଡ ପାର୍ଟି ଇନ୍‌ସ୍ୟୁରାନ୍ସ ବା ତୃତୀୟ ପକ୍ଷ ବୀମା କରିବା ମହଙ୍ଗା ହୋଇପାରେ। ଏଥିରେ ବୀମା ପ୍ରିମିୟମ୍ ପାଖାପାଖି ୨୫ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଏକ ରିପୋର୍ଟ ଅନୁଯାୟୀ, ଭାରତୀୟ ବୀମା ନିୟାମକ ଏବଂ ବିକାଶ ପ୍ରାଧିକରଣ (ଆଇଆର୍‌ଡିଏଆଇ) ସରକାରଙ୍କୁ ତୃତୀୟ ପକ୍ଷ ବୀମା ପ୍ରିମିୟମ ବୃଦ୍ଧି କରିବାକୁ ପରାମର୍ଶ ଦେଇଛି।

ଆଇଆର୍‌ଡିଏଆଇ ପକ୍ଷରୁ ପ୍ରିମିୟମରେ ହାରାହାରି ୧୮% ବୃଦ୍ଧି କରିବାକୁ ପରାମର୍ଶ ଦିଆଯାଇଛି, ଯେତେବେଳେ କି କିଛି ବର୍ଗର ଗାଡ଼ିରେ ଏହି ବୃଦ୍ଧି ୨୦% ରୁ ୨୫% ପର୍ଯ୍ୟନ୍ତ ହୋଇପାରେ। ବର୍ତ୍ତମାନ ଏହି ପ୍ରସ୍ତାବ ଉପରେ ଚୂଡ଼ାନ୍ତ ନିଷ୍ପତ୍ତି କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ନେବ। ଆସନ୍ତା ୨ ରୁ ୩ ସପ୍ତାହ ମଧ୍ୟରେ ଏହା ଉପରେ ନିଷ୍ପତ୍ତି ନିଆଯାଇପାରିବ। ମନ୍ତ୍ରଣାଳୟର ଅନୁମୋଦନ ପରେ, ସାଧାରଣ ସମ୍ମତି ପାଇଁ ଏକ ଚିଠା ବିଜ୍ଞପ୍ତି ଜାରି କରାଯିବ। ଏହାପରେ ପରାମର୍ଶ ନେବା ଏବଂ ସମୀକ୍ଷା କରିବା ଭଳି ଅନ୍ୟାନ୍ୟ ପ୍ରକ୍ରିୟା କରାଯିବ। ତା'ପରେ ହିଁ ଏହି ପରିବର୍ତ୍ତନଗୁଡ଼ିକ କାର୍ଯ୍ୟକାରୀ ହେବ। ଗତ ତିନି ବର୍ଷ ଧରି ଗାଡ଼ିର ତୃତୀୟ ପକ୍ଷ ବୀମା ପ୍ରିମିୟମ୍‌ରେ ପରିବର୍ତ୍ତନ କରାଯାଇନାହିଁ। ଏହି ବୀମା ଆପଣଙ୍କ ଗାଡ଼ି ଦ୍ୱାରା ତୃତୀୟ ବ୍ୟକ୍ତି (ଯେପରିକି ଜଣେ ପଦଯାତ୍ରୀ, ଅନ୍ୟ ଜଣେ ଡ୍ରାଇଭର, କିମ୍ବା ସେମାନଙ୍କ ସମ୍ପତ୍ତି) କୁ ହୋଇଥିବା କ୍ଷତି ପାଇଁ କ୍ଷତିପୂରଣ ଦିଏ। ଏହା ଆପଣଙ୍କୁ କିମ୍ବା ଆପଣଙ୍କ ଗାଡ଼ିର କ୍ଷତିକୁ କଭର କରେ ନାହିଁ, କିନ୍ତୁ ଅନ୍ୟମାନଙ୍କ ପାଇଁ ହୋଇଥିବା କ୍ଷତି ପାଇଁ ସୁରକ୍ଷା ପ୍ରଦାନ କରେ। ଏହି ବୀମା ତୃତୀୟ ବ୍ୟକ୍ତିଙ୍କ ଆଘାତ କିମ୍ବା ମୃତ୍ୟୁ କ୍ଷେତ୍ରରେ କ୍ଷତିପୂରଣ ୭.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେଇଥାଏ। ତୃତୀୟ ବ୍ୟକ୍ତିଙ୍କ ସମ୍ପତ୍ତି (ଯେପରିକି ଅନ୍ୟ ଏକ ଗାଡ଼ି, ଦୋକାନ, କିମ୍ବା ଘର) କ୍ଷତି ଏହି କ୍ଷତିପୂରଣ ମଧ୍ୟରେ ସାମିଲ। ତୃତୀୟ ପକ୍ଷ ବୀମା ଆଇନଗତ ଭାବରେ ବାଧ୍ୟତାମୂଳକ। ତୃତୀୟ ପକ୍ଷ ବୀମା ବିନା ଗାଡ଼ି ଚଲାଇବା ବେଆଇନ ଏବଂ ଜରିମାନା କିମ୍ବା ଆଇନଗତ କାର୍ଯ୍ୟାନୁଷ୍ଠାନ ହୋଇପାରେ। ତୃତୀୟ ପକ୍ଷ ବୀମା ବୀମାକାରୀଙ୍କୁ ଆର୍ଥିକ ବୋଝରୁ ସୁରକ୍ଷା କରେ, ଯଦି ଆପଣଙ୍କ ଭୁଲ ଯୋଗୁଁ ଅନ୍ୟ କେହି କ୍ଷତିଗ୍ରସ୍ତ ହୁଅନ୍ତି, ତେବେ ବୀମା କମ୍ପାନୀ ଏହାର କ୍ଷତିପୂରଣ ଦିଏ।

# ମାଲାବାର ଗୋଲ୍ଡର 'ବ୍ରାଇଡ୍ସ ଅଫ୍ ଇଣ୍ଡିଆ' କ୍ୟାମ୍ପେନ୍

ଭୁବନେଶ୍ୱର, ୭।୬(ସମିସ): ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ ପକ୍ଷରୁ ' ବ୍ରାଇଡ୍ସ ଅଫ୍ ଇଣ୍ଡିଆ' କ୍ୟାମ୍ପେନ୍ ଆରମ୍ଭ କରାଯାଇଛି। ମାଲାବାରର ଭୁବନେଶ୍ୱରସ୍ଥିତ ସୌଭାଗ୍ୟ ନଗର ଶୋ' ରୁମ୍‌ରେ ଏହି ' ବ୍ରାଇଡ୍ସ ଅଫ୍ ଇଣ୍ଡିଆ' ଫେଷ୍ଟିଭାଲ ଅନ୍ତର୍ଗତ ଏହି ଫ୍ଲାଗ୍‌ଶିପ୍ ଜୁଏଲେରୀ କ୍ୟାମ୍ପେନ୍ ଅନୁଷ୍ଠିତ ହୋଇଛି। କର୍ପୋରେଟର ବିନୟିନୀ ଜେନା ' ବ୍ରାଇଡ୍ସ ଅଫ୍ ଇଣ୍ଡିଆ' କ୍ୟାମ୍ପେନ୍‌ର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସର ପରିଚାଳନା କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଏଥିରେ ଚଳିତବର୍ଷ ସୁନା, ହୀରା, ପୋଲ୍‌କୀ ଏବଂ ମୂଲ୍ୟବାନ ରତ୍ନପଥର ଏବଂ ଆହୁରି ଅନେକ ଏକ୍ସକ୍ଲୁସିଭ୍ ବ୍ରାଇଡାଲ ଜୁଏଲେରୀ କଲେକ୍ସନ୍ ଆରମ୍ଭ କରାଯାଇଛି। ଏ ସମ୍ପର୍କରେ ମାଲାବାର ଗ୍ରୁପର ଅଧ୍ୟକ୍ଷ ଏମ୍‌ପି ଅହମ୍ମଦ କହିଛନ୍ତି ଯେ, ନୂତନ ଯୁଗର କନ୍ୟାମାନଙ୍କ ଲାଗି ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ 'ବ୍ରାଇଡ୍ସ ଅଫ୍ ଇଣ୍ଡିଆ' କ୍ୟାମ୍ପେନ୍ ସବୁଠୁ ଲୋକପ୍ରିୟ ବ୍ରାଇଡା ଜୁଏଲେରୀ କ୍ୟାମ୍ପେନ୍ ଭାବେ ଅଭିହିତ।



# ଟାଟା ହ୍ୟାରିଅର ଇଭିର ଶୁଭାରମ୍ଭ

ମୁମ୍ବଇ, ୭।୬ (ଏଜେନ୍ସି): ଭାରତର ଏଲେକ୍ଟ୍ରିକ୍ ଭେହିକିଲ୍ ବିସ୍ତାରର ପ୍ରତୀକ ଏବଂ ଏସ୍‌ୟୁଭି ଉତ୍ପାଦନରେ ଦେଶର ଅଗ୍ରଣୀ ଟାଟା ମୋଟର୍ସ ହ୍ୟାରିଅର.ଇଭିର ବିକ୍ରି ଶୁଭାରମ୍ଭ କରିଛି। ଭାରତରେ ଆଜି ପର୍ଯ୍ୟନ୍ତ ଉତ୍ପାଦିତ ହୋଇଥିବା ଏସ୍‌ୟୁଭିଗୁଡିକ ମଧ୍ୟରେ ଏହା ସବୁଠାରୁ ଶକ୍ତିଶାଳୀ, ଦକ୍ଷତାପୂର୍ଣ୍ଣ ଏବଂ ବୁଦ୍ଧିମାନ। ଆଗାମୀଯୁଗର ଆବଶ୍ୟକତାକୁ ଆଖି ଆଗରେ ରଖି ପ୍ରସ୍ତୁତ ହୋଇଥିବା ଏହି ଟାଟା ହ୍ୟାରିଅର.ଇଭି ଏକ ନୂଆ ମାନସିକତା ଆଣେ, ଯେଉଁଠାରେ ଦକ୍ଷତା ଏବଂ ଆଧୁନିକତାର ଏକ ସନ୍ତୁଳନ ଦେଖାଯାଏ। ୫୦୪ ଏନ୍‌ଏମ୍ ଟର୍କ ଏବଂ କ୍ୟୁଡବ୍ଲ୍ୟୁଡି ଡୁଆଲ୍-ମୋଟର ସହିତ, ଟାଟା ହ୍ୟାରିଅର.ଇଭି ହେଉଛି ଭାରତରେ ଏ ପର୍ଯ୍ୟନ୍ତ ଉତ୍ପାଦିତ ହୋଇଥିବା ସର୍ବୋତ୍ତମ ସ୍ୱଦେଶୀ ଏସ୍‌ୟୁଭି। ୪ଟି ଆକର୍ଷଣୀୟ ରଙ୍ଗ ବିକଳ୍ପରେ ଉପଲବ୍ଧ ହ୍ୟାରିଅର.ଇଭିର ପ୍ରାରମ୍ଭିକ ମୂଲ୍ୟ ୨୧.୪୯ ଲକ୍ଷ ଟଙ୍କାରୁ ଆରମ୍ଭ। ନେକ୍ସଟ୍-ଜେନ ଆକ୍ଟି.ଇଭି+ ପ୍ୟୁର୍ ଇଭି ପରିବେଶରେ ପାୱାର୍ ହୋଇ, ଏହା ଏକ ଏଓ୍ୟୁଭି ଯାହା ବୁଷ୍ଟ ମୋଡ୍‌ରେ ମାତ୍ର ୬.୩ ସେକେଣ୍ଡରେ ୦-୧୦୦ କିମି/ଘଣ୍ଟା ପର୍ଯ୍ୟନ୍ତ ସୁପର-ଗତି କରିପାରେ।




# ମଣିପାଲ ହସ୍ପିଟାଲ ଭୁବନେଶ୍ୱରରେ ଜଟିଳ ଅସ୍ଥିମଜ୍ଜା ରୋଗର ସଫଳ ଚିକିତ୍ସା

ଭୁବନେଶ୍ୱର, ୭।୬(ସମିସ): ଭୁବନେଶ୍ୱର ଖଣ୍ଡଗିରିସ୍ଥିତ ମଣିପାଲ ହସ୍ପିଟାଲରେ ଏକ ଜଟିଳ ଅସ୍ଥିମଜ୍ଜା ଚିକିତ୍ସା ସଫଳତାର ସହିତ କରାଯାଇଛି। ମଧ୍ୟପ୍ରଦେଶ ଇନ୍ଦୋରରୁ ଆସିଥିବା ୨୦ ବର୍ଷ ବୟସ ଜଣେ ଯୁବକଙ୍କର ଦୁର୍ଲଭ ଅସ୍ଥିମଜ୍ଜା ରୋଗ ଓ ସଂକ୍ରମଣ ରୋଗରେ ଆକ୍ରାନ୍ତ ଥିଲେ। ବିଭିନ୍ନ ହସ୍ପିଟାଲରେ ତାଙ୍କର ଚିକିତ୍ସା ହୋଇଥିଲେ ମଧ୍ୟ କୌଣସି ଚିକିତ୍ସା ଉପଶମ ନ ମିଳିବାରୁ ତାଙ୍କ ପରିବାର ସଦସ୍ୟମାନେ ମଣିପାଲ ହସ୍ପିଟାଲର ଡାକ୍ତରଙ୍କର ପରାମର୍ଶ ନେଇଥିଲେ। ମଣିପାଲ ହସ୍ପିଟାଲର ଡାକ୍ତରଙ୍କ ସଠିକ୍ ଚିକିତ୍ସା କାରଣରୁ ଯୁବକ ଜଣଙ୍କ ନିଶ୍ଚିତ ମୃତ୍ୟୁ ମୁଖରୁ ଫେରିଆସିଛନ୍ତି। ଯୁବକ ଜଣଙ୍କ ଗୋଟିଏ ମାସ ଧରି ବାରମ୍ବାର ଅଚେତ ହେବା, ନିୟମିତ ଜ୍ୱର ଓ ଦୃଷ୍ଟିଶକ୍ତିରେ ସମସ୍ୟା ହେଉଥିଲା। ଏଥିପାଇଁ ସେ ଇନ୍ଦୋର ସହରର ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ହୋଇଥିଲେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟରେ କୌଣସି ଉନ୍ନତ ପରିଲକ୍ଷିତ ହୋଇ ନ ଥିଲା। ମଣିପାଲ ହସ୍ପିଟାଲରେ ଯୁବକଙ୍କର ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା, ଯେଉଁଠାରେ ତାଙ୍କର ରକ୍ତର ପାରାମିଟ ଅତ୍ୟଧିକ କମ୍ ମିଳିଥିଲା। ମଣିପାଲ ହସ୍ପିଟାଲର ଡାକ୍ତର ସନ୍ଦୀପ ଅଭିଜିତ ପଟ୍ଟନାୟକ, କନସଲ୍ଟାଣ୍ଟ – କ୍ଲିନିକାଲ୍ ହେମାଟୋଲୋଜି, ବୋନ୍ ମ୍ୟାରୋ ଟ୍ରାନସପ୍ଲାଣ୍ଟ ତାଙ୍କ ଚିକିତ୍ସା ଆରମ୍ଭ କରିଥିଲା। ଡାଃ ସନ୍ଦୀପ ଅଭିଜିତ ପଟ୍ଟନାୟକଙ୍କ ନେତୃତ୍ୱରେ ମଣିପାଲ ହସ୍ପିଟାଲର ଏକ ଅଭିଜ୍ଞ ଡାକ୍ତରୀ ଟିମ୍ ଡାଃ ଶୁଭଶ୍ରୀ ସାମନ୍ତରାୟ (ଅସୋସିଏଟ କନସଲଟେଣ୍ଟ – ସଂକ୍ରାମକ ରୋଗ), ଡାଃ ସମ୍ବିତ କୁମାର ଭୁୟାଁ (ପେଟ ଓ ଯକୃତ ରୋଗ ବିଶେଷଜ୍ଞ) ଓ ଡାଃ ପ୍ରଦୀପ ନାରାୟଣ ସାହୁ (ଭେଷଜ ରୋଗ ବିଶେଷଜ୍ଞ) ଏକ ସଂଗଠିତ ଓ ପ୍ରୋଟୋକଲ୍-ଆଧାରିତ ଚିକିତ୍ସା ପ୍ରଣାଳୀ ଚୟନ କରିଥିଲେ। ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ହସ୍ପିଟାଲ ଡାଇରେକ୍ଟର ଡାକ୍ତର ଶକ୍ତିମୟ ମହାପାତ୍ର ଏହି ସଫଳତା ପାଇଁ ପୁରା ଟିମ୍‌କୁ ଶୁଭେଚ୍ଛା ଜଣାଇଛନ୍ତି। ମଣିପାଲ ହସ୍ପିଟାଲରେ ଅଭିଜ୍ଞ ଡାକ୍ତରଙ୍କ ଟିମ୍ ଓ ଅତ୍ୟାଧୁନିକ ମେସିନ୍ ଥିବାରୁ ଆମ ଚିକିତ୍ସା କରି ଅନେକ ଜଟିଳ ରୋଗୀଙ୍କ ଜୀବନ ରକ୍ଷା କରିପାରିଛୁ।



# ଆଦିବାସୀ କଳା, ସଂସ୍କୃତିର ସଂଗ୍ରାହକ ଡ. ଅଞ୍ଜଳି ପାଢ଼ୀ

ଡକ୍ଟର ଅଞ୍ଜଳି ପାଢ଼ୀ ହେଉଛନ୍ତି ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଜଣେ ଅବସରପ୍ରାପ୍ତ ଅଧ୍ୟକ୍ଷା । ଆଦିବାସୀ ଲୋକ ସଂସ୍କୃତି ଗବେଷିକା ତଥା ସଂଗ୍ରାହିକା ଭାବରେ ତାଙ୍କର ରହିଛି ଭିନ୍ନ ପରିଚୟ । ଅଧ୍ୟାପନା କାଳରେ ଡ.ପାଢ଼ୀ ରାଜ୍ୟର ବିଭିନ୍ନ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଯାତ୍ରା କରି ସେଠାର ଲୋକବାଦ୍ୟ, ଦେଖି ଚମତ୍କୃତ ହୋଇଥିଲେ । ଏହା କ୍ରମଶଃ ଲୋପ ପାଇଯାଉଥିବାରୁ ସଂରକ୍ଷଣ ଉପରେ ଗୁରୁତ୍ୱ ଦେଇଥିଲେ । ଆଦିବାସୀ ସଂସ୍କୃତି ଓ କଳା ସହ ଜଡ଼ିତ ସାମଗ୍ରୀକୁ ସଂଗ୍ରହ କରିବା ଆରମ୍ଭ କରିଥିଲେ । ପରେ ଏସବୁକୁ ନେଇ ସେ ଏକ ସଂଗ୍ରହାଳୟ ପ୍ରତିଷ୍ଠା କରିଛନ୍ତି । ଏଥିପାଇଁ ତାଙ୍କୁ ଦୀର୍ଘ ୨୭ ବର୍ଷ ପରିଶ୍ରମ କରିବାକୁ ପଡ଼ିଛି ।







ଅଞ୍ଜଳିଙ୍କ ଏହି ସଂଗ୍ରହାଳୟରେ ଆଦିବାସୀ ଜନଜୀବନ ସହ ଜଡ଼ିତ ଲୋକବାଦ୍ୟ ଢୋଲ, ନିଶାନ, ତାସା, ମହୁରୀ, ସାଙ୍ଗକୁ ପାରମ୍ପରିକ ଅଳଙ୍କାର ରହିଛି । ଦିନ ଥିଲା ସଂସ୍କୃତି ଓ ପରମ୍ପରା ଅନୁଯାୟୀ ମହିଳାମାନେ କତରିଆ, ବନ୍ଦରିଆ, ତାଡ଼ ବାହାସୂତା, ନାଗମୁରି ସମେତ ଅନେକ ଅଳଙ୍କାର ପିନ୍ଧୁଥିଲେ । ବହୁ ପୁରାତନ ସମୟର ଅଳଙ୍କାରକୁ ମଧ୍ୟ ସେ ସାଇତି ରଖିଛନ୍ତି । ସେହିପରି ଅତି ସୂକ୍ଷ୍ମ ବାଉଁଶ କାରିଗରିରେ ତିଆରି ମନଲୋଭା ସାମଗ୍ରୀ ଯଥା- ଚାଙ୍ଗୁଡ଼ି, ସାନ ଚାଙ୍ଗୁଡି, ଝାପି, ମାଛଧରା ପାରମ୍ପରିକ ଜିନିଷ ରହିଛି । ଏପରିକି ଧାନରେ ତିଆରି ଲକ୍ଷ୍ମୀଙ୍କ ଖଟୁଲି ମଧ୍ୟ ରଖାଯାଇଛି । ପ୍ରାଚୀନ ଓ ପାରମ୍ପରିକ ସାମଗ୍ରୀ ଦେଖିବା ପାଇଁ ପ୍ରତିଦିନ ତାଙ୍କ ସଂଗ୍ରାହଳୟରେ ଲୋକଙ୍କର ଭିଡ଼ ଜମିଥାଏ । ଏଠାକୁ ଆସୁଥିବା ଲୋକଙ୍କୁ ସେ ପୁରାତନ ସଂସ୍କୃତି ଓ ପରମ୍ପରାକୁ ସବିଶେଷ ତଥ୍ୟ ସହ ବୁଝାଇଥାଆନ୍ତି ।

ଆଗାମୀ ଦିନରେ ସଂସ୍କୃତି ଓ ପରମ୍ପରା ସହ ଜଡ଼ିତ ଜିନିଷ ସଂଗ୍ରହ କରିବାକୁ ସେ ଉଦ୍ୟମ ଜାରି ରଖିଛନ୍ତି । ଏଥି ସହ କହିଛନ୍ତି, ଏହି ସଂଗ୍ରହାଳୟ ଆଗାମୀ ପିଢ଼ିଙ୍କୁ ଆମ ସଂସ୍କୃତି ଓ ପରମ୍ପରା ସହ ପରିଚିତ କରାଇବାର ଏକ ମାଧ୍ୟମ । ଭାରତୀୟ ସଂସ୍କୃତିରେ ଅନେକ ଜାତି ଓ ଜନଜାତିର ଲୋକବାସ କରୁଛନ୍ତି । ଭିନ୍ନ ଭିନ୍ନ ଜାତି ବର୍ଣ୍ଣ ଅନୁସାରେ ଲୋକ ସଂସ୍କୃତି ପରମ୍ପରା ଓ ଅଳଙ୍କାର ମଧ୍ୟରେ ଭିନ୍ନତା ରହିଛି । ହେଲେ ଯୁଗ ଅନୁସାରେ ବେଶଭୂଷା ଅଳଙ୍କାର ସମେତ ଅନେକ ଘରକରଣ ସାମଗ୍ରୀର ରୂପରେଖ ବଦଳିବାରେ ଲାଗିଛି । ପୁରୁଣାକୁ ଭୁଲି ସମୟ ଅନୁସାରେ ନୂଆ ସାମଗ୍ରୀର ଚାହିଦା ବଢ଼ିବାରେ ଲାଗିଛି । ଯାହା ପରବର୍ତ୍ତୀ ସମୟରେ ପୁରୁଣା ସଂସ୍କୃତିକୁ ମନେ ପକାଇ ଇତିହାସର ଆଇନା ସ୍ମୃତିରେ ସାଉଁଟି ରଖିବାକୁ ପଡ଼େ । ସେତେବେଳର ସେହି ପୁରୁଣା ସ୍ମୃତିକୁ ପରବର୍ତ୍ତୀ ପିଢ଼ିକୁ କହିବା ସାର ହୁଏ ହେଲେ ଦେଖେଇ ହୁଏ ନାହିଁ । ଏହାକୁ ବିଚାରକୁ ନେଲେ ଡଃ ପାଢ଼ୀ ଙ୍କ ସଂଗ୍ରହାଳୟ ଆଗାମୀ ଭବିଷ୍ୟ ପିଢ଼ି ପାଇଁ ନିଶ୍ଚିତ ପ୍ରେରଣା ଓ ଗବେଷଣାର ମାଧ୍ୟମ ସାଜିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

-ଶୁଭ୍ରାଂଶୁ କୁମାର ନାଏକ
ସିନାପାଲି, ନୂଆପଡ଼ା

# ଲିକ୍ୟୁଇଡ୍ ସନ୍‌ସ୍କ୍ରିନ୍



**ସାଧାରଣତଃ ଖରାଦିନେ ତ୍ୱଚାରେ ଟ୍ୟାନିଙ୍ଗ୍, ନାଲି ପଡ଼ିଯିବା ଭଳି ସମସ୍ୟା ଦେଖାଯାଏ । ଏହାକୁ ଦୂରେଇବା ପାଇଁ ମହିଳାମାନେ ସନ୍‌ସ୍କ୍ରିନ୍ ଲଗାଇଥାନ୍ତି । ହେଲେ ନିୟମିତ ଜେଲ୍ ତଥା କ୍ରିମ୍ ସନ୍‌ସ୍କ୍ରିନ୍ ଲଗାଇବାକୁ ଅଧିକାଂଶ ମହିଳା ପସନ୍ଦ କରନ୍ତିନି । ଏପରିସ୍ଥଳେ ଲିକ୍ୟୁଇଡ୍ ସନ୍‌ସ୍କ୍ରିନ୍ ବ୍ୟବହାର କରିପାରିବେ । ଏହା ସୂର୍ଯ୍ୟାଲୋକରୁ ତ୍ୱଚାକୁ ସୁରକ୍ଷା ଦେଇଥାଏ ।**

### ଲିକ୍ୟୁଇଡ୍ ସନ୍‌ସ୍କ୍ରିନ୍ କ'ଣ ?

ଲିକ୍ୟୁଇଡ୍ ସନ୍‌ସ୍କ୍ରିନ୍ ଏକ ପ୍ରକାର ପାନୀୟ, ଏହାକୁ ମୁହଁରେ ନ ଲଗାଇ ପିଇବାକୁ ପଡ଼ିଥାଏ । ଏହା ସୂର୍ଯ୍ୟର କ୍ଷତିକାରକ କିରଣରୁ ତ୍ୱଚାକୁ ସୁରକ୍ଷା ଦେଇଥାଏ । ଏଥିରେ ଭିଟାମିନ୍, ଆଣ୍ଟି ଅକ୍ସିଡାଣ୍ଟ ଭଳି ପ୍ରାକୃତିକ ତତ୍ତ୍ୱ ରହିଥାଏ । ଯାହା ତ୍ୱଚାକୁ ଭିତରୁ ସୁରକ୍ଷା ଦେଇଥାଏ । ଏହାକୁ ପିଇବା ଦ୍ୱାରା ଶରୀରରେ ଥିବା ତତ୍ତ୍ୱ ଜାଗ୍ରତ ହୋଇଥାଏ । ତେଣୁ ଖରାରେ ବାହାରକୁ ବାହାରିଲେ ମଧ୍ୟ ସନ୍‌ସ୍କ୍ରିନ୍ ଲଗାଇବାକୁ ପଡ଼େ ନାହିଁ ।

### ଏହାର ଫାଇଦା -

ଏହି ସନ୍‌ସ୍କ୍ରିନ୍‌କୁ ବ୍ୟବହାର କରିବା ଖୁବ୍ ସହଜ । ଏହାକୁ କେବଳ ପିଇବାକୁ ପଡ଼ିଥାଏ । ଫଳରେ ତ୍ୱଚାରେ ବାରମ୍ବାର ସନ୍‌ସ୍କ୍ରିନ୍ ଲଗାଇବା ସମସ୍ୟାରୁ ମୁକ୍ତି ମିଳିଥାଏ । ବିଶେଷ କରି ସନ୍‌ସ୍କ୍ରିନ୍ ଲଗାଇବାକୁ ପସନ୍ଦ କରୁ ନଥିବା ମହିଳାଙ୍କ ପାଇଁ ଏହା ବେଶ୍ ସହାୟକ ହୋଇଥାଏ ।

### ତ୍ୱଚାକୁ ରଖେ ସୁସ୍ଥ

ଏହା କେବଳ ସୂର୍ଯ୍ୟକିରଣରୁ ତ୍ୱଚାକୁ ସୁରକ୍ଷା ଦିଏ ନାହିଁ, ଏହା ଭିତରୁ ତ୍ୱଚାକୁ ସୁସ୍ଥ ରଖିଥାଏ । ଏହି ସନ୍‌ସ୍କ୍ରିନ୍ ଭିଟାମିନ୍ –ଇ, ଆଣ୍ଟିଅକ୍ସିଡାଣ୍ଟ, ଭଳି ତତ୍ତ୍ୱରୁ ତିଆରି ହୋଇଥାଏ । ଏହା ତ୍ୱଚାରେ ବୟସଛାପ ଓ ସନ୍‌ବର୍ନ୍‌କୁ ଦୂର କରିବାରେ ସହାୟକ ହୋଇଥାଏ ।

### ଦୀର୍ଘ ସ୍ଥାୟୀ

ସାଧାରଣତଃ କ୍ରିମ୍ ଯୁକ୍ତ ସନ୍‌ସ୍କ୍ରିନ୍ ବାରମ୍ବାର ଲଗାଇବାକୁ ପଡ଼ିଥାଏ । କିନ୍ତୁ ଏହାକୁ ଥରେ ପିଇବା ମାତ୍ରେ ଏହା ଦୀର୍ଘ ସମୟ ଯାଏ କାର୍ଯ୍ୟ କରିଥାଏ ।

### ୱାଟର୍ ପ୍ରୁଫ୍

ସାଧାରଣ ସନ୍‌ସ୍କ୍ରିନ୍ ଝାଳ ତଥା ପାଣିରେ ଧୋଇଯାଏ । କିନ୍ତୁ ସନ୍‌ସ୍କ୍ରିନ୍ ଧୋଇଯିବାର କୌଣସି ସମସ୍ୟା ନଥାଏ । ତେଣୁ ଏହାକୁ ଥରେ ପିଇବା ଦ୍ୱାରା ଏହା ଦୀର୍ଘ ସମୟ ଧରି ତ୍ୱଚାକୁ ସୁରକ୍ଷା କରିଥାଏ ।

# ମେହେନ୍ଦୀରେ ଚୋଗା ସୁଟ୍

ଅଧିକାଂଶ ଯୁବତୀ ସାଙ୍ଗ ବିବାହରେ କିଛି ଭିନ୍ନ ତଥା ନୂଆ ପିନ୍ଧିବାକୁ ପସନ୍ଦ କରନ୍ତି । ଆଉଟ୍‌ଫିଟ୍‌କୁ ନେଇ ଯୁବତୀଙ୍କ ମନରେ ସର୍ବଦା ଉତ୍କଣ୍ଠା ରହିଥାଏ । ହେଲେ ଶାଢ଼ି, ଲେହେଙ୍ଗା, କୁର୍ତ୍ତାସେଟ୍, ଗାଉନ ପିନ୍ଧିବାକୁ ଅନେକ ନାପସନ୍ଦ କରନ୍ତି । ତେଣୁ ହଳ୍‌ଦି, ମେହେନ୍ଦୀ ଭଳି ବିବାହ ଉତ୍ସବରେ ଯିବାକୁ ଚାହିଁଲେ, ଚୋଗା ସୁଟ୍ ପିନ୍ଧିପାରିବେ । ଏ ପ୍ରକାର ସୁଟ୍ ଏବେ ଟ୍ରେଣ୍ଡରେ ରହିଛି । ଏହା ଷ୍ଟାଇଲିଶ୍ ସାଙ୍ଗକୁ ପିନ୍ଧିବା ସୁବିଧାଜନକ ହୋଇଥାଏ । ଏହା ବିଭିନ୍ନ ଡିଜାଇନରେ ଉପଲବ୍ଧ ।

### ଚୋଗା ସୁଟ୍ କ' ଣ ?

ଏହି ସୁଟ୍‌ରେ ଢିଲା କୁର୍ତ୍ତି ସାଙ୍ଗକୁ ଗୋଟିଏ ପ୍ୟାଣ୍ଟ ସେଟ୍ ଥାଏ । ଏଥିରେ ହାତ ଡିଜାଇନ ଢିଲା ଏବଂ ଫୁଲ୍ ରହିଥାଏ । ବର୍ତ୍ତମାନ ଏହା ଅନ୍‌ଲାଇନ୍‌ରେ ବିଭିନ୍ନ ଡିଜାଇନ୍‌ରେ ଉପଲବ୍ଧ । ଏହାକୁ ପିନ୍ଧି ସମସ୍ତ ପାର୍ଟି ଫଙ୍କସନ୍‌ରେ ଯୋଗ ଦେଇପାରିବେ ।





### ହଳଦିଆ

ହଳଦିଆ ରଙ୍ଗ ଚୋଗା ସୁଟ୍ ସହ ଟ୍ରାଉଜର ଏବଂ ମ୍ୟାଚିଙ୍ଗ୍ ଓଢ଼ଣୀ ଥାଏ । ଏଥିରେ ଥିବା ଏମ୍ବ୍ରୋଡୋରୀ କାମ ସୁଟ୍‌କୁ ଅଧିକ ଆକର୍ଷଣୀୟ କରିଥାଏ । ଏଥି ସହ ପକେଟ୍ ମଧ୍ୟ ରହିଥାଏ । ଏଥିରୁ ଏକ ପାରମ୍ପରିକ୍ ଲୁକ୍ ଚାହୁଁଥିଲେ ଅକ୍ସିଡାଇଜ୍ ଚୁଡ଼ି ସାଙ୍ଗକୁ ଭାରି କାନଫୁଲ ପିନ୍ଧିପାରିବେ ।

### କମଳା

ଏହା କ୍ରିସ୍ପ କ୍ରେପ୍ ଫାବ୍ରିକ୍‌ରେ ତିଆରି ହୋଇଥାଏ । ଏଥିରେ ସୂକ୍ଷ୍ମ ଜରିକାମ ଥାଏ । ଏହା ସୁନ୍ଦର ସାଙ୍ଗକୁ ଏକ ରାଜକୀୟ ଲୁକ୍ ଦେଖିଥାଏ । ବିଶେଷ କରି ଖରାଦିନିଆ ବିବାହତ୍ସୋବ ପାଇଁ ଏହାକୁ ପିନ୍ଧିବା ସୁବିଧାଜନକ ହୋଇଥାଏ । ଏହାକୁ ଖୋଲା ହେୟାର୍‌ଷ୍ଟାଇଲ୍ ଭଲ ମାନିଥାଏ ।

### ପିଙ୍କ୍

ଏ ପ୍ରକାର ସୁଟ୍ ମୁଖ୍ୟତଃ ଭେଲ୍‌ଭେଟ୍ ଓ ସିଲ୍କ ଫ୍ୟାବ୍ରିକ୍‌ରେ ଥାଏ । ଏଥିରେ ସୁନ୍ଦର ଜରିକାମ ହୋଇଥାଏ । ଏହାକୁ ବିଶେଷ କରି ରାତି ସମୟରେ ପିନ୍ଧିଲେ ବେଶୀ ସୁନ୍ଦର ଦେଖାଯାଏ । ଏହା ଭିନେକ୍ ସାଙ୍ଗକୁ ଥ୍ରୀ କ୍ୱାଟର୍ ସ୍ଲିଭସ ରହିଥାଏ ।

# ସାମୁଦ୍ରିକ ଅଳଙ୍କାର

**ଯେ କୌଣସି ଲୁକ୍‌ରେ ସୁନ୍ଦର ଓ ଆକର୍ଷଣୀୟ ଦିଶିବା ପାଇଁ, ଯୁବତୀମାନେ ନାନା ଅଳଙ୍କାର ପିନ୍ଧିଥାନ୍ତି । ଆଉଟ୍‌ଫିଟ୍ ସହ କେଉଁ ଅଳଙ୍କାର ଭଲମାନିବ ସେ ନେଇ ସର୍ବଦା ତତ୍ପରଥାନ୍ତି । ସେହିପରି ବର୍ତ୍ତମାନ ସମୟରେ ସାମୁଦ୍ରିକ ଅଳଙ୍କାର ଟ୍ରେଣ୍ଡରେ ରହିଛି । ଏ ପ୍ରକାର ଅଳଙ୍କାର ବିଶେଷ କରି କଉଡ଼ି, ଶାମୁକା, ଶଙ୍ଖ ଆଦିକୁ ବ୍ୟବହାର କରି ତିଆରି କରାଯାଇଥାଏ । ଏଥିରୁ ଏକ ଆକର୍ଷଣୀୟ ଲୁକ୍ ମିଳିଥାଏ ।**





- ସାମୁଦ୍ରିକ ଅଳଙ୍କାର ଉଭୟ ପାରମ୍ପରିକ ଓ ଆଧୁନିକ ଆଉଟ୍‌ଫିଟ୍‌କୁ ଭଲ ମାନିଥାଏ । ବର୍ତ୍ତମାନ ସମୟରେ ଯୁବତୀଙ୍କ ମଧ୍ୟରେ ରଙ୍ଗିନ୍ ସାମୁଦ୍ରିକ ଅଳଙ୍କାର ଚାହିଦା ବେଶୀ ରହିଛି ।
- ସେହିପରି ପାର୍ଟି, ଫଙ୍କ୍‌ସନ୍‌କୁ ଯାଉଥିଲେ ଭାରି କାମଯୁକ୍ତ ଅଳଙ୍କାର ପିନ୍ଧିପାରିବେ । ବଜାରରେ ଏ ପ୍ରକାର ନେକ୍‌ଲେସ୍ ଶୁଲଭ ମୂଲ୍ୟରେ ମିଳିଥାଏ । ଏଥି ସହ ବିଭିନ୍ନ ଡିଜାଇନ୍ ଥାଏ ।
- ଦୈନନ୍ଦିନ ଜୀବନରେ ଅଫିସ୍ ପାଇଁ ଏ ପ୍ରକାର ଅଳଙ୍କାର ପିନ୍ଧିବାକୁ ଚାହୁଁଥିଲେ, ସିମ୍ପଲ ଡିଜାଇନର ଲକେଟ୍ ସାଙ୍ଗକୁ ଚେନ୍ ପିନ୍ଧିପାରିବେ । ଏଥିରୁ ଏକ ଜେଣ୍ଟେଲ ଲୁକ୍ ମିଳିଥାଏ । ଯୁବତୀଙ୍କ ମଧ୍ୟରେ ପର୍ଲ ଓ ଷ୍ଟୋନ୍ ଲାଗିଥିବା ଜୁଏଲାରୀର ଚାହିଦା ବେଶୀ ।
- ଟିକେ ଭିନ୍ନ ତଥା ଷ୍ଟାଇଲିଶ୍ ଲୁକ୍ ଚାହୁଁଥିଲେ, ସାମୁଦ୍ରିକ ଜିନିଷରେ ନିର୍ମିତ ରଙ୍ଗିନ ଅଳଙ୍କାର ପିନ୍ଧିପାରିବେ । ଡିପ୍ ଏବଂ ଭି- ନେକ୍ ଡିଜାଇନ୍ ଡ୍ରେସ୍‌କୁ ଏ ପ୍ରକାର ଅଳଙ୍କାର ବେଶି ସୁନ୍ଦର ମାନିଥାଏ ।

ମୋ ହାଣ୍ଡିଶାଳରୁ...

# ନୋ ବ୍ରେଡ୍ ସାଣ୍ଡୱିଚ୍



### ଆବଶ୍ୟକ ସାମଗ୍ରୀ

ସୁଜି : ଏକ କପ, ଦହି : ଅଧା କପ୍, ଗ୍ରେଟେଡ୍ ଗାଜର: ଅଧା କପ୍, କଟା ପିଆଜ : ଅଧା କପ୍, ଗ୍ରେଟେଡ୍ ଆଳୁ: ଏକ କପ୍, କଟା ଧନିଆପତ୍ର : ଅଳ୍ପ, ଇନୋ: ଏକ ପ୍ୟାକେଟ୍, ଚିଜ୍ ଲୁଣ : ସ୍ୱାଦ ଅନୁସାରେ, ବଟର : ଖଣ୍ଡେ ।

### ପ୍ରସ୍ତୁତି ପ୍ରଣାଳୀ

ଏକ ବାଉଲ୍‌ରେ ସୁଜି ନେଇ ସେଥିରେ ଦହି, ଲୁଣ ଓ ଅଳ୍ପ ପାଣି ଦେଇ ଭଲ ଭାବେ ଗୋଳାଇ ଦିଅନ୍ତୁ । ଏହାକୁ ଦଶ ମିନିଟ୍ ରଖି ଦିଅନ୍ତୁ । ଏହାପରେ ସେଥିରେ କଟା ପିଆଜ, ଗ୍ରେଟେଡ୍ ଆଳୁ, ଗ୍ରେଟେଡ୍ ଗାଜର, ଧନିଆ ପତ୍ର, ଇନୋ ସାଙ୍ଗକୁ ଲୁଣ ଓ ଅଳ୍ପ ପାଣି ଦେଇ ଭଲ ଭାବେ ଗୋଳାଇ ଦିଅନ୍ତୁ । ଏହାପରେ ସାଣ୍ଡୱିଚ୍ ମେକର୍‌କୁ ଗରମ କରି ସେଥିରେ ବଟର ଲଗାଇ ଦିଅନ୍ତୁ । ସେଥିରେ ଗୋଳାଇ ରଖିଥିବା ପେଷ୍ଟକୁ ଦେଇ ତା' ଉପରେ ଚିଜ୍ ଖଣ୍ଡ ରଖି ଆଉ ଏକ ପରସ୍ତ ପେଷ୍ଟ ଦେଇ ଏହାକୁ ଗ୍ରିଲ୍ କରି ଦିଅନ୍ତୁ । ଦୁଇପାଖ ଗ୍ରିଲ ହୋଇଯିବା ପରେ ଏହାକୁ ପ୍ଲେଟ୍‌କୁ କାଢ଼ି ଟମାଟୋ ସସ୍ ସହ ପରଷି ଦିଅନ୍ତୁ 'ନୋ -ବ୍ରେଡ୍ ସାଣ୍ଡୱିଚ୍' ।

# ଖରାଦିନେ ମେକ୍‌ଅପ୍



**ସାଧାରଣତଃ ଖରାଦିନେ ମେକ୍‌ଅପ୍‌ରୁ ଝାଳ ବାହାରିଥାଏ । ଏହା ଦ୍ୱାରା ମୁହଁ କଳା ପଡ଼ିଯାଏ । ତେଣୁ ଝାଳ ତଥା ଖରାରୁ ମେକ୍‌ଅପ୍‌କୁ ସୁରକ୍ଷା ଦେବାକୁ ଚାହୁଁଥିଲେ, କିଛି ବିଶେଷ ଦିଗ ପ୍ରତି ଧ୍ୟାନ ଦେବାକୁ ପଡ଼ିଥାଏ । ଏହାଦ୍ୱାରା ତ୍ୱଚା ସତେଜ ଓ ଉଜ୍ଜ୍ୱଳ ଦିଶିବ ।**

### ମେକ୍‌ଅପ୍ ପୂର୍ବରୁ ତ୍ୱଚାର ଯତ୍ନ

ଯେ କୌଣସି ମେକ୍‌ଅପ୍ କରିବା ପୂର୍ବରୁ ପ୍ରଥମେ ମୁହଁକୁ ଭଲ ଭାବ ଧୋଇ ଅଏଲ୍ ଫ୍ରି ମଏଶ୍ଚରାଇଜର୍ ଲଗାନ୍ତୁ । ଏହାଦ୍ୱାରା ତ୍ୱଚା ହାଇଡ୍ରେଟ୍ ରହିଥାଏ । ସେହିପରି ଖରାରୁ ମେକ୍‌ଅପ୍‌କୁ ସୁରକ୍ଷା ଦେବା ପାଇଁ ଏକ ଭଲ ପ୍ରାଇମର ଲଗାନ୍ତୁ । ଏହା ତ୍ୱଚାରେ ଥିବା ତେଲିଆପଣକୁ ନିୟନ୍ତ୍ରଣ କରିଥାଏ ।

### ଅଏଲ୍ ଫ୍ରି – ଫାଉଣ୍ଡେସନ୍

ବିଶେଷ କରି ଖରାଦିନେ ବହଳିଆ ଫାଉଣ୍ଡେସନ୍ ଲଗାଇବାରୁ ଦୂରେଇ ରୁହନ୍ତୁ । କାରଣ ଏହା ଶୀଘ୍ର ତରଳି ଯାଏ । ଏହା ବଦଳରେ ହାଲୁକା ଫାଉଣ୍ଡେସନ୍, ବିବି କ୍ରିମ୍, ଲଗାଇପାରିବେ । ଏଥିସହ ୮-୧୨ ଘଣ୍ଟା ରହୁଥିବା ଫାଉଣ୍ଡେସନ୍ ଚୟନ କରନ୍ତୁ ।

### ସେଟିଙ୍ଗ୍ ସ୍ପ୍ରେ

ମେକ୍‌ଅପ୍‌କୁ ଦୀର୍ଘ ସମୟ ମୁହଁରେ ରଖିବା ପାଇଁ ସେଟିଙ୍ଗ୍ ସ୍ପ୍ରେ ବ୍ୟବହାର କରନ୍ତୁ । ଏହା ତ୍ୱଚାର ତେଲିଆ ଅଂଶକୁ ଅବଶୋଷିତ କରିବାରେ ସହାୟକ ହୋଇଥାଏ । ସେହିପରି ମେକ୍‌ଅପ୍ ତରଳିବାକୁ ସୁରକ୍ଷା ଦେଇ ତ୍ୱଚାରେ ଏକ ସତେଜପଣ ଦେଇଥାଏ ।

# ପ୍ରଥମ ଟି-୨୦ରେ ଜିତିଲା ଇଂଲଣ୍ଡ



ଚେଷ୍ଟର ଲୀ ଷ୍ଟ୍ରିଟ୍,୭।୬ (ଏଜେନ୍ସି): ୩୫ ବର୍ଷୀୟ ବାମହାତୀ ସ୍ପିନ ବୋଲର ଲିଆମ ଡାୱସନଙ୍କ ଯାଦୁକରୀ ବୋଲିଂ ବଳରେ ଏଠାରେ ଶୁକ୍ରବାର ଖେଳାଯାଇଥିବା ପ୍ରଥମ ଟି-୨୦ରେ ଇଂଲଣ୍ଡ ୨୧ ରନ୍‌ରେ ୱେଷ୍ଟଇଣ୍ଡିଜ୍‌କୁ ପରାସ୍ତ କରିଛି। ଏହା ଫଳରେ ଦଳ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ୧-୦ରେ ଆଗୁଆ ରହିଛି। ଏହି ସିରିଜ୍‌ର ଦ୍ୱିତୀୟ ମୁକାବିଲା ବ୍ରିଷ୍ଟଲରେ ଅସନ୍ତାକାଲି ରାତିରେ ଖେଳାଯିବ। ପ୍ରଥମ ମ୍ୟାଚ୍‌ରେ ୨୦ ରନ୍ ଦେଇ ୪ଟି ୱିକେଟ ନେଇଥିବା ଡାୱସନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଜୋଶ ବଟଲରଙ୍କ ୫୯ ବଲ୍‌ରେ ୯୬ ରନ୍ ସହାୟତାରେ ଇଂଲଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୧୮୮ ରନ୍ କରିଥିଲା। ଦଳ ପକ୍ଷରୁ ଜେମି ସ୍ମିଥ୍ ୩୮ ଓ ଜ୍ୟାକବ ବେଥେଲ ଅପରାଜିତ ୨୩ ରନ୍ କରି ଦୁଇ ଅଙ୍କ ଛୁଇଁଥିଲେ। ଜବାବରେ ୱେଷ୍ଟଇଣ୍ଡିଜ୍ ପକ୍ଷରୁ କେହି ବଡ଼ ସ୍କୋର କରିବାରେ ଅସମର୍ଥ ହୋଇଥିଲେ। ଫଳରେ ଏହି ମ୍ୟାଚ୍‌କୁ ହାରିଯାଇଥିଲା। ଏଭିନ ଲୁଇସ୍ ସର୍ବାଧିକ ୩୯, ରୋଷ୍ଟୋନ ଚେଜ୍ ୨୪ ରନ୍ କରିଥିଲେ। ଇଂଲଣ୍ଡ ପକ୍ଷରୁ ଡାୱସନଙ୍କ ୪ ୱିକେଟ ସଫଳତା ବ୍ୟତୀତ ମାଥ୍ୟୁ ପଟ୍‌ସ ଓ ଜ୍ୟାକବ ବେଥେଲ ୨ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ।

# ୟୁରୋପରେ ୫ଟି ଟେଷ୍ଟ ଖେଳିବ କନିଷ୍ଠ ମହିଳା ହକି ଦଳ



ନୂଆଦିଲ୍ଲୀ, ୭।୬ (ଏଜେନ୍ସି): ଦକ୍ଷିଣ ଆମେରିକାରେ ଚତୁରାଷ୍ଟ୍ରୀୟ ବନ୍ଧୁତ୍ୱପୂର୍ଣ୍ଣ ହକି ଖେଳି ସଫଳ ହେବା ପରେ କନିଷ୍ଠ ମହିଳା ହକି ଦଳ ୟୁରୋପ ଟୁର୍‌ରେ ଯାଇଛି। ଏହି ଟୁର୍ ଜୁନ୍ ୮ରୁ ୧୭ ତାରିଖଯାଏ ଖେଳାଯିବ। ଏଥିରେ ଭାରତର ପ୍ରତିଦ୍ୱନ୍ଦ୍ୱୀ ହେବେ ବେଲଜିୟମ, ଅଷ୍ଟ୍ରେଲିଆ ଓ ନେଦରଲାଣ୍ଡ୍‌ସ। ବିଶ୍ୱରେ ଏହି ୩ଟି ଦେଶ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଥାନ୍ତି। ଏମାନଙ୍କ ସହ ଖେଳି ଭାରତୀୟ ମହିଳା ଦଳ ବେଶ ଅଭିଜ୍ଞତା ଆସଲ କରିବ ବୋଲି ଆଶା କରାଯାଉଛି। ନିକଟରେ ଭାରତୀୟ ଦଳ ଦକ୍ଷିଣ ଆମେରିକୀୟ ଦେଶ ସହ ଖେଳି ବେଶ ସଫଳତା ଅର୍ଜନ କରିଥିଲା। ୟୁରୋପ ଟୁର୍‌ରେ ବେଲଜିୟମ ସହ ଭାରତ ୩ଟି ମ୍ୟାଚ୍ ଖେଳିବ। ଏହା ବ୍ୟତୀତ ଅଷ୍ଟ୍ରେଲିଆ ଓ ନେଦରଲାଣ୍ଡ୍‌ସ ସହ ଗୋଟିଏ ଲେଖାଏଁ ମ୍ୟାଚ୍ ଖେଳିବ। ଏହା ଫଳରେ ଦଳ କନିଷ୍ଠ ବିଶ୍ୱକପ୍ ହକି-୨୦୨୫ ଲାଗି ଏହି ଟୁର୍ ଭାରତ ଲାଗି ବେଶ ସହାୟକ ହେବ।

ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ୍

# ଗଫ୍ ମହିଳା ଏକକ ଚାମ୍ପିଅନ



ପ୍ୟାରିସ୍, ୭।୬ (ଏଜେନ୍ସି)

ଦ୍ୱିତୀୟ ସିଡ୍ ଆମେରିକାର କୋକୋ ଗଫ୍ ଫ୍ରେଞ୍ଚ ଓପନ ମହିଳା ଏକକ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ରୋଲାଣ୍ଡ ଗ୍ୟାରୋସ୍‌ରେ ଶନିବାର ଅନୁଷ୍ଠିତ ପ୍ରତିଦ୍ୱନ୍ଦ୍ୱିତାମୂଳକ ଫାଇନାଲରେ ବିଶ୍ୱର ନଂ-୨ ଖେଳାଳି ଗଫ୍ ୬-୭, ୬-୨, ୬-୪ରେ ବିଶ୍ୱର ନଂ-୧ ଖେଳାଳି ଆରିନା ସାବାଲେଙ୍କାଙ୍କୁ ପରାସ୍ତ କରି ଫ୍ରେଞ୍ଚ ଓପନରେ ପ୍ରଥମ ତଥା କ୍ୟାରିୟରରେ ଦ୍ୱିତୀୟ ଗ୍ରାଣ୍ଡସ୍ଲାମ୍ ଟାଇଟଲ କବ୍‌ଜା କରିଛନ୍ତି। ଏହି ନାଟକୀୟ ଫାଇନାଲରେ ଗଫ୍ ପ୍ରଥମ ସେଟ୍‌ରେ ଜୋରଦାର ଲଢ଼େଇ ସତ୍ତ୍ୱେ ୫-୭ ଟାଇବ୍ରେକରରେ ପ୍ରଥମ ସେଟ୍‌କୁ ହାରିଯାଇଥିଲେ। ଏହା ପରେ ଗଫ୍ ଆଦୌ ନିଜ ଧୈର୍ଯ୍ୟ କିମ୍ବା ଟେମ୍ପରାମେଣ୍ଟ ହରାଇ ନ ଥିଲେ। ଯାହା ଫଳରେ ଦ୍ୱିତୀୟ ସେଟ୍‌କୁ ସେ ୬-୨ରେ ସହଜରେ ଜିତିନେଇଥିଲେ। ଉଭୟ ପ୍ରତିଦ୍ୱନ୍ଦ୍ୱୀ ଗୋଟିଏ ଲେଖାଏଁ ସେଟ୍ ଜିତିବା ପରେ ତୃତୀୟ ତଥା ନିର୍ଣ୍ଣାୟକ ମୁକାବିଲା ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଥିଲା। ଉଭୟ ଖେଳାଳି ସେମାନଙ୍କ ସର୍ଭିସରେ ପଏଣ୍ଟ ଜିତିଥିଲାବେଳେ ଗଫ୍ ସର୍ଭିସ ବ୍ରେକ୍ କରିବା ସହ ସେଟ୍‌କୁ ୬-୪ରେ ଜିତିନେଇ ନୂଆ ଚାମ୍ପିଅନ ହୋଇଥିଲେ। ୨୦୧୩ରେ ଶେଷଥର ଫ୍ରେଞ୍ଚ ଓପନରେ ବିଶ୍ୱର ନଂ-୧ ଓ ନଂ-୨ ଖେଳାଳିଙ୍କ ମଧ୍ୟରେ ଟାଇଟଲ ମୁକାବିଲା ହୋଇଥିଲା। ଏଥିରେ ମାରିଆ ସାରାପୋଭାଙ୍କୁ ହରାଇ ସେରେନା ୱିଲିୟମ୍ସ ଚାମ୍ପିଅନ ହୋଇଥିଲେ। ଗତ ୩୦ ବର୍ଷ ମଧ୍ୟରେ ଦ୍ୱିତୀୟଥର ଲାଗି ନଂ-୧ ଓ ନଂ-୨ ଖେଳାଳିଙ୍କ ମଧ୍ୟରେ ଟାଇଟଲ ମୁକାବିଲା ହୋଇଛି।

ହାର୍ଡକୋର୍ଟରେ ଜଣେ ସ୍ପେଶାଲିଷ୍ଟ ଖେଳାଳିଭାବେ ପ୍ରତିଷ୍ଠା ଲାଭ କରିଥିବା ସାବାଲେଙ୍କା ଗତ ବର୍ଷ ୟୁଏସ୍ ଓପନ, ୨୦୨୩ ଓ ୨୪ରେ ଅଷ୍ଟ୍ରେଲିଆନ୍ ଓପନ ଟାଇଟଲ ଜିତିଥିଲେ। କିନ୍ତୁ ସେ କେବେ ବି ଫ୍ରେଞ୍ଚ ଓପନ ଫାଇନାଲରେ ପ୍ରବେଶ କରି ନ ଥିଲେ। ସାବାଲେଙ୍କାଙ୍କୁ ୨୦୨୨ ୟୁଏସ୍ ଓପନ ଫାଇନାଲରେ ହରାଇ ଚାମ୍ପିଅନ ହୋଇଥିବା ଗଫ୍‌ଙ୍କର ଏହା ଥିଲା ପ୍ରଥମ ଗ୍ରାଣ୍ଡସ୍ଲାମ୍ ଟାଇଟଲ। ଏହା ପରେ ସେ ଆଉ ସଫଳତା ପାଇ ନ ଥିଲେ। ଏଠାରେ ଗତବର୍ଷ ମହିଳା ଯୁଗଳ ଟାଇଟଲ କବ୍‌ଜା କରିଥିଲାବେଳେ ଗଫ୍ ଏଥର ଏକକ ମୁକାବିଲାରେ ସଫଳ ହୋଇଛନ୍ତି। ଆସନ୍ତାକାଲି ବା ରବିବାର ପୁରୁଷ ଏକକ ଫାଇନାଲ ମୁକାବିଲା ହେବ। ଏଥିରେ ମଧ୍ୟ ନଂ-୧ ଓ ନଂ-୨ ସିଡ୍ ଖେଳାଳି ଯଥା ଇଟାଲୀର ଜାନିକ ସିନ୍ନର ଓ ସ୍ପେନ୍‌ର କାର୍ଲୋସ ଆଲକାରାଜଙ୍କ ମଧ୍ୟରେ ଖେଳାଯିବ। ଗତକାଲି ଅନୁଷ୍ଠିତ ସେମିଫାଇନାଲରେ ସିନ୍ନର ୩-୦ରେ ସର୍ବିଆର ନୋଭାକ ଜୋକୋଭିଚ୍‌ଙ୍କୁ ଏବଂ ଆଲକାରାଜ ୩-୧ରେ ଲୋରେଞ୍ଜୋ ମୁସେଟିଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ।

# ଇଂଲଣ୍ଡ ଲାୟନ୍ସର ଲତୁଆ ଜବାବ



ନଟିଂହାମ୍, ୭।୬ (ଏଜେନ୍ସି): ଏଠାରେ ଚାଲିଥିବା ଦ୍ୱିତୀୟ ଅନଅଫିସିଆଲ ଟେଷ୍ଟର ଦ୍ୱିତୀୟ ଦିନରେ ଭାରତ-ଏ’କୁ ଲତୁଆ ଜବାବ ଦେଇଛି ଇଂଲଣ୍ଡ ଲାୟନ୍ସ। ଏଠାରେ ଖେଳାଯାଇଥିବା ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ-ଏ ପ୍ରଥମ ଇନିଂସରେ କରିଥିଲା ୩୪୮ ରନ୍। ଜବାବରେ ଦ୍ୱିତୀୟ ଆଲୋକ ଅଭାବରୁ ଦ୍ୱିତୀୟ ଦିନ ଖେଳ ବନ୍ଦ ରହିଲା ବେଳକୁ ଇଂଲଣ୍ଡ ଲାୟନ୍ସ ପ୍ରଥମ ଇନିଂସରେ ୪୬ ଓଭର ଖେଳି ୩ ୱିକେଟ ହରାଇ ୧୯୨ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ଜୋର୍ଡାନ କକ୍ସ ୩୧ ଓ ଅଧିନାୟକ ଜେମ୍ସ ରିଉ ୦ ରନ୍‌ରେ ବ୍ୟାଟିଂ କରୁଥିଲେ। ଲାୟନ୍ସ ଇନିଂସରେ ଦୁଇ ଓପନର ଟମ୍ ହେନ୍ସ ୫୪ ଓ ବେନ୍‌ମ୍ୟାକ୍‌କିନ୍ନି ୧୨ ରନ୍‌ରେ ଆଉଟ ହୋଇଥିଲେ। କିନ୍ତୁ ଏମିଲିଓ ଗେ ସୁନ୍ଦର ବ୍ୟାଟିଂ କରି ୭୧ ରନ୍‌ରେ ଆଉଟ ହୋଇଥିଲେ। ଭାରତ-ଏ’ ପକ୍ଷରୁ ଅଂଶୁଲ କାମ୍ବୋଜ, ତୁଷାର ଦେଶପାଣ୍ଡେ ଓ ତନୁସ କୋଟିଆନ୍ ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଛନ୍ତି। ଭାରତୀୟ ବୋଲରମାନେ ଅତିରିକ୍ତରୁ ୨୪ ରନ୍ ଦେଇଛନ୍ତି। ଏହା ମଧ୍ୟରେ ୮ଟି ବାଇ, ୬ଟି ଲେଗ୍‌ବାଇ ଓ ୧୦ଟି ନୋବଲ ହୋଇଛି।

ପୂର୍ବରୁ ୭ ୱିକେଟରେ ୩୧୯ ରନ୍‌ରୁ ଭାରତ-ଏ’ ତାହାର ଅସମାପ୍ତ ପ୍ରଥମ ଇନିଂସ ଖେଳ ଆରମ୍ଭ କରି ବାକିଥିବା ୩ ୱିକେଟ ୨୯ ରନ୍ ମଧ୍ୟରେ ହରାଇଥିଲା। ସେମାନଙ୍କ ମଧ୍ୟରେ ତନୁସ କୋଟିଆନ ୧୫ ଓ ତୁଷାର ଦେଶପାଣ୍ଡେ ୧୧ ରନ୍ କରି ଦୁଇ ଅଙ୍କରେ ପହଞ୍ଚିଥିଲେ। ପୂର୍ବରୁ ପ୍ରଥମ ଦିନରେ ଓପନର ଲୋକେଶ ରାହୁଲ ଶତକ ହାସଲ କରିବା ସହ ସର୍ବାଧିକ ୧୧୬ ରନ୍ କରିଥିଲେ। ୱିକେଟରକ୍ଷକ ଧ୍ରୁବ ଜୁରେଲ ୫୨, କରୁନ ନାୟାର ୪୦ ଓ ନୀତିଶ କୁମାର ରେଡ୍ଡି ୩୪ ରନ୍‌ର ଉଲ୍ଲେଖନୀୟ ପାଳି ଖେଳିଥିଲେ। ଲାୟନ୍ସ ପକ୍ଷରୁ କ୍ରିସ୍ ୱକ୍ସ ପ୍ରଥମ ଦିନରେ ନେଇଥିବା ପ୍ରଥମ ୩ଟି ୱିକେଟ ଦଳ ଲାଗି ଶ୍ରେଷ୍ଠ ସଫଳତା ଥିଲା। ଜୋଶ ଟଙ୍ଗ୍ ଓ ଜର୍ଜ ହିଲ୍ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

**ଭାରତ-ଏ’ ପ୍ରଥମ ଇନିଂସ**

୩୪୮/୧୦, ୮୯.୩ ଓଭର (ଲୋକେଶ ରାହୁଲ-୧୧୬, ଧ୍ରୁବ ଜୁରେଲ-୫୨, କରୁନ ନାୟାର-୪୦, କ୍ରିସ୍ ୱକ୍ସ-୩/୬୦, ଜର୍ଜ ହିଲ୍-୨/୫୬, ଜୋଶ ଟଙ୍ଗ୍-୨/୯୧)।

**ଇଂଲଣ୍ଡ ଲାୟନ୍ସ ପ୍ରଥମ ଇନିଂସ**

୧୯୨/୩, ୪୬ ଓଭର (ଏମିଲିଓ ଗେ’-୭୧, ଟମ୍ ହେନ୍ସ-୫୪, ତନୁସ କୋଟିଆନ୍-୧/୨୧, ଅଂଶୁଲ କାମ୍ବୋଜ-୧/୩୮, ତୁଷାର ଦେଶପାଣ୍ଡେ-୧/୪୪)।




ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲ ପରିସରରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟ ଅଫିସିଆଲଙ୍କ କର୍ମଶାଳାରେ ଭାଗନେଇଥିବା କର୍ମକର୍ତ୍ତାମାନେ। ରାଜ୍ୟରେ ଉତ୍କୃଷ୍ଟମାନର କର୍ମକର୍ତ୍ତା ସୃଷ୍ଟି କରିବା ଲକ୍ଷ୍ୟ ନେଇ ଉତ୍କଳ କରାଟେ ଡୋ ଆସୋସିଏସନ ପକ୍ଷରୁ ଏହା ନିୟମିତ ଆୟୋଜିତ ହେଉଛି। ଏହି କର୍ମଶାଳାରେ ରାଜ୍ୟରୁ ୪୦ ଜଣ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ।

## ଯୌନ ନିର୍ଯାତନା ଅଭିଯୋଗରେ କୋଚ୍ ସସ୍‌ପେଣ୍ଡ

ନୂଆଦିଲ୍ଲୀ,୭।୬ (ଏଜେନ୍ସି): ହରିୟାଣାରେ ଜଣେ ରେସଲିଂ କୋଚ୍ ସଞ୍ଜୟ ଲାଥରଙ୍କୁ ଯୌନ ନିର୍ଯାତନା ଅଭିଯୋଗରେ ରେସଲିଂ ଫେଡେରେସନ ଅଫ୍ ଇଣ୍ଡିଆ ପକ୍ଷରୁ ସସ୍‌ପେଣ୍ଡ କରାଯାଇଛି। ଖେଲୋ ଇଣ୍ଡିଆ ଗେମ୍ସ ସମୟରେ ସେ ରେସଲରମାନଙ୍କୁ ଯୌନ ନିର୍ଯାତନା ଦେଇଥିବାର ଅଭିଯୋଗ ହୋଇଥିଲା। ତାଙ୍କୁ ହରିୟାଣା ସରକାର ନିଯୁକ୍ତ କରିଛନ୍ତି। ଏ ସମ୍ପର୍କରେ ତଦନ୍ତ ଚାଲିଛି ଓ ପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି କନିଷ୍ଠବର୍ଗରେ ବୟସ ବଢ଼ାଇଥିବାର ପ୍ରମାଣ ମିଳିବା ପରେ ୩୦ଜଣ ରେସଲରଙ୍କୁ ସାମୟିକ ଭାବେ ସସ୍‌ପେଣ୍ଡ କରାଯାଇଛି। ଏଭଳି ଆଉ ୪୦୦ଟି କେସର ତଦନ୍ତ ଚାଲିଛି। ଏସବୁ ଅଭିଯୋଗ ଦିଲ୍ଲୀ ଓ ହରିୟାଣାରେ ଥିବା କୁସ୍ତି ଆଖଡ଼ାରୁ ଆସିଛି। ଏପରିକି ଏଭଳି ଜାଲିଆତି କରିଥିବା ୨ ରେସ୍‌ଲର ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ପଦକ ଜିତିଥିବା ଜଣାଯାଇଛି।

ରଗ୍‌ବୀ ପ୍ରିମିୟର ଲିଗ୍

# କଳିଙ୍ଗ ବ୍ଲାକ୍ ଟାଇଗର୍ସର ଜର୍ସି ଓ ମାସ୍କଟ୍ ଉନ୍ମୋଚିତ




ଭୁବନେଶ୍ୱର, ୭।୬ (ସମିସ): ଭାରତରେ ଏବେ ଖେଳର ଯୁଗ ଚାଲିଛି। ଏହି ଯୁଗ ସହ ତାଳ ଦେଇ ଚାଲିବା ଲାଗି ରଗ୍‌ବୀ ପ୍ରିମିୟର ଲିଗ୍ ଜୁନ୍ ୧୫ରୁ ଆରମ୍ଭ ହେବ। ଏହି ଲିଗ୍‌ରେ ଭାଗ ନେବାକୁ ଯୋଗ୍ୟତା ଅର୍ଜନ କରିଛି କଳିଙ୍ଗ ବ୍ଲାକ୍ ଟାଇଗର୍ସ। ପ୍ରିମିୟର ଲିଗ୍ ଲାଗି ବ୍ଲାକ୍ ଟାଇଗର୍ସ ଜୋରଦାର ପ୍ରସ୍ତୁତି ଆରମ୍ଭ କରିଛି। ଏହି ଟିମ୍‌ର ମାଲିକାନା ହାସଲ କରିବାରେ ହଞ୍ଚ ଭେଞ୍ଚର୍ସ।ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଟିମ୍‌ର ଜର୍ସି ଓ ମାସ୍କଟ କଳିଙ୍ଗ ଷ୍ଟାଡିୟମ୍‌ରେ ଆଜି ଉଦ୍‌ଘାଟିତ ହୋଇଯାଇଛି। ଏହି ଉନ୍ମୋଚନ କାର୍ଯ୍ୟକ୍ରମରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କେଭି ସିଂଦେଓ, ରଗ୍‌ବୀ ଇଣ୍ଡିଆ ସଭାପତି ରାହୁଲ ବୋଷ, ଓଡ଼ିଶା ରଗ୍‌ବୀ ଫୁଟବଲ ସଂଘ ସଭାପତି ପ୍ରିୟଦର୍ଶୀ ମିଶ୍ର, ହଞ୍ଚ ଭେଞ୍ଚର୍ସର ପ୍ରତିଷ୍ଠାତା ତଥା କଳିଙ୍ଗ ବ୍ଲାକ୍ ଟାଇଗର୍ସର ସହମାଲିକ କରନପାଲ ସିଂହ, ହେଡ୍ କୋଚ୍ ମାଇକ୍ ଫ୍ରାଇଡେ, ସହକାରୀ କୋଚ୍ ରାଜୀବ ନାଥ ଓ ଟିମ୍‌ର ସମସ୍ତ ଖେଳାଳି ଉପସ୍ଥିତ ଥିଲେ। ଏହି ଦଳରେ ଜଣେ ମାତ୍ର ଖେଳାଳି ଆଶିଷ ଶବର ରହିଛନ୍ତି।

ଅରବିନ୍ଦ ସ୍ମାରକୀ କ୍ରିକେଟ୍

# ରାଇଜିଂ ଷ୍ଟୁଡେଣ୍ଟ୍‌ସ-ମୁକ୍ତେଶ୍ୱର ଫାଇନାଲ୍

ଭୁବନେଶ୍ୱର,୭।୬ (ସମିସ)




କଟକର ରାଇଜିଂ ଷ୍ଟୁଡେଣ୍ଟସ ଓ ଭୁବନେଶ୍ୱରର ମୁକ୍ତେଶ୍ୱର କ୍ରିକେଟ କ୍ଲବ୍ ମଧ୍ୟରେ ପ୍ରଥମଥର ବରିଷ୍ଠ ବିଭାଗରେ ଅନୁଷ୍ଠିତ ଅରବିନ୍ଦ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ହେବ। ପାରାମାଉଣ୍ଟ ପଡ଼ିଆରେ ଶନିବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲରେ ମୁକ୍ତେଶ୍ୱର ସହରର ପ୍ରତିଦ୍ୱନ୍ଦ୍ୱୀ ସହିଦ୍ ସ୍ପୋର୍ଟିଂ କ୍ଲବ୍‌କୁ ୮ ୱିକେଟରେ ପରାସ୍ତ କରିଛି। ଗତକାଲି ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ରାଇଜିଂ ଷ୍ଟୁଡେଣ୍ଟସ ୧୬୮ ରନ୍‌ରେ ନିଜ ସହରର ପ୍ରତିଦ୍ୱନ୍ଦ୍ୱୀ ୟୁନିଅନ ସ୍ପୋର୍ଟିଂକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ରବିବାର ଖେଳାଯିବ। ଆଜିର ମୁକାବିଲାରେ ୮ ଓଭର ବୋଲିଂ କରି ୧୨ ରନ୍‌ରେ ୪ଟି ୱିକେଟ ନେଇଥିବା ମୁକ୍ତେଶ୍ୱରର ରଣଜୀ ସ୍ପିନର ହର୍ଷିତ ରାଠୋଡଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

ଶନିବାର ଅନୁଷ୍ଠିତ ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ପ୍ରଥମେ ବ୍ୟାଟିଂ କରି ସହିଦ୍ ସ୍ପୋର୍ଟିଂ ୩୮.୪ ଓଭରରେ ମାତ୍ର ୧୧୮ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଦେବଜ୍ୟୋତି ପଟ୍ଟନାୟକ ସର୍ବାଧିକ ୪୧ ଓ ପାର୍ଥସାରଥୀ ନାୟକ ୨୧ ରନ୍ କରିଥିଲେ। ମୁକ୍ତେଶ୍ୱର ପକ୍ଷରୁ ରାଠୋଡ ସର୍ବାଧିକ ୪ଟି ୱିକେଟ ପାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶୁଭମ ବିଷ୍ଟଙ୍କୁ ୩ଟି ଓ ସନ୍ତୋଷ ଯାଦବଙ୍କୁ ୨ଟି ୱିକେଟ ମିଳିଥିଲା। ଜବାବରେ ମୁକ୍ତେଶ୍ୱର ୨୦.୪ ଓଭରରେ ମାତ୍ର ୨ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଯାଇଥିଲା। ଓପନର ତଥା ରଣଜୀ ଖେଳାଳି ଅନୁରାଗ ଷଡଙ୍ଗୀ ଅପରାଜିତ ୭୨ ରନ୍ କରିବା ସହ ଦଳକୁ ଏକାକୀ ବିଜୟୀ କରାଇଥିଲେ। ତନୟ ବିଶ୍ୱା, ୨୫ ଓ ଅଧିନାୟକ ରମଣୀରଞ୍ଜନ ଜେନା ୧୬³ ରନ୍‌ର ଉପଯୋଗୀ ସହାୟତା ଦେଇଥିଲେ। ଅମ୍ପାୟାର ପ୍ରଦୀପ ଜେନା ଓ ଅଭିଷେକ ମହାନ୍ତି ଖେଳ ପରିଚାଳନା କରିଥିଲେ ଗାୟତ୍ରୀ ଡକୁଟେକ୍‌ର ପ୍ରୋପାଇଟର ଜାନକୀନାଥ ପରିଡ଼ା ଅତିଥିଭାବେ ଯୋଗ ଦେଇ ଖେଳ ପରିଚାଳନା କରିଥିଲେ।

## ୱାସୀମ ମେ’ ମାସର ଶ୍ରେଷ୍ଠ ଖେଳାଳି ଆଇସିସି

ଦୁବାଇ,୭।୬ (ଏଜେନ୍ସି): ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ମହମ୍ମଦ ୱାସୀମ ଓ ଦକ୍ଷିଣ ଆଫ୍ରିକାର ଅଲରାଉଣ୍ଡର ଚୋଲେ ଟ୍ରାୟନଙ୍କୁ ମେ’ ମାସ ଲାଗି ଆଇସିସିର ଶ୍ରେଷ୍ଠ ପୁରୁଷ ଓ ମହିଳା ଖେଳାଳି ଭାବେ ବିବେଚିତ କରାଯାଇଛି। ୱାସୀମଙ୍କର ଏହା ଦ୍ୱିତୀୟ ପୁରସ୍କାର। ଆଇସିସି ପୁରୁଷ ୱାର୍ଲ୍ଡ କପ୍ ଲିଗ୍-୨ର ବାଂଲାଦେଶ ବିପକ୍ଷ ଟି-୨୦ ସିରିଜ୍‌ରେ ୱାସୀମ ୧୬୯ ରନ୍ କରିବା ସହ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ତାଙ୍କର ଦମ୍‌ଦାର ପ୍ରଦର୍ଶନ ଯୋଗୁଁ ୟୁଏଇ ୨-୧ରେ ବାଂଲାଦେଶକୁ ହରାଇବାରେ ସମର୍ଥ ହୋଇଥିଲା। ସେ ଏପ୍ରିଲରେ ମଧ୍ୟ ଏହି ପୁରସ୍କାର ପାଇଥିଲେ। ମହିଳା ବିଭାଗରେ ଦକ୍ଷିଣ ଆଫ୍ରିକାର ଚୋଲେ ଟ୍ରାୟନ୍ ଶ୍ରୀଲଙ୍କା ବିପକ୍ଷ ସିରିଜ୍‌ରେ ୧୩୧.୩୪ ଷ୍ଟ୍ରାଇକ୍ ରେଟ୍‌ରେ ୧୭୬ ରନ୍ କରିଥିଲେ। ତ୍ରିରାଷ୍ଟ୍ରୀୟ ସିରିଜ୍‌ରେ ସେ ଭାରତ ବିପକ୍ଷରେ ୬୭, ଶ୍ରୀଲଙ୍କା ବିପକ୍ଷରେ ୩୫ ଓ ୭୪ ରନ୍ କରିଥିଲେ। ଶ୍ରୀଲଙ୍କା ବିପକ୍ଷରେ ୩୪ ରନ୍‌ରେ ୫ ୱିକେଟ ନେବା ତାଙ୍କର ଶ୍ରେଷ୍ଠ ସଫଳତା ଥିଲା। ସେ ୱେଷ୍ଟଇଣ୍ଡିଜ୍ ଅଧିନାୟିକା ହାଲେ ମାଥ୍ୟୁସ ଓ ଭାରତର ଜେମିମା ରୋଡ୍ରିଗ୍ସେଜ୍‌ଙ୍କୁ ପଛରେ ପକାଇ ଟ୍ରାୟନ ଏହି ପୁରସ୍କାର ପାଇଥିଲେ। ଜଣେ ଭଲ ଅଲରାଉଣ୍ଡର ଭାବେ ସେ ପ୍ରଭାବ ବିସ୍ତାର କରିବାରେ ଅଗ୍ରଣୀ ଅଛନ୍ତି।

## ଏସୀୟ ଭାରୋତ୍ତୋଳନରେ ଭାଗନେବେ ମିନା ଓ ବିଦୁସ୍ମିତା



ଭୁବନେଶ୍ୱର,୭।୬ (ସମିସ): ଏସୀୟ ଭାରୋତ୍ତୋଳନରେ ଭାଗନେବାକୁ ଓଡ଼ିଶାର ଦୁଇ ପ୍ରତିଯୋଗୀ ଯୋଗ୍ୟତା ଅର୍ଜନ କରିଛନ୍ତି। ସେମାନେ ହେଲେ କନିଷ୍ଠ ୫୮ କିଲୋ ବର୍ଗରେ ମିନା ସାନ୍ତା-ଏ’ ଓ ୬୩ କିଲୋ ବର୍ଗରେ ବିଦୁସ୍ମିତା ଭୋଇ। ଏହି ପ୍ରତିଯୋଗିତା ଜାଜାଖସ୍ତାନର ଆସ୍ଥାନାଠାରେ ଜୁଲାଇ ୧ରୁ ୧୦ ତାରିଖଯାଏ ଆୟୋଜିତ ହେବ। ଏହି ଚାମ୍ପିଅନସିପ୍ ଲାଗି ପଟିଆଲାରେ ଯୋଗ୍ୟତା ପର୍ଯ୍ୟାୟ ଚୟନ ଶିବିର ଆୟୋଜିତ ହୋଇଥିଲା। ଏଥିରେ ଓଡ଼ିଶାରୁ ୬ଜଣ ଭାରୋତ୍ତୋଳକ ଭାଗନେଇଥିଲେ। କିନ୍ତୁ ସେମାନଙ୍କ ମଧ୍ୟରୁ କେବଳ ଉପରୋକ୍ତ ୨ଜଣ ପ୍ରତିଯୋଗୀ ଯୋଗ୍ୟତା ଅର୍ଜନ କରିଥିଲେ। କଳିଙ୍ଗ ଷ୍ଟାଡିୟମ୍ ଏଚ୍‌ପିସିରୁ ପ୍ରଶିକ୍ଷଣ ନେଇ ମିନା ସାନ୍ତା-ଏ ଏବେ ପଟିଆଲାର ଏନ୍‌ଓସିଇରେ ଉଚ୍ଚତର ପ୍ରଶିକ୍ଷଣ ନେଉଛନ୍ତି। ଢେଙ୍କାନାଳ ଭାରୋତ୍ତୋଳନ ଏଚ୍‌ପିସି ସବ୍‌ସେଣ୍ଟରରେ ବିଦୁସ୍ମିତା ପ୍ରଶିକ୍ଷଣ ନେଇଛନ୍ତି।



PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS